# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୬/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 6/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୩୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 340 | ମୂଲ୍ୟ₹୭/-





**ଆଦିଲଙ୍କ ପ୍ରଭାବୀ ପ୍ରଦର୍ଶନ**

ଶ୍ରୀଲଙ୍କା ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ପ୍ରଭାବୀ ବୋଲିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଇଂଲଣ୍ଡର ଆଦିଲ ରଶିଦ। **୧୪**

**୧୦** **ଓଟିଟିରେ ରିଲିଜ୍ ହେଲା ‘ତଡ୍‌କା’**

ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ଅଭିନୀତ ଫିଲ୍ମ ‘ତଡ୍‌କା’ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହୋଇଛି।




# ଦୟାକୁ ନେଇ ଦ୍ୱନ୍ଦ୍ୱ

- ତୁଟୁନାହିଁ ମହାନଦୀ ଜଳ ବିବାଦ
- ୧୯ରେ ପରବର୍ତ୍ତୀ ଶୁଣାଣି

**ନୂଆଦିଲ୍ଲୀ/ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ମହାନଦୀର ଅବବାହିକାରେ ଦୟା ନଦୀ ଏବଂ ଛତିଶଗଡ଼ର ଶିବନାଥକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ମହାନଦୀ ସହିତ ଦୟାନଦୀର କୌଣସି ସମ୍ପର୍କ ଅଛି କି ନାହିଁ ସେ ନେଇ ସ୍ୱଷ୍ଟ କରିବାକୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଉଭୟ ଓଡ଼ିଶା ଓ ଛତିଶଗଡ଼କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ମହାନଦୀ ଟ୍ରିବ୍ୟୁନାଲ ଖଣ୍ଡପୀଠ ଉଭୟ ରାଜ୍ୟକୁ ୨ ସପ୍ତାହ ସମୟ ଦେଇଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୯ରେ ହେବ।

ଓଡ଼ିଶାର ତ୍ରିକୋଣଭୂମି ଏବଂ ଛତିଶଗଡ଼ର ଶିବନାଥ ସନ୍ ଅବବାହିକାକୁ ନେଇ ମହାନଦୀ ଅଞ୍ଚଳରେ ବିବାଦ ଦେଖାଦେଇଛି। ମହାନଦୀ ଅଞ୍ଚଳରୁ ବିଶେଷଜ୍ଞମାନେ ଶିବନାଥ ☞ପୃଷ୍ଠା-୪



## ବିବାଦ କ’ଣ

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଜଳ ବଣ୍ଟନକୁ ନେଇ ବିବାଦ ଲାଗିରହିଛି। ଏହାର ସମାଧାନ ଦିଗରେ କେନ୍ଦ୍ର ସରକାର ହସ୍ତକ୍ଷେପ କରୁ ନ ଥିବା ଦର୍ଶାଇ ଓଡ଼ିଶା ଅସନ୍ତୋଷ ବ୍ୟକ୍ତ କରିଆସୁଛି। ଓଡ଼ିଶା ସରକାରଙ୍କ ଯୁକ୍ତି ହେଲା, ଛତିଶଗଡ଼ ସରକାର ଆପୋସ ଆଲୋଚନା ନ କରି ମହାନଦୀ ଉପର ମୁଣ୍ଡରେ ୫୧୬ ଛୋଟ ବ୍ୟାରେଜ(ଆନିକଟ) ଓ ୧୦ଟି ମେଗା ବ୍ୟାରେଜ୍ ନିର୍ମାଣ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଯୋଗୁ ଓଡ଼ିଶାକୁ ଆବଶ୍ୟକ ପାନୀୟ ଜଳର ପ୍ରବାହ ପ୍ରଭାବିତ ହେଉଛି। ଏଥିସହ ଓଡ଼ିଶାର ଜୀବନରେଖା ଭାବେ ପରିଚିତ ହୀରାକୁଦ ଡ୍ୟାମ୍‌କୁ ପର୍ଯ୍ୟାପ୍ତ ପାଣି ଆସିପାରୁ ନ ଥିବାରୁ ଜଳସେଚନ ବାଧାପ୍ରାପ୍ତ ହୋଇ ରାଜ୍ୟର କୃଷି କ୍ଷେତ୍ର କ୍ଷତିଗ୍ରସ୍ତ ହେଉଛି। କେବଳ ଏତିକି ନୁହେଁ, ବର୍ଷାଋତୁରେ ଉପରମୁଣ୍ଡରେ ଅଧିକ ବୃଷ୍ଟିପାତ ହେଲେ ଛତିଶଗଡ଼ ସରକାର ଓଡ଼ିଶା ସହ ପରାମର୍ଶ ନ କରି ବଳକା ପାଣି ଛାଡ଼ି ଦେଉଥିବାରୁ ରାଜ୍ୟରେ ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧା ହେଉଛି।

# ବିମାନରେ ଉଡ଼ିଲେ ସବୁଠୁ ଡେଙ୍ଗୀ





**ଅଙ୍କାରା, ୫।୧୧**

ତୁର୍କୀର ରୁମେୟସା ଗେଲ୍‌ଗିଙ୍କ ଉଚ୍ଚତା ୭ ଫୁଟ୍ ୭ ଇଞ୍ଚ (୨୧୫.୧୬ ସେଣ୍ଟିମିଟର)। ୨୦୧୪ରେ ସେ ବିଶ୍ୱର ସବୁଠୁ ଡେଙ୍ଗୀ ଟିନ୍ ଏଜର (ସ୍ୱଳ୍ପ ବୟସ୍କା) ଭାବେ ଗିନିଜ୍ ବୁକ୍ ରେକର୍ଡ କରିଥିଲେ। କେବଳ ଏତିକି ନୁହେଁ, ରୁମେୟସାଙ୍କ ହାତ ଓ ଅଙ୍ଗୁଳି ମଧ୍ୟ ସବୁଠୁ ଲମ୍ବା। ବର୍ତ୍ତମାନ ସୁଦ୍ଧା ତାଙ୍କର ଏହି ରେକର୍ଡକୁ କେହି ଭାଙ୍ଗିପାରି ନାହାନ୍ତି। ରୁମେୟସାଙ୍କ ଶରୀର ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ** ଆଇନର ଅତ୍ୟାଚାର


# ଡିସେମ୍ବର ୫ରେ ପଦ୍ମପୁର ଉପନିର୍ବାଚନ

**ଡିସେମ୍ବର ୮ରେ ଗଣତି**

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ଆସନ୍ତା ଡିସେମ୍ବର ୫ରେ ବରଗଡ଼ ଜିଲାର ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ହେବ। ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଶନିବାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଡିସେମ୍ବର ୮ରେ ଭୋଟ ଗଣତି ହେବ। ନଭେମ୍ବର ୧୦ରେ ଉପନିର୍ବାଚନ ପାଇଁ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନପତ୍ର ଦାଖଲ ପାଇଁ ୧୭ ତାରିଖ ଶେଷ ଦିବସ ଧାର୍ଯ୍ୟ କରାଯାଇଛି। ୧୮ରେ ନାମାଙ୍କନପତ୍ର ଯାଞ୍ଚ, ୨୧ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଶେଷ ଦିବସ ରହିଛି। ଉପନିର୍ବାଚନ ଘୋଷଣା ହେବା ସହିତ ପଦ୍ମପୁର ନିର୍ବାଚନମଣ୍ଡଳୀ ସହ ବରଗଡ଼ ଜିଲାରେ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ପଦ୍ମପୁରର ବିଜେଡି ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ☞ପୃଷ୍ଠା-୪

# ଧାମନଗର ଭୋଟ ଫଳ ଆଜି

**୧୪ ଟେବୁଲରେ ୧୮ ରାଉଣ୍ଡ ଗଣନା ହେବ**

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)/ଭଦ୍ରକ ଅଫିସ୍**

ଧାମନଗର ବିଧାନସଭା ଉପନିର୍ବାଚନ ଭୋଟଗଣତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭଦ୍ରକସ୍ଥିତ ସଂସ୍କୃତି ଭବନଠାରେ ରବିବାର ସକାଳ ୮ରୁ ଭୋଟଗଣନା କାର୍ଯ୍ୟ ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ବାଲଟ୍ ଗଣନା କରାଯିବ। ସକାଳ ୮ଟା ୩୦ ମିନିଟରେ ଇଭିଏମ୍ ଭୋଟଗଣନା କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି। ଇଭିଏମ୍ ଭୋଟଗଣନା ପାଇଁ ସମୁଦାୟ ୧୪ଟି ଟେବୁଲର ବ୍ୟବସ୍ଥା କରାଯାଇଥିବାବେଳେ ପୋଷ୍ଟାଲ ବାଲଟ ଗଣତି ପାଇଁ ରିଟର୍ନିଂ ଅଧିକାରୀଙ୍କ ପାଖରେ ଆଉ ଗୋଟିଏ ଟେବୁଲ ବ୍ୟବସ୍ଥା ହୋଇଛି। ☞ପୃଷ୍ଠା-୪







## ଦୁର୍ଘଟଣାରେ ୭ ମହିଳା ମୃତ

କର୍ନାଟକର ବିଦାର ଜିଲାରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ୭ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ନେଇ ଆସୁଥିବା ଅଟୋରିକ୍ସା ବେମାଲଖେଡା ଗ୍ରାମ ନିକଟରେ ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ହସ୍ପିଟାଲରେ ଅନ୍ୟ ଜଣେ ଆଖି ବୁଜିଥିଲେ। ଆହତ ୧୧ ଜଣଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପୋଲିସ କହିଛି।

**ସଂକ୍ଷେପରେ**

## ବାର୍‌ରେ ନିଆଁ: ୧୫ ମୃତ

**ମସ୍କୋ,୫।୧୧:** ରୁଷିଆର କେଷ୍ଟ୍ରୋମାର ଏକ ବାର୍‌ରେ ଶନିବାର ଅଗ୍ନିକାଣ୍ଡ ଯୋଗୁ ୧୫ ଜଣଙ୍କ ମୃତ୍ୟୁ ଘଟିଛି। କୌଣସି କାରଣରୁ ବାର୍‌ରେ ବିବାଦ ହୋଇଥିଲା। ଏହାପରେ ମଦ୍ୟପ ବ୍ୟକ୍ତି ଜଣକ ନିଜ ଫ୍ଲେୟାର ଗନ୍‌ରେ ଡ୍ୟାନ୍ସ ଫ୍ଲୋର ଉପରକୁ ଗୁଳି ଫୁଟାଇଥିଲେ। ଫଳରେ କିଛି କ୍ଷଣ ମଧ୍ୟରେ ବାର୍‌ର ଚାରିଆଡ଼େ ନିଆଁ ଲାଗିଯାଇଥିଲା। ଘଟଣାର ସୂଚନା ପାଇ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ସ୍ଥାନୀୟ ଅଞ୍ଚଳରୁ ପାଖାପାଖି ୨୫୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ଗଭର୍ନର ସେର୍‌ଗେଇ ସିଟ୍‌ନିକୋଭ କହିଛନ୍ତି। ବାର୍‌ରେ ନିଆଁ ଲାଗିବା ଯୋଗୁ ୩, ୫୦୦ ସ୍କୋୟାର ମିଟର ଅଞ୍ଚଳ ନିଆଁ କବଳରେ ଆସିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି।

## ବିଷାକ୍ତ ଖାଦ୍ୟ ଖାଇ ୫୦ ଛାତ୍ରୀ ଅସୁସ୍ଥ

**ହାଇଦ୍ରାବାଦ୍, ୫।୧୧:** ତେଲଙ୍ଗାନାର କସ୍ତୁରବା ସରକାରୀ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ୫୦ ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ନାରାୟଣଖେଡ ଆର୍‌ଡିଓ (ରିଭିନ୍ୟୁ ଡଇଭିଜ୍‌ନାଲ ଅଫିସର) ସୂଚନା ଦେଇଛନ୍ତି। ଶନିବାର ସକାଳ ଜଳଖିଆରେ ପିଲାଙ୍କୁ ଚୂଡ଼ା ଖାଇବାକୁ ଦିଆଯାଇଥିବାବେଳେ ଚୂଡ଼ାରେ ପୋକ ବାହାରିଥିବା କେତେଜଣ ପିଲା ଅଭିଯୋଗ କରିଥିଲେ। ଖାଦ୍ୟ ଖାଇସାରିବା ପରେ କେତେକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଭାବେ ବିଗିଡ଼ିଯିବା କାରଣରୁ ସେମାନଙ୍କୁ ହସ୍ପିଟାଲ ନିଆଯାଇଥିଲା। ଆର୍‌ଡିଓ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

## ୧,୦୩୨ ପାକିସ୍ତାନୀ ହିନ୍ଦୁ ପ୍ରଥମ ଥର ଭାରତୀୟ ଭାବେ ଭୋଟ ଦେବେ

**ଅହମଦାବାଦ,୫।୧୧:** ଭାରତୀୟ ନାଗରିକତ୍ୱ ହାସଲ କରିଥିବା ପାକିସ୍ତାନର ୧,୦୩୨ ହିନ୍ଦୁ ଶରଣାର୍ଥୀ ଆଗାମୀ ଗୁଜରାଟ ବିଧାନସଭା ନିର୍ବାଚନରେ ପ୍ରଥମ ଥର ପାଇଁ ଭୋଟ ଦେବେ। ଗତ ୫ ବର୍ଷ ମଧ୍ୟରେ ଅହମଦାବାଦ ଜିଲାପାଳ ଏହି ଶରଣାର୍ଥୀମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରିଛନ୍ତି। ନୂଆ ସରକାର ଗଠନରେ ସେମାନେ ପ୍ରଥମ ଥର ପାଇଁ ମତାଧିକାର ସାବ୍ୟସ୍ତ କରିବାକୁ ଯାଉଛନ୍ତି। ପାକିସ୍ତାନରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଏହି ସଦସ୍ୟମାନେ ବିଭିନ୍ନ ମକଦ୍ଦମାରେ ଅତିଷ୍ଠ ହୋଇ ଦେଶ ଛାଡ଼ି ଭାରତରେ ଶରଣ ନେଇଥିଲେ। ୨୦୧୬ ଏବଂ ୨୦୧୮ ଗେଜେଟ୍ ଅନୁଯାୟୀ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରୁ ଆସିଥିବା ହିନ୍ଦୁ, ଶିଖ୍, ଖ୍ରୀଷ୍ଟିଆନ ଏବଂ ପାର୍ସିମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରିବା ଲାଗି ଅହମଦାବାଦ, ଗାନ୍ଧୀନଗର ଏବଂ ଭୁଜ୍ ଜିଲାପାଳଙ୍କୁ କ୍ଷମତା ଦିଆଯାଇଥିଲା। ଗତ ଅଗଷ୍ଟ ୨୨ରେ ଗୃହମନ୍ତ୍ରୀ ହର୍ଷ ସାଙ୍ଘଭି ଅହମଦାବାଦ ଜିଲାପାଳଙ୍କ କାର୍ଯ୍ୟାଳୟରେ ପାକିସ୍ତାନର ୪୦ ହିନ୍ଦୁ ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରିଥିଲେ।

# ଭାରତରୁ ଭୂଖଣ୍ଡ ଛଡ଼ାଇ ଆଣିବୁ

### କେ.ପି. ଓଲିଙ୍କ ନିର୍ବାଚନୀ ପ୍ରତିଶ୍ରୁତି

କାଠମାଣ୍ଡୁ/ନୂଆଦିଲ୍ଲୀ,୫।୧୧

ନେପାଳରେ ପୁଣି କ୍ଷମତାସୀନ ହେଲେ ଭାରତରୁ ନିଜ ଭୂଖଣ୍ଡ ଛଡ଼ାଇ ଆଣିବେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପଡ଼ୋଶୀ ରାଷ୍ଟ୍ରରେ ନଭେମ୍ବର ୨୦ରେ ସାଧାରଣ ନିର୍ବାଚନ ହେବ। ପ୍ରତିନିଧି ସଭାର ୨୭୫ ଆସନ ସହ ୭ଟି ପ୍ରଦେଶର ବିଧାନସଭା ପାଇଁ ଭୋଟ ଗ୍ରହଣ କରାଯିବ। ଏହା ପୂର୍ବରୁ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ(ୟୁନିଫାଏଡ୍ ମାକ୍ସିଷ୍ଟ-ଲେନିନିଷ୍ଟ)ର ୭୦ ବର୍ଷୀୟ ଅଧ୍ୟକ୍ଷ ଓଲି ପ୍ରଚାର ଆରମ୍ଭ କରି କହିଛନ୍ତି, ଏହି ନିର୍ବାଚନରେ ବିଜୟୀ ହେଲେ ଭାରତ ସହ ସଂଲଗ୍ନ ସୀମାରେ ଥିବା କାଲାପାନି, ଲିପୁଲେଖ ଓ ଲିମ୍ପିୟାଧୁରା ଅଞ୍ଚଳକୁ ଛଡ଼ାଇ ଆଣିବୁ। ରାଷ୍ଟ୍ରର ସୁରକ୍ଷା ପାଇଁ ଆମ ଦଳ ପ୍ରତିଶ୍ରୁତିବଦ୍ଧ। ତେଣୁ ଆମ ଦେଶର ୧ ଇଞ୍ଚ ଭୂମି ମଧ୍ୟ ଛାଡ଼ିବୁ ନାହିଁ। ଇତିମଧ୍ୟରେ ନେପାଳୀ କଂଗ୍ରେସ ଅଧ୍ୟକ୍ଷ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶେର ବାହାଦୁର ଦେଉବା କହିଛନ୍ତି, ଭାରତ ଦଖଲରେ ଥିବା ନେପାଳର ଭୂମିକୁ କୂଟନୈତିକ ପଦକ୍ଷେପ ଓ ପାରସ୍ପରିକ ଆଲୋଚନା ଜରିଆରେ ଫେରାଇ ଅଣାଯିବ। ଓଲିଙ୍କ ମନ୍ତବ୍ୟ ପରେ ଦେଉବା ନିଜ ଜିଲା ଦଦେଲଧୁରାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଏହି ପ୍ରତିଶ୍ରୁତି ଦେଇଛନ୍ତି।



### କୈଳାସ ମାନସରୋବର ରାସ୍ତା ନିର୍ମାଣରେ ନେପାଳ କଣ୍ଟା

ତେବେ ଜାତୀୟ ଅଖଣ୍ଡତାକୁ ନିର୍ବାଚନୀ ଇସ୍ତାହାରରେ ପରିଣତ ନ କରିବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ବାବୁରାମ ଭଟ୍ଟରାୟ ସବୁ ଦଳକୁ ପରାମର୍ଶ ଦେଇଛନ୍ତି।

ପ୍ରକାଶ ଯେ, ୨୦୨୦ ମେ' ୮ରେ ଉତ୍ତରାଖଣ୍ଡରୁ ଚାଇନା ସୀମାର ଲିପୁଲେଖକୁ ଭାରତ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଥିବାବେଳେ ନେପାଳ ଆପତ୍ତି ଉଠାଇଥିଲା। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ତିବ୍ବତରେ ଥିବା କୈଳାସ ମାନସରୋବରକୁ ଭାରତରୁ ଶ୍ରଦ୍ଧାଳୁଙ୍କ ଯାତ୍ରା ସୁଗମ କରିବା ପାଇଁ ୧୭,୦୦୦ ଫୁଟ୍ ଉଚ୍ଚତାରେ ୮୦ କି.ମି. ବିଶିଷ୍ଟ ଏହି ରାସ୍ତା ନିର୍ମାଣ କରାଯାଉଥିଲା। ତେବେ ନେପାଳର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଭାରତର ଏକପାଖିଆ ପଦକ୍ଷେପ ଦର୍ଶାଇବା ସହ ଦ୍ୱିପାକ୍ଷିକ ବୁଝାମଣାକୁ ଉଲ୍ଲଂଘନ କରୁଥିବା କହିଥିଲା। ଭାରତ ଓ ନେପାଳ ସୀମାର ବିବାଦୀୟ ଅଞ୍ଚଳରେ ଲିପୁଲେଖ ଅବସ୍ଥିତ, ଯାହାକୁ ଦୁଇଦେଶ ନିଜର ବୋଲି ଦାବି କରିଥାଆନ୍ତି। ଏହି ଲିଙ୍କ୍ ରୋଡ୍‌କୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଦ୍‌ଘାଟନ କରିଥିଲେ। ବର୍ଡର ରୋଡ୍ ଅର୍ଗାନାଇଜେଶନ (ବିଆର୍‌ଓ)କୁ ଏଥିପାଇଁ ୪୪୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। କିନ୍ତୁ ନେପାଳ ବିବାଦୀୟ ସ୍ଥିତି ସୃଷ୍ଟି କରି ରାସ୍ତା ନିର୍ମାଣରେ କଣ୍ଟା ସାଜିବାରୁ ଏହା ବନ୍ଦ ହୋଇଯାଇଛି। ୨୦୨୩ ଡିସେମ୍ବର ସୁଦ୍ଧା ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଷୟ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଗତ ମାର୍ଚ୍ଚ ୨୩ରେ ଲୋକ ସଭାକୁ ଅବଗତ କରାଇଥିଲେ। ଗତ ବର୍ଷ ଜୁନ୍‌ରେ ନେପାଳ ପାର୍ଲାମେଣ୍ଟ ଦେଶର ନୂଆ ମାନଚିତ୍ରକୁ ଅନୁମୋଦନ କରି ଭାରତୀୟ ଅଞ୍ଚଳକୁ ନିଜର ବୋଲି ଦାବି କରିଥିଲା। ନୂଆଦିଲ୍ଲୀ ଏହାକୁ କାଠମାଣ୍ଡୁର ଏକତରଫା କାର୍ଯ୍ୟ ବୋଲି ନିନ୍ଦା କରିଥିଲା।

## ପରଲୋକରେ ପ୍ରଥମ ଭୋଟର


ଶ୍ୟାମ ସରନ ନେଗୀ

ଶିମ୍‌ଲା,୫।୧୧(ପି.ଟି.)

ସ୍ୱାଧୀନ ଭାରତର ପ୍ରଥମ ଭୋଟର ଶ୍ୟାମ ସରନ ନେଗୀଙ୍କର ଶନିବାର ସକାଳେ ହିମାଚଳପ୍ରଦେଶର କିନ୍ନୌରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୬ ବର୍ଷ ହୋଇଥିଲା। କନ୍ନୌରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ୧୯୫୧ ଅକ୍ଟୋବର ୨୩ରେ କଲ୍‌ପା ବୁଥ୍‌ରେ ପ୍ରଥମ ଭୋଟ ଦେଇଥିଲେ। ଗତ ୨ ତାରିଖରେ ନେଗୀ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ପୋଷ୍ଟାଲ ବାଲଟ ଜରିଆରେ ଭୋଟ ଦେଇଥିଲେ। ତାଙ୍କର ଗଣତନ୍ତ୍ର ଉପରେ ଅଗାଧ ବିଶ୍ୱାସ ଥିଲା ବୋଲି ନିର୍ବାଚନ କମିଶନ କହିଛନ୍ତି। ଭାରତର ପ୍ରଥମ ଭୋଟରଙ୍କ ଦେହାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିଛନ୍ତି।




ନଭେମ୍ବର ୮ରେ ଗୁରୁ ନାନକ ଦେବଙ୍କ ୫୫୩ତମ ଜୟନ୍ତୀ ପାଳିତ ହେବ। ଏହା ପୂର୍ବରୁ ଶନିବାର ଭୋପାଳରେ ଶିଖ୍ ଯୁବତୀମାନେ ପାରମ୍ପରିକ ବେଶଭୂଷା ଧାରଣ କରି ଶୋଭାଯାତ୍ରାରେ ଯାଉଛନ୍ତି।

## ସିସୋଡିଆଙ୍କ ପିଏ ଗିରଫ

ନୂଆଦିଲ୍ଲୀ,୫।୧୧

ଦିଲ୍ଲୀ ଅବକାରୀ ନୀତି ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ୫ଟି ସ୍ଥାନରେ ଚଢ଼ାଉ କରିବା ସହ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ବ୍ୟକ୍ତିଗତ ସହାୟକ (ପିଏ) ଦେବେନ୍ଦ୍ର ଶର୍ମାଙ୍କୁ ଜେରା କରିଥିଲା। ପରେ ତାଙ୍କୁ ଗିରଫ କରାଯାଇଛି। ସେମାନେ ପୂର୍ବରୁ ସିସୋଡିଆଙ୍କ ଘରେ ଚଢ଼ାଉ କରିବା ସହ ଲକର ଯାଞ୍ଚ କରି କିଛି ପାଇ ନ ଥିଲେ। ଏବେ ସେମାନେ ତାଙ୍କ ପିଏଙ୍କ ଘରେ ଚଢ଼ାଉ କରି କିଛି ନ ପାଇବାରୁ ତାଙ୍କୁ ଗିରଫ କରିଥିବା ସିସୋଡିଆ ଅଭିଯୋଗ କରିଛନ୍ତି।

ଦିଲ୍ଲୀ ଅବକାରୀ ନୀତି ପ୍ରଣୟନ ଓ କାର୍ଯ୍ୟକାରିତାରେ ଅନିୟମିତତାକୁ ନେଇ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ସୁପାରିସ୍‌କ୍ରମେ ସିବିଆଇ ଦାଏର କରିଥିବା ଏତଲାରେ ସିସୋଡିଆଙ୍କୁ ମୁଖ୍ୟ ଅଭିଯୁକ୍ତ କରାଯାଇଥିଲା। ପୂର୍ବରୁ ସିବିଆଇ ତାଙ୍କ ବାସଭବନ, ଅଫିସ ଏବଂ ବ୍ୟାଙ୍କ ଲକର ଯାଞ୍ଚ କରିଥିଲା। ଏହି ମାମଲାରେ ସିବିଆଇ ୨ ଜଣଙ୍କୁ ଗିରଫ କରିଥିବାବେଳେ ଇଡି ଜଣକୁ ଗିରଫ କରିଛି। ଗତ ଅଗଷ୍ଟଠାରୁ ଇତିମଧ୍ୟରେ ଏହି ମାମଲାରେ ୫୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରାଗଲାଣି।

## ଆମେରିକା ନିର୍ବାଚନରେ ୫ ଭାରତୀୟ ବଂଶୋଦ୍ଭବ

ୱାଶିଂଟନ,୫।୧୧(ପି.ଟି.)

ଆମେରିକା ହାଉସ୍ ଅଫ୍ କମନ୍ସ ପାଇଁ ଆସନ୍ତା ୮ ତାରିଖରେ ହେବାକୁ ଯାଉଥିବା ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ୫ ଜଣ ପ୍ରମୁଖ ଭାରତୀୟ-ଆମେରିକୀୟ ରାଜନେତା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଯଦି ରାଜନୈତିକ ବିଶେଷଜ୍ଞମାନଙ୍କ ପୂର୍ବାନୁମାନକୁ ବିଶ୍ୱାସ କରାଯାଏ, ତେବେ ଏହି ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ବିଜୟୀ ହେବାର ଶହେ ପ୍ରତିଶତ ସମ୍ଭାବନା ରହିଛି। ସେମାନଙ୍କ ମଧ୍ୟରୁ ଡେମୋକ୍ରାଟିକ୍ ପାର୍ଟିରୁ ଲଢ଼ୁଥିବା ଆମି ବେରା, ରାଜା କ୍ରିଷ୍ଣମୂର୍ତ୍ତି, ରୋ ଖାନ୍ନା ଏବଂ ପ୍ରମିଳା ଜୟପାଲ। ସେମାନେ ହାଉସ୍ ଅଫ୍ କମନ୍ସକୁ ପୁନଃ ନିର୍ବାଚିତ ହେବାକୁ ଯାଉଛନ୍ତି। ଏହା ବ୍ୟତୀତ ମିଚିଗାନର ୧୩ତମ ନିର୍ବାଚନ ମଣ୍ଡଳୀରୁ ଶିଳ୍ପପତି ତଥା ବ୍ୟବସାୟୀ ଶ୍ରୀ ଥାନେଦାର ଡେମୋକ୍ରାଟିକ୍ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ୁଛନ୍ତି। କାଲିଫର୍ନିଆରୁ ପ୍ରାର୍ଥୀ ହୋଇଥିବା ୫୭ ବର୍ଷୀୟ ବେରା ଏଥର ଜିତିଲେ ଷଷ୍ଠ ଥର ପାଇଁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ସଦସ୍ୟ ହେବେ। ସେହିପରି ଖାନ୍ନା ଏବଂ କ୍ରିଷ୍ଣମୂର୍ତ୍ତି କ୍ରମାଗତ ଚତୁର୍ଥ ଥର ଲାଗି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌କୁ ଯିବେ। ପ୍ରଥମ ଭାରତୀୟ ମହିଳା ଭାବେ ଚେନ୍ନାଇ ଜନ୍ମିତ ଜୟପାଲ ନିର୍ବାଚିତ ହେବାକୁ ଯାଉଛନ୍ତି।


ପ୍ରମିଳା ଜୟପାଲ


ଆମି ବେରା

## ଦାଉଦ୍‌ଙ୍କ ବିରୋଧରେ ଏନ୍‌ଆଇଏ ଚାର୍ଜଶିଟ୍

ନୂଆଦିଲ୍ଲୀ,୫।୧୧

ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ, ତାଙ୍କ ଘନିଷ୍ଠ ସହଯୋଗୀ ଛୋଟା ସକିଲ ଓ ଅନ୍ୟ ୩ ଜଣଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ବିଶ୍ୱ ଆତଙ୍କବାଦ ନେଟ୍‌ୱର୍କ ଏବଂ ଡି-କମ୍ପାନୀ ନାମରେ ଅନ୍ତର୍ଜାତୀୟ ସଂଗଠିତ ଅପରାଧ ସିଣ୍ଡିକେଟ୍ ଚଳାଇଥିବା ମାମଲାରେ ଏହି ଚାର୍ଜଶିଟ୍ ଦାଖଲ ହୋଇଛି। ଗତ ଫେବୃୟାରୀ ୩ରେ ୟୁଏପିଏ ବଳରେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଅନ୍ୟ ୩ ଅଭିଯୁକ୍ତ ହେଲେ ଅରିଫ୍ ଅବୁବକର ଶେଖ୍, ଶବୀର ଅବୁବକର ଶେଖ୍ ଏବଂ ମହମ୍ମଦ ସଲିମ କୁରେଶୀ।

## କେଜ୍‌ରିୱାଲ ନେଇଛନ୍ତି ୫୦ କୋଟି: ସୁକେଶ

ନୂଆଦିଲ୍ଲୀ,୫।୧୧

ମନିଲଣ୍ଡରିଂ ମାମଲାରେ ତିହାର ଜେଲରେ ସଜା କାଟୁଥିବା କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖର ଶନିବାର ଆଉ ଏକ ଚିଠି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ରାଜ୍ୟ ସଭା ଆସନର ପ୍ରଲୋଭନ ଦେଖାଇ ଆମ୍ ଆଦ୍‌ମୀ ପାର୍ଟି ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାଙ୍କଠାରୁ ୫୦ କୋଟି ଟଙ୍କା ନେଇଥିବା ଉକ୍ତ ଚିଠିରେ ସୁକେଶ ଉଲ୍ଲେଖ କରିଛନ୍ତି। ଏଥିସହ ୨୦୧୬ରେ କର୍ନାଟକ ଓ ତାମିଲନାଡୁରେ ଏଏପି ପାର୍ଟି ଫଣ୍ଡିଂ ପାଇଁ ୨୦-୩୦ ଜଣ ଲୋକଙ୍କୁ ଏକାଠି କରି ୫୦୦ କୋଟି ଟଙ୍କା ଦେବା ଲାଗି କେଜ୍‌ରିୱାଲ ସୁକେଶଙ୍କୁ କହିଥିବା ଜଣାପଡ଼ିଛି। ୫୦ କୋଟି ଟଙ୍କା ନେବା ପରେ କେଜ୍‌ରିୱାଲ ସୁକେଶଙ୍କ ସହ ଏକ ଡିନର ପାର୍ଟିରେ ଯୋଗ ଦେଇଥିଲେ। ତେବେ ସୁକେଶଙ୍କ ଚିଠିକୁ ନେଇ ଏଏପି ମୁଖପାତ୍ର ସୌରଭ ଭରଦ୍ୱାଜ କହିଛନ୍ତି, ଗୁଜରାଟ ଓ ଦିଲ୍ଲୀ ପୌର ନିର୍ବାଚନ ଫଳକୁ ନେଇ ଭାଜପା ଖୁବ୍ ଚିନ୍ତିତ। ସେଥିପାଇଁ ଦଳ କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖରକୁ ନିଜ ଷ୍ଟାର କ୍ୟାମ୍ପେନର ସଜାଇଛି। ଏହାପୂର୍ବରୁ ଦିଲ୍ଲୀ ଗୃହମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ସୁକେଶଙ୍କୁ ଜେଲରେ ସୁରକ୍ଷା ଦେବା ଲାଗି ଅର୍ଥ ଦାବି କରିଥିଲେ ବୋଲି ସେ ଦିଲ୍ଲୀ ଉପରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଥିଲେ। ଅନ୍ୟପକ୍ଷେ ଜେଲ ଭିତରେ ସ୍ୱତନ୍ତ୍ର ସୁବିଧା ଯୋଗାଇବା ସକାଶେ ସୁକେଶ ଜେଲ ଅଫିସରମାନଙ୍କୁ ଲାଞ୍ଚ ଦେବା ନେଇ ଅଭିଯୋଗ ତାଙ୍କ ନାମରେ ରହିଛି।



## ଆନ୍ଧ୍ରରେ ଅନର କିଲିଂ

### ସୋସିଆଲ ମିଡିଆରେ ଅପରାଧ ସ୍ୱୀକାର ନେଇ ଭିଡିଓ ଶେୟାର କଲେ ବାପା



ଅମରାବତୀ, ୫।୧୧

ଆନ୍ଧ୍ର ବିଶାଖାପାଟଣାରେ ଜଣେ ବ୍ୟକ୍ତି ନିଜ ୧୬ ବର୍ଷୀୟା ଝିଅକୁ ହତ୍ୟା କରିଛନ୍ତି। ହତ୍ୟା ପରେ ଅଭିଯୁକ୍ତ ଭାରା ପ୍ରସାଦ ସୋସିଆଲ ମିଡିଆରେ ଅପରାଧ ସ୍ୱୀକାର କରିଥିବା ଏକ ଭିଡିଓ ଶେୟାର ମଧ୍ୟ କରିଛନ୍ତି। ଝିଅ ନିକିତା ଶ୍ରୀ ପଡ଼ିଶା ଘରେ ରହୁଥିବା ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କରେ ଥିବାବେଳେ ପାଠପଢ଼ାରେ ମନ ଦେଉ ନ ଥିଲେ। ଏହାକୁ କେନ୍ଦ୍ରକରି ପ୍ରସାଦ ନିକିତାଙ୍କୁ ହତ୍ୟା କରିଥିବା ଜାରି ଭିଡିଓରେ କହିଛନ୍ତି। ପ୍ରେମିକ ସହିତ ମିଳାମିଶା ନ କରିବାକୁ ସେ ନିକିତାଙ୍କୁ ବାରମ୍ବାର ମନା କରୁଥିଲେ। ବାପା ପ୍ରସାଦଙ୍କ କଥାକୁ ନ ମାନି ପ୍ରେମିକ ସହ ନିୟମିତ ମିଳାମିଶା ଚଳାଇଥିଲେ ନିକିତା। ଝିଅର ଏ ପ୍ରକାର ମନମୁଖି କାର୍ଯ୍ୟ ପାଇଁ ପ୍ରସାଦ ରାଗିଯାଇ ଝିଅଙ୍କୁ ହତ୍ୟା କରିବାର ଚରମ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ସନ୍ଧ୍ୟା ସାଢ଼େ ୪ଟାବେଳେ ଭାରା ବେଲ୍ଟରେ ନିକିତାଙ୍କ ଗଳାଚିପି ହତ୍ୟା କରିଥିବା ଭାଇଗାଜ୍ ସିଟି ୱାନ୍ ଟାଉନ୍ ପୋଲିସ କହିଛି। ୧୩ ବର୍ଷ ପୂର୍ବେ ପ୍ରସାଦଙ୍କ ସ୍ତ୍ରୀ ଜଣେ ଯୁବକଙ୍କ ସହ ଫେରାର୍ ହୋଇଯାଇଥିବାବେଳେ ଦୁଇ ବର୍ଷ ପୂର୍ବେ ତାଙ୍କ ବଡ଼ ଝିଅ ମଧ୍ୟ ପ୍ରେମିକ ସହ ଘର ଛାଡ଼ି ଚାଲିଯାଇଥିଲେ। ପେସାରେ ଆମ୍ବୁଲାନ୍ସ ଡ୍ରାଇଭର ପ୍ରସାଦଙ୍କୁ ପୋଲିସ ଗିରଫ କରିବା ସହ ଆଇପିସି ଧାରା ୩୦୨ ଅନ୍ତର୍ଗତ ଏକ ମାମଲା ରୁଜୁ କରିଛି। ପୋଲିସ ଘଟଣା ସମ୍ପର୍କରେ ଅଧିକ ଛାନ୍‌ଭିନ୍ ଜାରି ରଖିଥିବା ସୂଚନା ଦେଇଛି।

## ଚର୍ଚ୍ଚାରେ ଇମ୍ରାନ୍ ଖାନ୍‌ଙ୍କ ୩ ସ୍ତ୍ରୀ

ଇସ୍‌ଲାମାବାଦ,୫।୧୧

ପାକିସ୍ତାନରେ ତ୍ୱରିତ ନିର୍ବାଚନ ଦାବିରେ ବିକ୍ଷୋଭ ଶୋଭାଯାତ୍ରାବେଳେ ଗୁରୁବାର ଗୁଳିମାଡ଼ର ଶିକାର ହୋଇ ଲାହୋର ହସ୍ପିଟାଲରେ ଚିକିତ୍ସାଧୀନ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଆଶୁ ଆରୋଗ୍ୟ କାମନା କରି ବିଭିନ୍ନ ମହଲରୁ ବାର୍ତ୍ତା ଆସୁଛି। ଏହି ପରିପ୍ରେକ୍ଷୀରେ ଇମ୍ରାନ୍‌ଙ୍କ ପୂର୍ବତନ ସ୍ତ୍ରୀ ଜେମିମା ଗୋଲ୍ଡସ୍ମିଥ୍ (୧୯୯୫-୨୦୦୪) ଓ ରେହମ୍ ଖାନ୍ (୨୦୧୪-୧୫) ମଧ୍ୟ ପାକିସ୍ତାନ ତେହରିକ୍-ଏ-ଇନ୍‌ଶାଫ୍ (ପିଟିଆଇ) ମୁଖ୍ୟଙ୍କ ନିରାମୟ ଜୀବନ କାମନା କରିଛନ୍ତି। ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବାପରେ ୭୦ ବର୍ଷୀୟ ଇମ୍ରାନ୍‌ଙ୍କ ପୂର୍ବତନ ସ୍ତ୍ରୀମାନଙ୍କ ସମ୍ପର୍କରେ ଜାଣିବା ପାଇଁ ଲୋକଙ୍କ ମନରେ ଉତ୍ସୁକତା ଲାଗି ରହିଛି।

**ଜେମିମା ଗୋଲ୍ଡସ୍ମିଥ୍:** ୧୯୯୫ରେ ଲଣ୍ଡନର ଜେମିମା ଗୋଲ୍ଡସ୍ମିଥ୍ ପାକିସ୍ତାନର ପୂର୍ବତନ କ୍ରିକେଟର ଇମ୍ରାନ୍ ଖାନ୍‌ଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ଦୁଇ ପୁଅ ଥିବାବେଳେ ବାହାଘରର ୯ ବର୍ଷ ପରେ ମନାନ୍ତର ଯୋଗୁ ୨୦୦୪ରେ ଦୁହେଁ ଅଲଗା ହୋଇଥିଲେ। ବିବାହ ପୂର୍ବରୁ ଜେମିମା ଡକ୍ୟୁମେଣ୍ଟାରି ସାଙ୍ଗକୁ କ୍ଷୁଦ୍ର ଫିଲ୍ମ ନିର୍ମାଣ କରୁଥିଲେ। ଏଥିସହ ସେ ଲଣ୍ଡନର 'ଦି ନ୍ୟୁ ଷ୍ଟେଟ୍‌ସମ୍ୟାନ୍' ମାଗାଜିନ୍‌ରେ ଆସୋସିଏଟ୍ ଏଡିଟର୍ ଭାବେ କିଛିଦିନ କାର୍ଯ୍ୟ କରିଛନ୍ତି। ବ୍ରିଟେନ୍‌ର ୱେଲ୍ସ ରାଜକୁମାରୀ ଡାଏନାଙ୍କ ଖାସ୍ ବାନ୍ଧବୀ ହେଉଛନ୍ତି ଜେମିମା। ବାହାଘର ପରେ ଜେମିମାଙ୍କୁ ଭେଟିବା ପାଇଁ ଡାଏନା ଲାହୋର ଆସିଥିଲେ। ଇମ୍ରାନ୍‌ଙ୍କଠାରୁ ବିବାହ ବିଚ୍ଛେଦ ପରେ ଜେମିମା ଲଣ୍ଡନ ଫେରିଯାଇଥିଲେ। ବ୍ରିଟିଶ ଆକ୍ଟର ହଗ୍ ଗ୍ରାଣ୍ଟଙ୍କ ସହ ସମ୍ପର୍କକୁ ନେଇ ଜାମିମା କିଛିଦିନ ଚର୍ଚ୍ଚାରେ ମଧ୍ୟ ରହିଥିଲେ।

**ରେହମ୍ ଖାନ୍:** ଇମ୍ରାନ୍‌ଙ୍କ ଦ୍ୱିତୀୟ ସ୍ତ୍ରୀ ହେଉଛନ୍ତି ରେହମ୍ ଖାନ୍। ୨୦୧୪ରେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ହେଁ ସେମାନଙ୍କ ସମ୍ପର୍କ ବେଶି ଦିନ ତିଷ୍ଠି ନ ଥିଲା। ବାହାଘରର ମାତ୍ର ବର୍ଷେ ପରେ ଦୁହେଁ ଅଲଗା ହୋଇଯାଇଥିଲେ। ବ୍ରିଟିଶ୍ ପାକିସ୍ତାନୀ ରେହମ୍ ପେସାରେ ଜଣେ ଖବରଦାତା, ଲେଖିକା ଓ ଅଭିନେତ୍ରୀ। ସେ ଇମ୍ରାନ୍‌ଙ୍କୁ ଦ୍ୱିତୀୟଥର ପାଇଁ ବିବାହ କରିଥିଲେ। ୧୯୯୩ରେ ରେହମ୍ ଇଜାଜ୍ ରେହମାନଙ୍କୁ ବାହା ହୋଇଥିଲେ। ୨୦୦୫ରେ ଦୁହେଁ ଅଲଗା ହୋଇଯାଇଥିଲେ। ୩ଟି ପିଲାର ମା' ହେଉଛନ୍ତି ରେହମ୍।

**ବୁଶ୍ରା ବିବି:** ୨୦୧୮ ଅଗଷ୍ଟ ୧୮ରେ ବୁଶ୍ରା ବିବି ଇମ୍ରାନ୍ ଖାନ୍‌ଙ୍କ ହାତ ଧରିଥିଲେ। ପାକିସ୍ତାନ ପଞ୍ଜାବ ପ୍ରଦେଶରେ ବୁଶ୍ରାଙ୍କ ଘର। ବୁଶ୍ରାଙ୍କର ଦ୍ୱିତୀୟ ସ୍ୱାମୀ ହେଉଛନ୍ତି ଇମ୍ରାନ୍। ୪୮ ବର୍ଷୀୟା ବୁଶ୍ରା ସୁଫିବାଦର ପ୍ରଚାରକ ଭାବେ ଜଣାଶୁଣା। ପାକିସ୍ତାନର ପାକପାଟ୍ଟନରେ ଥିବା ବାବା ଫରିଦଙ୍କ ଶରିନରେ ବୁଶ୍ରା ରହୁଥିବାବେଳେ ସେଠାକୁ ଇମ୍ରାନ୍‌ଙ୍କ ଯିବା ଆସିବା ଲାଗି ରହିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁବ୍ ଚର୍ଚ୍ଚା ମଧ୍ୟ ହୋଇଥିଲା। ଦୁହିଁଙ୍କ ଭିତରେ ପ୍ରଥମେ ଆଧ୍ୟାତ୍ମିକ ସମ୍ବନ୍ଧ ଗଢ଼ିଉଠିଥିଲା। ୨୦୧୫ରୁ ସେମାନଙ୍କର ରୀତିମତ ଦେଖା ସାକ୍ଷାତ ହେଉଥିଲା। ପରବର୍ତ୍ତୀ ସମୟରେ ସେମାନେ ବିବାହ କରିନେଲେ। ଖାୱର ମାନେକା ବୁଶ୍ରାଙ୍କ ପ୍ରଥମ ସ୍ୱାମୀ। ସେ ୫ଟି ସନ୍ତାନଙ୍କ ଜନନୀ। ଚଳିତବର୍ଷ ଏପ୍ରିଲ ୧୦ରେ ଦୁହେଁ ଅଲଗା ହେବା ନେଇ ଜାତୀୟ ଗଣମାଧ୍ୟମରେ ଅନେକ ଖବର ପ୍ରସାରିତ ହୋଇଥିଲା।


ପ୍ରଥମ ସ୍ତ୍ରୀ ଜେମିମାଙ୍କ ସହ ଇମ୍ରାନ୍।


ରେହମ୍ ଖାନ୍


ବୁଶ୍ରା ବିବି

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୭୪,୬୨,୩୯୫ | ୬୬,୦୪,୮୮୪ | ୬୧,୬୯,୯୩,୪୮୩ |
| ଭାରତ | ୪,୪୬,୫୯,୪୪୭ | ୫,୩୦,୪୮୬ | ୪,୪୧,୧୩,୭୬୧ |
| ଓଡ଼ିଶା | ୧୩,୩୬,୨୫୫ | ୯୨୦୩(+୫୩) | ୧୩,୨୬,୮୦୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଖୋଜିଲେ ବାବୁଆଣୀ ମିଳୁନାହାନ୍ତି

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ସରକାରୀ ଅଧିକାରୀମାନଙ୍କ ଉତ୍ତରଦାୟିତ୍ୱ ହେଉଛି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ଠିକ୍ କାର୍ଯ୍ୟାନ୍ୱୟନ କରିବା ଦିଗରେ ଉଚିତ ପଦକ୍ଷେପ ନେବା। ଏହାସହ ରାଜ୍ୟର ସମସ୍ତ ହିତାଧିକାରୀଙ୍କୁ ନ୍ୟାୟ ଦେବା ଲାଗି ସରକାରୀ ଅଧିକାରୀମାନେ ହେଉଛନ୍ତି ଉପଯୁକ୍ତ ବ୍ୟକ୍ତି। ଏଥିପାଇଁ ରାଜ୍ୟ ସରକାର ଜନସାଧାରଣଙ୍କଠାରୁ ଆଦାୟ କରୁଥିବା ଟିକସ ଅର୍ଥରୁ ହିଁ ସରକାରୀ ଅଧିକାରୀମାନଙ୍କୁ ଦରମା ବାବଦରେ ବହୁ କୋଟି ଟଙ୍କା ପ୍ରଦାନ କରୁଛନ୍ତି। ହେଲେ ଏବେକୁ ଏବେ ଦେଖିବାକୁ ମିଳୁଛି ବହୁ ସଂଖ୍ୟକ ଉଚ୍ଚପଦସ୍ଥ ଅଧିକାରୀ ତାଙ୍କ ମୂଳ ଦାୟିତ୍ୱରୁ ହଟିଗଲେଣି। ସାଧାରଣ ଲୋକଙ୍କ ସମସ୍ୟା ଦୂରକରିବା ତ ଦୂରର କଥା ସେମାନଙ୍କ ଅଭିଯୋଗ ଶୁଣିବା ଲାଗି ମଧ୍ୟ ଅଧିକାରୀମାନେ ସାମାନ୍ୟତମ ଆଗ୍ରହ ଦେଖାଉନାହାନ୍ତି। ଅନେକ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ସଚିବ ଥିବା ଆଇଏଏସ୍ ଅଧିକାରୀଙ୍କ କାର୍ଯ୍ୟଶୈଳୀ ମଧ୍ୟ ସାଧାରଣ ଲୋକଙ୍କୁ ଅତିଷ୍ଠ କରିଲାଣି ବୋଲି ଏବେ ଖୋଲାଖୋଲି ଆଲୋଚନା ହେବାରେ ଲାଗିଛି। ଗୋଟିଏ ପଟେ ଓଡ଼ିଶାରେ ରାଜନେତାମାନଙ୍କ ପ୍ରଭାବ ଆଉ ପୂର୍ବପରି ରଖେଇ ଦିଆଯାଉ ନ ଥିବାବେଳେ ଜଣେ ଲେଖା ଆଇଏଏସ୍ ଅଧିକାରୀଙ୍କୁ ଏକାଧିକ ପଦବୀରେ ଅଳଙ୍କୃତ କରାଯିବା ବୋଧହୁଏ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିବାର ମୂଳକାରଣ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୭(ଗୁରୁବାର) କଫିଚାଷୀମାନଙ୍କ ସମସ୍ୟା ସମ୍ପର୍କିତ 'କଫି ଚାଷୀ କ୍ଷତିରେ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ସେଥିରେ ମୁଖ୍ୟତଃ ଉଲ୍ଲେଖ ଥିଲା ଯେ, କୋରାପୁଟ ଚାଷୀଙ୍କ କଫି ଏବେ ବିଶ୍ୱ ବଜାରରେ ଆଦୃତ ହେଉଛି। ହେଲେ ଉପଯୁକ୍ତ ତାଲିମ ଏବଂ ପ୍ରୋତ୍ସାହନ ସେମାନଙ୍କୁ ମିଳିପାରୁ ନ ଥିବାରୁ ସେମାନଙ୍କ କଫିର ମାନ ବୃଦ୍ଧି ହୋଇପାରୁ ନାହିଁ ବୋଲି ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିବା ସହ ଅନେକ ସମସ୍ୟା ସମ୍ପର୍କରେ କହିଥିଲେ। ଏଥିପାଇଁ ଚାଷୀଙ୍କୁ ସର୍ବୋପରି ମୂଲ୍ୟ ନ ମିଳିବା ସହିତ ବହୁ ପରିମାଣର କ୍ଷତି ସହିବାକୁ ପଡୁଥିବା କଥା ମଧ୍ୟ ସେମାନେ ଉଲ୍ଲେଖ କରିଥିଲେ। ରାଜ୍ୟ ସରକାରଙ୍କ ଓଡ଼ିଶା ଜନଜାତି ଉନ୍ନୟନ ସମବାୟ ନିଗମ(ଟିଡିସିସି) ଜରିଆରେ ଚାଷୀଙ୍କଠାରୁ ପାଚିଲା କଫି ନିଆଯାଉଛି। ହେଲେ ଓଡ଼ିଶାରେ ସେମାନଙ୍କଠାରୁ ଟିଡିସିସି ପାଚିଲା କଫି ଫଳ କେଜି ପିଛା ୩୫ରୁ ୪୫ ଟଙ୍କା ମଧ୍ୟରେ ନେଉଥିବା ବେଳେ କର୍ଣ୍ଣାଟକ, କେରଳ ଭଳି ରାଜ୍ୟରେ ତାହା ୬୫ରୁ ୭୫ ଟଙ୍କା ରହୁଛି। କୋରାପୁଟ କଫିର ଚାହିଦା ବଢୁଥିଲେ ମଧ୍ୟ ଚାଷୀଙ୍କଠାରୁ ଏତେ କମ୍ ଦରରେ କାହିଁକି ପାଚିଲା କଫି ଫଳ କିଣାଯାଉଛି ବୋଲି ଜାଣିବା ଲାଗି ଟିଡିସିସି ମ୍ୟାନେଜିଂ ଡାଇରେକ୍ଟର(ଏମ୍‌ଡି) ଆଇଏଏସ୍ ଅଫିସର ମାନ୍‌ସି ନିମଭାଲ୍‌ଙ୍କୁ ଦେଖାହେବାକୁ ଗତ ୨୬ ତାରିଖରେ ଚେଷ୍ଟା କରିଥିଲୁ। ତାଙ୍କୁ ଭେଟିବା ପାଇଁ ଭୁବନେଶ୍ୱରସ୍ଥିତ ରୂପାଲୀ ଛକଠାରେ ଥିବା ଟିଡିସିସିଓଏଲ୍ କାର୍ଯ୍ୟାଳୟକୁ ପୂର୍ବାହ୍ନ ୧୧ଟା ୧୫ ମିନିଟ୍ ସମୟରେ ଯାଇପହଞ୍ଚିଥିଲୁ। ହେଲେ ସେଠାରେ ଉପସ୍ଥିତ ଥିବା ଜଣେ ଘରୋଇ ସୁରକ୍ଷା କର୍ମୀ ଏମ୍‌ଡି ମାଡାମ୍ ନାହାନ୍ତି ବୋଲି କହିଥିଲେ। ପ୍ରାୟ ୩ ଦିନ ହେବ ମାଡାମ୍ ସେଠାକୁ ଆସି ନ ଥିବା କଥା ମଧ୍ୟ ସେ କହିଥିଲେ। ମାଡାମ୍ ଓଏଲ୍‌ଏମ୍(ଓଡ଼ିଶା ଲାଇଭଲିହୁଡ୍ ମିଶନ)ର ସିଇଓ(ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ଅଛନ୍ତି। ତେଣୁ ସେଠାରେ ସେ ପ୍ରାୟ ବସୁଛନ୍ତି, ସେଠାକୁ ଯାଇ ଦେଖା ହୋଇପାରିବ ବୋଲି ଉକ୍ତ ଘରୋଇ କର୍ମଚାରୀ ଏବଂ ସେଠାରେ ଉପସ୍ଥିତ ଜଣେ ସରକାରୀ ପିଅନ କହିଥିଲେ। ଏହାପରେ ଦିନ ପ୍ରାୟ ୧ଟା ସମୟରେ ୟୁନିଟ୍ ୮ ଜଳେଶ୍ୱର ମନ୍ଦିର ନିକଟସ୍ଥ ଓଏଲ୍‌ଏମ୍ କାର୍ଯ୍ୟାଳୟରେ ପହଞ୍ଚି ନିମଭାଲ୍‌ଙ୍କୁ ଭେଟିବାକୁ ଚେଷ୍ଟା କରିଥିଲୁ। ହେଲେ ସେ ମିଟିଂରେ ଥିବାବେଳେ ଅଳ୍ପ ସମୟ ପରେ ମଧ୍ୟାହ୍ନଭୋଜନ ଲାଗି ଚାଲିଗଲେଣି ବୋଲି ତାଙ୍କ ପିଏସ୍‌ଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଥିଲା। ଏହାପରେ ଅପରାହ୍ନ ୪ଟା ସମୟରେ ନିମଭାଲ୍‌ଙ୍କୁ ଭେଟିବା ଲାଗି ପୁଣିଥରେ ଓଏଲ୍‌ଏମ୍ କାର୍ଯ୍ୟାଳୟଠାରେ ପହଞ୍ଚି ତାଙ୍କୁ ପ୍ରାୟ ୧ ଘଣ୍ଟା ୧୫ମିନିଟ୍ ଅପେକ୍ଷା କରିବା ପରେ ମାଡାମ୍ ଏବେ ଭେଟିପାରିବେ ନାହିଁ, ଅନ୍ୟ କାର୍ଯ୍ୟ ଅଛି ବୋଲି ତାଙ୍କ ପିଏସ୍‌ଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଥିଲା। ଫଳରେ ନିମଭାଲ୍‌ଙ୍କ ମତାମତ ସଂଗ୍ରହ କରାଯାଇପାରି ନ ଥିଲା।

ଏହାପରେ ଟିଡିସିସି କାର୍ଯ୍ୟାଳୟକୁ ୨୭ ତାରିଖରୁ ଲଗାତର ନିମଭାଲ୍ କେତେବେଳେ ଆସୁଛନ୍ତି ବୋଲି ସେଠାକୁ ଗତ ୧ ତାରିଖ ପର୍ଯ୍ୟନ୍ତ ଗସ୍ତ କରିଥିଲୁ। ହେଲେ ନିମଭାଲ୍ ଏହା ଭିତରେ କେବଳ ୩୧ ତାରିଖରେ ଆସି ଅଳ୍ପ ସମୟ ରହି ଚାଲିଯାଇଥିବା ସେଠାର ଜଣେ କର୍ମଚାରୀ କହିଥିଲେ। ନିମଭାଲ୍ ସେଠାକୁ ପ୍ରତି ସପ୍ତାହରେ ଥରେ କିମ୍ବା ମାସକୁ ୨ରୁ ୩ ଥର ଆସୁଥିବା କର୍ମଚାରୀ ଜଣକ ଜଣାଇଥିଲେ। ଏଭଳି ସ୍ଥିତିରେ କୋରାପୁଟରେ କଫିଚାଷ କରି କମ୍ ଦାମ୍‌ରେ ଟିଡିସିସିକୁ ଯୋଗାଇ ଦେଉଥିବା ଚାଷୀକୁ କେତେ ହଇରାଣ ହେବାକୁ ପଡୁଥିବ ଏଥିରୁ ସ୍ପଷ୍ଟ ଅନୁମେୟ। ତେବେ ସେହି କର୍ମଚାରୀ ଜଣକ ମଧ୍ୟ କାହିଁକି ଏହି ଏମ୍‌ଡି ପଦବୀ ରହିଛି ସେକଥା କେହି କାହିଁକି ପଚାରୁନାହାନ୍ତି ବୋଲି ପରୋକ୍ଷ ଇଙ୍ଗିତ ମଧ୍ୟ କରିଥିଲେ। ତେବେ ଟିଡିସିସିରେ ଏମ୍‌ଡି ଦାୟିତ୍ୱରେ ଥିବା ଆଇଏଏସ୍ ଅଫିସରଙ୍କ ପ୍ରକୃତ ଦାୟିତ୍ୱ କ'ଣ ବୋଲି ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି, ଏବେ ଦୁଇ ରକମର ଆଇଏଏସ୍ ଅଛନ୍ତି। କେତେଜଣ ପଛରେ ଗୋଡ଼େଇ ଚାଲିଛନ୍ତି, ଆଉ କେତେଜଣ ଖାଇବା ପାଇଁ ଚାହିଁ ବସିଛନ୍ତି। ଲୋକସେବା ଭବନରେ ସେବା କି ଲୋକ କେହି ନାହାନ୍ତି, କେବଳ ଭବନ ରହିଗଲାଣି। ସଚିବାଳୟରେ ସଚିବମାନଙ୍କ ଦେଖା ମିଳୁନାହିଁ। ଜିଲାପାଳମାନେ ରାସ୍ତାକୁ ଓହ୍ଲାଉନାହାନ୍ତି। କେହି ତ ଜଣେ ଆଇଏଏସ୍ ଅଫିସରଙ୍କୁ ଭେଟିପାରୁନାହାନ୍ତି, ତାଙ୍କୁ ପଚାରିବ କ'ଣ ଜାଣିବ କ'ଣ। ଯଦି ଅଫିସରଙ୍କୁ ଭେଟି ହେଉନି, ତେବେ ଭିତରେ କ'ଣ ଚାଲିଛି ସେଥିରୁ ବୁଝାପଡୁଛି। ଜଣେ ଏମ୍‌ଡିଙ୍କ କାମ ହେଉଛି ସଂସ୍ଥାକୁ ଚଳାଇବା ଏବଂ ବଢ଼ାଇବା। ଯଦି କୌଣସି ଏମ୍‌ଡି ଦୈନିକ କାର୍ଯ୍ୟାଳୟକୁ ଆସୁନାହାନ୍ତି, ଏହାର ଅର୍ଥ ଭିତରେ ଅନ୍ୟ କେହି ଉକ୍ତ ସଂସ୍ଥା ଚଳାଉଛି ବୋଲି ସହଦେବ କହିଛନ୍ତି।

## ସଂକ୍ଷେପରେ

### ଯୁକ୍ତ ୨ ଛାତ୍ରଙ୍କୁ ପୋଡ଼ି ହତ୍ୟା

### ଅର୍ଦ୍ଧଦଗ୍ଧ ମୃତଦେହ, ପୋଡା ମନିପର୍ସ, ପେଟ୍ରୋଲ ବୋତଲ ଜବତ

ଫୁଲବାଣୀ ଅଫିସ/ଫିରିଙ୍ଗିଆ,୫।୧୧- କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡିଣ୍ଡିରାଗାଁ ପଞ୍ଚାୟତ ଗଞ୍ଜୁଖୋଲ ଗାଁ ନିକଟରେ ଯୁକ୍ତ ୨ ପଢୁଥିବା ଜଣେ ଛାତ୍ରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଶନିବାର ପୋଲିସ ଜବତ କରିଛି। ସେ ହେଲେ ଗୋଚ୍ଛାପଡା ଥାନା କ୍ରାଣ୍ଡିବାଲି ଗାଁର ବଉଦୁ କହଁରଙ୍କ ସାନପୁଅ ବିଭୁଦତ୍ତ (୧୯)। ମୃତଦେହର କିଛି ଦୂରରେ ପେଟ୍ରୋଲ ବୋତଲ ଓ ଅନ୍ୟ ସାମଗ୍ରୀ ପଡିଥିବାରୁ ଏହା ଏକ ହତ୍ୟା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟରେ ଯୁକ୍ତ ୨ ଦ୍ୱିତୀୟ ବର୍ଷରେ ବିଭୁଦତ୍ତ ପଢୁଥିଲେ। ସେ ଫିରିଙ୍ଗିଆ ସହରରେ ଏକ ଘର ଭଡାନେଇ ରହୁଥିଲେ। ସକାଳେ ଗୁଖୋଲ ଗାଁର କିଛି ଲୋକ ଗାଁ ପାଖ ବିଲ ନିକଟକୁ ଶୌଚ ହେବା ପାଇଁ ଯାଇଥିଲେ। ସେଠାରେ ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ଦେଖି ଫିରିଙ୍ଗିଆ ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ସଦର ଏସ୍‌ଡିପିଓଙ୍କ ସହ ସାଇଣ୍ଟିଫିକ ଟିମ୍ ମଧ ସେଠାରେ ପହଞ୍ଚିଥିଲା। ଘଟଣାସ୍ଥଳରୁ ପ୍ରାୟ ୨୦୦ ମିଟର ଦୂରରେ ଯୁବକଙ୍କ ପୋଷାକ, ମୋବାଇଲ, ପୋଡିଯାଇଥିବା ମନିପର୍ସ, ଏଟିଏମ୍ କାର୍ଡ ସହ ପେଟ୍ରୋଲ ବୋତଲ ଓ ଅନ୍ୟ କିଛି ସାମଗ୍ରୀ ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ଏସବୁ ସାମଗ୍ରୀ ଜବତ କରିଛି। ପାରିପାର୍ଶ୍ୱିକ ପରିସ୍ଥିତିକୁ ଲକ୍ଷ୍ୟ କଲେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଥିବା ବେଳେ ମୃତକଙ୍କ ପରିବାର ଲୋକଙ୍କ ଏତଲାକ୍ରମେ ପୋଲିସ ନଂ.୧୬୩/୨୨ରେ ହତ୍ୟା ମାମଲା ରୁଜୁ କରିଛି। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ପ୍ରେମ ବ୍ୟାପାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସାଧାରଣରେ ଆଲୋଚନା ହେଉଛି।

### ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା ସ୍ଥିତି ଅନୁଧ୍ୟାନ କଲେ ଡିସିପି

**ଭୁବନେଶ୍ୱର,୫।୧୧(ବ୍ୟୁରୋ):** ଆସନ୍ତା ୧୦ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ହେବାପରେ ମୁର୍ମୁ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନେତୃତ୍ୱରେ ଶନିବାର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ଡିସିପି ସିଂ ବିମାନ ବନ୍ଦର ଭିତରକୁ ଯାଇ ସ୍ଥିତି ଯାଞ୍ଚ କରିଛନ୍ତି। ରାଷ୍ଟ୍ରପତି ମୁର୍ମୁଙ୍କୁ ସ୍ୱାଗତ କରିବା ପାଇଁ ୧୫୦ଜଣ ଅଧିକାରୀଙ୍କୁ ସଜାଗ ରଖାଯାଇଛି। କେଉଁ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ସେ ନେଇ ତଦାରଖ କରାଯାଇଛି। ଖାଲି ସେତିକି ନୁହେଁ ରାଜଧାନୀକୁ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରଖାଯିବା ସହ ଯାଞ୍ଚ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦିଆଯିବ। ରାଷ୍ଟ୍ରପତି ପ୍ରଥମେ ପୁରୀ ଗସ୍ତ କରି ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବାର ବ୍ୟବସ୍ଥା ରହିଛି। ସେଥିପାଇଁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥାକୁ ଧ୍ୟାନ ଦିଆଯାଉଛି ବୋଲି ଡିସିପି କହିଛନ୍ତି।

## ୨୬ ଗ୍ରାମ୍ ବ୍ରାଉନସୁଗାର ଜବତ, ବେପାରୀ ଗିରଫ

**ବାରିପଦା ଅଫିସ,୫।୧୧**

ଧଳା ଜହରର ପେଣ୍ଠସ୍ଥଳୀ ପାଲଟିଛି ବାରିପଦା ସହର ଶୁନଗଡିଆ ଅଞ୍ଚଳ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗର ଏକ ଟିମ୍ ଶନିବାର ଚଢ଼ାଉ କରି ୨୬ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହାସହ ମୁଖ୍ୟ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଅଜୟ ମୁଖି(୨୬)। ଏନେଇ ଏକ ମାମଲା (ନଂ.୧୬୭/୨୨) ରୁଜୁ କରି ବେପାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ତଦନ୍ତ ଜାରି ରଖିଛି।

ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶ କ୍ରମେ ସଦର ସବ୍ ଇନ୍ସପେକ୍ଟର ବିଶ୍ୱଜିତ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ସକାଳେ ଚଢ଼ାଉ କରିଥିଲା। ଅବକାରୀ କର୍ମଚାରୀମାନେ ପହଞ୍ଚିବା ଦେଖି ବ୍ରାଉନସୁଗାର ବିକ୍ରି କରୁଥିବା ଅନ୍ୟ ଅଭିଯୁକ୍ତମାନେ ଖସି ପଳାଇଥିଲେ। ଧଳା ଜହର କାରବାରରେ ମୁଖ୍ୟ ଡିଲର ବୋଲାଉଥିବା ଅଜୟଙ୍କୁ ଅବକାରୀ ଟିମ୍ କାବୁ କରିଥିଲା। ତାଙ୍କଠାରୁ ଜବତ କରାଯାଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏଏସ୍‌ଆଇ ହେମନ୍ତ ପାତ୍ର, ଅରୁଣ ରାଜ ତରାଇ, ପ୍ରଭାତୀ ମଲ୍ଲ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ବିଳମ୍ବିତ ରାତି ଯାଏ ଚାଲିଥିଲା ରେଭ୍ ପାର୍ଟି



**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

### ରିସର୍ଟ ମାଲିକ ସମେତ ୨ ଗିରଫ

- ନିଶାରେ ନାଚୁଥିଲେ ୫୦ରୁ ଊର୍ଦ୍ଧ୍ୱ ଯୁବତୀ, ଯୁବକ
- ୨୦ ଲିଟର ମଦ ଜବତ

ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅନ୍ତର୍ଗତ ପାଣିଓରା ଛତାବରସ୍ଥିତ ହାପି ମୋମେଣ୍ଟ୍ସ ରିସର୍ଟରେ ବେଆଇନ ଭାବେ ବିଳମ୍ବିତ ରାତିଯାଏ ଚାଲିଥିଲା ରେଭ୍ ପାର୍ଟି। ଜମିଥିଲା ବିଦେଶୀ ମଦର ଆସର। ରଙ୍ଗିନ ଆଲୁଅରେ ଡିଜେ ମ୍ୟୁଜିକ୍‌ର ତାଳେ ତାଳେ ନିଶାରେ ଝୁମି ଚାଲିଥିଲେ ୫୦ରୁ ଅଧିକ ଯୁବତୀଯୁବକ। ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ରିସର୍ଟ ମାଲିକ ଆୟୋଜନ କରିଥିଲେ ଏହି ରେଭ୍ ପାର୍ଟି। ଚନ୍ଦକା ଥାନା ପୋଲିସ ରାତି ପ୍ରାୟ ୪ଟାରେ ଉକ୍ତ ରସର୍ଟରେ ଅତର୍କିତ ଚଢ଼ାଉ କରି ମାଲିକ ଓ ରୋଷେୟାଙ୍କୁ ଗିରଫ କରିଛି। ଏଥିସହ ଘଟଣାସ୍ଥଳରୁ ୪୦ କେନ୍ ମଦ (୨୦ ଲିଟର) ମଧ୍ୟ ଜବତ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ରିସର୍ଟ ମାଲିକ ତଥା ଶହୀଦନଗର ପ୍ଲଟ୍ ନଂ.ଏ-୧୨୦ରେ ରହୁଥିବା ଶିବ ପ୍ରସାଦ ପଟ୍ଟନାୟକ(୫୩)। ଅନ୍ୟଜଣେ ହେଲେ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ସୋଲାପୁର ଗ୍ରାମର ରାହୁଲ ମଲ୍ଲିକ (୩୦)। ଏନେଇ ଥାନାରେ ଏକ ମାମଲା ନଂ.୨୬୧/୨୦୨୨ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ପୋଲିସର ଚଢ଼ାଉ ଦେଖି ଯୁବତୀଯୁବକମାନେ ଛତ୍ରଭଙ୍ଗ ଦେଇଥିବାବେଳେ ଅନ୍ୟ କର୍ମଚାରୀମାନେ ଖସି ପଳାଇଥିଲେ।

ଏନେଇ ଚନ୍ଦକା ଥାନା ଅଧିକାରୀ ସୁରେନ୍ଦ୍ର ବଳ କହିଛନ୍ତି, ଘଟଣା ସଂକ୍ରାନ୍ତରେ ଅଧିକ ତଦନ୍ତ ଚାଲିଛି। କୋଭିଡ୍ କଟକଣା ଯୋଗୁ ହାପି ମୋମେଣ୍ଟ୍ସ ରିସର୍ଟକୁ ବନ୍ଦ କରାଯାଇଥିଲା। ପରେ କିଛି ମାସ ହେବ ସେଠାରେ ବିବାହ ଉତ୍ସବ କରାଯାଉଥିଲା। ହେଲେ ଶୁକ୍ରବାର ରାତିରେ ରେଭ୍ ପାର୍ଟି ଓ ମଦ ବେପାର ଚାଲିଥିବା ନେଇ ପାଟ୍ରୋଲିଂ ଟିମ୍ ଖବର ପାଇବା ପରେ ବିଳମ୍ବିତ ରାତିରେ ସେଠାରେ ଚଢ଼ାଉ କରିଥିଲୁ। ଏହା ଏକ ବେଆଇନ କାମ। ମାଲିକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପଦକ୍ଷେପ ନେଇଛୁ। ଯଦି ଆଗାମୀ ଦିନରେ ଏଭଳି କାର୍ଯ୍ୟ କିଏ କରେ ତା' ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ହେଲେ ମିଳିଥିବା ସୂଚନାନୁସାରେ, ଗତ କିଛିଦିନ ହେବ ଏହି ରିସର୍ଟରେ ରେଭ୍ ପାର୍ଟି ଚାଲିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଦେଶୀ ମଦ ସହ ଅନ୍ୟ ନିଶା କାରବାର ହେଉଥିଲା। ହେଲେ ପୋଲିସ ପୂର୍ବରୁ କିପରି ଜାଣିପାରିଲା ନାହିଁ ତାହାକୁ ନେଇ ପ୍ରଶ୍ନ ଉଠୁଛି।

## ୩ୟ ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

### ପୋଲିସ ଚାକିରି କରାଇ ଦେବା ନାଁରେ ୧.୪୭ କୋଟି ଠକେଇ ମାମଲା

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ପୋଲିସରେ ଚାକିରି କରାଇଦେବାକୁ କହି ୩୮ଜଣ ଆଶାୟୀଙ୍କଠାରୁ ୧.୪୭ କୋଟି ଟଙ୍କା ଠକିବା ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅପରାଧ ଶାଖା(ଇଓଡବ୍ଲ୍ୟୁ) ୩ୟ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତ ଜୟନ୍ତ ମହାନ୍ତିଙ୍କୁ ବାଲେଶ୍ୱର ଜିଲା ଚନ୍ଦନେଶ୍ୱରରୁ ଗିରଫ କରାଯିବା ପରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ମାମଲାରେ ବୈକୁଣ୍ଠ ନାଥ ନାଏକ, ଭୀମସେନ ମହାରଣାଙ୍କୁ ଗିରଫ କରାଯାଇଥିବାବେଳେ ଏବେ ଆଉ ଜଣେ ମଧ୍ୟ ଫେରାର ଅଛନ୍ତି।

ଠକେଇର ଶିକାର ହୋଇଥିବା ଚାକିରି ଆଶାୟୀ ବାଦଲ କୁମାର ରାଉଳଙ୍କ ଅଭିଯୋଗ ଅନୁଯାୟୀ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ପରିଚାଳିତ ପୋଲିସ୍ ସବ୍-ଇନ୍ସପେକ୍ଟର, ହାବିଲ୍‌ଦାର ଏବଂ ଡେପୁଟି ସୁବେଦାର ପଦ ପାଇଁ କମ୍ବାଇନ ପୋଲିସ ସେବା ପରୀକ୍ଷା-୨୦୧୩ ହୋଇଥିଲା। ଏହାର ଫଳାଫଳ ୨୦୧୬ ଡିସେମ୍ବରରେ ପ୍ରକାଶ ପାଇବା ସହ ମନୋନୀତ ପ୍ରାର୍ଥୀଙ୍କ ଅନ୍ତିମ ଯୋଗ୍ୟତା ତାଲିକା ଆସିଥିଲା। ଏହାପରେ ଅଭିଯୁକ୍ତମାନେ ଆଶାୟୀଙ୍କ ମଧ୍ୟରେ ଏକ ମିଥ୍ୟା ଧାରଣା ଜନ୍ମାଇବା ସହ ଉପରୋକ୍ତ ପରୀକ୍ଷାର ଦ୍ୱିତୀୟ ସପ୍ଲିମେଣ୍ଟାରି ତାଲିକା ବାହାରକୁ ଆସିବ ବୋଲି କହିଥିଲେ। ଏହା ଶୁଣିବା ପରେ ସାକ୍ଷାତ୍‌କାର ପରୀକ୍ଷାରେ ଯୋଗଦେଇଥିବା ଆଶାୟୀଙ୍କ ମଧ୍ୟରେ ଏକ ଆଶା ସଞ୍ଚାର ହୋଇଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ଭୀମସେନ ମହାରଣା ନିଜକୁ ଗୃହ ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଏବଂ ବୈକୁଣ୍ଠ ନାଏକ ଗୃହ ବିଭାଗର ଆସିଷ୍ଟାଣ୍ଟ ସେକ୍ସନ ଅଫିସର ଭାବେ ପରିଚୟ ଦେଇଥିଲେ। ଏପରି କି ବିଶ୍ୱାସ ଜନ୍ମାଇବା ଲାଗି ଅଭିଯୁକ୍ତ ବୈକୁଣ୍ଠ ସେମାନଙ୍କୁ ଆସିଷ୍ଟାଣ୍ଟ ସେକ୍ସନ ଅଫିସରର ନକଲି ପରିଚୟ କାର୍ଡ ଦେଖାଇଥିଲେ। ଏହାପରେ ଆଶାୟୀମାନଙ୍କୁ ୫ ରୁ ୬ ଲକ୍ଷ ଟଙ୍କା ଲେଖାଏ ଦେବାକୁ କହିଥିଲେ। ଫଳରେ ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ ରଖି ଅଭିଯୋଗକାରୀ ସମେତ ମୋଟ ୩୮ ଜଣଙ୍କଠାରୁ ୨୦୨୦ ମେ'ରୁ ନଭେମ୍ବର ମଧ୍ୟରେ ଅଭିଯୁକ୍ତମାନେ ୧.୪୭ କୋଟି ଟଙ୍କା ନେଇଥିଲେ। ଏହି ରାଶି ଉଭୟ ଆକାଉଣ୍ଟ ଏବଂ ନଗଦ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ହେଲେ ଚାକିରି ନାମରେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଆଶାୟୀମାନେ ଇଓଡବ୍ଲ୍ୟୁ ନିକଟରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଆଇପିସି ଦଫା ୪୧୯, ୪୨୦, ୪୬୭, ୪୬୮, ୪୭୧,୧୨୦(ବି)ରେ ଏକ ମାମଲା(ନଂ. ୧୫/୨୦୨୧) ରୁଜୁ କରି ପ୍ରଥମେ ୨ଜଣଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତ ଭୀମସେନ ଜଣେ ଉଚ୍ଚଶିକ୍ଷା ବିଭାଗର ସିନିୟର ଗ୍ରେଡ୍ ରେକର୍ଡର ଭାବରେ ଅବସର ନେଇଥିବା ଜଣାପଡିଥିଲା। ସେହିପରି ବୈକୁଣ୍ଠଙ୍କ ଘରେ ଖୋଜାଖୋଜି ବେଳେ ୧୨ଟି ଏଟିଏମ୍ କାର୍ଡ ଏବଂ ଏଏସ୍‌ଓର ନକଲି ଆଇଡି କାର୍ଡ ସମେତ ଅନେକ ଅପରାଧୀ ଦଲିଲ ଜବତ କରାଯାଇଥିବା ସହ ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରାଯାଇଥିଲା।




## ପିଜି ବଳକା ସିଟ୍ ନାମଲେଖା ଆରମ୍ଭ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ ଖାଲି ପଡ଼ିଥିବା ପିଜି ସିଟ୍‌ରେ ନାମଲେଖା ଶନିବାରଠାରୁ ଆରମ୍ଭ ହୋଇଛି। ଏହା ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିଭଳି ୨୧ତାରିଖ ମଧ୍ୟରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ନାମଲେଖା ସମ୍ପର୍କିତ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଗତ ୧୭ ତାରିଖରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି। ତେବେ ସିଟ୍ ବଳକା ପଡ଼ିବାରୁ ପୁନର୍ବାର ଆବେଦନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଗତ ୧ରୁ ୩ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିଥିଲେ। ଶୁକ୍ରବାର ଅପରାହ୍ନ ୨ଟାରେ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କ ଏକକ ପିଜି ପ୍ରବେଶିକା ପରୀକ୍ଷା ଫଳ ସହିତ କ୍ୟାରିୟର ମାର୍କକୁ ମିଶାଇ ମୋଟ ମାର୍କର ତାଲିକା ପ୍ରକାଶ ପାଇଥିଲା।

## ଭାଗ୍ୟ ବଦଳାଉଛି ତେଲିଆ ମାଛ



ବିରଳ ପ୍ରଜାତିର ତେଲିଆ ଭୋଲା ମାଛ।

**ଭୋଗରାଇ, ୫।୧୧(ଡି.ଏନ୍.ଏ.)**

### ୩୬ କେଜି ମାଛ ୨ଲକ୍ଷ ୭୩ ହଜାରରେ ନିଲାମ

ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ଗଭୀର ସମୁଦ୍ର ଉପକୂଳରୁ ଶନିବାର ୩୬ କେଜିର ଏକ ବିରଳ ପ୍ରଜାତିର ତେଲିଆ ଭୋଲା ମାଛ ବଙ୍ଗୀୟ ମତ୍ସ୍ୟଜୀବୀଙ୍କ ଜାଲରେ ପଡିଥିଲା। ଏହି ମାଛକୁ ଦୀଘା ମୁହାଣ ଆନ୍ତର୍ଜାତିକ ମାଛ ବିକ୍ରି କେନ୍ଦ୍ରକୁ ଅଣାଯାଇ ନିଲାମ କରାଯାଇଛି। ଉକ୍ତ ମାଛକୁ କେଜି ପ୍ରତି ୭ହଜାର ୫ଶହରେ ନିଲାମ ହୋଇ କୋଲକାତା ସାନ୍ ଆଣ୍ଡ କମ୍ପାନୀ ୨ଲକ୍ଷ ୭୦ହଜାରରେ କିଣି ନେଇଥିବା ଜଣାପଡିଛି। ୨୯।୧।୨୨ରେ ଏକ ଟ୍ରଲରରେ ୧୨୧ଟି ତେଲିଆ ଭୋଲାକୁ ୨କୋଟି, ୯।୧୦।୨୦୨୨ରେ ୨୮ମାଛକୁ ୩୫ଲକ୍ଷ ଟଙ୍କା ବିକ୍ରି କରାଯାଇଥିବା ବେଳେ ୪।୭।୨୦୨୧ରେ ୬୨ଟି ମାଛକୁ ୧କୋଟି, ୨୭।୧୦।୨୧ରେ ୩୨ଟିକୁ ୬୦ଲକ୍ଷ ବିକ୍ରି କରାଯାଇଥିଲା। ଏହି ମାଛରେ ଔଷଧ ତିଆରି ହେଉଥିବା କୁହାଯାଉଛି।

## ତିହିଡ଼ିରେ ନିର୍ବାଚନୀ ହିଂସା

- ସଂଘବଦ୍ଧ ଆକ୍ରମଣରେ ୩ ଆହତ
- ଖପରପଦାରେ ପୋଡ଼ିଦେଲେ ଘର
- ମହିଳାଙ୍କୁ ମାଡ଼ ମାରିବା ନେଇ ଭିଡିଓ ଭାଇରାଲ

**ଭଦ୍ରକ ଅଫିସ, ୫।୧୧**

ଧାମନଗର ଉପନିର୍ବାଚନ ସରିବାର ଦିନକ ପରେ ବିଭିନ୍ନ ସ୍ଥାନରେ ରାଜନୈତିକ ହିଂସା ଦେଖିବାକୁ ମିଳିଛି। ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ତଳଗୋପବିନ୍ଧା, ଖପରପଦା ଓ ବୋଡ଼କ ପଞ୍ଚାୟତରେ ଏହି ହିଂସା ଘଟିଛି। ତଳଗୋପବିନ୍ଧା ଓ ବୋଡ଼କରେ ସଂଘବଦ୍ଧ ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତି ୮ଟା ବେଳେ ତଳଗୋପବିନ୍ଧା ପଞ୍ଚାୟତ ପାଇକସାହିର ଶଶିକାନ୍ତ ଜେନାଙ୍କ ଦୋକାନରୁ ସେହି ଗ୍ରାମର କେତେଜଣ ବ୍ୟକ୍ତି ଜିନିଷ କିଣି ଟଙ୍କା ଦେଇ ନ ଥିଲେ। ସେ ଟଙ୍କା ମାଗିବାରୁ ସେମାନେ ଗାଳିଗୁଲଜ କରିବା ସହ ତାଙ୍କୁ ତଳେ ପକାଇ ମାଡ ମାରିଥିଲେ। ସେମାନେ ତାଙ୍କ ମୁଣ୍ଡକୁ ଲୁହାରଡ଼୍‌ରେ ପିଟି ଫଟାଇ ଦେଇଥିବା ଶଶିକାନ୍ତ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୪୫୦/୨୨) ରୁଜୁ ହୋଇଛି। ଆକ୍ରମଣରେ ଆହତ ଶଶିକାନ୍ତ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଶଶିକାନ୍ତଙ୍କ ଦୋକାନ ପାଖରେ ଉପସ୍ଥିତ ଥିବା ବାବାଜୀ ବେହେରାଙ୍କୁ ମଧ୍ୟ ଆକ୍ରମଣକାରୀମାନେ ଗାଳିଗୁଲଜ କରିଥିଲେ। ତାଙ୍କ ଝିଅ ସଞ୍ଜିବନୀ ପହଞ୍ଚି ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଥିରେ ଆହତ ସଞ୍ଜିବନୀ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏନେଇ ସେ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଚଳିତ ଉପନିର୍ବାଚନରେ ଭୋଟ୍‌କୁ କେନ୍ଦ୍ରକରି ଏଭଳି ଆକ୍ରମଣ କରାଯାଇଥିବା ବେଳେ ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ତପନ କୁମାର ପ୍ରଧାନ କହିଛନ୍ତି।



ଆହତ ଶଶୀକାନ୍ତ ଜେନା ଓ ସଞ୍ଜିବନୀ ବେହେରା।

ସେହିପରି ଖପରପଦାର ଡମ୍ବରୁଧର ସେଠୀଙ୍କ ପୁଅ ସୁଜଳ ତାଙ୍କ ଘର ପୋଡ଼ି ଦିଆଯାଇଥିବା ନେଇ ଶନିବାର ଧୂଷୁରୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ନିର୍ବାଚନ ଦିନ ତାଙ୍କ ସମ୍ପର୍କୀୟ ବୁଢ଼ୀମା' ଭୋଟ ଦେବା ପାଇଁ ସୁଜଳଙ୍କୁ ସାଙ୍ଗରେ ନେଇ ବୁଥ୍‌କୁ ଯାଇଥିଲେ। ବୁଥ୍ ଭିତରେ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀମାନେ ତାଙ୍କୁ ଭୋଟ୍ ଦେବାରେ ବିରୋଧ କରିବା ସହ ତାଙ୍କ ବୁଢ଼ୀମା'ଙ୍କ ଭୋଟ ନିଜେ ଦେଇଥିଲେ। ସୁଜଳ ପ୍ରତିବାଦ କରିବାରୁ ସେମାନେ ଗାଳିଗୁଲଜ କରିଥିଲେ। ଶୁକ୍ରବାର ରାତିରେ ଘରେ କେହି ନ ଥିବା ବେଳେ ତାଙ୍କ ଘର ପୋଡ଼ି ଦିଆଯାଇଛି। ଏନେଇ ଥାନାରେ ମାମଲା (ନଂ. ୩୫୮/୨୨) ରୁଜୁ ହୋଇଛି। ଶନିବାର ସକାଳେ ଡମ୍ବରୁଧରଙ୍କ ସମ୍ପର୍କୀୟ ଦଶରଥ ସେଠୀଙ୍କ ଝିଅ ଗୁରୁବାରୀ ଓ ସରପଞ୍ଚଙ୍କ ପୁଅ ଗୌରବ ସାହୁଙ୍କ ମଧ୍ୟରେ ଟଣାଓଟରା ହେବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଗୌରବ ତାଙ୍କୁ ଟଣାଓଟରା କରିବା ସହ ମାଡ଼ ମାରିଥିବା ନେଇ ଗୁରୁବାରୀଙ୍କ ଅଭିଯୋଗକ୍ରମେ ଧୂଷୁରୀ ଥାନାରେ ମାମଲା (ନଂ.୩୫୯/୨୨) ରୁଜୁ କରାଯାଇଛି। ଅପରପକ୍ଷେ ଗୁରୁବାରୀ ଓ ତାଙ୍କ ଭାଇ ଟଣାଓଟରା କରିଥିବା ଗୌରବ ପାଲଟା ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ପୋଲିସ ଅନ୍ୟ ଏକ ମାମଲା (ନଂ.୩୬୦/୨୨) ରୁଜୁ କରିଛି। ତେବେ ଘର ପୋଡ଼ି ଦିଆଯିବା ପରେ ଏହି ପରିବାର ଲୋକେ ଆମ ଗାଁ ଆମ ବିକାଶ ଗୃହରେ ଆଶ୍ରୟ ନେଇଥିବା ବେଳେ ଏଭଳି ଘଟଣା ଘଟିଥିବା ଭିଡିଓରେ ଦେଖିବାକୁ ମିଳିଛି।

ବୋଡ଼କ ପଞ୍ଚାୟତ ଅଣ୍ଡରାଇ ଗାଁର ଭାଜପା କର୍ମୀ ପୀତାମ୍ବର ନାୟକ ଶନିବାର ସକାଳେ ସ୍ଥାନୀୟ ବଜାରରେ ଚା' ପିଉଥିବା ବେଳେ ବିଜେଡି କର୍ମୀ ରାଣାପ୍ରତାପ ନାୟକଙ୍କ ସହ ବଚସା ହୋଇଥିଲା। ଏହି ବଚସାକୁ ନେଇ ପରେ ମଧ୍ୟାହ୍ନରେ ଘର ପାଖରେ ପୀତାମ୍ବରଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏଥିରେ ପୀତାମ୍ବର ଆହତ ହୋଇ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏନେଇ ପୀତାମ୍ବରଙ୍କ ସ୍ତ୍ରୀ ବବିତାଙ୍କ ଅଭିଯୋଗ କ୍ରମେ ତିହିଡ଼ି ଥାନାରେ ମାମଲା (ନଂ. ୪୫୧/୨୨) ରୁଜୁ କରାଯାଇଛି। ଅପରପକ୍ଷେ ରାଣାପ୍ରତାପଙ୍କ ସ୍ତ୍ରୀ ରଶ୍ମିରେଖାଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୪୫୨/୨୨) ରୁଜୁ ହୋଇଛି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୌମିତ୍ରା
ପରିବାରବର୍ଗ


ଶ୍ରୀମତୀ ସରିତା
ପରିବାରବର୍ଗ


ସରିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ଆଜିର ମନ୍ତବ୍ୟ**

“ ଭାରତୀୟମାନେ ବୁଦ୍ଧିମାନ। ଆଗମୀ ଦିନରେ ବିକାଶ କ୍ଷେତ୍ରରେ ଭାରତ ଆଶାନୁରୂପ ସଫଳତା ହାସଲ କରିବ। - **ଭ୍ଲାଡିମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି**

# classifieds Everyday
0674-2580101, 2549302




**BRIDE WANTED**

୩୦ ବର୍ଷୀୟ ବ୍ରାହ୍ମଣ ପାତ୍ର ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ISHRO)ରେ ବାଙ୍ଗାଲୋରଠାରେ ବୈଜ୍ଞାନିକ ଭାବରେ କାର୍ଯ୍ୟରତ। ଉକ୍ତ ପାତ୍ର ପାଇଁ ବାଙ୍ଗାଲୋର ଠାରେ କାର୍ଯ୍ୟରତ ଥିବା ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। Mob: 9937241769, 8847815278. D-1932

**GROOM WANTED**

Searching Kaibarta Groom in Bhubaneswar for Very Fair Kaibarta Bride. Contact Brother (IAS Faculty) Mob.: 9990161440. D-1902

Beautiful Khandayat Girl 25+/ B.tech/ Govt Engineer 'Suhag'. 9938199964, 9090486408. D-1936

ବୟସ- 38, Government Job କରୁଥିବା ସୁନ୍ଦର divorce ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7894489867. D-1937

Govt. ଚାକିରିଆ 33 ବୟସ୍କା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 9124023134. D-1935




**SALE**

**CAR SALE: 2015 Excellent condition Audi Q3 top model for sale Rs.-12,80,000/- contact Owner- 9040026465 (BABU BHAI).** D-1809




**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200 mtr.** ଦୂରତାରେ **BDA yellow zone** ପ୍ଲଟ୍ **Boundary** ସହ ମିଳୁଛି । **7848882166.** D-74142

Bhubaneswar Old Town Keutasahi Chhakaରେ 2BHK flat ବିକ୍ରିହେବ। First Floor immediate sale, fully furnished, contact: 8895308301, 8895748762. D-71858

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

BDA approved Duplex project at Retang Medical, Station, Near CV Raman University, Tamando, Bhubaneswar @44,00,000/-,. 7008459987. D-74143

ଭୁବନେଶ୍ୱର ଗ୍ୟାରେଜ ଛକରେ **30** ରୋଡ୍ ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। **9827119799.** D-1883

Area 803 sqft, 1 BHK for Sale, 1st floor fully Furnished flat with balcony @1000 Sands, Empires Hotel, Puri. Contact +91 9330967266. D-1942

**Developed Plot sale with 30ft. Road Demarcation, Boundarywall, Electricity infront of ASBM College, Chandaka, BBSR. Cost@ 1200/-per sqft. 9938867397.** D-1921

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

**6BHK Triplex 56,00,000/- finishing Hanspal, 3BHK Duplex core house Balianta. 8093465134.** D-1925

**Residential gharabari plot at Brahmanjharilo Cuttack with boundarywall, Electripole, inside Temple on Bank Loan facilities near English Medium High school 6k.m. from Phulnakhara, 11k.m. from Bhubaneswar. 7809525452.** D-73990

BDA yellowzone plot for immediate sale, AMRI Hospital, Khandagiri. 9348767829. D-74147

**Plot sale: 5000sqft. (50ft.x100ft.) Premium Semi commercial gharabari, yellowzone, Sthitiban single patta owner plot for sale, just 3RD plot from Dhauli-Uttara NH at Bhargavi Bihar. Price-2400/- per sqft.. Contact direct Owner- 9853926464. (BABU BABU).** D-1808

New 3Bedroom flat at Ghatikia AG Colony, Bhubaneswar for sale. 8480204021. D-1926

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1866

Luxurious 4BHK Duplex near Balianta Bazar. Land-1400, Construction- 2200- 85 Lakh. 9938219397, 9861022055. D-1885

**Duplex sale at Bhubaneswar @45 lakhs only- 9777433701, 9439206202.** D-74144

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127




**Office space 2175sqft. fully furnished office alongwith at 5, Janpath, Unit-3, Kharabela nagar behind Kalsi Petrolpump, Bhubaneswar -751001. Facilities available 12 split AC, 36 workstations, toilet, pantry, server room, lift, parking for 2wheelers. Security deposite for 6months rent at 4th floor. Contact -9437001845.** D-73356

3Bedrooms with 2Toilets, Dining and Drawing, Balcony and Kitchen for Tolet, IRC Village, Nayapalli, Bhubaneswar. Contact No.- 7381035667. D-73890

**A Clinical establishment with 5Bed, Minor and Major OT on rent near Care Hospital, Bhubaneswar. 9937000624, 9438080874.** D-73987

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73994

SPA massage at Bhubaneswar. Apartment home service. Ph- 9337672475. D-1938

**Relax, Refresh your body, Mind at Saikrupa Spa with best therapies. 8984068077.** D-1863




Practitioners Registration- BAMS, BHMS, BUMS, D.Pharma, GNM.9893869473. D-1915




ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177. D-74302

**AFFIDAVIT**

I Sri Manmohan Jain. S/o- Ram Meher Jain aged about 42 years resident or Post, Village- Jharigam, Dist.- Nabarangpur do hereby solemnly affirm on oath and state as follows: 1. The Date of Birth of my son KRISH JAIN as per 10th Board Certificate is wrongly mentioned as 03.06.2006 which may be read as 06.03.2006 as per the Aadhaar Card. This affidavit is filed before the concened authority and will be applicable for all Official purpose. D-1941

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଥମ ପୃଷ୍ଠାରୁ...**

## ଦୟାକୁ ନେଇ ...

ଏବଂ ଚିଲିକା ହ୍ରଦକୁ ଜଳ ଯୋଗାଇଦେଉଥିବା ଦୟାନଦୀକୁ ହଟାଇ ଦେଇଛନ୍ତି। ନଦୀ ଜଳ ବିଶେଷଜ୍ଞମାନେ ଦୟାନଦୀକୁ ମହାନଦୀରୁ ପୃଥକ ଦର୍ଶାଇବା ନିଷ୍କର୍ଷରେ ପହଞ୍ଚିବା ପାଇଁ ଏକ ଗାଣିତିକ ସୂତ୍ରର ବ୍ୟବହାର କରିଛନ୍ତି। ବିଶେଷଜ୍ଞମାନଙ୍କ ଏହି ନିଷ୍ପତ୍ତିକୁ ଉଭୟ ରାଜ୍ୟ ବିରୋଧ କରିଛନ୍ତି। ଓଡ଼ିଶା ଦୟା ନଦୀକୁ ମହାନଦୀ ଅଂଶ ଭାବେ ଦାବି କରୁଥିବାବେଳେ ଛତିଶଗଡ଼ ଶିବନାଥକୁ ମହାନଦୀ ବେସିନ ଭାବେ ଦାବି କରୁଛି। ମହାନଦୀ ଟ୍ରିବ୍ୟୁନାଲ ୨ ବର୍ଷ ପରେ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ଭାବେ ବୈଠକ ଡାକିଛନ୍ତି। ପୂର୍ବରୁ କୋଭିଡ୍-୧୯ ପାଇଁ ଭର୍ଚୁଆଲ ମୋଡ୍‌ରେ ଟ୍ରିବ୍ୟୁନାଲ ମାମଲାର ଶୁଣାଣି କରୁଥିଲେ। ସାକ୍ଷ୍ୟ ଭାବେ ମହାରାଷ୍ଟ୍ରକୁ ଏକ ସତ୍ୟପାଠ ଦାଖଲ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ମହାନଦୀ ଉପତ୍ୟକାକୁ ନେଇ କେନ୍ଦ୍ରୀୟ ସଂସ୍ଥାଗୁଡିକରୁ ସଂଗ୍ରହ କରିଥିବା ପ୍ରମାଣପତ୍ର ଦାଖଲ କରିବାକୁ ଟ୍ରିବ୍ୟୁନାଲ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରୀୟ ସଂସ୍ଥାରୁ ଆହୁରି ଅନେକ ନଥିପତ୍ର ପାଇବାକୁ ବାକି ରହିଛି ବୋଲି ଛତିଶଗଡ଼ ପକ୍ଷରୁ ଟ୍ରିବ୍ୟୁନାଲଙ୍କୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ଆନ୍ତଃ ରାଜ୍ୟ ଜଳ ବିବାଦର ସମାଧାନ ପାଇଁ ସମ୍ପୃକ୍ତ ପକ୍ଷମାନେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କଲେ ସମ୍ବିଧାନର ଅନୁଚ୍ଛେଦ ୨୬୨ ଅନୁସାରେ ଟ୍ରିବ୍ୟୁନାଲ ଗଠନ କରାଯାଇପାରିବ। ତଦନୁଯାୟୀ ମହାନଦୀ ଜଳ ବିବାଦର ସମାଧାନ ଲାଗି ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୮ ଜାନୁୟାରୀ ୨୩ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସେହି ବର୍ଷ ମାର୍ଚ୍ଚ ୧୨ରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ (ଏମ୍‌ଡବ୍ଲ୍ୟୁଡିଟି) ଗଠିତ ହୋଇଛି। ଇଣ୍ଟର-ଷ୍ଟେଟ୍ ରିଭର ୱାଟର ଡିସ୍‌ପ୍ୟୁଟ୍ ଆକ୍ଟ, ୧୯୫୬ (ଧାରା ୪) (୧) ବଳରେ ଗଠିତ ଏହି ଟ୍ରିବ୍ୟୁନାଲରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଅଧ୍ୟକ୍ଷତା କରୁଛନ୍ତି। ଟ୍ରିବ୍ୟୁନାଲ ଗଠନର ସାଢ଼େ ୪ ବର୍ଷ ପରେ ମଧ୍ୟ ଏହି ଦୀର୍ଘ ବିବାଦର ସମାଧାନ ହୋଇପାରି ନାହିଁ। ୨୦୨୧ ମାର୍ଚ୍ଚ ୧୨ରେ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଶେଷ ହୋଇଥିବାବେଳେ ଏହାର ଅବଧିକୁ ଆଉ ୨ ବର୍ଷ ଅର୍ଥାତ୍ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପ୍ରକାଶ ଯେ, ଓଡ଼ିଶା ସରକାର ଗତ ବର୍ଷ ଡିସେମ୍ବର ସୁଦ୍ଧା ଟ୍ରିବ୍ୟୁନାଲ ବାବଦକୁ ୬.୫୬ କୋଟି ଟଙ୍କା ଖର୍ଚ୍ଚ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢବଧାନ**
**ଆଗ ଭାରିଯାକୁ ଛାଡ଼ପତର**
**ପଛ ଭାରିଯାକୁ ସାବଧାନ ।**

କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ପଡି ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିବା ନିଜ ସ୍ତ୍ରୀକୁ ତ୍ୟାଗକରି ବସୁଥିବା ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ପ୍ରେମ ଆସକ୍ତିରେ ପଡି ପୁନଶ୍ଚ ବିବାହ କରୁଥିବା ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀର ଆନ୍ତରିକତା ପ୍ରତି ଅଧିକ ସଚେତନ ହେବା ବିଧେୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜାମିନି ହୋଇଛି ଦବା ପାଇଁ**
**ଗଛରେ ଚଢ଼ିଛି ମରିବା ପାଇଁ ।**

ସାଧାରଣତଃ ଜାମିନମାନେ ବ୍ୟକ୍ତିଗତ ମୁଚାଲିକା ମାଧ୍ୟମରେ କୋର୍ଟରୁ ଲୋକକୁ ଆଣିଥାନ୍ତି। ଦୋଷୀ କୋର୍ଟରେ କି ଥାନାରେ ହାଜର ନହେଲେ ଜାମିନଦାର ଦାୟୀ ରହିଥାଏ। ହାଜିର ହୋଇ କୈଫିୟତ ଦେବାକୁ ଦୌଡ଼ିଥାଏ। ପରୋକ୍ଷରେ ସରଳ ମନରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## ବିମାନରେ ଉଡ଼ିଲେ ...

ତାଙ୍କର ବିମାନ ଯାତ୍ରାରେ ବାଧକ ସାଜିଥିଲା। ତେବେ ତୁର୍କିସ୍ ଏୟାରଲାଇନ୍ସ ଏକ ବିମାନରେ ସ୍ୱତନ୍ତ୍ର ସୁବିଧା କରି ତାଙ୍କ ଆକାଶରେ ଉଡ଼ିବା ସ୍ୱପ୍ନକୁ ସାକାର କରିଛି। ପ୍ରତ୍ୟେକ ଖରାପ ଜିନିଷକୁ ଏକ ସକାରାତ୍ମକ ସୁଯୋଗରେ ପରିବର୍ତ୍ତିତ କରାଯାଇପାରେ। ତେଣୁ ବାସ୍ତବତାକୁ ସ୍ୱୀକାର କରି ନିଜ ପାଇଁ ସବୁ ସମ୍ଭାବନା ଅନ୍ୱେଷଣ କରିବା ଉଚିତ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି। ୨୫ ବର୍ଷୀୟା ରୁମେୟସା ଜୀବନରେ ପ୍ରଥମ ଥର ପାଇଁ ବିମାନ ଯାତ୍ରା କରିଛନ୍ତି। ଏଥିଲାଗି ତୁର୍କିସ୍ ଏୟାରଲାଇନ୍ସକୁ ୬ଟି ସିଟ୍ ଖୋଲି ଏକ ସ୍ପେଶାଲ ରୁମ୍ ତିଆରି କରିବାକୁ ପଡ଼ିଥିଲା। ତାଙ୍କୁ ଏକ ଷ୍ଟ୍ରେଚରରେ ଶୁଆଇ ବିମାନରେ ନିଆଯାଇଥିଲା। ସେ ନିଜ ପ୍ରଥମ ବିମାନ ଯାତ୍ରାର ଅନୁଭୂତି ସମ୍ପର୍କରେ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ତୁର୍କୀର ଇସ୍ତାନବୁଲରୁ ଆମେରିକାର ସାନ୍ ଫ୍ରାନ୍ସିସ୍କୋ ପର୍ଯ୍ୟନ୍ତ ଯାତ୍ରା ପାଇଁ ୧୩ ଘଣ୍ଟା ଲାଗିଥିଲା। ଟେକ୍ନୋଲୋଜି ସେକ୍ଟରରେ କାର୍ଯ୍ୟରତ ରୁମେୟସା କହିଛନ୍ତି, ଆମେରିକାରେ ସେ ୬ ମାସ ରହିବେ। ଏହା ଭିତରେ ସେ କ୍ୟାରିୟରରେ ଉନ୍ନତି ଲାଗି ଅଧିକ ସୁଯୋଗ ମିଳିବ ବୋଲି ବେଶ୍ ଆଶାବାଦୀ। ସୁଖଦ ବିମାନ ଯାତ୍ରାକୁ ସଫଳ କରାଇଥିବାରୁ ସମସ୍ତଙ୍କୁ ସେ ନିଜ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଧନ୍ୟବାଦ ଦେଇଛନ୍ତି। ଏଥିରେ ସେ ଲେଖିଛନ୍ତି, ଏହା ମୋର ପ୍ରଥମ ବିମାନ ଯାତ୍ରା ଥିଲା, କିନ୍ତୁ ଶେଷ ନୁହେଁ। ରୁମେୟସାଙ୍କ 'ଥ୍ୟାଙ୍କ୍ ୟୁ ଲେଟର'ର ଉତ୍ତରରେ ତୁର୍କିସ୍ ଏୟାରଲାଇନ୍ସ ଲେଖିଛି, ଭବିଷ୍ୟତରେ ମଧ୍ୟ ଯଥାସମ୍ଭବ ସହଯୋଗ କରିବୁ।

## ଧାମନଗର ଭୋଟ ...

୨୫୨ଟି ବୁଥ୍‌ରୁ ଫେରିଥିବା ଇଭିଏମ୍ ଭୋଟଗୁଡ଼ିକୁ ସମୁଦାୟ ୧୮ଟି ରାଉଣ୍ଡରେ ଗଣତି କରାଯିବ। ଶେଷରେ ଭିଭିପାଟ୍ ସ୍ଲିପ୍‌ଗୁଡ଼ିକୁ ଗଣନା କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରକାରର ଗଣତି କାର୍ଯ୍ୟ କରାଯିବ। ପ୍ରତ୍ୟେକ କାଉଣ୍ଟିଂ ଟେବୁଲ୍ ପାଇଁ ଜଣେ କାଉଣ୍ଟିଂ ସୁପରଭାଇଜର ଓ ଜଣେ କାଉଣ୍ଟିଂ ଆସିଷ୍ଟାଣ୍ଟ ନିଯୁକ୍ତ ହୋଇଛନ୍ତି। ଏହାଛଡ଼ା ଜଣେ କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କୁ ମାଇକ୍ରୋ ଅବଜରଭର ଭାବେ ନିଯୁକ୍ତ କରାଯାଇଛି। ଭୋଟଗଣନାର ପ୍ରତ୍ୟେକ ରାଉଣ୍ଡର ଫଳାଫଳ ଜନସାଧାରଣଙ୍କୁ ଜଣାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସହ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତ୍ରିସ୍ତରୀୟ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଇଭିଏମ୍‌ଗୁଡ଼ିକୁ ରଖାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି। ଭୋଟଗଣନା କେନ୍ଦ୍ରଠାରେ ଫଳାଫଳ ଜାଣିବା ନିମନ୍ତେ ମାଇକ ଦ୍ୱାରା ପ୍ରଚାର କରାଯିବାର ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଫଳାଫଳ results.eci.nic.in ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ହେବ।

## ଡିସେମ୍ବର ୫ରେ ପଦ୍ମପୁର ...

ମୃତ୍ୟୁ ପରେ ଏହି ଆସନଟି ଖାଲି ପଡ଼ିଛି। ଏହି ଉପନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨ରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ବରିହାଙ୍କର ମୃତ୍ୟୁ ହୋଇଥିଲା। ୨୦୧୪ ବିଧାନସଭା ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବରିହା ବାଜି ମାରିଥିଲେ। ସେ ପଦ୍ମପୁର ଆସନରୁ ବିଜେଡି ଟିକେଟରେ ପୁଣି ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପଦ୍ମପୁର ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଯାଇଥିବାରୁ ଏବେ ସେଠାରେ ବିଜେଡି କାହାକୁ ପ୍ରାର୍ଥୀ କରିବ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଧାମନଗର ଉପନିର୍ବାଚନରେ ବିଜେଡିରେ ବିଦ୍ରୋହ ଦେଖାଯାଇଛି। ଅବନ୍ତୀ ଦାସଙ୍କୁ ବିଜେଡି ପ୍ରାର୍ଥୀ କରିବା ପରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଅସନ୍ତୋଷ ପ୍ରକାଶ କରିବା ସହ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପକ୍ଷରେ ୨୦୧୯ ବିଧାନସଭା ନିର୍ବାଚନରେ ପଦ୍ମପୁର ଆସନରୁ ଭାଜପା ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ନିର୍ବାଚନ ହାରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ଉପନିର୍ବାଚନରେ ଦଳ ପୁଣି ତାଙ୍କ ଉପରେ ଭରସା କରିବ ନା ଆଉ କାହାକୁ ପ୍ରାର୍ଥୀ କରିବ, ତାହା ଉପରେ ନଜର ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସପ୍ତମ କେନ୍ଦ୍ରସ୍ଥ ଗ୍ରହ ପ୍ରଭାବରୁ ଆକସ୍ମିକ ଭାବରେ ଯାତ୍ରା କରିବାକୁ ବାଧ୍ୟ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସହକର୍ମୀଙ୍କ ସହିତ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବାରେ କୌଣସି ଅସୁବିଧା ହେବ ନାହିଁ।

**ବୃଷ** ରବିଙ୍କ ଦୁର୍ବଳତାଜନିତ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଆଶା ନିରର୍ଥକ ହୋଇପାରେ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ। ତରବରିଆ କାମ ଯୋଗୁ ଦ୍ରବ୍ୟ ନଷ୍ଟ ହୋଇପାରେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ଅଳଙ୍କାର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମିଥୁନ** ଆକସ୍ମିକ ଆବଶ୍ୟକତା ପୂରଣ କରିବାକୁ ଯାଇ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ। ପ୍ରିୟଜନଙ୍କ ସହାୟତାରେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଳସ୍ୟ ଓ ଅବହେଳା ଯୋଗୁ କୌଣସି ସୁଯୋଗ ହାତଛଡ଼ା ହୋଇପାରେ। ଅନ୍ୟର ବିସ୍ମୟଜନକ କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି।

**କର୍କଟ** ମନ ଖୁସି ହେଲା ଭଳି କୌଣସି ଖବର ଅସମର୍ଥିତ ସୂତ୍ରରୁ ପାଇବେ। ଆର୍ଥିକ ସ୍ଥିତିରେ କ୍ରମ ଅବନତି ଯୋଗୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କୌଣସି ବ୍ୟକ୍ତି ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ** କର୍ମକ୍ଷେତ୍ରରେ ଇଚ୍ଛାବିରୁଦ୍ଧ କାମ କରି ଅନୁତାପ କରିବାକୁ ପଡ଼ିପାରେ। ନିଜର ଫାଇଦା ହାସଲ ସକାଶେ ବନ୍ଧୁବର୍ଗ ବିଭିନ୍ନ ଫନ୍ଦିଫିକର କରିପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ମିଥ୍ୟା ଭାଷଣରୁ ପଦସ୍ଥ ବ୍ୟକ୍ତି ସାମୟିକ ବିରକ୍ତି ପ୍ରକାଶ କରି ଆପଣଙ୍କୁ ବିରୋଧ କରିପାରନ୍ତି।

**କନ୍ୟା** ନିଜ ପରିସରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ଅସନ୍ତୋଷର ବାତାବରଣ ସୃଷ୍ଟି କରିପାରେ। କଠୋର ପରିଶ୍ରମ ଜନିତ ସନ୍ଧ୍ୟାରେ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଅନ୍ୟମାନଙ୍କ ସହଯୋଗରେ ଆଜିର ଅପରାହ୍ନରେ ଖୋଜୁଥିବା ଜିନିଷଟି ପାଇଯିବେ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ତୁଳା** ଦୀର୍ଘଦିନର ଆଶା ପୂରଣ ହେବା ଦିଗରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ବ୍ୟବସାୟ ଓ ବାଣିଜ୍ୟ, ପରିବହନାଦିରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। କାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ, ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

**ବିଛା** ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ହଠାତ୍ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ବିଶାଖା ନକ୍ଷତ୍ର ଉଚ୍ଚବର୍ଗଙ୍କ ସହାୟତା ପାଇବା ସକାଶେ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ମିତ୍ର ବନ୍ଧୁମାନଙ୍କ ଆବଶ୍ୟକ ସହଯୋଗ ହାସଲ କ୍ଷେତ୍ରରେ ସହାୟକ ହେବ।

**ଧନୁ** କର୍ମକ୍ଷେତ୍ରରେ ଫାଇଲ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ହେବ। ସହକର୍ମୀମାନଙ୍କ ସହଯୋଗ କାମ ହାସଲ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଆଲୋଚନା ପରିସରରେ ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମକର** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଆନନ୍ଦ ଅନୁଭବ କରିପାରନ୍ତି। ବନ୍ଧୁଙ୍କ ସହାୟତାରେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶା ସଫଳତା ଲାଭ କରିବ।

**କୁମ୍ଭ** ବାସସ୍ଥାନର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କଠୋର ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ସୃଷ୍ଟି କରିପାରେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଆବଶ୍ୟକସ୍ଥଳେ ପଡ଼ୋଶୀଙ୍କ ପରାମର୍ଶକୁ ଗ୍ରହଣ କଲେ ମନ୍ଦ ହେବନି।

**ମୀନ** ପାରିବାରିକ ପ୍ରତିରୋଧ ଯୋଜନାରମ୍ଭରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିବ। ଯାନ୍ତ୍ରିକ ତ୍ରୁଟି ଶୀଘ୍ର ଲକ୍ଷ୍ୟସ୍ଥଳକୁ ଯିବାରେ ସମସ୍ୟାର କାରଣ ହୋଇପାରେ। ସାମାଜିକ ସ୍ତରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଆତ୍ମୀୟସ୍ୱଜନଙ୍କ କୌଣସି ସମସ୍ୟା ଆପଣଙ୍କ ଶୁଭକାର୍ଯ୍ୟ ସମ୍ପନ୍ନ କ୍ଷେତ୍ରରେ ଆଶଙ୍କା ସୃଷ୍ଟି କରିବ।

ଆଜି ନଭେମ୍ବର ୬ ତାରିଖ, କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ରବିବାର, ଶ୍ରୀମନ୍ଦିରରେ ତ୍ରିବିକ୍ରମ ବା ଆଡ଼କିଆ ବେଶ, ଶିବୋତ୍ଥାପିନୀ ଚତୁର୍ଦ୍ଦଶୀ, ବଡ଼ଓଷା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ପଣ୍ଡିତ ନୀଳକଣ୍ଠ ଦାସଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୩୮ ଗତେ ଘ.୦୮।୫ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୨ ଗତେ ଘ.୦୫।୦୬ ମଧ୍ୟେ ରାହୁକାଳ।

# ରଦ୍ଦିରେ ବିକ୍ରି ହେଲା ପଢ଼ାବହି

- ଉଜ୍ଜ୍ୱଳ, ଉତ୍‌ଥାନ ଯୋଜନାରେ ମିଳିଥିଲା
- ପିଲାଙ୍କୁ ବଣ୍ଟା ଯାଇ ନ ଥିଲା
- ଶିକ୍ଷକ, ସିଆର୍‌ସିସି ଦୋଷ ଲଦାଲଦି


ରଦ୍ଦି କାଗଜ ବ୍ୟବସାୟୀ ବହିଗୁଡ଼ିକୁ ସାଇକେଲ୍‌ରେ ନେଉଛନ୍ତି।

ପାରାଦୀପ,୫।୧୧(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପାରାଦୀପ ବନ୍ଦର ସହରରେ ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଦିଆଯାଉଥିବା ବହିଗୁଡ଼ିକୁ ଶନିବାର ରଦ୍ଦିରେ ବିକ୍ରି କରାଯାଇଛି। ପାରାଦୀପ ନୂଆବଜାରସ୍ଥିତ ସଞ୍ଜୟ ଗାନ୍ଧୀ ସ୍କୁଲରେ ଏଭଳି ଘଟଣା ଘଟିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଜ୍ଜ୍ୱଳ ଓ ଉତ୍‌ଥାନ ଯୋଜନାରେ ମିଳିଥିବା ଏହି ବହିଗୁଡ଼ିକୁ ପିଲାଙ୍କୁ ବଣ୍ଟା ନ ଯାଇ ୪୦୦ ଟଙ୍କାରେ ବିକ୍ରି କରାଯାଇଛି। ଉକ୍ତ ବହିଗୁଡ଼ିକରେ ଉଇ ଲାଗିଯାଇଛି। ଏହି ସ୍କୁଲ ୫-ଟି ଅନ୍ତର୍ଗତ ମୋ ସ୍କୁଲ ଯୋଜନାରେ ସାମିଲ ହୋଇଛି। ଏହା ପାରାଦୀପର ଏକ କ୍ଲଷ୍ଟର ସ୍କୁଲ। କ୍ଲଷ୍ଟର ପରିଚାଳନା କରୁଥିବା ସିଆର୍‌ସିସି ଏହି ସ୍କୁଲ ପରିସରରେ ଗୋଟିଏ ପ୍ରକୋଷ୍ଠ ନେଇ ଅଫିସ କାର୍ଯ୍ୟ କରୁଛନ୍ତି। ବହିକୁ ରଦ୍ଦି ବେପାରୀଙ୍କୁ ବିକ୍ରି କରିବା ସମ୍ପର୍କରେ ପଚାରିବାରୁ ସିଆର୍‌ସିସି ଓ ଶିକ୍ଷକମାନେ ପରସ୍ପର ଉପରେ ଦୋଷ ଲଦାଲଦି ହୋଇଛନ୍ତି।

ଶନିବାର ପୂର୍ବାହ୍ନ ସମୟରେ ରଦ୍ଦି କାଗଜ ବେପାରୀ ରଘୁଆ ସାହୁ ଏହି ସ୍କୁଲରୁ ଉକ୍ତ ବହିଗୁଡ଼ିକୁ ନେଇ ଆସୁଥିବା ବେଳେ ତାଙ୍କୁ ପଚରାଯାଇଥିଲା। ଏ ସମ୍ପର୍କରେ ସେ କୁହନ୍ତି,ଏହି ବହିଗୁଡ଼ିକର ଓଜନ ୭୨ କିଲୋ ହେଲା। ଏଥିପାଇଁ ୪ ଜଣ ଦିଦି ଓ ଜଣେ ସାର୍ ମୋ ଠାରୁ ୪୦୦ ଟଙ୍କା ନେଇଛନ୍ତି। ଏ ସମ୍ପର୍କରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ପରିଡା କହିଛନ୍ତି, ସିଆର୍‌ସିସି ବହିଗୁଡ଼ିକୁ ରଖିଥିଲେ। ସେ ଉକ୍ତ ବହି ଗୁଡ଼ିକୁ ବିକ୍ରି କରିଥାଇପାରନ୍ତି। ଏ ବିଷୟରେ ସେ କିଛି ଜାଣିନାହାନ୍ତି। ଏ ପ୍ରସଙ୍ଗରେ ସିଆର୍‌ସିସି ସୁକାନ୍ତ ସ୍ୱାଇଁଙ୍କୁ ପଚାରିବାରେ କହିଥିଲେ, ଶିକ୍ଷକମାନେ ବହି ବିକ୍ରି କରିଛନ୍ତି। ଏପରିକି ଘଟଣାସ୍ଥଳରେ ସେମାନେ ପରସ୍ପରକୁ ଦୋଷ ଦେଇଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ପବିତ୍ର କର କହିଛନ୍ତି, ମୁଁ ମେଡିକାଲରେ ଅଛି କିଛି ଜାଣିନାହିଁ। ପରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରେ କହିଥିଲେ, ମୋ ପାଖରେ ଖବର ନାହିଁ, ଯଦି ସେପରି କେହି ବହିକୁ ବିକ୍ରି କରିଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସୂଚନାଯୋଗ୍ୟ, ୨୦୨୦-୨୧ ଶିକ୍ଷାବର୍ଷରେ କରୋନା ମହାମାରି ଯୋଗୁ ସ୍କୁଲ ବନ୍ଦ ରହିଥିଲା। ଏହି ସମୟରେ ଅନେକ ପିଲା ଠିକ୍ ଭାବେ ପାଠ ପଢ଼ିପାରି ନ ଥିଲେ। ଶିକ୍ଷାରେ ଦୁର୍ବଳ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ସରକାର ଦ୍ୱିତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଉଜ୍ଜ୍ୱଳ ଯୋଜନାରେ ଏହି ଉପାଦେୟ ବହି ଯୋଗାଇ ଦେଇଥିଲେ। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଉତ୍‌ଥାନ ଯୋଜନାରେ ସମସ୍ତ ବିଷୟ ଥିବା ବହି ଯୋଗାଇଥିଲେ। ଏଥିରେ ପିଲାଙ୍କ ପଢ଼ିବା ବୁଝିବା ଭଳି ସହଜ ପ୍ରଶ୍ନୋତ୍ତର ରହିଛି। ଏହାସବୁ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ବୋଲି ଶିକ୍ଷୟିତ୍ରୀ ଶୁଭ୍ରାରାଣୀ ବିଶ୍ୱାସ କୁହନ୍ତି। ଏହି ବହି ଖୋଲା ବଜାରରେ ମିଳେନାହିଁ। ଏଭଳି ପ୍ରମୁଖ ବହିକୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ପିଲାଙ୍କୁ ଦେବା ବଦଳରେ ରଦ୍ଦି କାଗଜ ବେପାରୀଙ୍କୁ ବିକ୍ରି କରିବା ଘଟଣା ତଦନ୍ତସାପେକ୍ଷ ବୋଲି ବୁଦ୍ଧିଜୀବୀ ଅରବିନ୍ଦ ସ୍ୱାଇଁ କୁହନ୍ତି। ସଞ୍ଜୟ ଗାନ୍ଧୀ ସ୍କୁଲରେ ୨୦୨୧-୨୨ ଶିକ୍ଷାବର୍ଷରେ ସମୁଦାୟ ୩୩୦ ଜଣ ଛାତ୍ରୀଛାତ୍ର ଥିବା ବେଳେ ୧୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ପିଅନ ଅଛନ୍ତି। ୨୦୧୯ରୁ ଏପର୍ଯ୍ୟନ୍ତ ଏହି ସ୍କୁଲକୁ ଭିନ୍ନ ଭିନ୍ନ ବିଭାଗ ପକ୍ଷରୁ ୩ ଥର ମରାମତି, ରୂପାନ୍ତକରଣ କରାଗଲାଣି। ଏଥିପାଇଁ ପୌରପାଳିକା, ସର୍ବଶିକ୍ଷା ଅଭିଯାନ, ପୂର୍ତ୍ତ ବିଭାଗ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ କଲେଣି। ପ୍ରତିଥର ନବୀକରଣ ସମୟରେ ଷ୍ଟାଫମାନେ ଟ୍ରକ ଭର୍ତ୍ତି କରି ପୁରୁଣା ସାମଗ୍ରୀଗୁଡିକୁ ବିକ୍ରି କରୁଛନ୍ତି ବୋଲି ସେହି ସ୍କୁଲ କମିଟିର ଉପସଭାପତି ରବୀନ୍ଦ୍ର ଓଝା ଅଭିଯୋଗ କରିଛନ୍ତି। ସମସ୍ତ ଅଭିଯୋଗ ସମ୍ପର୍କରେ ସେ ବିଭାଗୀୟ ଅଧିକାରୀ ଓ ୫-ଟି ସଚିବଙ୍କ ନିକଟରେ ଲିଖିତ ଭାବେ ଜଣାଇଛନ୍ତି ବୋଲି କୁହନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ୪ଶହରୁ ଊର୍ଦ୍ଧ୍ୱ ମିଲିସିଆଙ୍କ ଆତ୍ମସମର୍ପଣ


ଆତ୍ମସମର୍ପଣକାରୀ ମିଲିସିଆଙ୍କୁ ବିଏସ୍‌ଏଫ୍ ଅଧିକାରୀ ବିଭିନ୍ନ ସାମଗ୍ରୀ ବଣ୍ଟନ କରୁଛନ୍ତି।

- କୁଶପୁତ୍ତଳିକା ଦାହ କରି ମୁର୍ଦ୍ଦାବାଦ ନାରା ଦେଲେ
- ବିଭିନ୍ନ ସାମଗ୍ରୀ ବାଣ୍ଟି ମନ ଜିଣିଲେ ପୋଲିସ, ବିଏସଏଫ୍ ଅଧିକାରୀ
- ବିଭିନ୍ନ ପଞ୍ଚାୟତରେ ଆତ୍ମସମର୍ପଣକାରୀଙ୍କ ଘର

ମାଲକାନଗିରି/ଚିତ୍ରକୋଣ୍ଡା, ୫।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପାପରମେଟଲା ପଞ୍ଚାୟତ ଜନ୍ତାପାଇଠାରେ ଶନିବାର ୪ଶହରୁ ଊର୍ଦ୍ଧ୍ୱ ମାଓବାଦୀ ମିଲିସିଆ ସମର୍ଥକ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ପାପରମେଟଲା, ଧୂଳିପୁଟ ପଞ୍ଚାୟତ, ସହ ସୀମାନ୍ତ ଆନ୍ଧ୍ର ପ୍ରଦେଶ ଆଲୁରି ସିତାରାମାରାଜୁ ଜିଲାର ଇଞ୍ଜିର ପଞ୍ଚାୟତ, ଜାମୁଗୁଡା ପଞ୍ଚାୟତ, ବୈଡଲ ପଞ୍ଚାୟତର ବୋଲି ଜଣାପଡ଼ିଛି। ଏହି ଅବସରରେ ସେମାନେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ସହଯୋଗରେ ଏଠାରେ ବିଏସ୍‌ଏଫ୍, ଏସ୍‌ଓଜି, ଡିବିଏଫ୍‌ର ଯବାନମାନେ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା କରି ସବୁଦିନେ ଜୋରଦାର କୋମ୍ବିଂ ଅପରେଶନ କରିବା ଯୋଗୁ ଉକ୍ତ ଅଞ୍ଚଳ ମାଓବାଦୀମୁକ୍ତ ହୋଇଛି। ଆମକୁ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଆକୃଷ୍ଟ କରିଛି। ଏହି ଅବସରରେ ସେମାନେ ମାଓବାଦୀଙ୍କ କୁଶପୁତ୍ତଳିକା ଦାହ କରି ମାଓବାଦୀ ମୁର୍ଦ୍ଦାବାଦ ଆମ ସରକାର ଜିନ୍ଦାବାଦ ବୋଲି ନାରା ଦେଇଥିଲେ। ପରେ ଉପସ୍ଥିତ ପୋଲିସ ଓ ବିଏସ୍‌ଏଫ୍ ଅଧିକାରୀମାନେ ଆତ୍ମସମର୍ପଣକାରୀ ମିଲିସିଆଙ୍କୁ କୃଷି ସାମଗ୍ରୀ, ଖେଳ ସାମଗ୍ରୀ, ମହିଳାମାନଙ୍କୁ ଶାଢ଼ି, ଶିଶୁମାନଙ୍କୁ ଶିକ୍ଷା ଉପକରଣ ଆଦି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଡିଆଇଜି ରାଜେଶ ପଣ୍ଡିତ, ବିଏସ୍‌ଏଫ୍ ଡିଆଇଜି ଏସକେ ସିହ୍ନା, ମାଲକାନଗିରି ଏସ୍‌ପି ନିତିଶ୍ ବାଧ୍ୱାନୀ, ଏସ୍‌ଡିପିଓ ଶୁଭେନ୍ଦୁ ପାତ୍ର, ନବମ ବାଟାଲିୟନ କମାଣ୍ଡାଣ୍ଟ ଆର୍‌ଏସ୍ ମିଜ୍, ଚିତ୍ରକୋଣ୍ଡା ଏସ୍‌ଡିପିଓ ଏ.କିସପଟାଙ୍କ ସହ ଅନ୍ୟ ପୋଲିସ ଓ ବିଏସ୍‌ଏଫ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଘ, ହରିଣ, ଶାଳିଆପତନି ଛାଲ ଜବତ




- ଜେଲ ଗଲେ ବାଘ ଶିକାରୀ
- ନୟାଗଡ଼, କନ୍ଧମାଳ ଜଙ୍ଗଲରେ ହୋଇଥିଲା ଶିକାର

ନୟାଗଡ଼ ଅଫିସ/ଦଶପଲ୍ଲା, ୫।୧୧(ଡି.ଏନ୍.ଏ.)

ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଟିମ୍ ପକ୍ଷରୁ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ରେଞ୍ଜ(ପଶ୍ଚିମ) ବାଣିଗୋଛା ରେଞ୍ଜର କୁଆଁରିଆ ଡ୍ୟାମ୍ ନିକଟସ୍ଥ ଭୋଗବାଡ଼ି ଗାଁ ନିକଟରୁ ୨ କଲରାପତରିଆ ବାଘ ଛାଲ, ଗୋଟିଏ ଲେଖାଏ ହରିଣ ଓ ଶାଳିଆପତନି ଛାଲ ଶନିବାର ଜବତ ହୋଇଛି। ବାଘ ସମେତ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ଏସ୍‌ଟିଏଫ୍ ପକ୍ଷରୁ ଭୋଗବାଡ଼ି ଗାଁର ଭାଗବତ ମାଝି ଓରଫ ରମେଶ (୩୦) ନାମକ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ଶନିବାର ସମ୍ପୃକ୍ତ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ଦଶପଲ୍ଲା ସବ୍‌ଜେଲକୁ ପଠାଇ ଦିଆଯାଇଛି। ନୟାଗଡ଼ ଓ କନ୍ଧମାଳ ଜଙ୍ଗଲରେ ସେ ଉପରୋକ୍ତ ବନ୍ୟପ୍ରାଣୀଙ୍କୁ ଶିକାର କରିଥିବା ଜଣାପଡ଼ିଛି। ଭାଗବତ ୨ ଶାଳିଆପତନି, ବାଘ ଓ ହରିଣ ଛାଲକୁ ଫୁଲବାଣୀରେ ବିକ୍ରି କରିବାକୁ ଡିଲ କରିଥିଲେ। ସେଇ ଅନୁଯାୟୀ ଫୁଲବାଣୀ ଯିବାକୁ ପ୍ରସ୍ତୁତ ହେଉଥିବା ବେଳେ ଏସ୍‌ଟିଏଫ୍ ଖବର ପାଇ ଚଢ଼ାଉ କରିଥିଲା। ମହାନଦୀ ବନ୍ୟପ୍ରାଣୀ ରେଞ୍ଜ(ପଶ୍ଚିମ) ବାଣିଗୋଛା ରେଞ୍ଜ ସହାୟତାରେ ଏସ୍‌ଟିଏଫ୍ ପକ୍ଷରୁ ବାଘ, ହରିଣ ଓ ଶାଳିଆପତନି ଛାଲ ଜବତ ସହ ଶିକାରୀଙ୍କୁ ଗିରଫ କରାଯାଇଥିବା କୁହାଯାଉଛି। ତେବେ ମହାନଦୀ ବନ୍ୟପ୍ରାଣୀ ରେଞ୍ଜ(ପଶ୍ଚିମ) ବାଣିଗୋଛା ରେଞ୍ଜର ସଂସାର ବରିହା କୁହନ୍ତି, ଆମେ ବାଘ, ହରିଣ ଓ ଶାଳିଆପତନି ଛାଲ ଜବତ ସହ ଶିକାରୀ ଗିରଫ ସମ୍ପର୍କରେ କିଛି ଜାଣିନୁ। ଏସ୍‌ଟିଏଫ୍ ପକ୍ଷରୁ ଆମକୁ କୌଣସି ସୂଚନା ଦିଆଯାଇନି। ଘଟଣା ସମ୍ପର୍କରେ ଏସ୍‌ଟିଏଫ୍ ସବ୍‌ଇନ୍ସପେକ୍ଟର ଦୀପ୍ତି ରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ସେ ଏ ନେଇ କିଛି କହି ପାରିବେ ନାହିଁ ବୋଲି କହିଛନ୍ତି।

# ବୋହୂଙ୍କୁ ଗୁଳିମାଡ଼ ଶୁଣି ଶ୍ୱଶୁର ଅସୁସ୍ଥ

ବାସୁଦେବପୁର, ୫।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର-ଇଛାପୁର ରାସ୍ତାର ଚଉରା ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଅଲବଗା ଗ୍ରାମର ଜ୍ୟୋସ୍ନାରାଣୀ ସାହୁ ନାମ୍ନୀ ମହିଳା ଗୁରୁତର ହୋଇଛନ୍ତି। ସେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ଅଧିକ ଚିକିତ୍ସା ପାଇଁ ତାଙ୍କୁ ରାତିରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ଜ୍ୟୋସ୍ନାରାଣୀଙ୍କୁ ଗୁଳିମାଡ଼ ହୋଇଥିବା ଶୁଣିବା ପରେ ତାଙ୍କ ଶ୍ୱଶୁର ଭାଗବତ ସାହୁ ଶନିବାର ସକାଳେ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ଗୁଳିମାଡ଼ ନେଇ ବାସୁଦେବପୁର ଥାନା ପୋଲିସ ନିଜ ଆଡ଼ୁ ଏକ ମାମଲା (ନଂ.୫୧୬/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲେ ହେଁ ଏଯାଏ ଦୁର୍ବୃତ୍ତଙ୍କୁ ଠାବ କରିପାରି ନାହିଁ।

# ୧୩୦ ଓଏମ୍‌ଇଏସ୍ କ୍ୟାଡର ସହକାରୀ ପ୍ରାଧ୍ୟାପକ ନିଯୁକ୍ତିକୁ ଅନୁମୋଦନ

ଭୁବନେଶ୍ୱର,୫।୧୧(ବ୍ୟୁରୋ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ଙ୍କ ସୁପାରିସକ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୯ଟି ବୋର୍ଡ ସ୍ପେଶାଲିଟି ବିଭାଗରେ ୧୩୦ଜଣ ଓଡ଼ିଶା ମେଡିକାଲ ଶିକ୍ଷା ସେବା ସମ୍ବର୍ଗ (ଓଏମ୍‌ଇଏସ୍ କ୍ୟାଡର)ର ସହକାରୀ ପ୍ରାଧ୍ୟାପକଙ୍କ ନିଯୁକ୍ତି ପାଇଁ ଅନୁମୋଦନ କରିଛନ୍ତି। ଏହା ପୂର୍ବରୁ ଚଳିତବର୍ଷ ସେପ୍ଟେମ୍ବର ଓ ଅକ୍ଟୋବରରେ ୭ଟି ବୋର୍ଡ ସ୍ପେଶାଲିଟି ବିଭାଗରେ ୬୫ଜଣ ଓଏମ୍‌ଇଏସ୍ କ୍ୟାଡରର ସହକାରୀ ପ୍ରାଧ୍ୟାପକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ନିଯୁକ୍ତି ଦିଆଯାଇଛି। ଫଳରେ ୨୦୨୨ରେ ମୋଟ ୧୬ଟି ବିଭାଗରେ ୧୯୫ଜଣ ସହକାରୀ ପ୍ରାଧ୍ୟାପକ ନିଯୁକ୍ତି ପାଇଛନ୍ତି। ଏହି ବିଭାଗଗୁଡ଼ିକ ହେଲା ଜେନେରାଲ ମେଡିସିନ, ଫିଜିକାଲ ମେଡିସିନ୍, ଆଣ୍ଡ ରିହାବିଲିଟେଶନ, ଆନାଟୋମି, ଯକ୍ଷ୍ମା ଓ ଛାତି ରୋଗ, ଚକ୍ଷୁରୋଗ, ଫିଜିଓଲୋଜି, ଟ୍ରାନ୍ସଫ୍ୟୁଜନ ମେଡିସିନ, ଶଲ୍ୟ ଚିକିତ୍ସା, ଶିଶୁରୋଗ, କମ୍ୟୁନିଟି ମେଡିସିନ, ପ୍ରସୂତି ଓ ସ୍ତ୍ରୀ ରୋଗ, ଚର୍ମ ଓ ଯୌନ ରୋଗ, ନିଶ୍ଚେତକ, ଅଣୁଜୀବ ବିଜ୍ଞାନ ଓ ଏଫ୍‌ଏମ୍‌ଟି। ଏହା ରାଜ୍ୟର ମେଡିକାଲ କଲେଜରେ ଶିକ୍ଷାଦାନରେ ଉନ୍ନତି ଆଣିବା ସହ ଜନସାଧାରଣଙ୍କୁ ଉଚ୍ଚକୋଟୀର ସ୍ୱାସ୍ଥ୍ୟସେବା ଯୋଗାଇ ପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

PRANANATH COLLEGE (AUTONOMOUS), KHORDHA
WALK-IN-INTERVIEW
Walk-in-Interview for the engagement of faculties in the Department of Chemistry (P.G.), Botany (P.G.) & Zoology (P.G.) preferably with Ph.D./M.Phil/NET qualification. Lecturer in Sociology (U.G.) and Laboratory Assistant in Botany will be held at 11.00 A.M. on 10.11.2022 in the Office of the Principal. Candidates may face the interview at the scheduled date & time with all original certificate, mark sheets, other testimonials along with complete Bio-data and self attested photocopies of all documents.
Sd./- Principal

HP GAS
your friendly gas
'ଧରିତ୍ରୀ' ରାୟଗଡ଼ା ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ନିୟମଗିରି ଗ୍ୟାସ୍ ଏଜେନ୍ସି ପକ୍ଷରୁ ସମସ୍ତ ଧରିତ୍ରୀ ପରିବାରକୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ନିୟମଗିରି HP ଗ୍ୟାସ୍ ଗ୍ରାମୀଣ ବିତରଣ
ବିଷମକଟକ ବ୍ଲକ

# ଷଷ୍ଠରୁ ଅଷ୍ଟମ ଏକକ ପ୍ରଶ୍ନପତ୍ର

- ପ୍ରଶ୍ନପତ୍ର ପ୍ରସ୍ତୁତ କରିବ ଏସ୍‌ସିଇଆର୍‌ଟି
- ଜୋନ୍ କେନ୍ଦ୍ରରେ ଖାତା ଦେଖିବେ ଅନ୍ୟ ସ୍କୁଲ ଶିକ୍ଷକ
- ଧାର୍ଯ୍ୟ ସମୟରେ ପାଠପଢ଼ା, ରିଭିଜନ ସରିବ

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ଆସନ୍ତା ଶିକ୍ଷାବର୍ଷରୁ ସମସ୍ତ ସରକାରୀ ସ୍କୁଲରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏକକ ପରୀକ୍ଷା ଓ ଏକକ ପ୍ରଶ୍ନପତ୍ର ବ୍ୟବସ୍ଥା ଲାଗୁ ହେବ। ଏହି ପ୍ରଶ୍ନପତ୍ର ପ୍ରସ୍ତୁତ କରିବ ଏସ୍‌ସିଇଆର୍‌ଟି। ସେହିଭଳି ଅନ୍ୟ ସ୍କୁଲ ଶିକ୍ଷକଙ୍କ ଦ୍ୱାରା ଖାତା ଦେଖାହେବ। ଏଥିସହ ଏକ ସମୟରେ ସବୁ ପିଲାଙ୍କ ରେଜଲ୍ଟ ପ୍ରକାଶ କରିବାକୁ ମଧ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏହି ନୂଆ ବ୍ୟବସ୍ଥା ଦ୍ୱାରା ଛାତ୍ରୀଛାତ୍ରଙ୍କ ଦକ୍ଷତା ଜଣାପଡ଼ିବ। ଏହାବ୍ୟତୀତ କିଛି ସ୍କୁଲରେ ମାର୍କ ପ୍ରଦାନରେ ପ୍ରିୟାପ୍ରୀତିତୋଷଣ ହେଉଥିବା ନେଇ ଯେଉଁ ଅଭିଯୋଗ ହେଉଥିଲା ତାହାର ସମାଧାନ ହେବ ବୋଲି ବିଭାଗ ଆଶା ରଖିଛି।

ସର୍ବଭାରତୀୟ ସ୍ତରରେ ସିବିଏସ୍‌ଇ ଓ ରାଜ୍ୟରେ ଶିକ୍ଷାବିକାଶ ଅଧୀନରେ ପରିଚାଳିତ ସମସ୍ତ ସ୍କୁଲରେ ଏକକ ପ୍ରଶ୍ନପତ୍ର ବ୍ୟବସ୍ଥା ରହିଛି। ମାତ୍ର ଓଡ଼ିଶାର ସରକାରୀ ସ୍କୁଲଗୁଡ଼ିକରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ସ୍କୁଲ ଲାଗି ଏକକ ପ୍ରଶ୍ନପତ୍ର ବ୍ୟବସ୍ଥା ନାହିଁ। ବାର୍ଷିକ ପରୀକ୍ଷାର ପ୍ରଶ୍ନପତ୍ର ଏକ ପ୍ରକାର ଥିବାବେଳେ ଷାଣ୍ମାସିକ ପରୀକ୍ଷା ପ୍ରଶ୍ନପତ୍ର ଏକକ ନାହିଁ। ସ୍କୁଲଗୁଡ଼ିକର ଶିକ୍ଷକମାନେ ପିଲାଙ୍କ ପାଇଁ ପ୍ରଶ୍ନପତ୍ର ତିଆରି କରିବା ସହ ନିଜେ ମଧ୍ୟ ଖାତା ଦେଖୁଛନ୍ତି। ଯଦିଓ ସ୍କୁଲୱାରି ପ୍ରଶ୍ନପତ୍ର ପ୍ରସ୍ତୁତି ଲାଗି କିଛି ନିର୍ଦ୍ଦିଷ୍ଟ ନିୟମ ରହିଛି ମାତ୍ର ରାଜ୍ୟରେ ଥିବା ୬୫,୨୭୯ଟି ସ୍କୁଲରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଶ୍ନପତ୍ର ଭିନ୍ନ ଭିନ୍ନ ରହୁଛି। ତେଣୁ ସ୍କୁଲ୍ ସ୍ତରରେ ପାଠପଢ଼ା ଓ ପିଲାଙ୍କ ଦକ୍ଷତାର ତୁଳନାତ୍ମକ ଚିତ୍ର ସ୍ପଷ୍ଟ ହୋଇପାରୁନାହିଁ। ଏକକ ପ୍ରଶ୍ନପତ୍ର ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ କେଉଁ ସ୍କୁଲରେ ପାଠପଢ଼ା କେତେ ଉନ୍ନତ ତାହା ମଧ୍ୟ ଜଣାପଡ଼ିବ। ଏହାଦ୍ୱାରା ଦଶମ ପରୀକ୍ଷାରେ ପାସ୍‌ହାର ବୃଦ୍ଧି ପାଇବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଦକ୍ଷତା ମଧ୍ୟ ସ୍ପଷ୍ଟ ହୋଇପାରିବ ବୋଲି ଗଣଶିକ୍ଷା ବିଭାଗ କହିଛି।

ବିଭାଗର ସୂଚନା ଅନୁଯାୟୀ, ଖୁବ୍‌ଶୀଘ୍ର ଉଭୟ ଏକକ ପ୍ରଶ୍ନପତ୍ର ଓ ମୂଲ୍ୟାଙ୍କନ ବ୍ୟବସ୍ଥାରେ ପରିବର୍ତ୍ତନ କରାଯିବ। ଆସନ୍ତା ଶିକ୍ଷା ବର୍ଷରୁ ଉଭୟ ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ପାଇଁ ଏକକ ପ୍ରଶ୍ନପତ୍ର ରହିବ। ସେହିପରି ଏହି ନୂତନ ବ୍ୟବସ୍ଥାରେ ଦଶମ ବୋର୍ଡ ପରୀକ୍ଷା ପରି ମୂଲ୍ୟାଙ୍କନ କରାଯିବ। ନିଜ ସ୍କୁଲର ପରୀକ୍ଷା ଖାତା ସେହି ସ୍କୁଲର ଶିକ୍ଷକମାନେ ଦେଖିପାରିବେ ନାହିଁ। ଏନେଇ ଏକ ଜୋନ୍ ଗଠନ ହେବ, ଯେଉଁଥିରେ ଜିଲାୱାରି ପରୀକ୍ଷାକେନ୍ଦ୍ର ଚୟନ କରାଯିବ। ସେହି ଜୋନ୍‌କେନ୍ଦ୍ରରେ ଜିଲାର ସବୁ ଉତ୍ତରଖାତା ଦାଖଲ ହେବା ପରେ ମନୋନୀତ ଶିକ୍ଷକମାନେ ମୂଲ୍ୟାୟନ କରିବେ। କୌଣସି ପିଲାଙ୍କ ଖାତା ମୂଲ୍ୟାୟନରେ ତ୍ରୁଟି ରହିଲେ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରିବେ। ପରେ ସେହି ଉତ୍ତର ଖାତାକୁ ଦେଖିଥିବା ଶିକ୍ଷକ ଓ ଅଭିଯୋଗ ହୋଇଥିବା ସ୍କୁଲର ସମ୍ପୃକ୍ତ ବିଷୟର ଶିକ୍ଷକଙ୍କ ଉପସ୍ଥିତିରେ ପୁଣି ମୂଲ୍ୟାୟନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିଭଳି ଏକାଡେମିକ କ୍ୟାଲେଣ୍ଡର ଅନୁସାରେ ଧାର୍ଯ୍ୟ ସମୟରେ ସବୁ ସ୍କୁଲର ପାଠପଢ଼ା ଶେଷ ହେବା ସହ ବାର୍ଷିକ ପରୀକ୍ଷା ପୂର୍ବରୁ ଯେପରି ରିଭିଜନ ବ୍ୟବସ୍ଥା କରାଯିବ ସେଥିଲାଗି ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅଭିନନ୍ଦନ
ଦୀର୍ଘଦିନ ଧରି ରାୟଗଡ଼ାରୁ ପ୍ରକାଶ ପାଉଥିବା "ଧରିତ୍ରୀ" ସମସ୍ତଙ୍କ ପ୍ରିୟପାତ୍ର ହୋଇଥିବାରୁ ଜନ୍ମଦିନ ପାଇଁ ବିଦ୍ୟାଳୟ ତରଫରୁ ଶୁଭେଚ୍ଛା ଓ ଶୁଭକାମନା ।
ଆଶ୍ରମ ବିଦ୍ୟାଳୟ ନେହେରୁପଙ୍ଗା
ଚନ୍ଦ୍ରପୁର ବ୍ଲକ, ରାୟଗଡ଼ା
ରାଜୁ ପାଲ - ପ୍ରଧାନ ଶିକ୍ଷକ
ଜଗନ୍ନାଥ ବାଗ - ସହକାରୀ ଶିକ୍ଷକ
ଶ୍ରୀପତି ହାଡ଼ରାଙ୍ଗା ଏବଂ ଛାତ୍ରୀଛାତ୍ରୀ

ADIVASI KRUSHI SWATHYA SIKHYA UNNAYANA SAMITI (AKSSUS)
(Non Government Organisation)
Regd. Off.: At: Papadambu, P.O.: Murteli, Block: Bissamcuttack, Dist.: Rayagada, Odisha, PIN - 765019
GOOD WISHES ON THE OCCASION OF 12TH BIRTH ANNIVERSARY OF DHARITRI, RAYAGADA EDITION, PITAMAHAL
ଆମ୍ଭ ଅନୁଷ୍ଠାନ ରାୟଗଡ଼ା ଜିଲାରେ ଦୀର୍ଘ ୩୦ବର୍ଷ ଧରି ବିଭିନ୍ନ ସରକାରୀ ଯୋଜନାର ସହଭାଗିତାରେ ଆଦିମ ଜନଜାତି, ଅନୁସୂଚିତ ଜାତି ଓ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗର ଜୀବିକା ତଥା ଭିତ୍ତିଭୂମିର ବିକାଶ ପାଇଁ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ, ପ୍ରାକୃତିକ ସମ୍ପଦର ସଠିକ୍ ପରିଚାଳନା କରି କୃଷି ଓ ଜଳସେଚନର ସୁବିଧା, ମହିଳା ସଶକ୍ତୀକରଣ, ପଶୁପାଳନ ପାଇଁ ତାଲିମ ଓ ସହାୟତା ଯୋଗାଇବା, ମହିଳା ଓ ଶିଶୁର ପୁଷ୍ଟିସାଧନ ଇତ୍ୟାଦି ବହୁମୁଖୀ ଉନ୍ନୟନମୂଳକ କାର୍ଯ୍ୟ କରିଆସୁଅଛି।
ଶ୍ରୀ ଦୀପକ କୁମାର ସାହୁ
ସମ୍ପାଦକ
ଆକ୍ ସୁସ୍ ଅନୁଷ୍ଠାନ, ରାୟଗଡ଼ା, ଓଡ଼ିଶା



ପ୍ରତ୍ୟେକ ଧର୍ମର ସେହି ଗୋଟିଏ ସତ୍ୟ। ପୃଥିବୀରେ କେବେ କେବେ ଜଣେ ମହାନ୍ ଶିକ୍ଷାଦାତା ବା ଗୁରୁଙ୍କର ଆବିର୍ଭାବ ହୁଏ। ସେ ଏକ ଦିବ୍ୟସତ୍ୟକୁ ଏ ପୃଥିବୀ ଉପରକୁ ଓହ୍ଲାଇ ଆଣନ୍ତି। କିନ୍ତୁ ପରେ ପରେ ସାଧାରଣ ଲୋକେ ଏହାକୁ ଅଧିକାର କରିବସନ୍ତି– ଏଥିରେ ବ୍ୟବସାୟ କରନ୍ତି ଏବଂ ଏହାକୁ ନେଇ ଏକ ରାଜନୈତିକ ସଂସ୍ଥା ସୃଷ୍ଟି କରନ୍ତି। –ଶ୍ରୀମା



# ଆଇନର ଅତ୍ୟାଚାର



ଆକାର ପଟେଲ

ଗତ ସପ୍ତାହରେ ପ୍ରକାଶ ପାଇଥିବା ମୋ ନୂଆ ବହିରେ ବ୍ୟକ୍ତିମାନଙ୍କ ଶାନ୍ତିପୂର୍ଣ୍ଣ ପ୍ରତିବାଦ ବିଷୟ ସ୍ଥାନିତ ହୋଇଛି। ପ୍ରଶ୍ନ ହେଉଛି, ଜଣେ କାହିଁକି ଗଣତନ୍ତ୍ରରେ ପ୍ରତିବାଦ କରିବା ଦରକାର। ଏହାର ଅନେକ କାରଣ ମଧ୍ୟରୁ ଆଜି ଗୋଟିଏ ଉପରେ ଆଲୋଚନା କରିବା। ୧୯୧୯ରେ ରୌଲାଟ ଆଇନ ବିରୋଧରେ ଗାନ୍ଧିଜୀଙ୍କ ନେତୃତ୍ୱରେ ସାରା ଭାରତରେ ଆନ୍ଦୋଳନ ହୋଇଥିଲା। ଜାଲିଆନାୱାଲାବାଗରେ ହେବାକୁ ଥିବା ପ୍ରତିବାଦରେ ଯୋଗଦେବାକୁ ଲୋକେ ଅମୃତସରରେ ଏକାଠି ହୋଇଥିଲେ। ଫଳରେ ବ୍ରିଟିଶ ସରକାର ବିପଦରେ ଅଛନ୍ତି ବୋଲି ପଞ୍ଜାବର ଗଭର୍ନର ସାର୍ ମାଇକେଲ ଡାୟାର ଘୋଷଣା କରି ପ୍ରତିବାଦକୁ ଦମନ କରିଥିଲେ। ପରେ ଜାଲିଆନାୱାଲାବାଗରେ ସମବେତ ଲୋକଙ୍କ ଉପରେ ଗୁଳିଚାଳନା ଯୋଗୁ ୩୦୦ରୁ ଊର୍ଦ୍ଧ୍ୱଙ୍କ ମୃତ୍ୟୁ ଘଟିଥିଲା। ଇମ୍ପେରିଆଲ ଲେଜିସ୍ଲେଟିଭ କାଉନ୍ସିଲର ସମସ୍ତ ଭାରତୀୟ ସଦସ୍ୟ ବିରୋଧ କରିଥିଲେ ମଧ୍ୟ ବ୍ରିଟିଶ ସରକାର ରୌଲାଟ ଆଇନ ପାସ୍ କରିଥିଲେ। ଗାନ୍ଧିଜୀ ଏହି ଆଇନକୁ 'ରାଷ୍ଟ୍ର ପ୍ରତି ଅପମାନ' ବୋଲି କହିଥିଲେ। ରୌଲାଟ ଆଇନକୁ ନେଇ ଭାରତୀୟମାନଙ୍କ କ୍ରୋଧ ପ୍ରକାଶ ପାଇବା ଓ ପ୍ରତିବାଦ ହେବାର କାରଣ ହେଉଛି ଏହା 'ରୁଲ୍ ଅଫ୍ ଲ'ର ମୌଳିକ ସିଦ୍ଧାନ୍ତଗୁଡ଼ିକୁ ଶେଷ କରିଦେଇଥିଲା। ଉକ୍ତ ଆଇନ ବଳରେ ବିନା ଅଭିଯୋଗ କିମ୍ବା ବିଚାର ବା ମାମଲା(ଟ୍ରାଏଲ)ରେ ଲୋକଙ୍କୁ ଅଟକ ରଖାଯାଉଥିଲା । ଏହାକୁ କୁହାଯାଏ ଆଡମିନିଷ୍ଟ୍ରେଟିଭ ପ୍ରିଭେନ୍ସନ, ଅର୍ଥାତ୍ ଜଣେ ଅପରାଧରେ ଜଡ଼ିତ ନ ଥିଲେ ମଧ୍ୟ ଭବିଷ୍ୟତରେ ଅପରାଧ ଘଟାଇବାର ସନ୍ଦେହରେ ତାଙ୍କୁ ଜେଲରେ ରଖାଯାଏ। ଏବେ ସ୍ୱାଧୀନ ନାଗରିକ ଭାବେ ଭାରତରେ ଏଭଳି ଆଇନ ଦେଖୁଛୁ। ୨୦୧୫ରେ ଭାରତରେ ୩୨୦୦ ଲୋକଙ୍କୁ ଅଟକ ରଖାଯାଇଥିଲା। ଗୁଜରାଟର ପ୍ରିଭେନ୍ସନ ଅଫ୍ ଆଣ୍ଟିସୋସିଆଲ ଆକ୍ଟିଭିଟିଜ ଆକ୍ଟ,୧୯୮୪ ବିନା ଅପରାଧ କିମ୍ବା ଟ୍ରାଏଲରେ ବର୍ଷେ ପାଇଁ ଅଟକ ରଖିବାକୁ ଅନୁମତି ଦେଇଛି। ଉତ୍ତରପ୍ରଦେଶରେ ଜାତୀୟ ସୁରକ୍ଷା ଆଇନ(ଏନ୍ଏସ୍ଏ) ବଳବତ୍ତର ରହିଛି ଓ ଏଥିରେ ବିନା ଅପରାଧ କିମ୍ବା ଟ୍ରାଏଲରେ ବର୍ଷେ ଯାଏ ଅଟକ ରଖାଯାଇପାରିବ। କୌଣସି ବାଟରେ ଯଦି ଜଣେ ଭାରତର ପ୍ରତିରକ୍ଷା, ଭାରତର ବୈଦେଶିକ ସମ୍ପର୍କ କିମ୍ବା ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥାନ୍ତି ତେବେ ତାଙ୍କୁ ରୋକିବା ଲାଗି ଏହି ଆଇନ ପ୍ରୟୋଗ କରାଯାଏ। ଏହା ବ୍ୟତୀତ କୌଣସି ବ୍ୟକ୍ତି ରାଜ୍ୟର ସୁରକ୍ଷା, ସାର୍ବଜନୀନ ସଦ୍ଭାବନା ପ୍ରତି ଯଦି ବିପଦ ସୃଷ୍ଟି କରନ୍ତି ଅଥବା ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଯୋଗାଣ କିମ୍ବା ସେବାରେ ବିପଦ ଆଣନ୍ତି ତେବେ ଉକ୍ତ ଆଇନ ସେମାନଙ୍କ ଉପରେ ଲାଗୁ ହୋଇଥାଏ। ଏନ୍ଏସ୍ଏ ବଳରେ ବି ମଧ୍ୟପ୍ରଦେଶରେ ଗୋଚୋରା ଚାଲାଣ ଏବଂ ଗୋ ହତ୍ୟା ଅଭିଯୋଗରେ ମୁସଲ୍‌ମାନମାନଙ୍କୁ ଜେଲରେ ଭର୍ତ୍ତି କରାଯାଇଆସୁଛି। ତାମିଲନାଡୁରେ ପ୍ରିଭେନ୍ସନ ଅଫ ଡେଞ୍ଜରିୟସ ଆକ୍ଟିଭିଟିଜ୍ ଅଫ୍ ବୁଟ୍‌ଲେଗର୍ସ, ଡ୍ରଗ୍-ଅଫେଣ୍ଡର୍ସ, ଫରେଷ୍ଟ ଅଫେଣ୍ଡର୍ସ, ଗୋଣ୍ଡାଜ, ଇମୋରାଲ ଟ୍ରାଫିକ ଅଫେଣ୍ଡର୍ସ, ସ୍ୟାଣ୍ଡ ଅଫେଣ୍ଡର୍ସ, ସେକ୍ସୁଆଲ ଅଫେଣ୍ଡର୍ସ, ସ୍ଲମ୍-ଗ୍ରାବେୟର୍ସ ଏବଂ ଭିଡିଓ ପିରେଟ୍ସ ଆକ୍ଟ,୧୯୮୨ ପ୍ରଚଳିତ। ଏଥିରେ ରାଜ୍ୟ ବିନା ଅପରାଧ କିମ୍ବା ଟ୍ରାଏଲରେ ଯେକୌଣସି ବ୍ୟକ୍ତି ଚୋରା ମଦ ହେଉ ଅବା ନକଲି ଔଷଧ କାରବାର କିମ୍ବା ଜଙ୍ଗଲ, ବାଲି, ଯୌନ ଅପରାଧ ଅଥବା ଗୁଣ୍ଡା, ଟ୍ରଫିକ ଅମାନ୍ୟକାରୀଙ୍କୁ ଜେଲ୍ ପଠାଇ ଦେଇପାରିବ। କର୍ନାଟକରେ ୧୯୮୫ର ଏଭଳି ଏକ ଆଇନ ବଳରେ ସାର୍ବଜନୀନ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରୁଥିବା ଏସିଡ୍ ଆକ୍ରମଣକାରୀ, ବେଆଇନ ବିକ୍ରେତା, ପରିବେଶ ହାନିକାରୀ ବ୍ୟକ୍ତି, ଗୁଣ୍ଡା, ଜମି ମାଫିଆ ଆଦିଙ୍କୁ ବିନା ଅଭିଯୋଗ ଓ ଟ୍ରାଏଲରେ ୧୨ମାସ ପର୍ଯ୍ୟନ୍ତ ଅଟକ ରଖିବାକୁ ଅନୁମତି ଦେଇଛି।

ଆସାମରେ ପ୍ରିଭେନ୍ସନ ଡିଟେନ୍ସନ ଆକ୍ଟ,୧୯୮୦ରେ ବିନା ଅଭିଯୋଗ ଓ ଟ୍ରାଏଲ୍‌ରେ ଜଣେ ବ୍ୟକ୍ତିଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲରେ ରଖାଯାଇପାରିବ। ବିହାରରେ କଞ୍ଜରଭେସନ ଅଫ୍ ଫରେନ୍ ଏକ୍ସଚେଞ୍ଜ ଆଣ୍ଡ ପ୍ରିଭେନ୍ସନ ଅଫ୍ ସ୍ମଗଲିଂ ଆକ୍ଟ, ୧୯୮୪ କାର୍ଯ୍ୟକରୁଛି। ବିନା ଅଭିଯୋଗ କିମ୍ବା ଟ୍ରାଏଲ୍‌ରେ ଜଣେ ବ୍ୟକ୍ତିଙ୍କୁ ଦ୍ରବ୍ୟ ଚୋରା କାରବାର କିମ୍ବା ଏହାକୁ ସହାୟତା କରିବା ବା ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଶ୍ରୟ ଦେବା, ଚୋରା ଦ୍ରବ୍ୟ ରଖିବା ଓ ପରିବହନରେ ସହାୟତା କରୁଥିବା ବ୍ୟକ୍ତିଙ୍କୁ ଦୁଇବର୍ଷ ଯାଏ ଅଟକ ରଖାଯିବାର ପ୍ରାବଧାନ ଅଛି। କଶ୍ମୀରରେ ବି ଏମିତିକା ତିନୋଟି ଆଇନ ରହିଛି। ବିନା ଅଭିଯୋଗ କିମ୍ବା ଟ୍ରାଏଲରେ ପ୍ରଥମ ଆଇନରେ ୬ମାସ, ଦ୍ୱିତୀୟଟିରେ ୧ ବର୍ଷ ଓ ତୃତୀୟରେ ୨ ବର୍ଷ ଅଟକ ରଖାଯାଉଛି। ପଶ୍ଚିମବଙ୍ଗରେ ୧୯୭୦ର ପ୍ରିଭେନସନ ଆଣ୍ଡ୍ ଭାଓଲେଣ୍ଟଆକ୍ଟିଭିଟିଜଆକ୍ଟ ଚାଲିଛି। ଛତିଶଗଡ଼ରେସାମ୍ବାଦିକମାନଙ୍କୁଏନ୍ଏସ୍ଏବଳରେ ସେମାନଙ୍କ ରିପୋର୍ଟିଂ ପାଇଁ ବର୍ଷେ ଯାଏ ଜେଲରେ ରଖାଯିବାର ଧାରା ଜାରି ରହିଛି।

ଏହିସବୁ ଆଇନ ଇଂରେଜ ଅମଳର ନୁହେଁ। ଏଗୁଡ଼ିକୁ ଆମେ ହିଁ ଗଢ଼ିଛୁ। ପ୍ରତ୍ୟେକ ରାଜ୍ୟ ମନଇଚ୍ଛା ଏଗୁଡ଼ିକୁ ବ୍ୟବହାର କରୁଛନ୍ତି, ହେଲେ ନ୍ୟାୟପାଳିକାରୁ କୌଣସି ପ୍ରତିରୋଧ ନାହିଁ। ଆଜିକାଲି ଆମେ କିଛି ବର୍ଗର ଲୋକଙ୍କୁ ଶତ୍ରୁ ଭାବେ ବିବେଚନା କରି ସେମାନଙ୍କୁ ଦେଶଦ୍ରୋହୀ ବୋଲି କହୁଛୁ। ରୌଲାଟ ଆଇନ ସାରା ଦେଶରେ କେବେ ବି ଲାଗୁ କରାଯାଇ ନ ଥିଲା। କିନ୍ତୁ ଆମେ ହାତଗଢ଼ା 'ରୌଲାଟ ଆଇନ'କୁ ସବୁ ରାଜ୍ୟରେ ଆମ ଲୋକମାନଙ୍କ ବିରୋଧରେ ହିଁ ପ୍ରୟୋଗ କରୁଛୁ। ଆମେ ଏବେ କାହିଁକି ଏସବୁ ଆଇନ ବିରୋଧରେ ଜାଲିଆନାୱାଲାବାଗ ଭଳି ସମାବେଶ କରୁନାହୁଁ? ନାଗରିକମାନଙ୍କ ଉପରେ ଚାଲିଥିବା ଦମନଲୀଳାକୁ କାହିଁକି ଆମ ନିର୍ବାଚିତ ପ୍ରତିନିଧିମାନେ ବିରୋଧ କରୁନାହାନ୍ତି, ଯେଭଳି ଇମ୍ପେରିଆଲ ଲେଜିସ୍ଲେଟିଭ କାଉନ୍ସିଲରେ ଭାରତୀୟ ସଦସ୍ୟମାନେ କରିଥିଲେ। ଆମେ କ'ଣ ଏହାର ଧାରା, ଅତ୍ୟାଚାର ଏବଂ ଆମ ବ୍ୟକ୍ତିଗତ ଅଧିକାରଗୁଡ଼ିକ ପ୍ରତି ସଚେତନ ନୋହୁଁ କି? ବିଦେଶୀମାନେ ଏହି ଆଇନଗୁଡ଼ିକୁ ଗଢି ନ ଥିବାରୁ ଏହା ଆମକୁ ଠିକ୍ ଲାଗୁଛି ଓ ଗ୍ରହଣୀୟ ହୋଇଯାଇଛି କି?

Email:aakar.patel@gmail.com

# ପ୍ରଜ୍ଞାପୁରୁଷ ପଣ୍ଡିତ ନୀଳକଣ୍ଠ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ପଣ୍ଡିତ ନୀଳକଣ୍ଠଙ୍କର ବୌଦ୍ଧିକତାରେ ଥିଲା ବିଶ୍ୱକୋଷିକ ବ୍ୟାପ୍ତି। ନୀଳକଣ୍ଠଙ୍କର ଆଗ୍ରହ କେଉଁ ଅବଲୁପ୍ତ ଯୁଗର ମିଶର, ସୁମେର, ମହେଞ୍ଜୋଦାରୋ ସଭ୍ୟତାଠାରୁ ଆରମ୍ଭକରି ସାମ୍ପ୍ରତିକ କାଳର ରାଜନୀତି ପର୍ଯ୍ୟନ୍ତ, ଭାଷାତତ୍ତ୍ୱଠାରୁ ଆରମ୍ଭକରି ସଂସ୍କୃତିର ସୂକ୍ଷ୍ମ ବିଶ୍ଳେଷଣ ପର୍ଯ୍ୟନ୍ତ, କାବ୍ୟଠାରୁ ଆରମ୍ଭକରି ଦୈନିକ ଓ ମାସିକ ଖବରକାଗଜ ସମ୍ପାଦନା ପର୍ଯ୍ୟନ୍ତ, ବହୁ କ୍ଷେତ୍ରରେ ଯେପରି ପ୍ରକାଶ ପାଇଥିଲା ତାହା ଭାବିଲେ ତାଙ୍କ ନିକଟରେ ଆମ ମୁଣ୍ଡ ନଇଁଯାଏ। ସେ ପୁଣି ତାଙ୍କ କାଳରେ ଥିଲେ ଜଣେ ପ୍ରସିଦ୍ଧ ବାଗ୍ମୀ ବା ଅରେଟର। ଜଣେ ବ୍ୟକ୍ତିଙ୍କର ଏତେ ସିଦ୍ଧି ଓ ସଫଳତାର ଏପରି ପୁନରାବୃତ୍ତି ବୋଧହୁଏ ହେବ ନାହିଁ।

ପଣ୍ଡିତ ନୀଳକଣ୍ଠଙ୍କ ଜୀବନର ରାଜନୈତିକ ଦିଗଟିର ଆଲୋଚନା ଯେତେ ଗୁରୁତ୍ୱ ବହନ କରିଛି ତାଙ୍କ ବୌଦ୍ଧିକ ଦିଗରେ ଆଲୋଚନା ସେତେ ଗୁରୁତ୍ୱ ଲାଭ କରିପାରିନାହିଁ। ସାମ୍ପ୍ରତିକ କାଳରେ ରାଜନୀତି ଏକମାତ୍ର ନିୟାମକ ହୋଇପଡ଼ିଥିବା ବେଳେ ଏ ପ୍ରକାର ସାମଞ୍ଜସ୍ୟହୀନ ମୂଲ୍ୟାଙ୍କନ ସ୍ୱାଭାବିକ। ପୁଣି ଓଡ଼ିଶାରେ କଂଗ୍ରେସ ରାଜନୀତି ନୁହେଁ, ସ୍ୱାଧୀନତା ପରବର୍ତ୍ତୀ କାଳରେ କେତେକ ଘଟଣାର ପ୍ରଭାବ ଓ ପ୍ରତିକ୍ରିୟାରେ ବିରୋଧୀ ପକ୍ଷର ଭୂମିକାରେ ପଣ୍ଡିତ ନୀଳକଣ୍ଠଙ୍କର ଅବଦାନ କିଛି କମ୍ ନୁହେଁ। ୧୯୩୬ରେ ଓଡ଼ିଶା ପ୍ରଦେଶ ଗଠନ ପର୍ଯ୍ୟନ୍ତ ଓଡ଼ିଶାରେ କଂଗ୍ରେସରେ ସେ ଅବିସମ୍ବାଦିତ ନେତା ଥିଲେ, ତାଙ୍କ ବଳିଷ୍ଠ ନେତୃତ୍ୱରେ ୧୯୩୭ରେ ଓଡ଼ିଶା ପ୍ରଦେଶର ସର୍ବପ୍ରଥମ ସାଧାରଣ ନିର୍ବାଚନରେ ସ୍ରୋତର ପ୍ରତିକୂଳ ମଧ୍ୟରେ ଓଡ଼ିଶାରେ କଂଗ୍ରେସ ବିପୁଳ ସଂଖ୍ୟାଗରିଷ୍ଠତା ଲାଭ କରିଥିଲା, ଏହା ଅସ୍ୱୀକାର କରିବାର ଉପାୟ ନାହିଁ। ପରବର୍ତ୍ତୀ ସମୟରେ କଂଗ୍ରେସରେ ଗୋଷ୍ଠୀ ବିବାଦର ଶିକାର ହୋଇ ସେ କଂଗ୍ରେସରୁ ବିଦାୟ ନେଇଥିଲେ ମଧ୍ୟ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଆମନ୍ତ୍ରଣ କ୍ରମେ ପୁଣି କଂଗ୍ରେସରେ ସମ୍ମାନିତ ଆସନ ଲାଭ କରିଥିଲେ। ପଣ୍ଡିତ ନୀଳକଣ୍ଠଙ୍କ ସମୟରେ ଯେଉଁମାନେ ରାଜନୀତିରେ ଯୋଗଦେଇଥିଲେ ସେମାନେ ପ୍ରତ୍ୟେକେ ଥିଲେ ଜଣେ ଜଣେ ବିଦ୍ୱାନ୍– ସେ ହୋଇପାରନ୍ତି ପଣ୍ଡିତ ମଦନମୋହନ ମାଳବ୍ୟ କିମ୍ବା ପଣ୍ଡିତ ଜବାହରଲାଲ ନେହେରୁ କିମ୍ବା ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ଅଥବା ପଣ୍ଡିତ ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠ। କିନ୍ତୁ ଆମେ ନମ୍ରତାର ସହିତ ଏହା କହିବାକୁ ଚାହୁଁ ଯେ ପଣ୍ଡିତ ନୀଳକଣ୍ଠଙ୍କ ମୂଲ୍ୟାଙ୍କନ କଲାବେଳେ ରାଜନୀତି ଅପେକ୍ଷା ପାଣ୍ଡିତ୍ୟ ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅପୂରଣୀୟ ସ୍ଥାନ ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିଥିଲା। ସେଥିପାଇଁ ସେଦିନ ମାୟାଧର ମାନସିଂ 'କୋଣାର୍କ' କାବ୍ୟର ମୁଖବନ୍ଧରେ ଏକଥା ଯଥାର୍ଥରେ କହିଥିଲେ– ''ରାଜନୈତିକ ନୀଳକଣ୍ଠ କାଆଲି ବିସ୍ମୃତିଗର୍ଭରେ ଲୀନ ହୋଇଯିବେ ମାତ୍ର ପଣ୍ଡିତ ନୀଳକଣ୍ଠଙ୍କର ମୃତ୍ୟୁନାହିଁ।'' ସଂଯୋଗକ୍ରମେ ପଣ୍ଡିତ ନୀଳକଣ୍ଠ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରଥମ ସଭାପତି ଥିଲେ। ଏହାଦ୍ୱାରା ଓଡ଼ିଶା ସାହିତ୍ୟ ଏକାଡ଼େମୀର ମର୍ଯ୍ୟାଦା ବହୁ ପରିମାଣରେ ବୃଦ୍ଧି ହୋଇଥିଲା।

ନୀଳକଣ୍ଠଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ସତ୍ୟବାଦୀ ବନବିଦ୍ୟାଳୟ ପିଲାମାନଙ୍କର ଶୃଙ୍ଖଳାଜ୍ଞାନ ଓ ଦୃଢ଼ ଚରିତ୍ରବତ୍ତା ଲକ୍ଷ୍ୟ କରି ମଧୁସୂଦନ ଦାସ କହିଥିଲେ, ଗୋପବନ୍ଧୁ ଓ ନୀଳକଣ୍ଠ! ତୁମେ ଜାତୀୟ ବିଦ୍ୟାଳୟ ଛାତ୍ରମାନେ ବାସ୍ତବିକ ନିଆଁପିଣ୍ଡୁଳା। ମଧୁସୂଦନ ଦାସ ଆନନ୍ଦରେ ଗୋପବନ୍ଧୁ ଓ ନୀଳକଣ୍ଠଙ୍କୁ କୁଣ୍ଢାଇପକାଇ କହିଥିଲେ, ''ଗୋପବନ୍ଧୁ! ନାଳନ୍ଦାଟାଏ ତ ଗଢ଼ିଦେଲୁ!'' ଗୋପବନ୍ଧୁ କହିଲେ ''ମୁଁ ନୁହେଁ ନୀଳକଣ୍ଠ।''

ଜାତୀୟତାର ସ୍ୱାଭିମାନ ଓ ସ୍ୱାଧୀନତାର ପ୍ରାଣପ୍ରତିଷ୍ଠା ପାଇଁ ସେ ଆଜୀବନ ସଂଗ୍ରାମ ଚଳାଇଥିଲେ। ତାଙ୍କ ସଂଗ୍ରାମର ସ୍ଥଳୀ ଥିଲା ସାଧାରଣ ସ୍କୁଲ ପଢ଼ିଆଠାରୁ ଆରମ୍ଭକରି କେନ୍ଦ୍ର ଆସେମ୍ବ୍ଲି ଏବଂ ଜନତା ଜନାର୍ଦ୍ଦନଙ୍କର ବକ୍ତୃତା ମଞ୍ଚ। ମେଦିନୀପୁରଠାରୁ ମଞ୍ଜୁଷା ପର୍ଯ୍ୟନ୍ତ ସେ ଝୁଲାମଣି ଧରି ବୁଲିଥିଲେ ଓଡ଼ିଶାରେ ବ୍ୟାପକ ଜନଜାଗରଣ ପାଇଁ। ଲକ୍ଷ୍ୟ ଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ। ବନ୍ଦୀ ଜୀବନକୁ ସେ ବ୍ୟର୍ଥ ଭାବେ ବିତାଇ ନ ଥିଲେ। କାରାଗାର କକ୍ଷରେ ତାଙ୍କର ବହୁ ମୂଲ୍ୟବାନ ଲେଖା ରୂପ ପାଇଥିଲା।

ରାଜନୈତିକ ଝଡ଼ଝଞ୍ଜା ମଧ୍ୟରେ ସେ କିପରି ଏତେ ସମୟ ବାହାର କରିପାରୁଥିଲେ ଶାସ୍ତ୍ର, ପୁସ୍ତକ ଓ ପୁରାଣଗ୍ରନ୍ଥ ଅଧ୍ୟୟନ ପାଇଁ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ତାଙ୍କ କଥାରେ, ଲେଖାରେ ଏବଂ ବକ୍ତୃତାରେ ଏକ ବହୁମୁଖୀ ପ୍ରତିଭା ପ୍ରତିଫଳିତ ହେଉଥିଲା। ଚିନ୍ତା ଓ ଚେତନା ଦୃଷ୍ଟିରୁ ତାଙ୍କୁ ବିରୋଧ କଲେ ମଧ୍ୟ ଏଡ଼ାଇଦେଇ ହେବନାହିଁ।

ଓଡ଼ିଶା ବିଧାନସଭାର ବାଚସ୍ପତି ଭାବେ ସେ ଯେଉଁ ନିର୍ଣ୍ଣାୟକ ଭୂମିକା ନିଭାଇଛନ୍ତି ତାହା ଏବେ ମଧ୍ୟ ବିଧାନସଭା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ପୂର୍ବରୁ ଲୋକ ସଭା ଓ ବିଧାନସଭା ଭଙ୍ଗ ପରେ ବାଚସ୍ପତି ପଦବୀ ଆପେ ଆପେ ମଉଳି ଯାଉଥିଲା। କିନ୍ତୁ ପଣ୍ଡିତ ନୀଳକଣ୍ଠଙ୍କ ଅକାଟ୍ୟ ଯୁକ୍ତି ଫଳରେ ବାଚସ୍ପତି ନୂତନ ବିଧାନସଭା ବା ଲୋକ ସଭା ଗଠିତ ପର୍ଯ୍ୟନ୍ତ ରହିପାରିବେ ବୋଲି ଭାରତ ସରକାର ନିଷ୍ପତ୍ତି ନେଲେ। ସଂସଦୀୟ ଗଣତନ୍ତ୍ର କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠଙ୍କ ଏହା ଏକ ମହାର୍ଘ ଅବଦାନ।



ତିରୋଧାନ ଦିବସ ଉପଲକ୍ଷେ

ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟରେ ତାଙ୍କର ପାଣ୍ଡିତ୍ୟ ଥିଲା। ଉଭୟ ଦେଶର ଧର୍ମ, ଦର୍ଶନ ଓ ଆଧ୍ୟାତ୍ମିକ ନୀତି ସମ୍ପର୍କରେ ନିରବଚ୍ଛିନ୍ନ ଅନୁଶୀଳନ କରିଚାଲିଥିଲେ। ତାଙ୍କର ବିଶେଷତ୍ୱ ଏହା ଥିଲା ଯେ, ସେ କାହାରି ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ କିମ୍ବା କାହାକୁ ନିଜର ମତ ଜାହିର କରି ପ୍ରଭାବିତ କରିବାକୁ ଚେଷ୍ଟା କରୁ ନ ଥିଲେ।

ଜଣେ ଆଦର୍ଶ ଶିକ୍ଷକ ଓ ସାମ୍ବାଦିକ ଭାବେ ତାଙ୍କ ସାଧନା ଅପରିସୀମ। ନୀଳକଣ୍ଠଙ୍କ ସମ୍ପାଦିତ 'ନବଭାରତ' ଓଡ଼ିଶାର ସଂସ୍କୃତି, ସାହିତ୍ୟ ଓ ସାଧାରଣ କ୍ଷେତ୍ରରେ ଏକ ଅନୁଷ୍ଠାନ କହିଲେ କିଛି ଭୁଲ ହେବନାହିଁ। ଓଡ଼ିଶା ସାମ୍ବାଦିକତା କ୍ଷେତ୍ରରେ ''ନବଭାରତର ଅବଦାନ ଅପୂରଣୀୟ।'' ଏ କଥା କହିବାକୁ ଦ୍ୱିଧା ନାହିଁ ଯେ, ନବଭାରତ ପରି ସାହିତ୍ୟ ପତ୍ରିକା ପୂର୍ବରୁ କେବେ ନ ଥିଲା କିମ୍ବା ଆଜି ପର୍ଯ୍ୟନ୍ତ ସେ ଅଭାବ ପୂରଣ ହୋଇପାରି ନାହିଁ। କାରଣ ନୀଳକଣ୍ଠଙ୍କ ପରି ଜଣେ ସର୍ବମାନ୍ୟ ଗୁଣି ସମ୍ପାଦକ ଆଉ ସେ ସ୍ଥାନ ପୂରଣ କରିପାରି ନାହାନ୍ତି। ନୀଳକଣ୍ଠ ହେଉଛନ୍ତି ଶିଶୁରାଇଜର ବିଶ୍ୱକର୍ମା। ସେ ହିଁ ଓଡ଼ିଆ ସାହିତ୍ୟରେ ପ୍ରଥମେ ଶିଶୁକବିର ମାନ୍ୟତା ଲାଭ କରିଛନ୍ତି। ନୀଳକଣ୍ଠଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ ଏ ଦିଗଟି ବିଶେଷ ଭାବରେ ପଲ୍ଲବିତ ହୋଇ ନ ଥିଲା।

ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ ନିକଟରେ ସାଧାରଣ ଲୋକ କାହିଁକି, ବୁଦ୍ଧିଜୀବୀଙ୍କର ମଧ୍ୟ ଆଖି ପାଉନଥିଲା। ପଣ୍ଡିତଜୀ ଯାହା କହୁଥିଲେ ବା ଆଲୋଚନା କରୁଥିଲେ ତାହା ବେଦର ଗାର ବୋଲି ସମସ୍ତେ ମନେ କରୁଥିଲେ। ମାତ୍ର ପଣ୍ଡିତ ନୀଳକଣ୍ଠଙ୍କ ନିକଟରେ ପାଣ୍ଡିତ୍ୟର ସ୍ୱାଭିମାନ ଥିଲା ସତ; କିନ୍ତୁ ସେ ଅହଂକାରୀ ଓ ଅନ୍ଧାନୁସାରୀ ନଥିଲେ। ସେ ଯାହା ଲେଖୁଥିଲେ ତାହା ଅନ୍ୟମାନଙ୍କୁ ପଢ଼ି ଶୁଣାଉଥିଲେ। ଯଦି କେହି ମତାମତ ବ୍ୟକ୍ତ କରେ ଏବଂ ସେ ତା'କୁ ଉଚିତ ମନେ କରନ୍ତି; ସଙ୍ଗେ ସଙ୍ଗେ ତାଙ୍କ ପୂର୍ବ ଲେଖାକୁ ସଂଶୋଧନ କରିଦିଅନ୍ତି। ଏହା ହେଉଛି ପ୍ରକୃତ ଗୁଣୀ ଲୋକର ପରିଚୟ। ସେହିପରି କଲିକତା ବିଶ୍ୱବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁଖାର୍ଜୀଙ୍କର ଅନୁରୋଧକ୍ରମେ ପଣ୍ଡିତ ନୀଳକଣ୍ଠ କିଛିଦିନ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକ ରୂପେ କାର୍ଯ୍ୟ ନିର୍ବାହ କରିଥିଲେ। ମାତ୍ର ସ୍ୱାଧୀନତା ଆନ୍ଦୋଳନର ଆହ୍ୱାନ ତାଙ୍କୁ ଅଧ୍ୟାପନାରେ ବାନ୍ଧି ରଖିପାରି ନ ଥିଲା। ଆଲେଖ୍ୟର କ୍ଷୁଦ୍ର କଳେବର ମଧ୍ୟରେ ଏପରି ଜଣେ ମନୀଷୀଙ୍କର ବ୍ୟକ୍ତିତ୍ୱର ଆକଳନ କରିବା ହୁଏତ ଆମ ପକ୍ଷରେ ସମ୍ଭବ ହୋଇ ନ ପାରେ। ଏ କଥା ସତ୍ୟ ଯେ, ତାଙ୍କ ଭଳି ପ୍ରଜ୍ଞାପୁରୁଷ କୋଟିଏରେ ଗୋଟିଏ ଭାବେ ଧରାପୃଷ୍ଠରେ ଜନ୍ମ ନେଇଥାନ୍ତି।

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର
ମୋ: ୯୪୩୮୦୭୨୮୫୦

# ବ୍ରାଜିଲର ସଂସ୍କାରବାଦୀ ନେତା

ବ୍ୟକ୍ତିତ୍ୱ



ଲୁଲା ଡା ସିଲ୍‌ଭା

ଇଚ୍ଛାଶକ୍ତି ଦୃଢ଼ ଥିଲେ ବଡ଼ ହେବା ଲାଗି ଦାରିଦ୍ର୍ୟ କଦାପି ବାଧକ ସାଜି ନ ଥାଏ। ଇତିହାସରେ ଏହାର ଅନେକ ଦୃଷ୍ଟାନ୍ତ ରହିଛି। ବ୍ରାଜିଲର ନୂଆ ରାଷ୍ଟ୍ରପତି ଭାବେ ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ଏବେ ନିର୍ବାଚିତ ହେବା ପରେ ପୁଣି ତାଙ୍କ ସଂଘର୍ଷର କାହାଣୀ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଛି। ପିଢ଼ି ପରେ ପିଢ଼ି ଆଗକୁ ବଢ଼ିବା ଲାଗି ଏହିଭଳି ଉଦାହରଣରୁ ପ୍ରେରଣା ପାଇଥାଆନ୍ତି। ସମଗ୍ର ବିଶ୍ୱରେ ଲୁଲା ଭାବେ ପରିଚିତ ଏହି ନବ ନିର୍ବାଚିତ ରାଷ୍ଟ୍ରପତିଙ୍କ ପିଲାଦିନ ଥିଲା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ। ୨୭ ଅକ୍ଟୋବର ୧୯୪୫ରେ ବ୍ରାଜିଲ ପର୍ନାମ୍‌ବୁକୋର କାଏଟେସ୍‌ରେ ଏକ ଅପାଠୁଆ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିତା ଆରିଷ୍ଟିଡିସ୍ ଇନ୍‌ସାନିଓ ଡା ସିଲ୍‌ଭା ଓ ମାତା ଇରୁଡାଇସ୍ ଫେରେଇରା ଡେ ମେଲୋଙ୍କ ୮ ସନ୍ତାନ ମଧ୍ୟରୁ ଲୁଲା ଥିଲେ ଅନ୍ୟତମ। ସେ ଜନ୍ମ ହେବାର ଦୁଇ ସପ୍ତାହ ପରେ ପିତା ଆରିଷ୍ଟିଡିସ୍ ସାଓ ପାଉଲୋ ଚାଲିଯାଇଥିଲେ। ତାଙ୍କ ମା' ଜଣେ ପର୍ତ୍ତୁଗିଜ ତଥା ଇଟାଲୀୟ ବଂଶୋଦ୍ଭବ ଥିଲେ। ଡିସେମ୍ବର ୧୯୫୨ରେ ଲୁଲାଙ୍କୁ ଯେତେବେଳେ ୭ ବର୍ଷ ହୋଇଥିଲା ମାତା ତାଙ୍କ ପିତାଙ୍କୁ ଖୋଜିବାକୁ ସାଓ ପାଉଲୋ ଚାଲିଯାଇଥିଲେ। ସେଠାରେ ଯାଇ ଦେଖିବାରୁ ତାଙ୍କ ସ୍ୱାମୀ ଆଉ ଜଣେ ମହିଳା ଭାଲ୍‌ଡୋମିରାଙ୍କ ସହ ଦ୍ୱିତୀୟ ସଂସାର ଗଢ଼ିଛନ୍ତି। ତଥାପି ଦୁଇ ପରିବାର ଗୋଟିଏ ଘରେ ରହିଥିଲେ। ହେଲେ ସମ୍ପର୍କ ଭଲ ରହିଲା ନାହିଁ। ବାଧ ହୋଇ ଇରୁଡାଇସ୍ ତାଙ୍କ ପିଲାମାନଙ୍କୁ ନେଇ ଅନ୍ୟତ୍ର ରହିଲେ। ଏହି ସମୟରେ ତାଙ୍କ ଆର୍ଥିକ ଅବସ୍ଥା ଖରାପ ହୋଇଯାଇଥିଲା। ଫଳରେ ଲୁଲା ୧୦ ବର୍ଷ ଯାଏ ଭଲରେ ପଢ଼ି ପାରି ନ ଥିଲେ ଓ ଶେଷରେ ସେକେଣ୍ଡ ଗ୍ରେଡ୍‌ରୁ ସେ ସ୍କୁଲ ଛାଡ଼ି ଦେଇଥିଲେ। ପରିବାରକୁ ପୋଷିବା ଲାଗି ୧୨ ବର୍ଷ ବୟସରେ ଜୋତା ପଲିସି କରିବା ଓ ପରେ ବୁଲା ବିକାଳି ହୋଇଥିଲେ। ୧୪ ବର୍ଷ ବୟସ ବେଳେ ଗୋଟେ ୱେୟାରହାଉସ୍‌ରେ ବିଧିବଦ୍ଧ କାମ କରିବାର ସୁଯୋଗ ପାଇଥିଲେ। ତଥାପି ଦୁଃଖ ତାଙ୍କ ପିଛା ଛାଡ଼ି ନ ଥିଲା। ଏକ ଅଟୋମୋବାଇଲ ଯନ୍ତ୍ରାଂଶ କାରଖାନାରେ ପ୍ରେସ୍ ଅପରେଟର ଭାବେ କାମ କରୁଥିବା ବେଳେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇ ବାମ ହାତର କାଣି ଆଙ୍ଗୁଠି ହରାଇଥିଲେ। ସେତେବେଳେ ତାଙ୍କ ବୟସ ଥିଲା ମାତ୍ର ୧୯। ଏପରି କି ଡାକ୍ତରୀ ସୁବିଧା ପାଇବା ପାଇଁ ତାଙ୍କୁ ବିଭିନ୍ନ ହସ୍ପିଟାଲ ଦୌଡ଼ିବାକୁ ପଡ଼ିଥିଲା। ଏଭଳି ଦୁର୍ଦ୍ଦଶା ଓ ସଂଘର୍ଷମୟ ଜୀବନ ତାଙ୍କୁ ଶ୍ରମିକ ସଙ୍ଗଠନରେ ଅଂଶଗ୍ରହଣ କରିବା ଲାଗି ଆଗ୍ରହ ଜନ୍ମାଇଥିଲା। ଯେତେବେଳେ ସେ ସେଥିରେ ନିଜକୁ ସାମିଲ କରିଦେଲେ ଓ ଧୀରେ ଧୀରେ ନିଜ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କଲେ, ସେତେବେଳେ ଶ୍ରମିକ ସଙ୍ଗଠନର ବଡ଼ ପଦବୀ ତାଙ୍କ ପାଖକୁ ଚାଲିଆସିଲା। ୧୯୭୫ରେ ସେ ଷ୍ଟିଲ୍ ୱାର୍କର୍ସ ୟୁନିୟନ ଅଫ୍ ସାଓ ବର୍ନାର୍ଡେ ଡୋ କମ୍ପୋ ଆଣ୍ଡ୍ ଡାଏଡେମାର ସଭାପତି ହେବାର ଗୌରବ ଅର୍ଜନ କରିଥିଲେ। ଫଳରେ ସେହି ଶ୍ରମିକ ସଂଘର ସୌଧରୁ ଗଢ଼ି ଉଠିଲା ଲୁଲାଙ୍କ ରାଜନୈତିକ ଜୀବନ।

ଟ୍ରେଡ୍ ୟୁନିୟନର ଅଭିଜ୍ଞତାକୁ ଉପଯୋଗ କରି ଲୁଲା ୧୦ ଫେବୃୟାରୀ ୧୯୮୦ରେ କେତେକ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଶ୍ରମିକ ସଂଘ ନେତାଙ୍କୁ ନେଇ ପାର୍ଟିଡୋ ଡସ୍ ଟ୍ରାଭାଲ୍‌ହାଡୋରେସ୍ (ପିଟି) ବା ୱାର୍କର୍ସ ପାର୍ଟି ନାମରେ ପ୍ରଗତିଶୀଳ ଚିନ୍ତାଧାରା ଉପରେ ଆଧାରିତ ବାମପନ୍ଥୀ ରାଜନୈତିକ ଦଳ ଗଢ଼ିଥିଲେ। ସେତେବେଳେ ବ୍ରାଜିଲରେ ସାମରିକ ଶାସନ ଚାଲିଥିଲା। ୧୯୮୨ରେ ତାଙ୍କ ଆଇନଗତ ନାମରେ ସେ ଡାକ ନାମ 'ଲୁଲା' ଯୋଡ଼ିଦେଇଥିଲେ। ସୌଭାଗ୍ୟକ୍ରମେ ୧୯୮୩ରେ ସେ ସେଣ୍ଟ୍ରାଲ୍ ୟୁନିକା ଡସ୍ ଟ୍ରାଭାଲ୍‌ହାଡୋରେସ (ସିୟୁଟି) ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ତେବେ ୧୯୮୪ରେ ପିଟି ମାଧ୍ୟମରେ ସେ ବ୍ରାଜିଲର ରାଷ୍ଟ୍ରପତି ନିର୍ବାଚନ ଲାଗି ସିଧାସଳଖ ଲୋକପ୍ରିୟ ଭୋଟ କରିବା ସକାଶେ ଦାବି କରିଥିଲେ। ଉଲ୍ଲେଖଯୋଗ୍ୟ, ୧୯୬୪ରୁ ସେଠାରେ ସାମରିକ ଶାସନ ଚାଲି ଆସୁଥିଲା। ନାଗରିକ ସେଥିରେ ଅତିଷ୍ଠ ଥିଲେ। ଲୁଲା ଓ ପିଟି ସମର୍ଥକମାନେ ନିର୍ବାଚନୀ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଲାଗି ଚଳାଇଥିବା ଅଭିଯାନ ସମୟକ୍ରମେ ଆଂଶିକ ସଫଳତା ପାଇଥିଲା। ପ୍ରତ୍ୟକ୍ଷ ନ ହୋଇ ପରୋକ୍ଷ ଭାବେ ୧୯୮୫ରେ ଲୁଲାଙ୍କ ସମର୍ଥନରେ ନାଗରିକ ରାଷ୍ଟ୍ରପତି ଭାବେ ଟାନ୍‌କ୍ରେଡୋ ନେଭେସ୍ ନିର୍ବାଚିତ ହୋଇଥିଲେ। ପରେ ୧୯୮୯ରେ ଦେଶରେ ସିଧାସଳଖ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଲୁଲା ୱାର୍କିଂ କ୍ଲାସ୍ ପ୍ରେସିଡେଣ୍ଟ ହେବା ପାଇଁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ ମଧ୍ୟ ବିଫଳ ହୋଇଥିଲେ। ତା' ପରେ ୧୯୯୪ ଓ ୧୯୯୮ରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ମଧ୍ୟ ସେ ଅସଫଳ ହୋଇଥିଲେ। ଶେଷରେ ଭାଗ୍ୟଦେବୀ ୨୦୦୨ରେ ତାଙ୍କୁ ରାଷ୍ଟ୍ରପତି ଆସନରେ ବସିବା ଲାଗି ଆଶୀର୍ବାଦ ଦେଇଥିଲେ। ତାଙ୍କ ଶାସନ ସମୟରେ ସେ ପ୍ରଣୟନ କରିଥିବା ନୀତି ଯୋଗୁ ଦେଶର ଅନେକ ନିୟୁତ ଗରିବ ଉପରକୁ ଉଠିବାରେ ସକ୍ଷମ ହୋଇଥିଲେ। ଏପରି କି ଦେଶର ଅର୍ଥନୀତି ବିଶ୍ୱର ୬ଷ୍ଠ ସର୍ବବୃହତ୍ ଅର୍ଥନୀତିର ମାନ୍ୟତା ପାଇପାରିଥିଲା। ୨୦୧୦ ଯାଏ ରାଷ୍ଟ୍ରପତି ରହିଥିବା ଲୁଲାଙ୍କ ସରକାର ନାମରେ ଦୁର୍ନୀତି ଅଭିଯୋଗ ଆସିବା ପରେ ସେ ପଦତ୍ୟାଗ କରିଥିଲେ। ୨୦୧୭ରେ ତାଙ୍କୁ ଏଥିଲାଗି ଦେଢ଼ ବର୍ଷ ଜେଲ୍ ଯିବାକୁ ପଡ଼ିଥିଲା। ପରେ ଦୋଷମୁକ୍ତ ହୋଇ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ସକ୍ଷମ ହେବାରୁ ସେ ଏବେ ଦେଶବାସୀଙ୍କ ସମର୍ଥନ ପାଇପାରିଛନ୍ତି। ୨୦୨୩ ଜାନୁୟାରୀ ପହିଲାରେ ସେ ବ୍ରାଜିଲର ୩୯ତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବେ। କୁହାଯାଉଛି ବୋଲସେନାରୋଙ୍କ ଏକଚ୍ଛତ୍ରବାଦୀ ଚିନ୍ତାଧାରାକୁ ପ୍ରତିହତ କରିବାରେ ଲୁଲା ସକ୍ଷମ ହେବାରୁ ତାଙ୍କୁ ଏହି ସଫଳତା ମିଳିଛି। ଏବଂ ତାଙ୍କ ନେତୃତ୍ୱ ବ୍ରାଜିଲକୁ ପୁନଃ ଦୃଢ଼ ଅର୍ଥନୀତିରେ ପରିଣତ କରିବ ବୋଲି ଦେଶବାସୀ ଆଶା ରଖିଲେଣି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

'ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ' ଭାଗବତର ଏହି ଉକ୍ତିରେ ଯଥାର୍ଥତା ପ୍ରତିପାଦିତ ହୋଇଛି ଜଣେ ୮ ବର୍ଷର ବାଳକଙ୍କ କ୍ଷେତ୍ରରେ। ଛତିଶଗଡ଼ର ଜସପୁର ଜିଲାରେ ଘଟିଥିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା କ୍ରମରେ ୮ ବର୍ଷ ବୟସ୍କ ଦୀପକଙ୍କୁ ଏକ ବିଷଧର ସାପ କାମୁଡ଼ିବା ପରେ ବାଳକ ଜଣକ ସାପକୁ ଦୁଇଥର କାମୁଡ଼ିବା ଯୋଗୁ ସାପର ମୃତ୍ୟୁ ଘଟିଛି ଓ ବାଳକ ଜଣଙ୍କ ବଞ୍ଚିଯାଇଛନ୍ତି। ଦୀପକ ଖେଳୁଥିବାବେଳେ ଏକ ସାପ ଆସି ତାଙ୍କ ହାତରେ ଗୁଡ଼ାଇ ହୋଇ ତାଙ୍କୁ କାମୁଡ଼ିଥିଲା। ସେ ଯନ୍ତ୍ରଣାରେ କାନ୍ଦିବାକୁ ଆରମ୍ଭ କଲେ ମଧ୍ୟ ସାପକୁ ହାତରୁ ବାହାର କରିପାରି ନ ଥିଲେ। ସେ ଜୀବନ ବଞ୍ଚାଇବାକୁ ଯାଇ ସାହସର ସହିତ ସାପକୁ ଦୁଇଥର କାମୁଡ଼ି ଦେବାରୁ ସାପଟିର ମୃତ୍ୟୁ ଘଟିଥିଲା। ସାପ କାମୁଡ଼ିବା ବିଷୟ ଦୀପକ ପରିବାର ଲୋକଙ୍କୁ ଜଣାଇବା ପରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ଦୀପକଙ୍କୁ ଆଣ୍ଟି ଭେନମ ଇଞ୍ଜେକ୍ସନ ଦିଆଯାଇଥିଲା। ଡାକ୍ତରମାନେ କହିଥିଲେ ଯେ, ସାପଟି ଡ୍ରାଏ ବାଇଟ୍ କରିଥିଲା, ଅର୍ଥାତ୍ ଯେତେବେଳେ ସାପ ଦୀପକଙ୍କୁ ଦଂଶନ କଲା, ସେତେବେଳେ ବିଷ ବାହାରି ନ ଥିଲା, ଯେଉଁଥିପାଇଁ ଦୀପକଙ୍କର ଜୀବନ ବଞ୍ଚିଗଲା।

## ୨୫ ବର୍ଷ ତଳର ଧରିତ୍ରୀ

୬ ନଭେମ୍ବର ୧୯୯୭

- କାମ୍ବୋଡିଆରେ ପ୍ରବାହିତ ସାମୁଦ୍ରିକ ଝଡ଼ (ଲିଣ୍ଡା) ପ୍ରବାହରେ ୨୦ ମତ୍ସ୍ୟଜୀବୀଙ୍କ ମୃତ୍ୟୁ।
- ୟୁନେସ୍କୋ ପରିଷଦ ପ୍ରତିନିଧିତ୍ୱ ପାଇଁ ପୂର୍ବତନ ବୈଦେଶିକ ସଚିବ ମୁଚକୁନ୍ଦ ଦୁବେ ନିର୍ବାଚିତ।

## ଚିରନ୍ତନୀ

ଅଙ୍ଗେ ଅଙ୍ଗ ଇଙ୍ଗିତ କେତେ ଲାଗିଲା।
ଚମକାଇ
ତୃଷିତ ଆଖିରେ ଯେତେ ମୁଖଛବି ଜାଗିଲା
ମନେ ନାହିଁ।
(ମନେ ନାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | 9 | |
| 5 | | | | 3 | | 1 | 6 | 7 |
| 4 | | | | | 2 | | | |
| | | | 6 | 1 | | | 2 | |
| | | | | | | | 5 | 9 |
| | 3 | | 9 | | | | | 1 |
| 1 | | 4 | 7 | | | | | 5 |
| | | | 4 | | | 9 | | 6 |
| 9 | | 2 | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 5 | 7 | 6 | 9 | 3 | 4 | 2 |
| 4 | 3 | 6 | 1 | 5 | 2 | 7 | 9 | 8 |
| 2 | 7 | 9 | 3 | 4 | 8 | 1 | 5 | 6 |
| 7 | 2 | 4 | 6 | 3 | 5 | 9 | 8 | 1 |
| 9 | 6 | 8 | 2 | 1 | 4 | 5 | 3 | 7 |
| 1 | 5 | 3 | 8 | 9 | 7 | 6 | 2 | 4 |
| 5 | 9 | 2 | 4 | 7 | 1 | 8 | 6 | 3 |
| 6 | 4 | 1 | 5 | 8 | 3 | 2 | 7 | 9 |
| 3 | 8 | 7 | 9 | 2 | 6 | 4 | 1 | 5 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବେକାର ବୃଦ୍ଧି ଓ ନିଯୁକ୍ତି ହ୍ରାସରେ ଭାରତ ଆଗୁଆ

ମହାଶୟ,

ଭାରତରେ ବେକାରି ସମସ୍ୟା ଏବେ ଅତି ଭୟଙ୍କର। ବ୍ରିଟେନରେ ବେକାରି ହାର ୩.୭%, ଚାଇନାରେ ୩.୮%, ଆମେରିକାରେ ୩.୫%, ଜାପାନରେ ୩%, ଜର୍ମାନୀରେ ୪% ଥିବା ବେଳେ ଭାରତରେ ବେକାରି ହାର ୨୦୨୨ ଅକ୍ଟୋବରରେ ୭.୪୩% ରହିଛି। ଅନୁରୂପ ଭାବେ ନିଯୁକ୍ତି ହ୍ରାସରେ ଭାରତ ମଧ୍ୟ ଆଗୁଆ। ଆମେରିକାରେ ନିଯୁକ୍ତି ହାର ୬୦%, ଜାପାନରେ ୬୪.୩%, ଜର୍ମାନୀରେ ୬୮.୩%, ବ୍ରିଟେନରେ ୭୫.୬% ଓ ଚାଇନାରେ ୬୭.୪% ଥିବାବେଳେ ଭାରତରେ ନିଯୁକ୍ତି ହାର ୫୫% ରହିଛି। ପୁନଶ୍ଚ ଭାରତରେ ଯେତିକି ନିଯୁକ୍ତି ସୃଷ୍ଟି ହେଉଛି, ତନ୍ମଧ୍ୟରେ ୬୭% ଅସୁରକ୍ଷିତ। ସମ୍ପ୍ରତି ବେକାରି ହାର ବୃଦ୍ଧି ଓ ନିଯୁକ୍ତି ହାର ହ୍ରାସ ଭାରତର ଏକ ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏହି ସମସ୍ୟାର ସମାଧାନ ଦିଗରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ଉଚିତ।

– ଅକ୍ଷୟ କୁମାର ମହାନ୍ତି
ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପଦ୍ମପୁର ଉପ ନିର୍ବାଚନ ପାଇଁ କଂଗ୍ରେସ କମିଟି

ଭୁବନେଶ୍ୱର,(ବ୍ୟୁରୋ): ଆଗାମୀ ପଦ୍ମପୁର ଉପନିର୍ବାଚନ ନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏକ କମିଟି ଗଠନ କରିଛନ୍ତି । ଏହି କମିଟିରେ ପୂର୍ବତନ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ ଅଧକ୍ଷ ରହିଥିବା ବେଳେ ବିଧାୟକ ସନ୍ତୋଷ ସିଂ ସାଲୁଜା ଆବାହକ ଓ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଏବଂ ବିଧାୟକ ସି. ଏସ ରାଜନ ଏକା ସଭ୍ୟ ରହିଛନ୍ତି । ଉକ୍ତ କମିଟି ଖୁବଶୀଘ୍ର ପଦ୍ମପୁର ଗ୍ରସ୍ତକରି ସମ୍ଭାବ୍ୟ ପ୍ରାର୍ଥୀ ଚୟନ ନେଇ ସେଠାକାର ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ।



କଂଗ୍ରେସର ନବନିର୍ବାଚିତ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସମ୍ବର୍ଦ୍ଧନା ଲାଗି ବେଙ୍ଗାଲୁରୁର ପ୍ୟାଲେସ୍ ଗ୍ରାଉଣ୍ଡରେ ପ୍ରସ୍ତୁତି ଚାଲିଥିବାବେଳେ ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ବିଶାଳ କଟ୍‌ଆଉଟ୍ ଲଗାଯାଇଛି।

## ଡିସେମ୍ବର ୫ରେ ମୈନପୁରୀ ଲୋକ ସଭା ଉପନିର୍ବାଚନ

ନୂଆଦିଲ୍ଲୀ,୫।୧୧(ପି.ଟି.)

ଉତ୍ତରପ୍ରଦେଶର ମୈନପୁରୀ ଲୋକ ସଭା ଆସନ ସମେତ ରାମପୁର, ଓଡ଼ିଶାର ପଦ୍ମପୁର, ରାଜସ୍ଥାନର ସର୍ଦ୍ଦାରସହର, ବିହାରର କୁର୍ହାନି ଏବଂ ଛତିଶଗଡ଼ର ଭାନୁପ୍ରତାପପୁର ବିଧାନସଭା ଆସନରେ ଡିସେମ୍ବର ୫ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ଶନିବାର ତାରିଖ ଘୋଷଣା କରାଯାଇଛି। ଡିସେମ୍ବର ୮ରେ ଫଳାଫଳ ପ୍ରକାଶ ପାଇବ। ମୁଲାୟମ ସିଂ ଯାଦବଙ୍କ ଦେହାନ୍ତ ପରେ ମୈନପୁରୀ ଲୋକ ସଭା ଆସନ ଖାଲି ପଡ଼ିଥିଲା। ସେହିପରି ଉତ୍ତରପ୍ରଦେଶର ରାମପୁର ବିଧାନସଭା ଆସନରୁ ବିଧାୟକ ଥିବା ସମାଜବାଦୀ ପାର୍ଟି ନେତା ମହମ୍ମଦ ଆଜମ ଖାନ୍‌ଙ୍କ ଘୃଣା ମନ୍ତବ୍ୟ ମାମଲାରେ ୩ ବର୍ଷ ଜେଲଦଣ୍ଡ ହେବାରୁ ତାଙ୍କ ସଭ୍ୟପଦ ରଦ୍ଦ ହୋଇଥିଲା।

# ଲକ୍ଷାଧିକ ଚାକିରି ଖୋଜୁଥିବାବେଳେ ମୋଦି କେତେ ହଜାରଙ୍କୁ ନିଯୁକ୍ତିପତ୍ର ଦେଉଛନ୍ତି: ଖାର୍ଗେ

ନୂଆଦିଲ୍ଲୀ,୫।୧୧

ଦେଶରେ ବେରୋଜଗାରୀ ବଢ଼ିଚାଲିଥିବାରୁ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ଦେଶରେ ଲକ୍ଷ ଲକ୍ଷ ଯୁବତୀଯୁବକ ଚାକିରି ଖୋଜୁଥିବା ବେଳେ ପ୍ରଧାନମନ୍ତ୍ରୀ ରୋଜଗାର ମେଳା ନାମରେ ଅଳ୍ପ କେତେ ହଜାରଙ୍କୁ ନିଯୁକ୍ତିପତ୍ର ଧରାଉଛନ୍ତି। ବର୍ଷକୁ ୨ କୋଟି ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ ମୋଦି କ୍ଷମତାକୁ ଆସିଥିଲେ। ସେ ୨ କୋଟି ନୂଆ ନିଯୁକ୍ତି ସୃଷ୍ଟି କରିବା ପ୍ରତିଶ୍ରୁତିକୁ ଭୁଲିଯାଇଛନ୍ତି। ୮ ବର୍ଷ ଶାସନରେ ଥାଇ ମୋଦି କେନ୍ଦ୍ର ସରକାରରେ ଖାଲିପଡ଼ିଥିବା ୧୦ ଲକ୍ଷ ପଦବୀ ପୂରଣ କରିବା ପାଇଁ ମଧ୍ୟ ଚିନ୍ତା କରି ନ ଥିବା ଖାର୍ଗେ କହିଛନ୍ତି। ପ୍ରଧାନମନ୍ତ୍ରୀ ଦିଲ୍ଲୀରେ ରୋଜଗାର ମେଳା କରି ୭୫,୦୦୦ଙ୍କୁ ନିଯୁକ୍ତିପତ୍ର ଦେଇଥିବାବେଳେ ଗୁଜରାଟରେ ୧୩,୦୦୦ ଏବଂ ଜମ୍ମୁ-କଶ୍ମୀରରେ ୩,୦୦୦ଙ୍କୁ ନିଯୁକ୍ତି ପତ୍ର ଦେଇଛନ୍ତି। ଗ୍ରାମାଞ୍ଚଳରେ ବେରୋଜଗାରୀ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଗତ ୬ ବର୍ଷରେ ଗ୍ରାମାଞ୍ଚଳ ବେରୋଜଗାରୀ ୭.୦୨ ପ୍ରତିଶତକୁ ବୃଦ୍ଧି ପାଇଛି। ସରକାରୀ ଚାକିରିଟିଏ ପାଇବା ପାଇଁ ଯୁବତୀ ଯୁବକଙ୍କୁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡ଼ୁଛି। ଭାଜପାର ମିଥ୍ୟା ପ୍ରତିଶ୍ରୁତି ଏବଂ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା କଂଗ୍ରେସ ଅଧକ୍ଷ କହିଛନ୍ତି। ପରିସ୍ଥିତି ଏଭଳି ହୋଇଛି ଯେ ଅଗ୍ନିପଥ ଯୋଜନାରେ ୪୦ ହଜାର ପଦବୀ ପାଇଁ ୩୫ ଲକ୍ଷ ଆବେଦନ କରିଛନ୍ତି।

**ପଦ୍ମପୁର ଉପନିର୍ବାଚନ**

# ପ୍ରାର୍ଥିତ୍ୱକୁ ନେଇ ବଢ଼ିଲା ଉତ୍କଣ୍ଠା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍.୫।୧୧

ବରଗଡ଼ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ଡିସେମ୍ବର ୫ତାରିଖରେ ଉପନିର୍ବାଚନ ହେବ। ଏଥିପାଇଁ ନଭେମ୍ବର ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏହା ଘୋଷଣା ହେବା ପରେ କେବଳ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। କେଉଁ ଦଳ କାହା ଉପରେ ଆସ୍ଥା ରଖି ନିର୍ବାଚନ ମଇଦାନକୁ ପ୍ରାର୍ଥୀ ଛାଡ଼ିବ, ସେହି ପ୍ରାର୍ଥିତ୍ୱକୁ ନେଇ ସଭିଁଙ୍କ ମନରେ ଉତ୍କଣ୍ଠା ବଢିଯାଇଛି। ଚୂଡ଼ାନ୍ତ ହୋଇ ନ ଥିଲେ ମଧ୍ୟ କଂଗ୍ରେସରୁ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ଭାଜପାରୁ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଦଳୀୟ ପ୍ରାର୍ଥୀ ହେବେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ବିଜେଡ଼ି ଉପନିର୍ବାଚନ ମଇଦାନକୁ ଜଣେ ମହିଳାଙ୍କୁ ଛାଡ଼ିବ ବୋଲି ଆଲୋଚନା ହେଉଛି। ତେବେ ବିଜେଡି ଆଶାୟୀଙ୍କ ମଧ୍ୟରେ ସ୍ୱର୍ଗତ ବରିହାଙ୍କ ପୁଅ ଭୋଜରାଜ ଥିଲେ ମଧ୍ୟ ପ୍ରାର୍ଥିତ୍ୱରେ ତାଙ୍କୁ ବୟସ ବାଧକ ସାଜୁଥିବା ସୂଚନା ମିଳିଛି।

### ହାଇକମାଣ୍ଡ ନେବେ ନିଷ୍ପତ୍ତି



ଆମ ଦଳ ମଜବୁତ୍ ଅଛି। ଲୋକାଭିମୁଖୀ ଯୋଜନା କରିଛି। ଯୋଜନାଗୁଡ଼ିକ ଲୋକଙ୍କ ପାଖକୁ ପହଞ୍ଚିଛି। ଲୋକଙ୍କୁ ମୌଳିକ ସେବା ଯୋଗାଇବାରେ ଦଳ ସବୁବେଳେ କାର୍ଯ୍ୟ କରିଆସିଛି। ପଦ୍ମପୁର ଉପନିର୍ବାଚନରେ ବିଜେଡ଼ିର ବିଜୟ ଅନିବାର୍ଯ୍ୟ। ତେବେ ଉପନିର୍ବାଚନରେ ଦଳ କାହାକୁ ଟିକେଟ ଦେବ, ସେ ନେଇ ହାଇକମାଣ୍ଡ ହିଁ ନିଷ୍ପତ୍ତି ନେବେ। ବିଜେଡି ଏକ ଶୃଙ୍ଖଳିତ ଦଳ ଏବଂ ସେହି ନିଷ୍ପତ୍ତିକୁ ଦଳର ସମସ୍ତେ ନିଶ୍ଚୟ ମାନିବେ।

- ପ୍ରସନ୍ନ ଆଚାର୍ଯ୍ୟ, ରାଜ୍ୟ ଉପସଭାପତି, ବିଜେଡି

### ପ୍ରଦୀପଙ୍କ ନାମରେ ମୋହର



ଭାଜପା ଏକ ଜାତୀୟ ଦଳ। କିଏ ଲଢ଼ିବ, କିଏ ନ ଲଢ଼ିବ, ତାହା କେନ୍ଦ୍ରୀୟ କମିଟି ନିଷ୍ପତ୍ତି ନେବ। କିନ୍ତୁ ୨୦୦୯, ୨୦୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ଦଳ ପ୍ରଦୀପ ପୁରୋହିତଙ୍କୁ ପ୍ରାର୍ଥୀ କରିଥିଲା। ପୁରୋହିତ ୨୦୧୪ ନିର୍ବାଚନରେ ଜିତିଥିଲେ। ୨୦୧୯ ନିର୍ବାଚନରେ ସେ ହାରିଥିଲେ ମଧ୍ୟ ଲୋକଙ୍କ ସାଙ୍ଗରେ ଅଛନ୍ତି। ଫଳରେ ଦଳ ତାଙ୍କ ଉପରେ ମୋହର ମାରିପାରେ। କେନ୍ଦ୍ରୀୟ କମିଟିର ଘୋଷଣା କେବଳ ବାକି ଅଛି।

- ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି, ଭାଜପା

### ସତ୍ୟଭୂଷଣଙ୍କୁ ମିଳିପାରେ ଟିକେଟ



ସତ୍ୟଭୂଷଣ ସାହୁ ଆମ ଦଳର ଜଣେ ବରିଷ୍ଠ ନେତା। ସେ ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ନିଜ ଉଦ୍ୟମ ଜାରି ରଖିଛନ୍ତି। ସେ ଲୋକଙ୍କ ସାଙ୍ଗରେ ଥିଲେ ଏବଂ ଏବେ ମଧ୍ୟ ଅଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀ ଲୋକେ ତାଙ୍କୁ ଚାହୁଁଛନ୍ତି। ଫଳରେ ଦଳ ତାଙ୍କୁ ପ୍ରାର୍ଥୀ କରିପାରେ ବୋଲି ସମ୍ଭାବନା ରହିଛି। ରବିବାର ଦଳର ଏକ ପର୍ଯ୍ୟବେକ୍ଷକ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବେ। ଏହାପରେ ଦଳ ଯାହାକୁ ଯୋଗ୍ୟ ମନେ କରିବ, ସେ ହିଁ ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ହେବେ।

- ନୀହାର ରଞ୍ଜନ ମହାନନ୍ଦ, ଜିଲା କଂଗ୍ରେସ ସଭାପତି

# ଧର୍ମଶାଳାରେ ପହଞ୍ଚିଲା ଭାରତ ଯୋଡ଼ୋ ପଦଯାତ୍ରା



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଧର୍ମଶାଳା,୫।୧୧(ଡି.ଏନ.ଏ.)

ଓଡ଼ିଶାରେ ଆରମ୍ଭ ହୋଇଥିବା କଂଗ୍ରେସର ଭାରତ ଯୋଡ଼ୋ ପଦଯାତ୍ରା ଶନିବାର ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ପହଞ୍ଚିଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆସିଥିବା ପଦଯାତ୍ରା ସନ୍ଧ୍ୟାରେ ଜାରକାସ୍ଥିତ ସିନେମାହଲ ନିକଟରେ ପହଞ୍ଚିବା ପରେ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ସଭାପତି କିଷାନ ପଣ୍ଡାଙ୍କ ନେତୃତ୍ୱରେ ବହୁ କର୍ମୀ ପଦଯାତ୍ରୀଙ୍କୁ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଏଠାରେ ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ପିସିସି ସଭାପତି ପଟ୍ଟନାୟକ ସ୍ୱାଗତ ଜଣାଇଥିଲେ। ଏହି ପଦଯାତ୍ରା ଟିମ୍ ଏଠାରେ ରାତ୍ରିଯାପନ କରି ରବିବାର କୋରେଇ ନିର୍ବାଚନମଣ୍ଡଳୀ ଅଭିମୁଖେ ବାହାରିବେ। ଏଠାରେ ରାତ୍ରି ରହଣି ଅବସରରେ ପିସିସି ସଭାପତିଙ୍କ ଦ୍ୱାରା ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ପିସିସି ସଭାପତି ପଟ୍ଟନାୟକ କହିଥିଲେ, ବିଜେଡି ସରକାର ୨୨ ବର୍ଷ ଧରି ଶାସନରେ ରହିଆସିଥିବା ବେଳେ ରାଜ୍ୟରେ ଦରଦାମ ବୃଦ୍ଧି, ବେକାରି ସମସ୍ୟା, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ନାରୀ ନିର୍ଯାତନା, ଚାଷୀ ଆତ୍ମହତ୍ୟା ଭଳି ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଦୀର୍ଘ ବର୍ଷ ହେଲା କଂଗ୍ରେସ ଶାସନରୁ ଦୂରେଇ ରହିଥିଲେ ମଧ ଏବେବି ଅନେକ କର୍ମୀଙ୍କ ମନୋବଳ ଦୃଢ଼ ରହିଛି ବୋଲି ସେ କହିଥିଲେ। ଜାନୁୟାରୀ ଶେଷ ସୁଦ୍ଧା ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରୀୟ କଂଗ୍ରେସ କମିଟି ଗଠନ କରାଯିବ ବୋଲି ପଟ୍ଟନାୟକ ପ୍ରକାଶ କରିଥିଲେ।

ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ପିସିସି ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଏଆଇସିସିର ପୂର୍ବତନ ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ, ଜିଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତ, ବ୍ଲକ କଂଗ୍ରେସ ସଭାପତି କିଷାନ ପଣ୍ଡା, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜାରକାସ୍ଥିତ ଧର୍ମଶାଳା ପ୍ରେସ୍‌କ୍ଲବ ପରିସରରେ ଥିବା ପ୍ରେସ୍ କ୍ଲବର ଦିବଂଗତ ସଭାପତି ନରହରି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।


**OFFICE OF THE SUPERINTENDENT**
**SCB MEDICAL COLLEGE HOSPITAL, CUTTACK**
E-mail: scbsuperintendent@gmail.com
No.25222 / Dt.3.11.2022

**TENDER CALL NOTICE**

No.E-600:- Sealed tenders are invited from the interested Manufacturer/ Authorized Dealers / Suppliers for supply of Electrical Neurosurgical drill & craniotome system of Neurosurgery Dept. in SCB Medical College Hospital, Cuttack. The detailed of tender papers along with terms and conditions can be obtained from Store Section (NTSK side), Office of the Superintendent, SCB Medical College & Hospital, Cuttack during office hours from 11 A.M. to 4 P.M. on all working days on payment of Rs.500/- (Rupees Five hundred) only in the Accounts Section (Users) and also obtained from website i.e. "http://www.scbmch.in" from 7.11.2022. The tender paper should reach the office of the undersigned with all requisite documents through Speed Post / Regd. Post only by 28.11.2022 by 4 P.M. The authority reserves the right to cancel or reject any or all the tenders without assigning any reason thereof.

**Sd./- Medical Superintendent**
**SCB Medical College Hospital**
**Cuttack**
OIPR-10186/11/0020/2223



See Career Appointment on every Wednesday & Saturday



**KASTURBA GANDHI BALIKA VIDYALAYA**
**SORADA BLOCK, GOUDAGOTHA**
**TENDER CALL NOTICE**

LT. NO.52/22 Date: 04.11.22

Sealed tenders are invited from the registered / reputed firms and manufacturer for supply of items like **Grocery, Dress materials & Bedding Items, Cosmetic & Toilet items, Office & Student stationeries, Slipper & sports shoe** to the Kasturba Gandhi Balika Vidyalaya, GOUDAGOTHA, Block SORADA, District GANJAM for the year-2022-23. Interested parties / firms can purchase the tender forms from Office of the KGBV, GOUDAGOTHA w.e.f. 05.11.22 to 20.11.2022 in all working day from 10.00 A.M. to 4.00 P.M. on payment of 500/- (Five hundred) only non refundable in cash. The tenders completed in all respect along with requisite documents and Earnest Money (Refundable) in shape of Bank Draft in favour of the HM KGBV EPF AC GOUDAGOTHA payable at State Bank of India, Branch SURADA would only received up to 4.00 P.M. of dated 20.11.22. Tender form should be submitted through Speed/ Registered Post only. Tenders submitted without EMD will be summarily rejected. Last date of receipt of tender form is upto 4 P.M. of dated 20.11.22. The KGBV Level Purchase Committee meeting will be held on 24.11.22 at 12 P.M. in this KGBV for opening of the tender. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.

**Sd./- HEAD MISTRESS, KGBV, GOUDAGOTHA**



**OFFICE OF THE SUPERINTENDING ENGINEER, RWSS DIVISION, RAIRANGPUR**
**INVITATION FOR BIDS**
E-mail: eerwss_rai@nic.in, eerwss.rai@gmail.com
**e-PROCUREMENT NOTICE**
**IDENTIFICATION No. 33 RWSS/RRPUR-2022-23 / Dated: 03.11.2022**

No. O-1215: The Superintending Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/Class registered with Central Govt./Railways.

1. Nature of work : a) Execution of clubbed up of PWS schemes to different villages of Bisoi Block under RWS&S Division, Rairangpur in the District of Mayurbhanj.
2. No. of packages : 01 (One) No.
3. Period of Completion : 11 (Eleven) Months
4. Cost of Tender : Rs.10000.00
5. Estimated Cost : Rs.352.55 lakhs
6. Class of Contractor : (As mentioned in Tender Call Notice)
7. Date and time of availability of bid documents in portal : From 10 hours of 10.11.2022 to 17.00 hours of 29.11.2022
8. Receipt of bid cost, bid security, documents : Online only
9. Date & time of opening of technical bid : Dt.30.11.2022 at 11.00 hours onwards
10. Other documents : (As mentioned in DTCN)
11. The bidders have to participate in Online bidding only. Further details can be seen from the website **https://www.tendersodisha.gov.in**.
12. Any addendum/corrigendum/cancellation of tender can also be seen in the said website.

**Sd./- Superintending Engineer**
**RWSS Division, Rairangpur**
OIPR-25010/11/0034/2223



**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
**1st Corrigendum to Bid Identification No. CCE/BLS/NCB/357**

No. O-1217: In pursuance to this office e-Procurement Notice for **NCB - 357,** some corrections has been made.

1. Letter No. 4131 **Dt.31.11.2022** may be read as Letter No. 4131, **Dt.30.10.2022**.
2. Date & time of opening of tender in O/o C.C.E.R.W. Circle, Balasore for Technical Bid **Dt.23.08.2022** may be read as **Dt.23.11.2022**.
3. Last date & time of seeking tender clarification **Dt.21.08.2022** may be read as **Dt.21.11.2022**.

**Sd./- Chief Construction Engineer**
**Rural Works Circle, Balasore**
OIPR-25105/11/0039/2223



**OFFICE OF THE SUPERINTENDING ENGINEER, DEOGARH (R&B) DIVISION, DEOGARH**
No. B-793 E-mail ID: eepwddeogarh@gmail.com
**INVITATIONS FOR BIDS (IFB)**
Letter. No. 4485 **Invitation for Bids** Dtd. 04.11.2022
**Bid Identification No. SE PWD DGR No. 14 of 2022-23**
**(SHORT TENDER CALL NOTICE)**

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh on behalf of Governor of Odisha, invites percentage rate bids in single/ double cover system in ONLINE MODE only, for Construction of Building and Road as detailed below. | | |
| 2. | Nature of Work | : | Road works |
| 3. | No. of Works | : | Road 4 Nos. |
| 4. | Bid Cost. | : | Rs.6,000/- |
| 5. | Class of Contractor | : | "B" Class |
| 6. | Availability of Bid Documents in the website | : | From Dt.09.11.2022 to 17.00 hours of Dt.18.11.2022 |
| 7. | Date of Opening of Technical Bid | : | Dt.19.11.2022 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

**Sd./- Superintending Engineer**
**Deogarh (R&B) Division**
OIPR-34061/11/0009/2223



GOVERNMENT OF ODISHA No. A-693
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, BARIPADA IRRIGATION CIRCLE, BARIPADA**
'e' mail: sebicbpd@gmail.com
**'e' Procurement Notice No. ACEBIC-BID-01/2022-23**

| Procurement Officer | Name of Work | Bid Identification No. | Cost of Work (Rs. in Lakhs) | Bid Security (Rs.) E.M.D. | Cost of bid Documents (Rs.) | Class of Contractor | Period of Completion | Bid documents available Online for Bidding From | To | Date of Opening of Technical Bid (Cover-I) |
|---|---|---|---|---|---|---|---|---|---|---|
| Additional Chief Engineer, Baripada Irrigation Circle, Baripada | Improvement to road Dumuda Flood Embankment from RD 0.00 Km to 2.500 Km Kasaba TRE (RD 00 to 2.00 Km.) and Parikhi Saline Embankment (RD 00 to 2.00 Km.) | ACEBIC-BID-01 | 425.79 | 'Bid Security Declaration' Annexure - III of Section - 6 | 10,000.00 | 'A' Class | 6 (Six Calendar Months) | 07.11.2022 from 10.00 A.M. | 23.11.2022 upto 5.00 P.M. | 24.11.2022 at 11.00 A.M. |
| | Improvement to OCC Range-IV(B) left bank from Solpata to Tiakhia (RD 138.400 Km to 145.400 Km) and right bank from Solpata Foot Bridge to Gududa Chhak (RD 138.600 Km to 143.600 Km.) | ACEBIC-BID-02 | 479.56 | 'Bid Security Declaration' Annexure - III of Section - 6 | 10,000.00 | 'A' Class | 6 (Six Calendar Months) | 07.11.2022 from 10.00 A.M. | 23.11.2022 upto 5.00 P.M. | 24.11.2022 at 11.00 A.M. |
| | Improvement to right bank of river Subarnarekha (Darabudhi Flood Embankment from Gilajodi to Gosainpatna) | ACEBIC-BID-03 | 499.98 | 'Bid Security Declaration' Annexure - III of Section - 6 | 10,000.00 | 'A' Class | 6 (Six Calendar Months) | 07.11.2022 from 10.00 A.M. | 23.11.2022 upto 5.00 P.M. | 24.11.2022 at 11.00 A.M. |
| | Improvement to right bank of river Jalaka Mathani Matiasol Flood Embankment | ACEBIC-BID-04 | 499.98 | 'Bid Security Declaration' Annexure - III of Section - 6 | 10,000.00 | 'A' Class | 6 (Six Calendar Months) | 07.11.2022 from 10.00 A.M. | 23.11.2022 upto 5.00 P.M. | 24.11.2022 at 11.00 A.M. |
| | Improvement to Mandhata to Panchupali Flood Embankment via Bhanreswar | ACEBIC-BID-05 | 427.94 | 'Bid Security Declaration' Annexure - III of Section - 6 | 10,000.00 | 'A' Class | 6 (Six Calendar Months) | 07.11.2022 from 10.00 A.M. | 23.11.2022 upto 5.00 P.M. | 24.11.2022 at 11.00 A.M. |
| | Improvement to service road on Bhograi Capital Embankment from RD 10.00 Km to 16.00 Km. | ACEBIC-BID-06 | 428.04 | 'Bid Security Declaration' Annexure - III of Section - 6 | 10,000.00 | 'A' Class | 6 (Six Calendar Months) | 07.11.2022 from 10.00 A.M. | 23.11.2022 upto 5.00 P.M. | 24.11.2022 at 11.00 A.M. |
| | Improvement to Service road on Flood Guard Embankment from RD 00 to 6.400 Km. | ACEBIC-BID-07 | 427.84 | 'Bid Security Declaration' Annexure - III of Section - 6 | 10,000.00 | 'A' Class | 6 (Six Calendar Months) | 07.11.2022 from 10.00 A.M. | 23.11.2022 upto 5.00 P.M. | 24.11.2022 at 11.00 A.M. |
| | Improvement to road on Bhograi Capital Embankment from RD 16.00 Km. to 23.00 Km. (WRD 16.00 Km. to 20.00 Km.) | ACEBIC-BID-08 | 499.52 | 'Bid Security Declaration' Annexure - III of Section - 6 | 10,000.00 | 'A' Class | 6 (Six Calendar Months) | 07.11.2022 from 10.00 A.M. | 23.11.2022 upto 5.00 P.M. | 24.11.2022 at 11.00 A.M. |
| | Improvement to road on Gabagaon Flood Embkt. Chargochhia Flood Embankment, Nuanaighat Capital Embkt., Dehepada F.E. and Kantabania F.E. | ACEBIC-BID-09 | 499.99 | 'Bid Security Declaration' Annexure - III of Section - 6 | 10,000.00 | 'A' Class | 6 (Six Calendar Months) | 07.11.2022 from 10.00 A.M. | 23.11.2022 upto 5.00 P.M. | 24.11.2022 at 11.00 A.M. |
| | Improvement to road on Sikharpur to Mahulia Srirampur, Bazarsol and Naranpur TRE | ACEBIC-BID-10 | 499.21 | 'Bid Security Declaration' Annexure - III of Section - 6 | 10,000.00 | 'A' Class | 6 (Six Calendar Months) | 07.11.2022 from 10.00 A.M. | 23.11.2022 upto 5.00 P.M. | 24.11.2022 at 11.00 A.M. |
| | Improvement to road on Ulluda - Khaiabadia TRE, Rella-Baiganbadia TRE and Namkana for 2022-23 | ACEBIC-BID-11 | 499.95 | 'Bid Security Declaration' Annexure - III of Section - 6 | 10,000.00 | 'A' Class | 6 (Six Calendar Months) | 07.11.2022 from 10.00 A.M. | 23.11.2022 upto 5.00 P.M. | 24.11.2022 at 11.00 A.M. |

Further details conditions can be seen from the Govt. website: **www.tendersorissa.gov.in**.
**OIPR-32162/11/0002/2223** **Sd./- Additional Chief Engineer, Baripada Irrigation Circle, Baripada**



**OFFICE OF THE REGULATED MARKET COMMITTEE, BALANGIR**
**At- Kansaripada, P.O./Dist.- Bolangir**
**E-mail address: rmcbgr@rediffmail.com**
No.1/RMC Date: 4.11.2022

**SHORT QUOTATION CALL NOTICE**

Sealed quotations in plain paper / letter pad are invited by the Chairman RMC, Bolangir from the reputed Manufacturer / Authorized dealer / Stockist for supply, installation, commissioning along with AMC charges of following grading equipment according to specification communicated vide letter No. 3252 Dt.30.10.2018 of OSAM Board, Bhubaneswar for use in paddy procurement operation 2022-23.

1. The bidder shall have to submit two separate quotations envelope i.e. Part-1 Technical Bid and Part-2 Financial Bid.
2. The bidder must have submit the Valid Manufacturing licence / mode of approval /dealer and repairing licence / ISO / GST registration / Pan card with technical bid.
3. Performance shall be given according to better quality and performance of the machine.
4. The tentative requirement of each items are
   1. Electronic Weighing Scale (300 KG Capacity) : 30 Nos.
   2. Mini Grader: 20 Nos.
   3. Moisture Meter: 30 Nos.

The quotation should reach to the undersigned on or before 14.11.2022 at 3.00 P.M. by hand / post and the same will be opened on 14.11.2022 at 4.00 P.M. in presence of the quotationer or their authorized agent. For further query / information, the officer concerned may be contacted during the office hour. The authority has reserved the right to accept or reject any or all quotation without assigning any reason thereof.

**Sd./- Chairman, RMC, Bolangir**



**ORISSA STATE AIDS CONTROL SOCIETY (OSACS)**
OSACS
**(Department of Health & Family Welfare), Government of Odisha**
No.3476 / OSACS Dated: 04.11.2022

**SHORT TENDER CALL NOTICE**

No.E-603:- Orissa State AIDS Control Society (OSACS) invites tender from the registered experienced and reputed Agencies / firms having expertise in the field of documentation and publication of Journals & bulletins along with conceptualization, designing, editing & printing of the News Letter for OSACS in English language. The interested agencies having high editorial skills, capability of designing and publication of bulletin and experience in evaluating HIV project / Health project may submit their proposals uperscribing as **"Tender for Half Yearly News Letter of OSACS 2022-23"** to the undersigned through Speed Post / Registered Post / courier services only which should reach on or before 3.00 P.M. of 24.11.2022 positively. The detailed Terms of Reference (ToR) are available in the websites i.e. www.osacs.nic.in, which may be downloaded for use. The undersigned reserves the right to reject any or all the tender without assigning any reason thereof.

**Sd./- Project Director**
**Orissa State AIDS Control Society**
**(Department of Health & Family Welfare), Govt. of Odisha,**
**2nd Floor, Oil Orissa Building, F-Nayapalli, Bhubaneswar-12**
OIPR-10009/11/0007/2223

# ଲୁଣା ନଦୀବନ୍ଧ ରାସ୍ତା ୪୦ଫୁଟ୍ ଦବିଲା




ନଦୀବନ୍ଧରେ ସୃଷ୍ଟି ହୋଇଥିବା ଫାଟ।

- ନିମ୍ନମାନର କାମ ଯୋଗୁ ଏପରି ପରିସ୍ଥିତି
- ବନ୍ଧ ପାର୍ଶ୍ୱରୁ ଚାଲିଛି ଅବାଧ ବାଲି ଚାଲାଣ
- ୨ ପଞ୍ଚାୟତବାସୀ ଗୃହବନ୍ଦୀ

ମାର୍ଶାଘାଇ/ଢ଼େରାବିଶ/ପାଟକୁରା, ୫।୧୧(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକର ଲୁଣା–କରାଣ୍ଡିଆ ଦୀପାଞ୍ଚଳ ଜଳପୋକ ପଞ୍ଚାୟତର ପକ୍ଷଟ ଗ୍ରାମଠାରେ ଲୁଣା ନଦୀବନ୍ଧର ଦକ୍ଷିଣପାର୍ଶ୍ୱ ରାସ୍ତା ଶନିବାର ୪୦ ମିଟର ଦବି ଯାଇଛି । ଫଳରେ ସେହି ରାସ୍ତାରେ ଯାତାୟତ ବନ୍ଦ ରହିଛି । ଏହାକୁ ନେଇ ୨ ପଞ୍ଚାୟତବାସୀ ଯାତାୟତ ବନ୍ଦ ରହିଛି ।

ସୂଚନା ଅନୁଯାୟୀ, ପକ୍ଷଟଠାରେ ଲୁଣା ନଦୀବନ୍ଧ ରାସ୍ତାରେ ଶୁକ୍ରବାର ରାତିରେ ଏକ ସରୁ ଫାଟ ସୃଷ୍ଟି ହୋଇଥିଲା । ଶନିବାର ସକାଳୁ ସେହି ଫାଟ କ୍ରମଶଃ ଚଉଡା ହୋଇ ପ୍ରାୟ ୪୦ ମିଟର ପର୍ଯ୍ୟନ୍ତ ତଳକୁ ଦବି ଯାଇଥିଲା । ସେହି ରାସ୍ତା କେନ୍ଦ୍ରାପଡ଼ା ସଦର ମହକୁମାକୁ ଏକ ମାତ୍ର ଯାତାୟତ ପଥ ହୋଇଥିବାରୁ ସ୍ଥାନୀୟ ଲୋକେ ଏକ ପ୍ରକାର ଗୃହବନ୍ଦୀ ଅବସ୍ଥାରେ ରହିଛନ୍ତି । ପକ୍ଷଟ ଗ୍ରାମର ବିଶ୍ୱ ଭୂଷଣ ମହାନ୍ତି, ମେଘନାଦ ରାଉତ, ସୁରେଶ ଦଳାଇ ଓ ଶାନ୍ତିଲତା ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି, ଏହି ବନ୍ଧରୁ ନଦୀର ଦୂରତା ମାତ୍ର ୫ମିଟର । ନଦୀପଠାରୁ ଦିନରାତି ବାଲି ଚାଲାଣ ଯୋଗୁ ବନ୍ଧ ଦୁର୍ବଳ ହୋଇ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଜଳପୋକ ପଞ୍ଚାୟତର ପକ୍ଷଟ, ଜଳ ପୋକ, କଣିବାଙ୍କ, ଶ୍ରୁତିପୁର ଓ ପାଖ ବଙ୍ଗାଳପୁର ପଞ୍ଚାୟତର ଶିଶୁଆ–ସଠିଲ. ପୁରସ୍ତମପୁର ଗ୍ରାମର ଲୋକମାନେ ଏହି କାରଣରୁ ଚିନ୍ତାରେ ଅଛନ୍ତି । ସେମାନଙ୍କ ଯାତାୟତ ପଥ ବନ୍ଦ ହୋଇଯାଇଥିବାରୁ ଗାଁରୁ ବାହାରକୁ ଆସି ପାରୁ ନାହାନ୍ତି । ବନ୍ଧ ଦବିବା ସ୍ଥାନରୁ ୨ଶହ ମିଟର ପର୍ଯ୍ୟନ୍ତ ନଦୀ ପଟକୁ ଏକ ସରୁ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ବନ୍ଧ ପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ଓ ପାନୀୟ ଜଳ ଯୋଗାଣ ପାଇପ ଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ପାଣି ଓ ବିଦ୍ୟୁତ୍ ଯୋଗାଣରେ ବାଧା ସୃଷ୍ଟି ହୋଇଛି । ଖବର ପାଇ ଜଗତପୁର ନର୍ଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ବେହେରା, ପୁନ୍ଦାଳ ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ରାକେଶ ନାୟକ ଓ ତରତ ସେକ୍ସନ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବର୍ତ୍ତମାନ ନଦୀ ବନ୍ଧ ରାସ୍ତାକୁ ଅସ୍ଥାୟୀ ଭାବେ ମରାମତି କରାଯାଇ ଯାତାୟତ ଉପଯୋଗୀ କରାଯିବ । ଖୁବ୍‌ଶୀଘ୍ର ଟେଣ୍ଡର ଡକାଯାଇ କାମ ଆରମ୍ଭ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଆମ ଡେରାବିଶ ପ୍ରତିନିଧିଙ୍କ ସୂଚନା ଅନୁଯାୟୀ, ନଦୀବନ୍ଧ ସୁଦୃଢ଼ୀକରଣ ଯୋଜନାରେ ଏହି ନଦୀବନ୍ଧକୁ ସାମିଲ କରାଯାଇଥିଲା । ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପକ୍ଷଟଠାରୁ କରିଲୋପାଟଣା ଯାଏ ନଦୀବନ୍ଧ ସଦୃଢ଼ୀକରଣ କରାଯାଇଥିଲା । ନିମ୍ନମାନର କାର୍ଯ୍ୟ ପାଇଁ ଏହି ଯୋଜନା ଫେଲ୍ ମାରିଛି । ଏ ସଂକ୍ରାନ୍ତରେ କଟକ ନର୍ଥ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି । ଲୁଣାନଦୀରେ ଜଳର ସ୍ରୋତ ଅଧିକ ଥିବାରୁ ବନ୍ଧ ପ୍ରତି ଏଭଳି ବିପଦ ସୃଷ୍ଟି ହୋଇଛି । ଖୁବ୍‌ଶୀଘ୍ର ସେହି ନଦୀବନ୍ଧର ମରାମତି କାମ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି ।

# ୧୦ ମତ୍ସ୍ୟଜୀବୀ ଗିରଫ




ଜବତ ଟ୍ରଲର ଉପରେ ଗିରଫ ମତ୍ସ୍ୟଜୀବୀ ।

**ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ କଟକଣା ଉଲ୍ଲଂଘନ**

- ଟ୍ରଲର ସହ ୩୦କୁଇଣ୍ଟାଲ ମାଛ ଜବତ

ମହାକାଳପଡ଼ା/ରାଜନଗର, ୫।୧୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରୁ ଶୁକ୍ରବାର ବିଳମ୍ବିତ ରାତିରେ ପଡୋଶୀ ଜିଲାର ୧୦ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ସୁଶାନ୍ତ କୁମାର ମଣ୍ଡଳ, ପ୍ରଭାଂଶୁ ଗିରି, ଅଶୋକ ମଲ୍ଲିକ, ଉଜ୍ଜ୍ୱଳ ଗିରି, ଗୁରୁପଦ ମଣ୍ଡଳ, ଗୋବିନ୍ଦ ଜେନା, ଗୁରୁପଦ ଦାସ, ପ୍ରଶାନ୍ତ ଦାସ, ନିବେଦନ ସାମଲ, ଗୋବିନ୍ଦ ଗିରି। ସେମାନେ ବ୍ୟବହାର କରୁଥିବା ମା'ଉର୍ବଶୀ –୪ ନାମକ ଟ୍ରଲର, ୩୦ କୁଇଣ୍ଟାଲ ମାଛ ସହ ୨ ଜିପିଏସ୍, ୩ ଭିଏଚଏଫ୍ ସେଟ୍, ୧୨ ଟ୍ରଲିଂ ନେଟ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ. ୧୮ଜି/୨୦୨୨–୨୩ ରୁଜୁ କରାଯାଇଛି। ଏହି ଚଢ଼ାଉରେ ଗହୀରମଥା ରେଞ୍ଜ ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ । ବନ୍ୟପ୍ରାଣୀ ବନ୍ୟ ସଂରକ୍ଷଣ ଆଇନ ୧୯୭୨ ଧାରା ୨୭/୨୯/୩୧ ଅନୁଯାୟୀ ଶନିବାର ପୂର୍ବାହ୍ନରେ ୧୦ ମତ୍ସ୍ୟଜିବୀଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ରେଞ୍ଜ ଅଧିକାରୀ ମାନସ କୁମାର ଦାଶ କହିଛନ୍ତି।

ସୂଚନା ଅନୁଯାୟୀ, ଗତ ୧ ତାରିଖରୁ ମେ'ମାସ ଶେଷ ପର୍ଯ୍ୟନ୍ତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ପ୍ରବେଶ କଟକଣା ଲାଗୁ କରାଯାଇଛି । କୂଳଠାରୁ ୨୦ କିମି ବଫର ଜୋନ୍ ପର୍ଯ୍ୟନ୍ତ ମାଛ ଧରିବାକୁ ବାରଣ କରାଯାଇଛି। ମହାନଦୀ ମୁହାଣଠାରୁ ଧାମରା ମୁହାଣ ପର୍ଯ୍ୟନ୍ତ ୭୦ କି.ମି. ସାମୁଦ୍ରିକ ପଥରେ ୧୪ ସୀମାରେଖା ଚିହ୍ନଟ ପାଇଁ ଭାସମାନ ସଙ୍କେତ(ବଇଁଆ) ରହିଛି । ଏହାପରେ ବି ଟ୍ରଲର ବ୍ୟବସାୟୀମାନେ ସେହି ସୀମାରେଖାକୁ ଉଲ୍ଲଂଘନ କରୁଛନ୍ତି । ଆଗାମୀ ଦିନରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଜୋରଦାର ପାଟ୍ରୋଲିଂ କରାଯିବ ବୋଲି ରେଞ୍ଜର ମାନସ କୁମାର ଦାଶ କହିଛନ୍ତି।

# ବିଶୁଦ୍ଧ ପାନୀୟ ଜଳ ନାଁରେ ଠକେଇ

ପଟ୍ଟାମୁଣ୍ଡାଇ,୫।୧୧(ସ୍ୱ.ପ୍ର.)

- ଫୁଡ୍ ଇନ୍ସପେକ୍ଟରଙ୍କ ନୀରବତାକୁ ନେଇ ପ୍ରଶ୍ନ
- ଲାଇସେନ୍ସ ନ ଥାଇ ଚାଲିଛି କାରବାର
- ହେଉନି ପାଣି ପରୀକ୍ଷଣ

ପିଇବା ପାଣିକୁ ନେଇ ସବୁଠି ସମସ୍ୟା। ଏହାର ଫାଇଦା ନେଇ ବେପାର ଜମାଇଛନ୍ତି କେତେଜଣ ଅସାଧୁ ବ୍ୟବସାୟୀ। ଯେଉଁ ପାଣିକୁ ଲୋକେ କିଣି ପିଉଛନ୍ତି ତାହା ପାନୀୟ ଜଳ ଉପଯୋଗୀ କି ନାହିଁ ତାହା ସେମାନେ ଜାଣି ପାରୁ ନାହାନ୍ତି । କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରରେ ପିଇବା ପାଣି କାରବାରର ଏବେ ଗୁମର ଖୋଲିବାରେ ଲାଗିଛି। ଲାଇସେନ୍ସ ନ ନେଇ ଲକ୍ଷାଧିକ ଟଙ୍କାର ପିଇବା ପାଣିର କାରବାର ଚାଲିଛି। ବିଲ୍ ଭାଉଚର ମାଗିଲେ ବି ଲୋକଙ୍କୁ ଦିଆଯାଉନି। ପାଣି ବୋତଲ ଓ ପାଣି ପାଉଚ୍‌ର ବେଆଇନ କାରବାର ବଢ଼ିଛି । ଏଥିରେ ଲୋକମାନେ ଠକେଇର ଶିକାର ହେଉଛନ୍ତି ।

ନାମୀଦାମୀ କମ୍ପାନୀ ନାମରେ ନକଲି ପାଣି ବୋତଲ ବି ବଜାରରେ ଯାହାକୁ ଯେତେ ମିଳୁଛି । କେବେ ଓ କେଉଁ କମ୍ପାନୀର ପାଣି ବୋତଲ ବଜାରକୁ ଆସୁଛି ତା'ର କୌଣସି ସୂଚନା ନାହିଁ। ପାଣି ପାଉଚ୍ ବିକ୍ରିକୁ ସରକାରୀସ୍ତରରେ ରୋକ୍ ଲଗାଯାଇଥିଲେ ବି ପଟ୍ଟାମୁଣ୍ଡାଇ ଅଞ୍ଚଳରେ କୌଣସି ନିୟମକାନୁନ କେହି ମାନୁ ନାହାନ୍ତି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ପ୍ରସ୍ତୁତକାରୀ ସଂସ୍ଥା ମଧ୍ୟ ପାଣି ପରୀକ୍ଷଣ ରିପୋର୍ଟ କରାଉ ନାହାନ୍ତି । ୭ଦିନରେ ଥରେ ପାଣିର ନମୁନା ଲବ୍ରୋଟରୀରେ ଟେଷ୍ଟ କରାଯିବା କଥା, କିନ୍ତୁ ବହୁ ମାସ ଧରି ନମୁନା ପରୀକ୍ଷଣ ହେଉନାହିଁ । ଏପଟେ ପଟ୍ଟାମୁଣ୍ଡାଇ ବଜାର ଓ ଏହାର ଆଖପାଖ ଅଞ୍ଚଳରେ ବେଆଇନ ଭାବେ ନକଲି କମ୍ପାନୀର ପାଣି ବୋତଲ ଓ ପାଉଚ୍ ବଜାରକୁ ଆସୁଛି। ଉଦ୍‌ବେଗର ବିଷୟ ପାଣି ପାଉଚ୍ ବିକ୍ରି ସମ୍ପୂର୍ଣ୍ଣ ଭାବେ ଅସିଦ୍ଧ ଘୋଷଣା ହୋଇଥିଲେ ବି ଏଠି ଖୋଲାଖୋଲି ବିକ୍ରି ହେଉଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ହାତଗଣତି କେତେ ପାଣି ବୋତଲ ବିକ୍ରୀ କରିବା ପାଇଁ ଅନୁମତି ପାଇଥିବା ବେଳେ ସେମାନଙ୍କ କାରବାର ଉପରେ ବି ପ୍ରାଶାସନିକ କୌଣସି ତଦାରଖ ନାହିଁ। ଏ ନେଇ ଖାଦ୍ୟ ନିରୀକ୍ଷକଙ୍କ କଥା କିନ୍ତୁ ଆଶ୍ଚର୍ଯ୍ୟ କରିଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ଶାଖାରେ କାର୍ଯ୍ୟରତ ଖାଦ୍ୟ ନିରୀକ୍ଷକ ବେଆଇନ ପାଣି କାରବାର ଉପରେ ସମ୍ପୂର୍ଣ୍ଣ ନୀରବ ରହିଛନ୍ତି । ଏପଟେ ତହସିଲଦାର ଦିଲ୍ଲୀପ କୁମାର ସେଠୀ ବେଆଇନ ପାଣି କାରବାର ଉପରେ ପ୍ରାଶାସନିକ ଯାଞ୍ଚ ହେବ ବୋଲି କହିଛନ୍ତି । ପୌର ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ କହିବା କଥା ହେଲା, ପାଣି ପାଉଚ୍ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ପାଇଁ ନିର୍ଦ୍ଦେଶ ରହିଛି। ପୂର୍ବରୁ ପୌରପାଳିକା ସ୍କ୍ୱାଡ୍ ଗଠନ କରି ପାଣି ପାଉଚ୍ ବିକ୍ରି ଉପରେ ରୋକ୍ ଲଗାଇଥିଲା। ଏହା ଭିତରେ ଯଦି ପାଣି ପାଉଚ୍ ବିକ୍ରି ଚାଲିଛି ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିତ୍ତରଞ୍ଜନ



@ ବର୍ଷା



@ ଉଜ୍ଜ୍ୱଳିନୀ



@ ମନ୍ଦାକିନୀ



@ ପ୍ରାଣନାଥ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସ୍ତାରେ ବଉଳା କୁମ୍ଭୀର, ଲୋକେ ଆତଙ୍କିତ

ରାଜନଗର,୫।୧୧(ଡି.ଏନ.ଏ.)

ରାଜନଗର–ଭିତରକନିକା ଜନଗହଳି ରାସ୍ତାର ଜୁଣଗଡିରୁ ଘଡିଆମାଳ ମଧ୍ୟରେ ଶୁକ୍ରବାର ବିଳମ୍ବିତ ରାତିରେ ୧୦ଫୁଟ ଲମ୍ବର ଏକ ବଉଳାକୁମ୍ଭୀର ରାସ୍ତା ପାର ହେଉଥିବା ଦେଖିବାକୁ ମିଳିଥିଲା। ଦେଖଣାହାରୀ କୁମ୍ଭୀରକୁ ଦେଖି ପାଟି କରିବା ସହିତ ବନବିଭାଗକୁ ସୂଚନା ଦେଇଥିଲେ। ଉକ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ବ୍ରାହ୍ମଣୀ ଏବଂ ପାଇଁଶାଳା ନଦୀ ପ୍ରବାହିତ। ବଉଳା କୁମ୍ଭୀରଟି ଖାଦ୍ୟ ଅନ୍ୱେଷଣରେ ବ୍ରାହ୍ମଣୀ ନଦୀରୁ ଉଠିଆସି ରାସ୍ତା ପାର ହୋଇ ପାଇଁଶାଳା ନଦୀକୁ ଯିବା ସମୟରେ ଲୋକେ ଦେଖିଥିଲେ। ବନବିଭାଗ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ ବି କୁମ୍ଭୀର ରାସ୍ତା ପାରି ହୋଇ ନଦୀକୁ ଚାଲିଯାଇଥିଲା। ଏ ସମ୍ପର୍କରେ କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ କହିବା ଅନୁଯାୟୀ ଭିତରକନିକାକୁ ଜାତୀୟ ଉଦ୍ୟାନକୁ ସଂଲଗ୍ନ କରୁଥିବା ବ୍ରାହ୍ମଣୀ, ବୈତରଣୀ ଏବଂ ପାଇଁଶାଳା କୁମ୍ଭୀରମାନଙ୍କ ବାସସ୍ଥଳୀ। ଅଧିକାଂଶ ସମୟରେ କୁମ୍ଭୀରମାନେ ଖାଦ୍ୟ ଅନ୍ୱେଷଣରେ ନଦୀ ପରବର୍ତ୍ତନ କରିଥାନ୍ତି। ନଦୀ କୂଳିଆ ଲୋକମାନଙ୍କୁ ବଉଳା କୁମ୍ଭୀରଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ ପୋଷ୍ଟର ଏବଂ ନଦୀ କୂଳରେ ନିରାପଦ ଗାଧୁଆ ତୁଠ ନିର୍ମାଣ କରାଯାଇଛି। ସବୁବେଳେ କୁମ୍ଭୀରଠାରୁ ଦୂରରେ ରହିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି ବୋଲି ସେ କହିଛନ୍ତି। କୁମ୍ଭୀର ରାସ୍ତାରେ ବୁଲିବା ଘଟଣାକୁ ନେଇ ଆଖପାଖ ଅଂଚଳର ଲୋକଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ ନଦୀ ପାର୍ଶ୍ୱବର୍ତ୍ତୀ ଚାଷଜମିକୁ ଯିବା ପାଇଁ ଭୟ କରୁଛନ୍ତି।



ରାସ୍ତା ପାର ହେଉଥିବା ବଉଳା କୁମ୍ଭୀର ।

# ବାର୍ଦ୍ଧକ୍ୟ, ବିଧବା ଭତ୍ତା ୨ ହଜାର ଟଙ୍କାକୁ ବୃଦ୍ଧି କର

କୁଜଙ୍ଗ,୫।୧୧(ଡି.ଏନ୍.ଏ.)

ବାର୍ଦ୍ଧକ୍ୟ, ବିଧବା ଭତ୍ତା ୫୦୦ ଟଙ୍କାରୁ ୨ ହଜାର ଟଙ୍କାକୁ ବୃଦ୍ଧି କରିବାକୁ କୁଜଙ୍ଗ ବ୍ଲକ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏନେଇ ଆନ୍ଦୋଳନ ଡାକରା ଦିଆଯାଇଛି। ଏ ନେଇ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସଙ୍ଗଠନର ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା, ଗଣ ସଙ୍ଗଠକ ବାବୁରାମ ଚୌଧୁରୀ, କୃଷକ ନେତା ନଟବର ସେଣ, ନୂତନ ତ୍ରିପାଠୀ, ତରଣୀ ରାଉତ, ଜାନକୀ ମହାରଥା ପ୍ରମୁଖ ଜଣାଇଛନ୍ତି ଯେ, ବୃଦ୍ଧା,ବୃଦ୍ଧ ଓ ବିଧବାଙ୍କୁ ମାସକୁ ଭତ୍ତା ବାବଦରେ ୫ ଶହ ଟଙ୍କା ଲେଖାଏ ଦିଆଯାଉଛି। ଏହା ଯଥେଷ୍ଟ ନୁହେଁ। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ସରକାର ୨୫୦୦ ଟଙ୍କା ଭତ୍ତା ଦେଉଥିବା ବେଳେ ତେଲଙ୍ଗାନା, ଗୋଆ, ଦିଲ୍ଲୀ, ପଞ୍ଜାବ ଆଦି ରାଜ୍ୟରେ ଏ ବାବଦରେ ୨ ହଜାର ଟଙ୍କା ଲେଖାଏ ଦିଆଯାଉଛି। ଏ ନେଇ ରାଜ୍ୟରେ ଉପରୋକ୍ତ ଭତ୍ତା ବୃଦ୍ଧି ଦାବିରେ ସଙ୍ଗଠନ ପକ୍ଷରୁ ନଭେମ୍ବର ୧୦ରେ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦିଆଯିବ।

# ପ୍ରତିଦ୍ୱନ୍ଦ୍ୱିତା ହେଲାନି, ପୁଣି ପୁରୁଣା କର୍ମକର୍ତ୍ତାଙ୍କୁ ଦାୟିତ୍ୱ



ଜିଲା ସାଂସ୍କୃତିକ ପରିଷଦ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

**ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ନିର୍ବାଚନ**

ଜଗତ୍‌ସିଂହପୁର ଅଫିସ, ୫।୧୧

ଜଗତ୍‌ସିଂହପୁର ଏକ ସଂସ୍କୃତି ସମ୍ପନ୍ନ ଜିଲା। ଏହି ଜିଲାର ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ୨୩ ବର୍ଷ ପୂର୍ବରୁ ଜିଲା ସାଂସ୍କୃତିକ ପରିଷଦ ଗଠନ କରାଯାଇଥିଲା। ଜିଲାପାଳଙ୍କୁ ପରିଷଦର ସ୍ଥାୟୀ ଅଧକ୍ଷ ରଖାଯାଇଛି। କିନ୍ତୁ ଅନ୍ୟ ପଦବୀ ପାଇଁ ପ୍ରତି ୩ ବର୍ଷରେ ନିର୍ବାଚନ ହେବା ବ୍ୟବସ୍ଥା ରହିଛି। ଏହି ଅନୁଯାୟୀ ଚଳିତବର୍ଷ ନିର୍ବାଚନ ପାଇଁ ପ୍ରସ୍ତୁତି ହୋଇଥିଲା। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ନିର୍ବାଚନ କରାଯିବାକୁ ଦିନ ଧାର୍ଯ୍ୟ କରାଯାଇଥିଲା। ଏନେଇ କିଛି ଦିନ ହେଲା କିଏ କେଉଁ ପଦବୀ ପାଇଁ ଆଶାୟୀ ତା'ଉପରେ ଚର୍ଚ୍ଚା ଲାଗି ରହିଥିଲା। କିନ୍ତୁ ନିର୍ବାଚନ ଦିନ ସେଭଳି ଦେଖିବାକୁ ମିଳିନାହିଁ। ଏହାଦ୍ୱାରା ପୂର୍ବ କର୍ମକର୍ତ୍ତାମାନେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଘୋଷଣା କରିଥିଲେ। ଅର୍ଥାତ୍ କାର୍ଯ୍ୟକାରୀ ଅଧକ୍ଷଭାବେ ତୃତୀୟ ଥର ପାଇଁ ବିପ୍ଳବ ଚୌଧୁରୀ, ଉପସଭାପତି ଗଣେଶ୍ୱର ମାଣିଆ ଓ ବିଜୟ କୁମାର ରାଉତ, ସମ୍ପାଦକଭାବେ ସାରଦା ପ୍ରସାଦ ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ସୁଧୀର କୁମାର ମହାନ୍ତି ଏବଂ ନରେଶ ଦାସ ସର୍ବସମ୍ମତିକ୍ରମେ ଆସନ୍ତା ୩ ବର୍ଷ ପାଇଁ ମନୋନୀତ ହୋଇଛନ୍ତି । କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଡ. ଜ୍ୟୋତିର୍ମୟୀ ମହାନ୍ତି, କୈଳାସ ମଲ୍ଲିକ, ସୁଷମା ପ୍ରଧାନ, ପ୍ରଜ୍ଞା ପାରମିତା ଚୌଧୁରୀ, ଦୁର୍ଯ୍ୟୋଧନ ମହାରଣା, ମାନସ ରଥ, ପ୍ରଭାତ କୁମାର ଦାଶ, ଅବନିକାନ୍ତ ମହାରଣା, ପ୍ରଦୀପ କୁମାର ମିତ୍ର, ସତ୍ୟବ୍ରତ ବିଶ୍ୱାଳ, ବିଜୟଲକ୍ଷ୍ମୀ ମହାପାତ୍ର, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ମନୋନୀତ ହୋଇଛନ୍ତି। ନିର୍ବାଚନରେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ପଟ୍ଟନାୟକ ସହାୟତା କରିଥିଲେ। ଏହି ଅବସରରେ ରବୀନ୍ଦ୍ରନାଥ ମହାନ୍ତି, ହେମନ୍ତ କୁମାର ରଥ, ପ୍ରିୟନାଥ ରାୟ, ଶ୍ରୀକାନ୍ତ ଚୌଧୁରୀ, ଅମରଜ୍ୟୋତି ସାହୁ, ପ୍ରଦୀପ୍ତ କିଶୋର ଚୌଧୁରୀ, ରମାକାନ୍ତ ସାହୁ, ଜ୍ୟୋତି ରଞ୍ଜନ ଜେନା, ଅମ୍ବିକା ପ୍ରସନ୍ନ ମହାନ୍ତି, ଲୋକନାଥ ଦାସ, ଡ. ନିରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ କୁମାର ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଆଲୋକ ଦାସ, ଅନସୂୟା ଷଡ଼ଙ୍ଗୀ, ସନ୍ଧ୍ୟାରାଣୀ ଦାଶ, ବିବୁଧ ରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମଲ୍ଲ, ସୁରେନ୍ଦ୍ର ରାଉତରାୟ, ଗୟାଧର ମହାରଣା ଓ ଦୁର୍ଯ୍ୟୋଧନ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ମିଥ୍ୟା କାଗଜପତ୍ରରେ ହରିଲୁଟ ପ୍ରମାଣିତ

**ବିଞ୍ଝାରପୁର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ମାମଲା**

- ସରପଞ୍ଚ, ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, ଜିଆରଏସ୍‌ଙ୍କୁ ଜରିମାନା ନିର୍ଦ୍ଦେଶ
- ୩ ମାସ ପରେ ବି ଆଦାୟ ଶୂନ

ଯାଜପୁର ଅଫିସ/ପ୍ରୀତିପୁର (ଡି.ଏନ.ଏ.),୫।୧୧

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ବିଭିନ୍ନ ଆବାସ ଯୋଜନାରେ ଦୁର୍ନୀତି ପରେ ଏବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଅର୍ଥ ହେରଫେରର ପର୍ଦ୍ଦାଫାଶ ହୋଇଛି। ଜାତୀୟ ତଦନ୍ତକାରୀ ସଂସ୍ଥାର ତଦନ୍ତ ରିପୋର୍ଟ ଆଧାରରେ ବିଞ୍ଝାରପୁର ବିଡିଓ ଗତ ଅଗଷ୍ଟରେ ୩ ପଞ୍ଚାୟତ ଦାୟିତ୍ୱରେ ଥିବା ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ ଓ ଜିଆର୍‌ଏସଙ୍କଠାରୁ ୧୫ ଲକ୍ଷ ୭୨ ହଜାର ୨୭୬ ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏଯାଏ ଜରିମାନା ଟଙ୍କା ଆଦାୟ ହୋଇ ପାରିନାହିଁ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ରିପୋର୍ଟ ଆଧାରରେ ଏହି ଦୁର୍ନୀତିରେ ସମ୍ପୃକ୍ତ ଫତେପୁର, ସିଂହପୁର ଓ ଜରୀ ପଞ୍ଚାୟତର ଅଧିକାରୀଙ୍କଠାରୁ ଜରିମାନା ଆଦାୟ ନିର୍ଦ୍ଦେଶ କାହିଁକି ହୋଇନାହିଁ ବୋଲି ପ୍ରଶ୍ନ ଉଠିଛି। ଏହାବାଦ ଦୁର୍ନୀତି କରିବା ପରେ କେବଳ ଜରିମାନା ନିର୍ଦ୍ଦେଶ ଦେଇ ସମ୍ପୃକ୍ତ ସରପଞ୍ଚ ଏବଂ ସରକାରୀ କର୍ମଚାରୀମାନଙ୍କ ବିରୋଧରେ କୋହଳ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ମତପ୍ରକାଶ ପାଇଛି।

ବିଞ୍ଝାରପୁର ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଅର୍ଥ ହଡ଼ପ ହୋଇଥିବା ସମ୍ପର୍କରେ ଯାଜପୁର ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ ଗତ ବର୍ଷ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। କେନ୍ଦ୍ର ସରକାର ଏହାର ହସ୍ତକ୍ଷେପ କରି ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାଧ୍ୟମରେ ଦାବି କରିଥିଲେ। ଫଳରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ତରଫରୁ ବିଞ୍ଝାରପୁର ବ୍ଲକର ୬ ପଞ୍ଚାୟତରେ ଆନ୍ଧ୍ରପ୍ରଦେଶର ଜିଆର୍‌ଇଏସ୍(ଗାୟତ୍ରୀ ରୁରାଲ ଏଜୁକେଶନାଲ ସୋସାଇଟି) ସଂସ୍ଥାକୁ ତଦନ୍ତ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସଂସ୍ଥାର ରମେସ ବାବୁ ଓ କ୍ରିଷ୍ଣା କୁମାରୀ ୨୦୨୧ ଡିସେମ୍ବର ୨୧, ୨୩ ଓ ୨୪ରେ ବ୍ଲକ ଅଧୀନ ବାଙ୍ଗରା, ଓଳେଇଚନ୍ଦନପୁର, ଆଉଁରୀ, ଜରୀ ଓ ଫତେପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ଜବ୍‌କାର୍ଡଧାରୀମାନଙ୍କ ସହିତ ଆଲୋଚନା କରିଥିଲେ। ତେବେ ତଦନ୍ତରେ ବ୍ୟାପକ ଦୁର୍ନୀତି ହୋଇଥିବା ସହିତ କେଉଁ କେଉଁ ପ୍ରକଳ୍ପରେ କେତେ ଅର୍ଥ ହରିଲୁଟ୍ ହୋଇଛି ସେ ସମ୍ପର୍କରେ ୬୨ ପୃଷ୍ଠାର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲେ। ତାହାକୁ ଭିତ୍ତିକରି କେନ୍ଦ୍ରସରକାର ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ସରପଞ୍ଚ ଓ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ପତ୍ର ସଂଖ୍ୟା ୧୧୩୬୭/୨୩।୬।୨୦୨୨ ଜିଲା ପ୍ରଶାସନକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ଯାଜପୁର ଜିଲାପାଳଙ୍କ ପତ୍ରସଂଖ୍ୟା ୩୩୫୮/୧୬।୮।୨୦୨୨ରେ ଅନୁସାରେ ବିଞ୍ଝାରପୁର ବିଡିଓ ମିନତି ଜଗଦେବ ବାଙ୍ଗରା ପଞ୍ଚାୟତର ତତ୍କାଳୀନ ସରପଞ୍ଚ ଆଶାଲତା ନାୟକଙ୍କୁ ୭ ଲକ୍ଷ ୧୫ହଜାର ୮୯୭ ଟଙ୍କା, କନିଷ୍ଠ ଯନ୍ତ୍ରୀ ତୁଷାର ପାତ୍ରଙ୍କୁ ୨ ଲକ୍ଷ ୮୬ ହଜାର ୩୫୯ ଟଙ୍କା, ନିର୍ବାହୀ ଅଧିକାରୀ ପ୍ରକାଶ କୁମାର ଜେନାଙ୍କୁ ୨ଲକ୍ଷ ୧୪ ହଜାର ୭୬୯ ଟଙ୍କା ଓ ଜିଆର୍‌ଏସ୍ ପାର୍ଥସାରଥି ଥାଟୋଇଙ୍କୁ ୨ ଲକ୍ଷ ୧୪ ହଜାର ୭୬୯ ଟଙ୍କା, ଓଳେଇ ଚନ୍ଦନପୁର ପଞ୍ଚାୟତର ତତ୍କାଳୀନ ସରପଞ୍ଚ ସୌଭାଗ୍ୟ କୁମାର ମହାପାତ୍ରଙ୍କୁ ୩୩ ହଜାର ୬୮୦ ଟଙ୍କା, କନିଷ୍ଠ ଯନ୍ତ୍ରୀ ଅମୀୟ କୁମାର ତ୍ରିପାଠୀଙ୍କୁ ୧୩ ହଜାର ୭୪୨ ଟଙ୍କା, ନିର୍ବାହୀ ଅଧିକାରୀ ଅନନ୍ତ କୁମାର ସେଠୀଙ୍କୁ ୧୦ ହଜାର ୧୦୪ ଟଙ୍କା ଓ ଜିଆର୍‌ଏସ୍ ପାର୍ଥସାରଥୀ ଥାଟୋଇଙ୍କୁ ୧୦ ହଜାର ୧୦୪ ଟଙ୍କା, ଆଉଁରୀ ପଞ୍ଚାୟତର ତତ୍କାଳୀନ ସରପଞ୍ଚ ସମରେନ୍ଦ୍ର ସାହୁଙ୍କୁ ୩୬ ହଜାର ୫୬୨ ଟଙ୍କା, କନିଷ୍ଠ ଯନ୍ତ୍ରୀ ଅମୀୟ କୁମାର ତ୍ରିପାଠୀଙ୍କୁ ୧୪ହଜାର ୬୨୫ ଟଙ୍କା, ନିର୍ବାହୀ ଅଧିକାରୀ ଉମେଶଚନ୍ଦ୍ର ସେଠୀଙ୍କୁ ୧୦ ହଜାର ୯୬୮ ଟଙ୍କା ଓ ଜିଆର୍‌ଏସ୍ ରାଜେଶ କୁମାର ଦାସଙ୍କୁ ୧୦ ହଜାର ୯୬୮ ଟଙ୍କା ଫେରାଇ ଦେବାକୁ ନିର୍ଦ୍ଦେଶ ହୋଇଛି। ଏ ସଂକ୍ରାନ୍ତରେ ବିଞ୍ଝାରପୁର ବିଡିଓ ମିନତିଙ୍କୁ ପଚାରିବାରେ ସେ କହିଛନ୍ତି, ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏ ପର୍ଯ୍ୟନ୍ତ କୌଣସି ଜରିମାନା ଆଦାୟ କରାଯାଇ ପାରିନାହିଁ।

## ସଂକ୍ଷେପରେ

### ସୋତିରେ ମୁରୁଜ ପ୍ରତିଯୋଗିତା



ପାଣିକୋଇଲି,୫।୧୧(ଡି.ଏନ.ଏ.): କାର୍ତ୍ତିକ ମାସ ଓ ପଞ୍ଚୁକ ଅବସରରେ କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମର କିଶୋରୀ କ୍ଲବଠାରେ ଶ୍ରୀଜଗନ୍ନାଥଙ୍କ ବାଙ୍କଚୁଡ ବିଷୟବସ୍ତୁକୁ ଭିତ୍ତିକରି ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଭରତ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଆୟୋଜିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଗୋଳେଇପୁର ସରପଞ୍ଚ ସସ୍ମିତା ମାଝି ଯୋଗ ଦେଇଥିଲେ। ଗ୍ରାମର ଯୁବତୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରିୟଙ୍କା ମହାପାତ୍ର ପ୍ରଥମ, ଅନ୍ନପୂର୍ଣ୍ଣା ନାୟକ ଦ୍ୱିତୀୟ, ନିରୁପମା ନାୟକ ଓ ନିହାରୀକା ଦାଶ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ସଭାପତି ଉମାକାନ୍ତ ଖଣ୍ଡାଇ, ସମ୍ପାଦକ ଶାନ୍ତନୁ ପଣ୍ଡା, ପରିଚାଳକ ଭାବେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ନିରଞ୍ଜନ ନାୟକ ଓ ସହଯୋଗୀ ଭାବେ ଅନାମ ଚରଣ ମହାପାତ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

### ବ୍ୟାସନଗର ମହାବିଦ୍ୟାଳୟରେ ସତ୍ୟାଗ୍ରହ ୫ମ ଦିନରେ

### ଟେଣ୍ଟ ପାଲ ଚୋରି, ଏତଲା ଦେଲା ଆଲୁମନି

ଯାଜପୁର ରୋଡ,୫।୧୧(ଡି.ଏନ.ଏ.): ବ୍ୟାସନଗର ପୁରାତନଛାତ୍ର ପରିଷଦ (ଆଲୁମନି) ପକ୍ଷରୁ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସତ୍ୟାଗ୍ରହ ୫ମ ଦିନରେ ପହଞ୍ଚିଥିଲେ ମଧ ଏଯାବତ ଜିଲାପାଳ କିମ୍ବା ପରିଚାଳନା କର୍ତ୍ତୃପକ୍ଷ ପୁରାତନ ଛାତ୍ର ପରିଷଦ ସହ କୌଣସି ଆଲୋଚନା କରିନାହାନ୍ତି। ଅନ୍ୟପକ୍ଷରେ କଲେଜରେ ସିସିଟିଭି ଓ ସୁରକ୍ଷା କର୍ମଚାରୀ ଥିବା ବେଳେ ପୁରାତନ ଛାତ୍ର ପରିଷଦର ଟେଣ୍ଟପାଲକୁ କିଏ ଚୋରି କରି ନେଇ ଯାଇଛନ୍ତି। ଏନେଇ ଯାଜପୁର ଥାନାରେ ଏକ ଏତଲା ଦିଆଯାଇଛି। ଏହି ସତ୍ୟାଗ୍ରହରେ ଆଲୁମନିର ସଭାପତି ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ମହାଲିକ, ଅଭିମନ୍ୟୁ ମିଶ୍ର, ଆଲୋକ ମହାନ୍ତି, ଟୁଲ ଯେନା, କୁଞ୍ଜବିହାରୀ ମହାନ୍ତି, ଜୟକୃଷ୍ଣ ସାହୁ, ଗଣେଶ ମାଝୀ, ବିଦ୍ୟାଧର ଯେନା, ସୁଦର୍ଶନ ତରାଇ, ଅଭିରାମ ପରିଡା ପ୍ରମୁଖ ସାମିଲ ହୋଇଥିଲେ। ପାଲ ଚୋରି ଘଟଣାର ଅଭିଯୁକ୍ତ ଓ ମହାବିଦ୍ୟାଳୟର ଅର୍ଥ ହଡ଼ପକାରୀଙ୍କୁ ଗିରଫ କରା ନ ଗଲେ ଆମରଣ ଅନଶନ ସହିତ ଯାଜପୁର ରୋଡ୍ ବନ୍ଦ କରାଯିବ ବୋଲି ସଭାପତି ମହାନ୍ତି ଚେତାବନୀ ଦେଇଛନ୍ତି।

# ଭାଗବତ କଥାମୃତ ଆଲୋଚନା



ଭାଗବତ କଥାମୃତ ଆଲୋଚନାରେ ଯୋଗ ଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଯାଜପୁର ସଦର, ୫।୧୧ (ଡି.ଏନ୍.ଏ)

ଯାଜପୁର ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ସପ୍ତଦିବସୀୟ ଭାଗବତ କଥାମୃତ ଆଲୋଚନା ଆଇନଜୀବୀ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଗତ ୧ ତାରିଖରୁ ଚାଲିଛି। ଶୁକ୍ରବାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ଯୋଗଦେଇ ରାଇଦାମୋଦରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ର ପାଠ କରିଥିଲେ। ସମ୍ପାଦକ ଭାସ୍କର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ କରାଇଥିଲେ। ପ୍ରେରଣା ପଣ୍ଡାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ସମ୍ମାନୀତ ଅତିଥି ଭାବେ ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ଯୋଗଦେଇ ଭାଗବତର ମହତ୍ୱ ଉପରେ ବକ୍ତବ୍ୟ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ପ୍ରବଚକ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ପ୍ରହଲ୍ଲାଦ ଚରିତ ଓ ସତ୍‌ସଙ୍ଗର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜୟ ଜଗନ୍ନାଥ ଭଜନ ସନ୍ଧ୍ୟାର କଳାକାରମାନେ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ ପରିଚାଳନା କରିଥିଲେ।

# ବରୀରେ ଏଏପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଏଏପିର କର୍ମକର୍ତ୍ତା।

ବରୀ,୫।୧୧(ଡି.ଏନ.ଏ.)

ବରୀ ବ୍ଲକ୍ ଅନ୍ତର୍ଗତ ଚନ୍ଦନପୁର କାଳୀ ପଡ଼ିଆଠାରେ ଶନିବାର ଆମ୍ ଆଦ୍‌ମୀ ପାର୍ଟି(ଏଏପିର) ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ବିଜେଡି, ଭାଜପା ଓ କଂଗ୍ରେସର ବିକଳ୍ପ ଭାବେ ଏହି ପାର୍ଟି ଉଭା ହେବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ବକ୍ତାମାନେ ମତ ରଖିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପୁଲିନ ଖୁଣ୍ଟିଆ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଦଳର ରାଜ୍ୟ ଉପସଭାପତି ଦୁର୍ଗା ଦାସ, ରାଜ୍ୟ ଯୁବ ସଭାପତି ସୋମନାଥ ରାଉତ, ରାଜ୍ୟ ମୁଖପାତ୍ର ଲଳିତ ମୋହନ ଅଧିକାରୀ, ଜିଲା ସଭାପତି ମନୋଜ କୁମାର ମହାନ୍ତି, ବ୍ଲକ୍ ସଭାପତି ସୁଜିତ ସାମଲ, ଜିଲା ମହିଳା ମୋର୍ଚ୍ଚା ସଭାପତି ତସଲିମାଙ୍କ ସହ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିକଶିତ ବରୀ ଗଢ଼ିବା କ୍ଷେତ୍ରରେ ଯୁବପିଢ଼ି ଆମ ଆଦମୀ ପାର୍ଟିରେ ଯୋଗଦେବା ସହ ଦୁର୍ନୀତିମୁକ୍ତ ଶାସନ ପାଇଁ ସହଯୋଗ କରିବାକୁ ପାର୍ଟି ପକ୍ଷରୁ ଆହ୍ୱାନ କରାଯାଇଥିଲା।

# ସରିଲା କାଳୀପୂଜା ଭସାଣି

- ୨୫ରୁ ଉର୍ଦ୍ଧ୍ୱ ମେଢ଼ ବିସର୍ଜନ
- ପାରମ୍ପରିକ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ଝୁମିଲେ ଦର୍ଶକ

ଯାଜପୁର ଟାଉନ,୫।୧୧(ଡି.ଏନ.ଏ.)





ମା' କାଳୀ ଓ ଲକ୍ଷ୍ମୀ ନାରାୟଣଙ୍କୁ ବିସର୍ଜନ ପାଇଁ ନିଆଯାଉଛି।

ଯାଜପୁର ପ୍ରସିଦ୍ଧ କାଳୀପୂଜା ୧୨ଦିନ ବ୍ୟାପୀ ଚାଲିଥିବା ବେଳେ ଶନିବାର ଭସାଣି ଉତ୍ସବ ଶେଷ ହୋଇଛି। ଏହି ଭସାଣି ଶୋଭାଯାତ୍ରାରେ ମେଢ଼ଗୁଡିକ ଗରିଆପୁରଛକ ଦେଇ ଦେବୀଗଡ଼ାକୁ ଆସିଥିଲେ। ଭସାଣୀ ଉତ୍ସବ ରୋଷଣିରେ ସମଗ୍ର ସହର ପ୍ରକମ୍ପିତ ହୋଇଥିଲା। ୨ୟ ପର୍ଯ୍ୟାୟରେ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତୀ ବିସର୍ଜନ ହୋଇଥିବା ଦେଖିବାକୁ ମିଳିଛି। ଏହି ଭସାଣୀ ସକାଳ ୯ଟାରୁ ଆରମ୍ଭ ହୋଇ ରାତ୍ର ୧୧ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ଯାଜପୁରର ନାରାୟଣଛକ, ଗରିଆପୁର, ସାନବଜାର, ବିରଜା ସିନେମାହଲ, ଶୀତଳେଶ୍ୱର, ଅମ୍ବିକାଇ, ଯୋଡିକୁଅ, ସଂସ୍କୃତ ଟୋଲ, ତେନ୍ତୁଳିମାଳ, ଚଣ୍ଡେଶ୍ୱର, କୁଆଁସରପୁର, ବିରଜାହାଇସ୍କୁଲଛକ, ବେଲାରପୁର ଭଳି ପ୍ରସିଦ୍ଧ କାଳୀ ଓ ଲକ୍ଷ୍ମୀନାରାୟଣ ମେଢଗୁଡ଼ିକ ମଣ୍ଡପଠାରୁ ବାହାରି ଦେବୀଗଡ଼ା ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଣ୍ଡପାର୍ଟି, ପାରମ୍ପାରିକବାଦ୍ୟ, ସିଂହବାଜା, ଢ଼ୋଲ, ଘଣ୍ଟବାଦ୍ୟ ଧ୍ୱନୀରେ ଆସିଥିଲେ। ଏହି ଭଷାଣି ଶୋଭଯାତ୍ରାରେ ପାରମ୍ପାରିକ ବାଦ୍ୟ ଓ ନୃତ୍ୟର ତାଳେତାଳେ ଦର୍ଶକ ଝୁମୁଥିବା ଦେଖାଯାଇଥିଲା। ଏଥିସହିତ ବିଭିନ୍ନ ପ୍ରକାର ଆକର୍ଷଣୀୟ ଆଲୋକ ସାଜସଜ୍ଜା ମଧ୍ୟ ଦେଖିବାକୁ ମିଳିଥିଲା। ଯାଜପୁର ଟାଉନ୍ ଥାନାଅଧିକାରୀ ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଭସାଣି କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହ ସଞ୍ଚାଳନ କରାଯାଇଥିଲା।

# ଭାରତ ଯୋଡ଼ୋ ଯାତ୍ରାକୁ ଚଣ୍ଡିଖୋଲରେ ସମ୍ବର୍ଦ୍ଧନା

ଚଣ୍ଡିଖୋଲ/ବଡ଼ଚଣା, ୫।୧୧(ଡି.ଏନ୍.ଏ.)

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଆହ୍ୱାନ କ୍ରମେ ଓଡ଼ିଶାରେ ଭାରତଯୋଡ଼ ଯାତ୍ରା ଚାଲିଛି। ଶୁକ୍ରବାର ଯାଜପୁର ଜିଲାର ଛତିଆଠାରେ ପ୍ରଥମ କରି ଏହି ଯାତ୍ରା ପ୍ରବେଶ କରିବା ମାତ୍ରେ ଯାତ୍ରାରେ ସାମିଲ କଂଗ୍ରେସର ରାଜ୍ୟ ନେତୃତ୍ୱଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାତିରେ ବଡ଼ଚଣାଠାରେ ଥିବା ଏକ ପେଟ୍ରୋଲ ପମ୍ପରେ ରହଣି ପରେ ଶନିବାର ପୁନର୍ବାର ସେଠାରୁ ଯାତ୍ରା ଆରମ୍ଭ ହୋଇଥିଲା। ଏହି ଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହିତ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପିସିସି ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଯାଜପୁର ଜିଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ରାଉତ, ଅମିୟ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିବାବେଳେ ଚଣ୍ଡିଖୋଲଠାରେ ବଡ଼ଚଣା କଂଗ୍ରେସ ନେତା କ୍ୟାପ୍ଟେନ୍ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ଉତ୍ତରରେ ପିସିସି ସଭାପତି ପଟ୍ଟନାୟକ କହିଥିଲେ, ଭାରତ ଯୋଡ଼ୋ ଯାତ୍ରା ଦ୍ୱାରା କଂଗ୍ରେସ ଶକ୍ତିଶାଳୀ ହୋଇଛି। ଯେଉଁ କଂଗ୍ରେସ କର୍ମୀ ନିରବତା ଅବଲମ୍ବନ କରି ବସି ଯାଇଥିଲେ ସେମାନେ ଉତ୍ସାହିତ ହୋଇଛନ୍ତି। ତେଣୁ ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସ ସରକାରକୁ ଆସିବ।



# ଆକ୍ରମଣ ଘଟଣାକୁ ନେଇ ୨ ମାମଲା ରୁଜୁ

ବରୀ,୫।୧୧(ଡି.ଏନ.ଏ.)

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଭଅଁରା ପଞ୍ଚାୟତ ଚଟୁମାରୀ ଗ୍ରାମର ଅଭିରାମ ପାଢ଼ୀଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ସେ ବ୍ୟକ୍ତିଗତ କାମରେ ବାଲିଆପାଳ ଅସିଥିବା ସମୟରେ ତାଙ୍କୁ ଆକ୍ରମଣ କରାଯାଇଛି। ଏନେଇ ତାଙ୍କ ସ୍ତ୍ରୀ ବନଜା ବାସିନୀ ପାଢ଼ୀ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକ୍ରମେ ଥାନାରେ ନଂ.୩୩୧/୨୨ରେ ମାମଲା ରୁଜୁ ହୋଇଛି। ମୋନାଲିସା କର ଅନୁରୂପ ଭାବେ ଅଭିରାମଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୩୦/୨୨ରେ ମାମଲା ରୁଜୁ କରିଛି।

# ଦୁର୍ଘଟଣାରେ ଭଉଣୀ ମୃତ, ଭାଇ ଗୁରୁତର

ଧର୍ମଶାଳା/ଚଢ଼େଇଧରା/ଜେନାପୁର ୫।୧୧(ଡି.ଏନ.ଏ.)

ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ତଳ ଚଢ଼େଇଧରା ଛକ ନିକଟରେ ଏକ ହାଇୱା ଧକ୍କାରେ ଭଉଣୀଙ୍କ ମୃତ୍ୟୁ ହୋଇଥିବାବେଳେ ଭାଇ ଗୁରୁତର ହୋଇଛନ୍ତି। ମୃତକ ଭଉଣୀ କବାଟବନ୍ଧ ନୂଆସାହି ଗ୍ରାମର ସ୍ନେହଲତା ମହାପାତ୍ର ଓ ଆହତ ଭାଇ ରମେଶ ମହାପାତ୍ର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଭାଇଭଉଣୀ ଓଡି–୧୯–ୟୁ–୦୨୫୩ ନଂ. ବାଇକରେ ଚଣ୍ଡିଖୋଲ କଲେଜରୁ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଫଳରେ ଘଟଣାସ୍ଥଳରେ ସ୍ନେହଲତାଙ୍କ ମୃତ୍ୟୁ ହୋଇଥିଲା। ରମେଶ ଗୁରୁତର ହୋଇଥିଲେ। ଖବର ପାଇ ଧର୍ମଶାଳା ଦମକଳ ବାହିନୀ ପହଞ୍ଚି ରମେଶଙ୍କୁ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଓଆର୍–୦୪–କେ–୪୪୩୩ ନଂ. ହାଇୱାକୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଆଟକ ରଖିଛି।

# ବଜାରରୁ ବାଦାମ ବିହନ ଉଭାନ

ରସୁଲପୁର,୫।୧୧(ଡି.ଏନ.ଏ.)

- କଳାବଜାର ଆଶଙ୍କା
- ଚାଷୀଙ୍କୁ ମିଳିବନି ସରକାରୀ ବିହନ



ରସୁଲପୁର ବ୍ଲକ ଅଞ୍ଚଳର ୧୨ହଜାର ହେକ୍ଟର ଚାଷ ଜମିରୁ ଶତକଡ଼ା ୫୦ଭାଗରୁ ଉର୍ଦ୍ଧ୍ୱ ଜମିରେ ବାଦାମ ଚାଷ ହେଉଛି। ମୌସୁମୀର ସଅଳ ପ୍ରତ୍ୟାବର୍ତ୍ତନ ଓ ସେପ୍ଟେମ୍ବର–ଅକ୍ଟୋବରରେ ସ୍ୱଳ୍ପ ବର୍ଷା, ସମ୍ଭାବ୍ୟ ବାତ୍ୟା ଟଳିଯିବା ପରେ ପ୍ରଚଣ୍ଡ ଖରାରେ ଚାଷ ଜମିରୁ ଆଦ୍ରତା କମି ଯାଉଛି। ବାଦାମ ଚାଷ ପାଇଁ ଜମି ସଅଳ ପ୍ରସ୍ତୁତ ହୋଇଯାଉଛି। ଏକକାଳୀନ ଚାଷୀ ବାଦାମ ବିହନର ଆବଶ୍ୟକତା କରୁଛନ୍ତି। ଏଭଳି ସ୍ଥିତିରେ ବଜାରରୁ ବାଦମ ବିହନ ଉଭାନ ହୋଇଯାଇଛି। ଶନିବାର ବଜାରରୁ ଚାଷୀଙ୍କୁ ବିହନ ଉପଲବ୍ଧ ହୋଇପାରି ନାହିଁ। ବଜାରରୁ ହଠାତ୍ ଚାଷୀମାନେ ବିହନ ନ ପାଇ ଡହଳ ବିକଳ ହେଉଛନ୍ତି। ଚାଷୀଙ୍କ ବିହନ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀ ମହଜୁଦ୍ ରଖିଥିବା ବିହନକୁ ବଜାରକୁ ଛାଡୁ ନାହାନ୍ତି। ମହଜୁଦ୍ ବିହନକୁ ଖୋଲା ବଜାରରେ ବିକ୍ରି ନ କରି ଗୋଦାମର ପଛ ଦ୍ୱାରରେ କଳାବଜାରରେ ବିକ୍ରି କରିବା ଭଳି ଅସାଧୁ ଉପାୟ ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି।

ବ୍ୟବସାୟୀମାନେ ବାହାର ରାଜ୍ୟରୁ ଆଣିଥିବା ବିହନକୁ ଚଡ଼ା ଦରରେ ବିକ୍ରି କରିବା ମସୁଧା କରି ଏଭଳି ଉପାୟ ଆପଣାଉଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବ୍ୟବସାୟୀମାନଙ୍କ ଲାଭଖୋର ଚିନ୍ତାଧାରା ବାଦମ ବିହନ ଦରକୁ ପ୍ରଭାବିତ କରୁଛି। ବଜାରରେ ଗୁଜରାଟ ଜି–୫ ଓ ୬୬ କିସମର ବିହନ ଚାଷୀଙ୍କ ବିଶେଷ ପସନ୍ଦ ରହୁଛି। ଚାଷୀଙ୍କ ଚାହିଦାକୁ ଦେଖି ଗୁଜରାଟ ବିହନ ଦର କୁଇଁଟାଲ ପିଛା ୧୧ହଜାର ଟଙ୍କା ଛୁଇଁବା ସ୍ଥିତିରୁ ଏହାକୁ ଅକଳନ କରାଯାଇପାରୁଛି। ଏହି ବିହନ ଛଡ଼ା ଅନୁଗୋଳ, ଅମରାବତୀ, ପଦ୍ମପୁର ଆଦି ବିହନର ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ଏଭଳି ସ୍ଥିତି ଚାଷୀଙ୍କୁ ହତାଶ କରିଛି। ଅମଳ ସମୟରେ ଚାଷୀ ବାଦାମକୁ କୁଇଣ୍ଟାଲ ପିଛା ୫ରୁ୬ହଜାର ଟଙ୍କାରେ ବିକ୍ରି କରିଥିବାବେଳେ ବିହନକୁ ୨ଗୁଣରୁ ଉର୍ଦ୍ଧ୍ୱ ଟଙ୍କାରେ କ୍ରୟ କରିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କୁ ବ୍ଲକ ପକ୍ଷରୁ ରିହାତି ବିହନ ମିଳିବା ସମ୍ଭାବନା ନାହିଁ ବୋଲି କୃଷି ବିଭାଗ ପକ୍ଷରୁ ଜଣାପଡ଼ିବା ପରେ ଚାଷୀଙ୍କୁ ନିରାଶ ହେବାକୁ ପଡୁଛି। ଏହାବାଦ୍ ବ୍ଲକ ପକ୍ଷରୁ ବାଦାମ ଆବଶ୍ୟକତାକୁ ନେଇ କୌଣସି ରିପୋର୍ଟ ପ୍ରଦାନ କରାଯାଇ ନାହିଁ। କୃଷି ବିଭାଗର ଟାଳଟୁଳନୀତି, ବ୍ୟବସାୟୀଙ୍କ ଲାଭଖୋର ମନୋବୃତ୍ତି, ସରକାର ବାଦାମ ମଣ୍ଡି ଖୋଲିବା ଓ ବାଦାମର ସରକାରୀ ଦର ନିର୍ଦ୍ଧାରଣ କରିବା ଆଦିରେ ଅବହେଳା ଯୋଗୁ ଚାଷୀଙ୍କୁ ନାନା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। କୃଷକଙ୍କ ବେଉଷାକୁ ସୁରକ୍ଷା ଦେବାରେ ଅଧିକାରୀ ବିଫଳ ହେଉଛନ୍ତି। ବାଦାମ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ କମି ଯାଉଥିବା ଲକ୍ଷ୍ୟ କରାଯାଉଛି। ଏଭଳି ସ୍ଥିତିରେ ସୁଧାର ନ ଆସିଲେ ଚାଷ ଭଳି ଏକ ପାରମ୍ପାରିକ କୌଳିକ ବୃତ୍ତି ବୁଡି ଯିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ଦିଗରେ ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରୀ ବାଦାମ ବିହନ ଠିକ୍ ସମୟରେ ଯୋଗାଇ ଦିଆଯାଇ ପାରୁନାହିଁ। ଏହି ବ୍ଲକରେ ବାଦାମ ଚାଷପରେ ବିହନ ଆସି ପହଞ୍ଚୁଛି। ଉକ୍ତ ବିହନକୁ ନେଇ ନାନା ଆପତ୍ତି ଉଠୁଥିବାରୁ ଚଳିତବର୍ଷ ବାଦାମ ବିହନ ଆସିବାର ସମ୍ଭାବନା ନାହିଁ। ଚାଷୀମାନେ ଖୋଲାବଜାରରୁ ବାଦାମ ବିହନ କ୍ରୟକରି ଚାଷ କରିବା ଏକମାତ୍ର ଉପାୟ ବୋଲି ସେ ମତ ରଖିଛନ୍ତି।


**FORM A**
**PUBLIC ANNOUNCEMENT**

(Under Regulation 6 of the Insolvency and Bankruptcy Board of India (Insolvency Resolution Process for Corporate Persons) Regulations, 2016)

**FOR THE ATTENTION OF THE CREDITORS OF MAA MANASHA DEVI ALLOYS PRIVATE LTD**

| RELEVANT PARTICULARS | | |
|---|---|---|
| 1. | Name of the Corporate Debtor | MAA MANASHA DEVI ALLOYS PRIVATE LTD. |
| 2. | Date of incorporation of corporate debtor | 23/09/2005. |
| 3. | Authority under which corporate debtor is incorporated / registered | ROC, Cuttack |
| 4. | Corporate Identity No. / Limited Liability Identification No. of corporate debtor | U27101OR2005PTC8365. |
| 5. | Address of the registered office and principal office (if any) of corporate debtor | PLOT NO-783(D), Bhubaneswar-751015 (Odisha) |
| 6. | Insolvency commencement date in respect of corporate debtor | 31-10-2022. |
| 7. | Estimated date of closure of insolvency resolution process | 26.04.2023. |
| 8. | Name and registration number of the insolvency professional acting as interim resolution professional | CMA (Dr) Suresh Chandra Mohanty, IBBI/IPA-003/IP-N00335-CO1/2019-2020/12804 |
| 9. | Address and e-mail of the interim resolution professional, as registered with the Board | Plot No-370/1861/2157, Shakti Bhavan Vision Care Eye Hospital, At- PATIA, Po- KIIT, Bhubaneswar-751024 TEL (0674)- 2745605, CELL : 09437205605 **Email : mohantysc@gmail.com** |
| 10. | Address and e-mail to be used for correspondence with the interim resolution professional | Plot No-370/1861/2157, Shakti Bhavan Vision Care Eye Hospital, At- PATIA, Po- KIIT, Bhubaneswar-751024 TEL (0674)- 2745605, CELL : 09437205605 **Email : mohantysc@gmail.com** |
| 11. | Last date for submission of claims | 14-11-2022. |
| 12. | Classes of creditors, if any, under clause (b) of sub-section (6A) of section 21, ascertained by the interim resolution professional | Operational Creditors. |
| 13. | Names of Insolvency Professionals identified to act as Authorized Representative of creditors in a class (Three names for each class) | N .A |
| 14. | (a) Relevant Forms and (b) Details of authorized representatives are available at: | Web link:www.ibbi.gov.in/downloadform.html..... Physical Address: As stated at SL No 10. |

Notice is hereby given that the National Company Law Tribunal has ordered the commencement of a corporate insolvency resolution process of the **MAA MANASHA DEVI ALLOYS PRIVATE LTD** on 31-10-2022.
The creditors of **MAA MANASHA DEVI ALLOYS PRIVATE LTD** are hereby called upon to submit their claims with proof on or before 14-11-2022 to the interim resolution professional at the address mentioned against entry No. 10.
The financial creditors shall submit their claims with proof by electronic means only. All other creditors may submit the claims with proof in person, by post or by electronic means.
A financial creditor belonging to a class,as listed against the entry No. 12, shall indicate its choice of authorized representative from among the three insolvency professionals listed against entry No.13 to act as authorized representative of the class [specify class] in Form CA.
Submission of false or misleading proofs of claim shall attract penalties.

**(CMA (Dr) Suresh Chandra Mohanty )**
Name and Signature of Interim Resolution Professional :
Date : 04-11-2022
Place : Bhubaneswar

## ମହଙ୍ଗା ହେବ ଟୁଇଟର ବ୍ୟବହାର

**ନୂଆଦିଲ୍ଲୀ:** ବିଶ୍ୱର ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟୁଇଟରର ବ୍ୟବହାର ଆଗାମୀ ଦିନରେ ମହଙ୍ଗା ସାଙ୍ଗକୁ ୟୁଜର୍ସ ଫି ଆକାରରେ କିଛି ପରିମାଣର ଅର୍ଥ ପୈଠ କରିବାକୁ ପଡ଼ିପାରେ ବୋଲି ଜଣାପଡ଼ିଛି। କାରଣ କମ୍ପାନୀର ରାଜସ୍ୱ ବଢ଼ାଇବାକୁ ହେଲେ ୟୁଜରମାନଙ୍କଠାରୁ ମାସିକ ୨୦ ଡଲାର ଆଦାୟ ପାଇଁ ମସ୍କ ନିକଟରେ ଘୋଷଣା କରିଥିଲେ। ଉକ୍ତ ଘୋଷଣା ପରେ ବ୍ୟବହାରକାରୀମାନେ ମସ୍କଙ୍କୁ ନାନା ସମାଲୋଚନା କରିବା ପରେ ସେ ମାସିକ ଦେୟକୁ ୮ ଡଲାରକୁ କମାଇ ଦେବାକୁ ମତପ୍ରକାଶ କରିଛନ୍ତି। ହେଲେ ଟୁଇଟର ବ୍ଲୁ ଟିକ୍ ଯେଉଁମାନେ ବ୍ୟବହାର କରିବେ ସେମାନଙ୍କୁ ୮ ଡଲାର ଦେବାକୁ ହେବ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି ଏ ନେଇ ମଧ୍ୟ ଶନିବାର ମସ୍କ ଏକ ଟୁଇଟ୍ କରି ନିଜର ନିଷ୍ପତ୍ତି ସମ୍ପର୍କରେ ସମସ୍ତଙ୍କୁ ଜଣାଇଦେଇଛନ୍ତି।

# ୬.୫ ବିଲିୟନ ଡଲାରରୁ ଅଧିକ ବଢ଼ିଲା ରିଜର୍ଭ

ନୂଆଦିଲ୍ଲୀ,୫।୧୧



ଚଳିତ ବର୍ଷ ଅକ୍ଟୋବର ଶେଷ ସପ୍ତାହରେ ବିଦେଶୀ ମୁଦ୍ରାଭଣ୍ଡାରର କାରବାରରେ ଏକ ବଡ଼ ଧରଣର ବୃଦ୍ଧି ପରିଲକ୍ଷିତ ହୋଇଛି। ଏପରିକି ବର୍ଷକରୁ ଅଧିକ ସମୟ ପରେ ଭାରତୀୟ ଅର୍ଥ ବ୍ୟବସ୍ଥାରେ ସୁଧାର ଆସିଛି। ଦୀର୍ଘ ସମୟ ପରେ ଫୋରେକ୍ସ ରିଜର୍ଭ ଲଗାତର ହ୍ରାସର ଚାପରୁ ମୁକୁଳିଥିବା ବେଳେ ଭଣ୍ଡାରରେ ମଧ୍ୟ ଅଭିବୃଦ୍ଧି ଘଟିଛି। ସେହିଭଳି ୨୦୨୨ ଅକ୍ଟୋବର ୨୮ ରେ ଶେଷ ହୋଇଥିବା ସପ୍ତାହର କାବାରର ଫଳାଫଳ ପରେ ବୈଦେଶିକ ମୁଦ୍ରାଭଣ୍ଡାରର ଅଭିବୃଦ୍ଧି ଦେଖିବାକୁ ମିଳିଥିବା ଜଣାପଡ଼ିଛି। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସୂଚନା ଅନୁସାରେ ଚଳିତ ବର୍ଷ ଅକ୍ଟୋବର ୨୮ରେ ଶେଷ ହୋଇଥିବା ସପ୍ତାହର କାରବାରର ଫଳାଫଳ ପରେ ବିଦେଶୀ ମୁଦ୍ରାଭଣ୍ଡାରରେ ୬.୫୬ ବିଲିୟନ ଡଲାର ବୃଦ୍ଧି ହୋଇ ୫୬୧.୦୮ ବିଲିୟନ ଡଲାରରେ ପହଞ୍ଚିଛି। ଗତ ବର୍ଷ ସେପ୍ଟେମ୍ବର ପରେ ଏହା ବୈଦେଶିକ ମୁଦ୍ରାଭଣ୍ଡାରରେ ପ୍ରଥମ ଥର ପାଇଁ ବଡ଼ ଅଭିବୃଦ୍ଧି ବୋଲି କୁହାଯାଉଛି। ଏହି ଅଭିବୃଦ୍ଧି ସହ ଲଗାତର ୨ ସପ୍ତାହ ପାଇଁ ଜାରି ହ୍ରାସ ପରିମାଣ ମଧ୍ୟ ଶେଷ ହୋଇଯାଇଛି। ଅପରପକ୍ଷରେ ଆର୍‌ବିଆଇ ପକ୍ଷରୁ ଜାରି ତଥ୍ୟ ଅନୁସାରେ ନିକଟରେ ଶେଷ ହୋଇଥିବା ସାପ୍ତାହିକ କାରବାରର ଫଳାଫଳରେ ମୁଦ୍ରାଭଣ୍ଡାରର ଅଭିବୃଦ୍ଧି ଫରେନ କରେନ୍ସି ଆସେଟ୍ (ଏଫ୍‌ସିଏ)ରେ ହୋଇଥିବା ରିକୋଭରି ଯୋଗୁ ସମ୍ଭବ ହୋଇପାରିଛି। ବ୍ୟାଙ୍କର ତଥ୍ୟ ଅନୁସାରେ ୨୮ ଅକ୍ଟୋବରରେ ସମାପ୍ତ ସପ୍ତାହରେ ମୁଦ୍ରାଭଣ୍ଡାରର ଗୁରୁତ୍ୱପୂର୍ଣ୍ଣ ଘଟକ ମନେ କରାଯାଉଥିବା ଏଫ୍‌ସିଏ ୫.୭୭ ବିଲିୟନ ବୃଦ୍ଧି ହୋଇ ୪୭୦.୮୪ ବିଲିୟନ ଡଲାର ହୋଇଯାଇଛି। ଏଫ୍‌ସିଏକୁ ଡଲାରରେ ଦର୍ଶାଯାଏ ଓ ରିଜର୍ଭରେ ରଖାଯାଇଥିବା ୟୁରୋ, ପାଉଣ୍ଡ ଓ ୟେନ୍ ଭଳି ଅଣ ଡଲାର କରେନ୍ସି ମୂଲ୍ୟରେ ହୋଇଥିବା ହ୍ରାସ ବୃଦ୍ଧିର ପ୍ରଭାବକୁ ମଧ୍ୟ ସାମିଲ କରାଯାଇଛି। ଅର୍ଥାତ୍ ବୈଦେଶିକ ମୁଦ୍ରା ତୁଳନାରେ ଟଙ୍କାର ଉତ୍ତମ ପ୍ରଦର୍ଶନର ଲାଭ ବୈଦେଶିକ ମୁଦ୍ରାଭଣ୍ଡାରକୁ ମିଳିଛି।

## ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୫।୧୧

ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହାର ନୂଆ ଫଣ୍ଡ ଅଫର ଆକ୍ସିସ୍ ନିଫ୍ଟି ଏସ୍‌ଡିଏଲ୍ ୨୦୨୬ ସେପ୍ଟେମ୍ବର ଡେବ୍ଟ ଇଣ୍ଡେକ୍ସ ଫଣ୍ଡର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏଥିରେ ନିଫ୍ଟି ଏସ୍‌ଡିଏଲ୍ ସେପ୍ଟେମ୍ବର ୨୦୨୬ ଇଣ୍ଡେକ୍ସରେ ମୁଖ୍ୟତଃ ନିବେଶ କରାଯିବ। ଏହି ଫଣ୍ଡର ନିବେଶ ଲକ୍ଷ୍ୟ ହେଉଛି ନିଫ୍ଟି ଏସ୍‌ଡିଏଲ୍ ସେପ୍ଟେମ୍ବର ୨୦୨୬ ଇଣ୍ଡେକ୍ସ ଅନୁସାରେ ନିବେଶକଙ୍କୁ ରିଟର୍ନ ପ୍ରଦାନ କରିବା। ଏହି ଫଣ୍ଡର ନୂଆ ଫଣ୍ଡ ଅଫର ତାରିଖ ୨୦୨୨ ନଭେମ୍ବର୧୬ ରହିଛି। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ଚନ୍ଦ୍ରେଶ ନିଗମ କହିଛନ୍ତି, ଆମର ପାସିଭ୍ ଡେବ୍ଟ ଉତ୍ପାଦ ବର୍ଗମାଳାରେ ଆକ୍ସିସ୍ ନିଫ୍ଟି ଏସ୍‌ଡିଏଲ୍ ସେପ୍ଟେମ୍ବର ୨୦୨୬ ଡେବ୍ଟ ଇଣ୍ଡେକ୍ସ ଫଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ହେବ ବୋଲି ଆମେ ଆଶା କରୁଛୁ।

## ରାଜ୍ୟରେ ସୁଦୃଢ଼ ହେଉଛି ଷ୍ଟାର୍ଟଅପ୍ ପରିବେଶ




ଭୁବନେଶ୍ୱର,୫।୧୧

ସମୃଦ୍ଧି ଷ୍ଟାର୍ଟଅପ୍ ଆକ୍ସିଲରେଶନ ପ୍ରୋଗ୍ରାମର ଗ୍ରାଜୁଏସନ ଡେ’ ନିକଟରେ ଏଆଇସି ନାଳନ୍ଦା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ଚୂଡ଼ାନ୍ତ ପର୍ଯ୍ୟାୟରେ ମୋଟ ୨୮ଟି ଷ୍ଟାର୍ଟଅପ୍ ସଂସ୍ଥାଙ୍କୁ ଚୟନ କରାଯାଇଛି। ଏପରିକି ଉକ୍ତ କାର୍ଯ୍ୟକ୍ରମ ପାଇଁ ମୋଟ ୭୬ ଆବେଦନ ଆସିଥିଲା। ବିଶେଷକରି ଗ୍ରାଜୁଏସନ ଡେ’ରେ କୃଷି, ଫିନ୍‌ଟେକ, ଖାଦ୍ୟ ଓ ପୋଷଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଲାଇଫ୍‌ଷ୍ଟାଇଲ୍, ଟ୍ରାଭେଲ୍ ଓ ଲଜିଷ୍ଟିକ୍ସ କ୍ଷେତ୍ରର ୨୧ଟି ଷ୍ଟାର୍ଟଅପ୍ ନିଜ ନିଜର ଆଭିମୁଖ୍ୟ ସମ୍ପର୍କରେ (ପିଚ୍ ପ୍ରେଜେଣ୍ଟେସନ) ବିଶିଷ୍ଟ ନିବେଶକ ଓ ଟେକ୍ନୋକ୍ରାଟ୍‌ମାନଙ୍କ କମିଟି ସାମ୍ନାରେ ଉପସ୍ଥାପନ କରିଥିଲେ। ଏହା ପରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଓମ୍‌କାର୍ ରାଏ ରାଜ୍ୟରେ ସୁଦୃଢ଼ ହେଉଥିବା ଷ୍ଟାର୍ଟଅପ୍ ପରିବେଶ ଉପରେ ଆଲୋକପାତ କରିଥିଲେ ଏବଂ ଗ୍ରାଜୁଏଟ ହୋଇଥିବା ଷ୍ଟାର୍ଟଅପ୍‌ଗୁଡ଼ିକୁ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାରେ ଷ୍ଟାର୍ଟଅପ୍ ବ୍ୟବସ୍ଥା ଠିକ୍ ଦିଗରେ ଆଗକୁ ବଢ଼ୁଛି ଏବଂ ଓଡ଼ିଶା ସରକାର ରାଜ୍ୟରେ ନବସୃଜନ ଓ ଉଦ୍ୟମିତାକୁ ଉଚିତ ସମର୍ଥନ ପ୍ରଦାନ କରୁଛନ୍ତି ବୋଲି ସେ ମତପ୍ରକାଶ କରିଥିଲେ। ସେହିପରି ଏଆଇସି ନାଳନ୍ଦାର ସିଇଓ ଦେବଜ୍ୟୋତି ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅର୍ଥୟାନ୍‌ର ସହ ପ୍ରତିଷ୍ଠାତା ଓ ସିଏମ୍‌ଓ ମହ୍ଲାର ପୋଟ୍‌ନିସ୍ ନିଜ ଅଭିଜ୍ଞତାକୁ ଉପସ୍ଥିତ ଷ୍ଟାର୍ଟଅପ୍‌ଗୁଡ଼ିକ ସାମ୍ନାରେ ଉପସ୍ଥାପନ କରିଥିଲେ। ଏଆଇସି ନାଳନ୍ଦା ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶାର ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ୨୦୨୨ ଜୁଲାଇରୁ ଅକ୍ଟୋବର ପର୍ଯ୍ୟନ୍ତ ଜାରି ରଖାଯାଇଥିଲା।

## ବେଲେ ଭ୍ୟୁରେ ଡୋଜି ଟେକ୍ନୋଲୋଜିର ପ୍ରଚଳନ




ଭୁବନେଶ୍ୱର,୫।୧୧

ବେଲେ ଭ୍ୟୁ କ୍ଲିନିକ୍ ପକ୍ଷରୁ ଏଆଇ-ସକ୍ଷମ କଣ୍ଟାକ୍ଟଲେସ୍ ଭାଇଟାଲ୍ସ ମନିଟରିଂ ଟେକ୍ନୋଲୋଜିର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ଡୋଜିର ରିମୋଟ ମନିଟରିଂ ଟେକ୍ନୋଲୋଜିକୁ ବ୍ୟବହାରକରି ରୋଗୀଙ୍କ ସୁରକ୍ଷା ପାଇଁ ଅଣଆଇସିୟୁ ବେଡ୍‌କୁ ଷ୍ଟେପ୍ ଡାଉନ ଆଇସିୟୁରେ ପରିଣତ କରିବାକୁ ସକ୍ଷମ ହେବ। ଏହି ସ୍ୱଦେଶୀ ଉପକରଣ ରୋଗୀଙ୍କ ସ୍ଥିତି ସମ୍ପର୍କରେ ସମୟ ପୂର୍ବରୁ ସ୍ୱାସ୍ଥ୍ୟକର୍ମୀଙ୍କୁ ଅବଗତ କରାଇବା ସହ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ମଧ୍ୟ ସକ୍ଷମ ହେବ। ଏହି କଣ୍ଟାକ୍ଟଲେସ୍ ରିମୋଟ ପେସେଣ୍ଟ ମନିଟରିଂ (ଆର୍‌ପିଏମ୍) ଏବଂ ଏର୍ଲି ୱାର୍ନିଂ ସିଷ୍ଟମ (ଇଡବ୍ଲ୍ୟୁଏସ୍) ରୋଗୀଙ୍କୁ ଗୁଣବତ୍ତାଯୁକ୍ତ ସେବା ଉପଲବ୍ଧ କରାଇବାକୁ ସକ୍ଷମ ହେବ। ଏ ସମ୍ପର୍କରେ ବେଲେ ଭ୍ୟୁ କ୍ଲିନିକ୍‌ର ସିଇଓ ପ୍ରଦୀପ ଟଣ୍ଡନ କହିଛନ୍ତି, ଡୋଜିର ଟେକ୍ନୋଲୋଜି ଗ୍ରହଣ ଦ୍ୱାରା ଆମେ ଡିଜିଟାଲ ଯୁଗରେ ପ୍ରବେଶକରି ଉପଯୁକ୍ତ ଟୁଲସ୍ ଏବଂ ରିସୋର୍ସ ଦ୍ୱାରା ଆମର ସ୍ୱାସ୍ଥ୍ୟସେବାକୁ ଅଧିକ ବୁଦ୍ଧିମନ୍ତ କରାଇପାରିଛୁ। ଏହି ଟେକ୍ନୋଲୋଜି ଦ୍ୱାରା ଆମେ ଆମ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟ ଚାପ ହ୍ରାସ କରିବାକୁ ସକ୍ଷମ ହୋଇଛୁ। ସେହିଭଳି ବେଲେ ଡୋଜିର ସିଟିଓ ତଥା ସହ-ପ୍ରତିଷ୍ଠାତା ଗୌରବ ପ୍ରାଚାନୀ କହିଛନ୍ତି, ଡୋଜିର ଟେକ୍ନୋଲୋଜି ବେଲେ ଭ୍ୟୁ କ୍ଲିନିକ୍‌ରେ ଗ୍ରହଣ କରାଯାଇଥିବାରୁ ଆମେ ବେଶ୍ ଆନନ୍ଦିତ।

## ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହେଉଛି ଉନ୍ନତମାନର ଫ୍ଲାଏ ଆଶ୍

### ଗ୍ରାମୀଣ କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହିତ କରି ଆସୁଛି ବେଦାନ୍ତ

ଭୁବନେଶ୍ୱର,୫।୧୧



ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ ୟୁନିଟ୍ ପରିସରରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁଗୁଡ଼ିକୁ ପ୍ରକ୍ରିୟାକରଣ କରାଯାଇ ନୂତନ ମାନର ଫ୍ଲାଏ ଆଶ୍ ଇଟା ଉତ୍ପାଦନ କରାଯାଉଛି। ଫଳରେ କମ୍ପାନୀ ନିକଟବର୍ତ୍ତୀ ଅଞ୍ଚଳର କ୍ଷୁଦ୍ରଶିଳ୍ପ ଉଦ୍ୟୋଗୀମାନେ ବେଶ୍ ଉପକୃତ ଓ ଲାଭବାନ ହେଉଛନ୍ତି। ବିଶେଷକରି କମ୍ପାନୀର ମେଟାଲର୍ଜିକାଲ ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ ପାଇଁ ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇକୁ ପ୍ରୋତ୍ସାହିତ କରୁଛି। ଏପରିକି କମ୍ପାନୀ ସ୍ଥାନୀୟ ଇଟା ଉତ୍ପାଦନକାରୀଙ୍କୁ ଚୂନ ଗ୍ରୀଟ୍ ମଧ୍ୟ ଯୋଗାଇଦେଇ ଆସୁଛି। ଏହାଦ୍ୱାରା ଶିଳ୍ପ ଉପ ଦ୍ରବ୍ୟକୁ ଏକ ବୃତ୍ତିଗତ ଅର୍ଥନୀତି ପାଇଁ ମୂଲ୍ୟଯୁକ୍ତ ଉତ୍ପାଦରେ ପରିଣତ ହେବାରେ ସହାୟତା ମଧ୍ୟ ମିଳୁଛି। ସେହିଭଳି ଆଲୁମିନା (ଆଲୁମିନିୟମ ଅକ୍ସାଇଡ୍) ଉତ୍ପାଦନ ଲାଗି ଚୂନ ଗ୍ରୀଟ୍ ବକ୍ସାଇଟର ଏକ ଉପ ଉତ୍ପାଦ ଭାବେ ଗ୍ରହଣ କରାଯାଇଥାଏ। ବେଦାନ୍ତ ଲାଞ୍ଜିଗଡ଼ ପ୍ରତି ବର୍ଷ ୧୦,୫୦୦ ମେଟ୍ରିକ ଟନ୍ ଚୂନ ଗ୍ରୀଟ୍ ଉତ୍ପାଦନ କରିଥାଏ। ଯେଉଁଥିରୁ ପ୍ରାୟ ଅଧା କାରଖାନା ମଧ୍ୟରେ ପୁନଃ ବ୍ୟବହାର କରାଯାଇଥାଏ। ଜିପ୍‌ସମ୍ ପରି ସମାନ ଗୁଣ ସହ ଚୂନ ଗ୍ରୀଟ୍ ହେଉଛି ଶକ୍ତି ଓ ଗୁଣରେ ଇଟା ତିଆରି ପାଇଁ ଏକ ଭଲ ବିକଳ୍ପ ଭାବେ ଉପଲବ୍ଧ। ଏହା ବ୍ୟତୀତ ଗ୍ରାମୀଣ ଶିଳ୍ପଗୁଡ଼ିକ ଲାଭବାନ ହୋଇପାରିବେ। କିଛି ବର୍ଷ ହେଲା କମ୍ପାନୀ ସହଯୋଗରେ ୨୦ରୁ ଅଧିକ ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟ କରୁଛନ୍ତି ବୋଲି ବେଦାନ୍ତ ଲିମିଟେଡ୍‌ର ଡେପୁଟି ସିଇଓ (ଆଲୁମିନା ବିଜ୍‌ନେସ) ଜି. ଜି. ପାଲ ମତ ପ୍ରକାଶ କରିଛନ୍ତି।

## ୩ ମାସରେ ୧୦୦ କୋଟି କାରବାର

ନୂଆଦିଲ୍ଲୀ,୫।୧୧

ଫିନ୍‌ଟେକ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ନିକଟରେ ଅତ୍ୟାଧୁନିକ ସ୍ମାର୍ଟ ସ୍ପିକରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ଶୁଭାରମ୍ଭର କିଛି ମାସ ମଧ୍ୟରେ ସାରା ଦେଶର ମର୍ଚାଣ୍ଟ ପାର୍ଟନରମାନଙ୍କୁ ୧୦ଲକ୍ଷରୁ ଅଧିକ ସ୍ମାର୍ଟ ସ୍ପିକର କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଇଛି। ସେହିଭଳି ଶୁଭାରମ୍ଭର ୩ ମାସ ମଧ୍ୟରେ କମ୍ପାନୀ ୧୦୦ କୋଟିରୁ ଅଧିକ ଟଙ୍କାର କାରବାର (ଟ୍ରାଞ୍ଜାକ୍ସନ) ଏହି ଡିଭାଇସ ମାଧ୍ୟମରେ ପ୍ରକ୍ରିୟାକରଣ କରିଛି। ଫଳରେ ଏହାଦ୍ୱାରା ସମଗ୍ର ଦେଶରେ କମ୍ପାନୀର ଅଫ୍‌ଲାଇନ ମର୍ଚାଣ୍ଟ ପେମେଣ୍ଟ ଅଧିକ ମଜଭୁତ ହୋଇପାରିଛି। ଏ ସମ୍ପର୍କରେ ଫୋନ୍‌ପେର ଅଫ୍‌ଲାଇନ ବ୍ୟବସାୟ ମୁଖ୍ୟ ବିବେକ ଲୋହଚେବ କହିଛନ୍ତି, କମ୍ପାନୀର ସ୍ମାର୍ଟ ସ୍ପିକର ଆମର ମର୍ଚାଣ୍ଟ ପାର୍ଟନରମାନଙ୍କୁ ଅତ୍ୟାଧୁନିକ ପେମେଣ୍ଟ ସେବା ପ୍ରଦାନ କରିବାରେ ବେଶ୍ ସହାୟକ ହୋଇଛି। ବିଶେଷକରି ବଜାରରେ ଆମର ବ୍ୟାପକ ଗ୍ରାହକଙ୍କ ସହ ଯୋଡ଼ିହେବା ପାଇଁ ଏହା ଏକ ନୂଆ ମାର୍ଗ ଖୋଲିଛି। ଗତ ୩ ମାସ ମଧ୍ୟରେ କମ୍ପାନୀ ୧୦ଲକ୍ଷରୁ ଅଧିକ ଡିଭାଇସ୍ ପ୍ରଦାନକରି ସ୍ପିଡ୍ ଏବଂ ସ୍କେଲ୍ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ରିଟେଲରମାନେ ଫୋନ୍‌ପେରୁ ମୂଲ୍ୟଯୁକ୍ତ ଅଫରର ମଧ୍ୟ ଲାଭ ଉଠାଉଛନ୍ତି।

## ଫୁରସତ୍

# ପୃଥିବୀର ନିକଟତମ ବ୍ଲାକ୍‌ହୋଲ୍

### ସୂର୍ଯ୍ୟଠାରୁ ୧୦ ଗୁଣ ବଡ଼

ୱାଶିଂଟନ୍



ବିଶ୍ୱର ସର୍ବାଧିକ ନିକଟତର କୃଷ୍ଣଗର୍ତ୍ତ ‘ଗଇଆ ବିଏଚ୍୧’କୁ ଆମେରିକାର ହାୱାଇ ଦ୍ୱୀପରେ ଜେମିନି ନର୍ଥ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ବିଜ୍ଞାନୀମାନେ ଠାବ କରିଛନ୍ତି। ନ୍ୟାଶନାଲ ସ୍ପେସ୍ ଫାଉଣ୍ଡେଶନ୍ (ଏନ୍‌ଏସ୍‌ଏଫ୍)ର ଏନ୍‌ଓଆଇଆର୍ ଲ୍ୟାବ୍ ଦ୍ୱାରା ପରିଚାଳିତ ଇଣ୍ଟରନ୍ୟାଶନାଲ ଜେମିନି ଅବ୍‌ଜରଭେଟୋରି ବୈଜ୍ଞାନିକମାନେ ଏହି ବ୍ଲାକ୍ ହୋଲ୍ ସୂର୍ଯ୍ୟଠାରୁ ୧୦ ଗୁଣ ବଡ଼ ବୋଲି କହିଛନ୍ତି। ଛାୟାପଥରେ ଥିବା ଏଭଳି କୃଷ୍ଣଗର୍ତ୍ତକୁ ପ୍ରଥମଥର ପାଇଁ ଚିହ୍ନଟ କରାଯାଇଛି। ପୃଥିବୀଠାରୁ ଏହାର ଦୂରତା ହେଉଛି ମାତ୍ର ୧,୫୬୦ ଆଲୋକବର୍ଷ। ଏହି ଆବିଷ୍କାର ଭବିଷ୍ୟତରେ ମହାକାଶ ଗବେଷଣା କ୍ଷେତ୍ରରେ ଜ୍ଞାନ ବୃଦ୍ଧିରେ ସହାୟକ ହେବ ବୋଲି କୁହାଯାଉଛି। ଛାୟାପଥରେ ଥିବା ୧୦୦ ନିୟୁତ ବ୍ଲାକ୍‌ହୋଲ୍ ମଧ୍ୟରୁ ଅନେକର ଆକୃତି ସୂର୍ଯ୍ୟଙ୍କ ତୁଳନାରେ ୫ରୁ ୧୦୦ ଗୁଣ ବଡ଼। କିନ୍ତୁ ସେ ସବୁ ବହୁ ଅଧିକ ଦୂରତରେ ଥିବାରୁ ସହଜରେ ଚିହ୍ନଟ ସମ୍ଭବ ହୋଇ ନ ଥାଏ। ‘ଗଇଆ ବିଏଚ୍୧’ ପୃଥିବୀର ଅତି ନିକଟତର ହୋଇଥିବାରୁ ଟେଲିସ୍କୋପ୍‌ରେ ଏହା ଦେଖାଯାଇଛି।

# ଓଟିଟିରେ ରିଲିଜ୍ ହେଲା ‘ତଡ୍‌କା’

ମୁମ୍ବାଇ




ତାପସୀ ପନ୍ନୁଙ୍କ ଅଭିନୀତ ଫିଲ୍ମ ‘ତଡ୍‌କା’ ପ୍ରେକ୍ଷାଳୟ ବଦଳରେ ଅନ୍‌ଲାଇନ୍‌ରେ ମୁକ୍ତିଲାଭ କରିଛି। ଅଲି ଜାଫର, ଶ୍ରୀୟା ଶରନ, ନାନା ପାଟେକର ପ୍ରମୁଖ କଳାକାର ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ପ୍ରକାଶ ରାଜ। ମାଲୟାଲମ ଫିଲ୍ମ ‘ସଲ୍ଟ ଆଣ୍ଡ ପେପର’ର ରିମେକ୍ ହେଉଛି ତଡକା। ୨୦୧୩ରେ ଫିଲ୍ମ ଚଷମେ ବଦ୍ଦୁର ଜରିଆରେ ତାପସୀ ବଲିଉଡ୍‌ରେ ଡେବ୍ୟୁ କରିଥିଲେ, ଯାହା ୨୦୧୩ରେ ମୁକ୍ତିଲାଭ କରିଥିଲା। ଏହି ମଲ୍ଟି ଷ୍ଟାରର ଫିଲ୍ମଟି ନାୟିକାଙ୍କୁ ଆଶାନୁରୂପ ଫଳ ହେଇ ନ ଥିଲେ ହେଁ ୨୦୧୫ରେ ରିଲିଜ୍ ହୋଇଥିବା ଫିଲ୍ମ ‘ବେବି’ ତାଙ୍କୁ ଲାଇମ୍ ଲାଇଟ୍‌କୁ ଆଣିଥିଲା। ଚଳିତବର୍ଷ ଫିଲ୍ମ ‘ ୱୋ ଲଡକି ହେ କାହା’ ରିଲିଜ୍ ହେବାକୁ ଥିବାବେଳେ ଏହାର ତାରିଖ ନିର୍ଦ୍ଧାରଣ କରାଯାଇନାହିଁ। କିନ୍ତୁ ଆସନ୍ତା ବର୍ଷ ଡିସେମ୍ବର ୨୨ରେ ଫିଲ୍ମ ‘ଡଙ୍କି’ ମୁକ୍ତିଲାଭ କରିବ। ରାଜକୁମାର ହିରାନୀଙ୍କ ଏହି ଫିଲ୍ମରେ ତାପସୀଙ୍କ ସହ ସ୍କ୍ରିନ୍ ଶେୟାର କରିବେ ଶାହରୁଖ ଖାନ୍।

## ଜଳବାୟୁ ପରିବର୍ତ୍ତନ ଦେଖାଉଛି ଇନ୍ଦ୍ରଧନୁ



ୱାଶିଂଟନ୍

ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ପାଇଁ ବିପତ୍ତି ଆଣି ବହୁଲୋକଙ୍କ ଜୀବନ ନେଉଛି। ଏହାର ପ୍ରଭାବରେ ସମୁଦ୍ର ପତ୍ତନ ବୃଦ୍ଧି ପାଉଛି ଏବଂ ଶକ୍ତିଶାଳୀ ଝଡ଼ ଅନେକ ସମସ୍ୟା ସୃଷ୍ଟି କରୁଛି। ଏସବୁ ନକାରାତ୍ମକ ପ୍ରଭାବ ସତ୍ତ୍ୱେ କ୍ଲାଇମେଟ୍ ଚେଞ୍ଜର ଏକ ଭିନ୍ନ ଦିଗ ରହିଥିବା ଗବେଷକମାନେ ଜାଣିବାକୁ ପାଇଛନ୍ତି। ତାହା ହେଲା ଜଳବାୟୁ ପରିବର୍ତ୍ତନ ଇନ୍ଦ୍ରଧନୁ ସଂଖ୍ୟା ୫% ବଢ଼ାଇବ। ନ୍ୟୁୟର୍କ ୟୁନିଭର୍ସିଟିର ବୈଜ୍ଞାନିକ କମ୍‌ବର୍ଲି କାର୍ଲସନ୍ କହିଛନ୍ତି, ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ବିଶ୍ୱର ୬୬ରୁ ୭୯% ଅଞ୍ଚଳରେ ଇନ୍ଦ୍ରଧନୁ ପୂର୍ବାପେକ୍ଷା ଅଧିକ ଦେଖିବାକୁ ମିଳିଛି। ଲକ୍ଷାଧିକ ଫଟୋକୁ ନେଇ ଏକ ସ୍ୱତନ୍ତ୍ର କମ୍ପ୍ୟୁଟର ମଡେଲ୍ ଜରିଆରେ ଜଳବାୟୁ ସମ୍ପର୍କିତ ତଥ୍ୟ ଉପରେ ଗବେଷଣା କରାଯାଇଥିଲା। ଉଚ୍ଚସ୍ଥାନରେ ଥିବା ଅଞ୍ଚଳଗୁଡ଼ିକରେ ସର୍ବାଧିକ ରେନ୍‌ବୋ ଦେଖାଯାଇଥିବା ଗବେଷଣାରୁ ଜଣାପଡ଼ିଛି। ତେବେ ଜଳବାୟୁ ପରିବର୍ତ୍ତନ ମଣିଷ ଜାତିକୁ ବିନାଶ ଆଡ଼କୁ ଟାଣି ନେଉଥିବାରୁ ଇନ୍ଦ୍ରଧନୁ ବୃଦ୍ଧି କାହା ମୁହଁରେ ହସ ଫୁଟାଇ ନ ପାରେ।

## ମଲା ମଶା ଧରି କୋର୍ଟରେ କଏଦୀ

**ମୁମ୍ବାଇ:** ଜେଲରେ ମଶାମାନଙ୍କ ପାଦୁର୍ଭାବ ଟିକେ ଅଧିକ। ତେବେ ମଶାକାମୁଡ଼ାରେ ଅତିଷ୍ଠ ହୋଇ ମୁମ୍ବାଇରେ ଜଣେ କଏଦୀ ଅଜବ ଘଟଣା ଘଟେଇ ଦେଇଛନ୍ତି। କଏଦୀ ଜଣକ ହେଉଛନ୍ତି ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଲକଡୱାଲା। ଗୁରୁବାର କୋର୍ଟରେ ତାଙ୍କୁ ହାଜର କରାଯାଇଥିବାବେଳେ ସେ ମଲା ମଶା ଥିବା ଏକ ବୋତଲ କୋର୍ଟରେ ଉପସ୍ଥାପନ କରିଛନ୍ତି। ଜେଲରେ ରହୁଥିବା କଏଦୀମାନେ ମଶାମାନଙ୍କ ପାଇଁ ରାତିରେ ଶୋଇ ପାରୁ ନ ଥିବା କହିଥିଲେ। ରାତିରେ ଶୋଇବାବେଳେ ଲକଡୱାଲାଙ୍କୁ ମଶାରି ବ୍ୟବହାର ପାଇଁ ଅନୁମତି ଦେବା ଲାଗି ସେ ବିଚାରପତିଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଜଜ୍ ତାଙ୍କୁ ଏଥିରେ କୌଣସି ପ୍ରକାର ସହଯୋଗ କରିପାରିବେ ନାହିଁ ବୋଲି ସିଧା ମନା କରିଦେଇଥିଲେ। ଦାଉଦ୍ ଇବ୍ରାହିମଙ୍କ ସହଯୋଗୀ ଭାବେ ଲକଡୱାଲା କାମ କରୁଥିବାବେଳେ ତାଙ୍କ ବିରୋଧରେ ଅନେକ ମାମଲା ରହିଛି। ଚଳିତ ବର୍ଷ ମେ’ରେ ଜେଲ କର୍ତ୍ତୃପକ୍ଷ ତାଙ୍କୁ ମଶାରି ବ୍ୟବହାର କରିବାକୁ ଅନୁମତି ଦେଇଥିଲେ ହେଁ ସୁରକ୍ଷା ଦୃଷ୍ଟିକୁ କେନ୍ଦ୍ର କରି ତାଙ୍କ ନିକଟରୁ ମଶାରି ନିଆଯାଇଥିଲା। ୨୦୨୦ ଜାନୁୟାରୀରେ ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ସେ କାଲୋଜା ଜେଲରେ ସଜା କାଟୁଛନ୍ତି।



## ସଂକ୍ଷେପରେ

### ଅରଖକୁଦ ବାଲି ସଇରାତ ନିଲାମ ସରିଲା

ନାଉଗାଁ,୫।୧୧(ସ୍ୱ.ପ୍ର.): ନାଉଗାଁ ତହସିଲ ଅନ୍ତର୍ଗତ ଦେବୀନଦୀରେ ଥିବା ଅରଖକୁଦ ବାଲି ସଇରାତ ପାଇଁ ନିଲାମ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ଏହି ନିଲାମ ପାଇଁ ତହସିଲ ପକ୍ଷରୁ ଅକ୍ଟୋବର ୧୧ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିଲାମ ପକାଇବାର ଶେଷ ତାରିଖ ନଭେମ୍ବର ୫ ଦିନ ୧ଟା ଧାର୍ଯ୍ୟ କରାଯାଇଥିଲା। ଏହି ସମୟ ମଧ୍ୟରେ ୩ଟି ଟେଣ୍ଡର କାଗଜ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଦିନ ୩ଟା ବେଳେ ତହସିଲ କାର୍ଯ୍ୟାଳୟରେ ଟେଣ୍ଡର କାଗଜ ଖୋଲାଯାଇଥିଲା। ଏହି ସମୟରେ ତହସିଲଦାର ଜେ.କଳ୍ପନାଙ୍କ ସମେତ ନିଲାମଧାରୀମାନେ ଉପସ୍ଥିତ ଥିଲେ। ଶଶାଙ୍କ ଅଗ୍ରୱାଲ ବାଲି ସଇରାତ ପ୍ରତି ସିଏମ୍ ପିଛା ୩୮୪.୮୨ଟଙ୍କା, ମନୋଜ ଅଗ୍ରୱାଲ ୨୭୫ ଓ ଜାନକୀ ମହାରଣା ୧୫୧ ଟଙ୍କା ନିଲାମ ପକାଇଥିଲେ। କାର୍ଯ୍ୟକ୍ରମକୁ ତହସିଲ ସୁପରଭାଇଜର ମାଣିକ ଟୁଡୁ, ବରିଷ୍ଠ କିରାଣି ଗୁଣନିଧି ବେହେରା, କନିଷ୍ଠ ରାଜସ୍ୱ ସହାୟକ ନିରଜ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହାପୂର୍ବରୁ ଏହି ବାଲି ସଇରାତକୁ ୨୦୨୦ ଡିସେମ୍ବର ୧୬ରେ ନିଲାମ କରାଯାଇଥିଲା। ସର୍ବାଧିକ ନିଲାମଧାରୀ ଭାବେ ଶକୁନ୍ତଳା କାବୁ ସିଏମ୍ ପିଛା ୮୩୩ ଟଙ୍କାରେ ଏହି ନିଲାମ ପାଇଥିଲେ।

# ଜଳ ଯୋଗାଣ କ୍ଷମତା ହରାଇଛି କେନ୍ଦ୍ରାପଡ଼ା କେନାଲ

କେନ୍ଦ୍ରାପଡ଼ା ଅଫିସ, ୫।୧୧


ଦଳରେ ଭର୍ତ୍ତି କେନ୍ଦ୍ରାପଡ଼ା କେନାଲ।

- ରାଜ୍ୟର ସର୍ବପ୍ରାଚୀନ କେନାଲ ଦଳରେ ଭର୍ତ୍ତି
- ନଅଙ୍କ ଦୁର୍ଭିକ୍ଷର ପ୍ରତିକାର ପାଇଁ ଖୋଲା ଯାଇଥିଲା
- ଆବର୍ଜନା ଯୋଗୁ ସାଜିଛି ମଶା ମାଛିଙ୍କ ଅନ୍ତୁଡ଼ିଶାଳ

କ୍ଷେତର ଖରିଫ ଧାନରେ ଏବେ ଛିଞ୍ଚା ବାହାରିବା ସମୟ । ପରିପୃଷ୍ଟ ହେବାକୁ ପ୍ରଚୁର ପାଣି ଆବଶ୍ୟକ। ଏହି ସମୟରେ କେନ୍ଦ୍ରାପଡ଼ା କେନାଲର ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। ମାଛ ବ୍ୟବସାୟୀ ଆଡ଼ିବନ୍ଧ ବାନ୍ଧୁଛନ୍ତି। ଏଣେ କେନାଲରେ ଆବର୍ଜନା ଓ ବିଲାତି ଦଳ ଯୋଗୁ ଶେଷମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ, ଏପରି ଅଭିଯୋଗ ଆଣି ଗତ ୨ଦିନ ମଧ୍ୟରେ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକର ୩ ସ୍ଥାନରେ ଚାଷୀ ଆନ୍ଦୋଳନ ଆରମ୍ଭ କରିଛନ୍ତି । ରାସ୍ତାରୋକୋ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଛନ୍ତି।

ରାଜ୍ୟର ସର୍ବପ୍ରାଚୀନ ଏହି କେନ୍ଦ୍ରାପଡ଼ା କେନାଲ ପୂର୍ବରୁ ସୁନାବ୍ୟା ଥିଲା । ଏବେ କ୍ଷେତକୁ ପାଣି ଯୋଗାଇବାକୁ ଅସମର୍ଥ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ନଅଙ୍କ ଦୁର୍ଭିକ୍ଷ ସମୟରେ କ୍ଷେତ ପରିଚାଳନା ଓ ପଣ୍ୟ କାରବାରରେ ଏହି କେନାଲ ସହଯୋଗ କରିଥିଲା । ଏସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ ଦେପୁରା ଗ୍ରାମର ଜଗଦୀଶ ପତି, କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡା, ଭରତପୁର ଗ୍ରାମର ଚିତ୍ତରଞ୍ଜନ ଦାସ, ଇଛାପୁରର ଚିତ୍ତରଞ୍ଜନ ସାହୁ, ଆୟେବାର ବିରେନ୍ଦ୍ର କୁମାର ଦାସ ପ୍ରମୁଖ କହିଛନ୍ତି, ୧୮୬୭ର ନଅଙ୍କ ଦୁର୍ଭିକ୍ଷ ପରେ ଏହି କେନାଲ ଖୋଳା ଯାଇଥିଲା। ମହାନଦୀ ବ୍ୟାରେଜରୁ ବାହାରିଥିବା ୨୪୧ କିଲୋମିଟରର ଏହି କେନାଲରେ ୧୮୬୯ ମେ ୨୯ରେ ପ୍ରଥମ ଥର ପାଇଁ ପାଣି ଆସିଥିଲା। ସେହି ପାଣି କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ, ଜମ୍ବୁ, ଗୋବରୀ କେନାଲ ମାଧ୍ୟମରେ ଛଡାଯାଇ ୧୧,୯୩୮ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଥିଲା । ପରବର୍ତ୍ତୀ ସମୟରେ ଉକ୍ତ କେନାଲରୁ ଜଳ ଆହରଣ କରି ଗୋବରୀ କେନାଲ, ସଂପ୍ରସାରିତ ଗୋବରୀ କେନାଲ, ପଟ୍ଟାମୁଣ୍ଡାଇ କେନାଲ ଅଞ୍ଚଳର ପ୍ରାୟ ୨୯ ହଜାର ହେକ୍ଟର କ୍ଷେତକୁ ଜଳସେଚନ କରାଯାଉଥିଲା। ଜିଲା ଗଠନ ପୂର୍ବରୁ ଏହି ଜଳସେଚନ କ୍ଷମତାକୁ ଧାର୍ଯ୍ୟ କରି ଜିଲାର ସତ୍ତ୍ୱବାନ ଚାଷୀଙ୍କ ନିକଟରୁ ଅଦ୍ୟାବଧି ଜଳକର ଆଦାୟ ହେଉଛି । କେବଳ କ୍ଷେତକୁ ପାଣି ନୁହେଁ, ଉକ୍ତ କେନାଲ ମାଧ୍ୟମରେ ପଣ୍ୟ ଦ୍ରବ୍ୟ ପରିବହନ ହେଉଥିଲା । ୧୯୩୦- ୩୧ରେ ଲକ୍ ମାଧ୍ୟମରେ ଆଦାୟ ରାଜସ୍ୱ ୮୫ ହଜାର ଟଙ୍କାରୁ ଅଧିକ ଥିବା ରେକର୍ଡ ଦର୍ଶାଉଛି । ଏପରିକି ଏହି ଜଳପଥ ଦେଇ ବାରବାଟୀରୁ ପଥର ନିଆଯାଇ ଫଲସ୍‌ପଏଣ୍ଟଠାରେ ବତୀଘର ନିର୍ମାଣ ହୋଇଥିଲା। ନୌବାଣିଜ୍ୟ ଓ ଜଳସେଚନ ପାଇଁ ଖୋଲା ଯାଇଥିବା ଏହି କେନାଲ ଏବେ କ୍ଷେତକୁ ପାଣି ଯୋଗାଇବା ପାଇଁ ଅସମର୍ଥ ହୋଇଛି । ଜଳପଥ ଉପରେ ଜବରଦଖଲ ବଢ଼ିଚାଲିଛି। ଏହା ଉପରେ କେତେଜଣ ବ୍ୟକ୍ତି ଘର ନିର୍ମାଣ କରି ଜଳପଥକୁ ସଙ୍କୁଚିତ କରିଛନ୍ତି। ସେହିପରି ସହରର ଅଳିଆ ଆବର୍ଜନା, ପାଇଖାନା ମଳ , ପ୍ଲାଷ୍ଟିକ କେନାଲରେ ଛଡା ଯାଉଛି। କେନାଲରେ ଭର୍ତ୍ତି ହୋଇଥିବା ବିଲାତି ଦଳ ବଡ ସମସ୍ୟା ହୋଇଛି। କେନାଲର ଦାନପୁର, କାକଟ ଲକ୍‌ଠାରୁ ଗର୍ନାକିଆ ଲକ୍ ଆଦି ପ୍ରାୟ ୫୦ କିଲୋମିଟର ଦୈର୍ଘ୍ୟ ଅଞ୍ଚଳରେ ଏହି ବିଲାତି ଦଳ ଭର୍ତ୍ତି ହୋଇଛି। ପୂର୍ବରୁ ଏହି ସହର ସହିତ ବ୍ଲକ ଅଞ୍ଚଳର ପ୍ରାୟ ୫୦ରୁ ଅଧିକ ଗ୍ରାମବାସୀ ନିତ୍ୟକର୍ମରେ ଉକ୍ତ ଜଳକୁ ବ୍ୟବହାର କରୁଥିଲେ । ଏବେ ସେହି କେନାଲ ଜଳ ମଶାମାଛିଙ୍କ ଅନ୍ତୁଡ଼ିଶାଳରେ ପରିଣତ ହୋଇଛି । ସେହି ଜଳ ବ୍ୟବହାର କଲେ ଚର୍ମରୋଗ ବ୍ୟାପୁଛି । ପ୍ରତିବର୍ଷ ସଫେଇ ନାମରେ ଜଳ ସମ୍ପଦ ବିଭାଗ ଅର୍ଥ ହରିଲୁଟ କରୁଥିବା ସେମାନେ ଅଭିଯୋଗ କରିଛନ୍ତି।

ଏସମ୍ପର୍କରେ ଏସ୍‌ଇ ଇଂ. ଉମେଶ ଚନ୍ଦ୍ର ସେଠୀ କହିଛନ୍ତି, ସଡ଼କ ଯୋଗାଯୋଗ ପଥ ଉନ୍ନତ ହେବା ପରେ ନୌବାଣିଜ୍ୟ ପାଇଁ ଏହି କେନାଲ ଉପଯୋଗୀ ହୋଇରହିନାହିଁ । ଜଳସେଚନ ପାଇଁ ଏହାର ଉନ୍ନତିକରଣ ଚାଲିଛି । କେନାଲ ପଥକୁ ସୁଗମ କରାଯାଇ ଚାଷୀଙ୍କୁ ଜଳ ଯୋଗାଣ ହେଉଛି । କେତେକ ସ୍ଥାନରେ ମାଛ ପାଇଁ ଆଡି ବନ୍ଧ କରାଯାଇଥିବାରୁ ଆନ୍ଦୋଳନ ହୋଇଥିଲା । ତେବେ ତୁରନ୍ତ ସେପରି ଆଡି ବନ୍ଧକୁ ହଟାଯାଇଛି ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜେଲ ଗଲେ ଯୁବକ

ରାଜନଗର,୫।୧୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଆଳି ଅଞ୍ଚଳର ଜଣେ ଯୁବକ ଏକତରଫା ପ୍ରେମ କରିବା ଏବଂ ତାଙ୍କୁ ଅପହରଣ କରିନେଇ ପେଣ୍ଠ ସମେତ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିବା ଅଭିଯୋଗ ହୋଇଛି । ଏପରି କି ସମ୍ପୃକ୍ତ ଯୁବକ ନାବାଳିକାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ରାଜନଗର ଥାନାରେ ପୀଡିତାଙ୍କ ମାଆ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗର ମାତ୍ର ୧୨ ଘଣ୍ଟା ମଧ୍ୟରେ ରାଜନଗର ପୋଲିସ ଶନିବାର ଆଳି ଅଞ୍ଚଳରୁ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଆଳି ଥାନା ଅନ୍ତର୍ଗତ ଦକ୍ଷିଣଡିଆ ଗ୍ରାମର ଅର୍ଜୁନ ବେହୁରା (୨୩ ) । ଏ ନେଇ ରାଜନଗର ଥାନାରେ ଏକ ମାମଲା (ନଂ. ୩୭୬/୨୨) ରୁଜୁ ହୋଇଛି । ଜାମିନ ନାମଞ୍ଜୁର ହେବାରୁ ଅର୍ଜୁନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଅର୍ଜୁନ ୭ମାସ ହେବ ସେହି ନାବାଳିକାଙ୍କୁ ଏକ ତରଫା ପ୍ରେମ କରିଆସୁଥିଲେ। ସୁଯୋଗ ଦେଖି ସେ ତାଙ୍କୁ ଅପହରଣ କରି ନେଇଥିଲେ। ଗିରଫ ପରେ ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଛି ବୋଲି ପୋଲିସ କହିଛି ।

# କୁଜଙ୍ଗ-ଚଟୁଆ ରାସ୍ତା ମରାମତି ଦାବିରେ ଗଣଧାରଣା


ଗଣଧାରଣାରେ ସାମିଲ ହୋଇଥିବା ଭାଜପା କର୍ମୀମାନେ।

କୁଜଙ୍ଗ,୫।୧୧(ଡି.ଏନ୍.ଏ.)

୫୫ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା କୁଜଙ୍ଗ ଚଟୁଆ ରାସ୍ତା ୪ ବର୍ଷ ହେବ ଶୋଚନୀୟ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାକୁ ମରାମତି କରାଯାଉ ନ ଥିବାରୁ ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଛି। ଏନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସେମାନେ ଅଭିଯୋଗ କରିଥିଲେ, ଏହି ରାସ୍ତା ଉପରେ ପୁରୀ ଜିଲାର ଅଧିବାସୀ ସମେତ ଜଗତ୍‌ସିଂହପୁରର ମାଛଗାଁ, ନାଉଗାଁ, ନହରଣା, ବାଲିକୁଦା ଓ ଏରସମା ବ୍ଲକ ଅଧିବାସୀ ନିର୍ଭରଶୀଳ। ଦୈନିକ ପାରାଦୀପ ବନ୍ଦର ସମେତ ବିଭିନ୍ନ ଶିଳ୍ପାଞ୍ଚଳକୁ ବହୁ ଲୋକ ଏହି ବାଟ ଦେଇ ଯାତାୟାତ କରିଥାନ୍ତି।

ଉକ୍ତ ରାସ୍ତା ମରାମତି କରିବାକୁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏନେଇ ଯୁବମୋର୍ଚ୍ଚା ପକ୍ଷରୁ ଅକ୍ଟୋବର ୨୦ରେ ଏକ ଦାବିପତ୍ର ଦିଆଯାଇଥିଲା। ସାତ ଦିନ ମଧ୍ୟରେ ମରାମତି ନ ହେଲେ ଧାରଣା ଦିଆଯିବ ବୋଲି ସେଥିରେ ଦର୍ଶାଯାଇଥିଲା। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନ ନେବାରୁ ଧାରଣା ଦିଆଯାଇଛି ବୋଲି ଭାଜପା କର୍ମୀମାନେ କହିଛନ୍ତି।

ଦୀର୍ଘ ସମୟ ଧରି ଧାରଣା ଦେବା ପରେ ସହକାରୀ ଯନ୍ତ୍ରୀ ଶ୍ରୀବତ୍ସ ଦାସ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରବିବାରଠାରୁ ମରାମତି ଏବଂ ଦୁଇ ସପ୍ତାହ ପରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ପାରାଦୀପ ବିଧାନସଭା ମଣ୍ଡଳ ସଂଯୋଜକ ଅକ୍ଷୟ କୁମାର ଦାସ, ମଣ୍ଡଳ ସଭାପତି ଦୁଷ୍ମନ୍ତନାଥ ଶର୍ମା, ହୃଷୀକେଶ ଦାସ, ବିଶ୍ୱଜିତ୍ ଦାସ, ଭବେନ୍ଦ୍ର ଦାସ, ରାଜେଶ ଚୌଧୁରୀ, ଦିଲୀପ ବସ୍ତିଆ, କୈଳାସ ବାରିକ ଓ ରବି ପାତ୍ରଙ୍କ ସମେତ ପାଟପୁର ଓ ବାଲିଆ ସରପଞ୍ଚଙ୍କ ପ୍ରତିନିଧି କିଶୋରୀ ବେଉରା, ପ୍ରକାଶ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ୮ରେ ଖୋ-ଖୋ ମହିଳା, ପୁରୁଷ ଦଳ ଚୟନ

ଜଗତ୍‌ସିଂହପୁର ଅଫିସ, ୫।୧୧

ଜଗତ୍‌ସିଂହପୁର ଜିଲା ମହିଳା ଓ ପୁରୁଷ ଖୋ-ଖୋ ଦଳ ପାଇଁ ଖେଳାଳିମାନଙ୍କ ଚୟନ ପ୍ରକ୍ରିୟା ନଭେମ୍ବର ୮ରେ କରାଯିବ। ଏହିଦିନ ତିର୍ତ୍ତୋଲସ୍ଥିତ ଏମ୍ଏସ୍ ଏକାଡେମୀ ଖେଳ ପଡ଼ିଆରେ ଖେଳାଳିମାନଙ୍କ ଦକ୍ଷତା ମାପ କରାଯିବ। ଚୟନ ହୋଇଥିବା ଖେଳାଳିମାନେ ପୁରୀ ଜିଲାରେ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ପାଇବେ। ଶନିବାର ଏ ସମ୍ପର୍କରେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଦୋଳ ଗୋବିନ୍ଦ ଦାସ ସୂଚନା ଦେଇଛନ୍ତି।

### ୪ ପଞ୍ଚାୟତର ଭତ୍ତା ବଣ୍ଟନ

ବାଲିକୁଦା,୫।୧୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ପରିସରରେ ଶନିବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪ ପଞ୍ଚାୟତର ୧୭୫ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଅପଣ୍ଡରା ପଞ୍ଚାୟତରୁ ୪୦ ଅନନ୍ତପୁର ପଞ୍ଚାୟତରୁ ୬୦, ଖାଲଗାଁ ପଞ୍ଚାୟତରୁ ୪୦ ଓ ତିତିରା ପଞ୍ଚାୟତରୁ ୩୫ ଭତ୍ତା ହିତାଧିକାରୀ ସେମାନଙ୍କ ଭତ୍ତା ଟଙ୍କା ନେଇଥିଲେ। ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ମୁଖ୍ୟବକ୍ତା ଭାବେ ଜିଲାପରିଷଦ ସଦସ୍ୟା, ରୁନ୍ନିଲତା ବେହେରା, ସମ୍ମାନିତ ଅତିଥି ଭାବେ ବିଡିଓ ଜିତେନ୍ଦ୍ର ନାୟକ, ଏବିଡିଓ ସଞ୍ଜୟ ଦାସ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଜ୍ୟୋତିର୍ମୟୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରପଲ୍ଲୀରେ ରାହାସ ଉତ୍ସବ


ରାହାସ ଉତ୍ସବରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତି

ରଘୁନାଥପୁର,୫।୧୧(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଅଞ୍ଚଳର ପୁରପଲ୍ଲୀରେ କାର୍ତ୍ତିକ ପଞ୍ଚୁକ ଅବସରରେ ରାହାସ ଉତ୍ସବ ଆଧ୍ୟାତ୍ମିକ ଭାବାବେଗରେ ପାଳିତ ହେଉଛି। ଏନେଇ ପ୍ରତ୍ୟହ ସନ୍ଧ୍ୟାରେ ହୋମପୁଜା, ଭଗବତ ପଠନ ଓ ଭଜନ କୀର୍ତ୍ତନରେ ଗାଁ ପରିବେଶ ପ୍ରକମ୍ପିତ ହେଉଛି। ଧରାଧରପୁର ବଡ଼ବାଗରେ ଗ୍ରାମ ସମେତ ଜଗନ୍ନାଥପୁର ବାଗସାହି, ମହାଦେବତୋଳା, ପୂରଣଓଡ଼ପଡା, ଗୁଆଳିପୁର, ଗୋକୁଳପୁର ଆଦି ଅନେକ ସ୍ଥାନରେ ଏହି ଉତ୍ସବ ପାଳନ କରାଯାଉଛି। କାର୍ତ୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ କରାଯିବ ବୋଲି ବଡ଼ବାଗ ରାହାସ କମିଟି ଅଧକ୍ଷ ଭାଗୀରଥି ରାଉତ ପ୍ରକାଶ କରିଛନ୍ତି। ଏନେଇ ବିଭିନ୍ନ ଦେବଦେବୀ ମନ୍ଦିରରେ ପୂଜାର୍ଚ୍ଚନା ସମେତ ହରିନାମ ସଂକୀର୍ତ୍ତନ ହେଉଛି।

# ବାହାର ଲୋକ ଛତୁଆ ତିଆରି କରି ଲୁଟୁଛନ୍ତି ଟଙ୍କା

ପଟ୍ଟାମୁଣ୍ଡାଇ ୫।୧୧(ସ୍ୱ.ପ୍ର.)

**ସ୍ୱୟଂ ସହାୟକ ଗୋଷ୍ଠୀର ନାଁରେ ଛତୁଆ ପ୍ରସ୍ତୁତି**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନିମ୍ନମାନର ଛତୁଆ ଯୋଗାଣ ହେଉଥିବା ନେଇ ଅଭିଯୋଗ ହେଉଛି। ଯେଉଁ ଛତୁଆ ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଣ ହେଉଛି ତାହାକୁ ସ୍ୱୟଂ ସହାୟକ ଗେଷ୍ଠୋ ପ୍ରସ୍ତୁତ କରୁଥିବା ନେଇ କୁହାଯାଉଛି। ହେଲେ ଏହି ଛତୁଆକୁ ବାହାରର ଲୋକ ପ୍ରସ୍ତୁତ କରି ଟଙ୍କା ଲୁଟୁଥିବା ଅଭିଯୋଗ ହେଉଛି। ସେ ଛତୁଆ ଖାଇବା ଅନୁପଯୋଗୀ ବୋଲି ଶିଶୁ ଓ ଗର୍ଭବତୀ ମହିଳା ଖାଉନାହାନ୍ତି। ସତକଥା ହେଲା ଏସବୁକୁ ଅଙ୍ଗନୱାଡି କେନ୍ଦ୍ରରୁ ନେଇ ଶିଶୁ ଓ ଗର୍ଭବତୀଙ୍କ ପରିବାର ଲୋକେ ଗୋଖାଦ୍ୟ ଭାବେ ବ୍ୟବହାର କରୁଥିବା କୁହାଯାଉଛି। ଏହାର ଏକ ବଡ ର୍ୟାକେଟ କେନ୍ଦ୍ରାପଡା ଜିଲାରେ ଚାଲିଛି। ଗାଁର ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ଛତୁଆ ଆବଣ୍ଟନ ଓ କେଳେଙ୍କାରୀ ଚାଲିଛି। ଏଥିରେ ବ୍ୟାପକ ଦୁର୍ନୀତି ହେଉଛି। ଏସ୍‌ଏଚ୍‌ଜି ନାଁରେ ଅନ୍ୟ ଲୋକ ଏସବୁ ସାମଗ୍ରୀ ଯୋଗାଉଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁବିଧ ଜନହିତକର କାର୍ଯ୍ୟ କରି ରାଜ୍ୟରେ ସମସ୍ତଙ୍କ ନିକଟରେ ପ୍ରିୟପାତ୍ର ହେବା ସହ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସବୁକ୍ଷେତ୍ରରେ ପ୍ରାଧାନ୍ୟ ଦେଇଆସୁଛନ୍ତି। ତାଙ୍କ ପାଇଁ ମଧ୍ୟ ବିଭିନ୍ନ ଯୋଜନାରେ ଅନୁଦାନ ଯୋଗାଇ ଦେଉଛନ୍ତି। ମହିଳାମାନଙ୍କ ଉଦ୍ଦେଶ୍ୟରେ ହେଉଥିବା ହିତକର ଯୋଜନାକୁ ଦଲାଲ ଓ ଅଧିକାରୀମାନେ ମିଳିମିଶି ଅର୍ଥ ଲୁଟ କରିବା ଫଳରେ ସେମାନେ ସୁଫଳ ପାଇବାରୁ ବଞ୍ଚିତ ହେଉଥିବା ଭଳି ସଙ୍ଗୀନ ଅଭିଯୋଗ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ହେଉଛି। ଯାହାକି ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରାଯାଉଛି। ଏଥିପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଧାୟକଙ୍କ ପର୍ଯ୍ୟନ୍ତ କେହି ପ୍ରତିବାଦ କରିବାକୁ ଆନ୍ତରିକତା ଦେଖାଉ ନାହାନ୍ତି ବୋଲି ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଜିଲାର ପଟ୍ଟାମୁଣ୍ଡାଇ ବ୍ଲକର ୨ଟି ଏସ୍‌ଏଚଜି ପୁଷ୍ଟିକର ଖାଦ୍ୟ ଛତୁଆ ପ୍ରସ୍ତୁତ କରି ଅଙ୍ଗନୱାଡି କେନ୍ଦ୍ରକୁ ଆବଣ୍ଟନ ଦାୟିତ୍ୱ ପାଇଛନ୍ତି। ଛତୁଆ ପ୍ରସ୍ତୁତି କେନ୍ଦ୍ର ବ୍ଲକର ଶେଷ ସୀମା ମହାକାଳପଡ଼ା ପାଖାପାଖି ହୋଇଥିବା ବେଳେ ୪୦ କିମି ଦୂର କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳକୁ ଛତୁଆ ବିତରଣ କରାଯାଉଛି। କାଗଜ ପତ୍ରରେ ଛତୁଆ ପ୍ରସ୍ତୁତି ହେଉଥିବା ବେଳେ ଲଡୁ ସେଠାରେ ପ୍ରସ୍ତୁତ ନ ହୋଇ ଅନ୍ୟ ଆଡୁ ଆସିବା ବିଷୟ ସିଡିପିଓଙ୍କ ଜଣାତରେ ଚାଲିଛି। ପ୍ରତିମାସର ୨୩ ତାରିଖରେ ସିଡିପିଓ କିମ୍ବା ପରିଦର୍ଶିକା, ଗୋଷ୍ଠୀର ସମସ୍ତ ସଦସ୍ୟା ସିସି ଟିଭି କ୍ୟାମେରାରେ ଉପସ୍ଥିତି ରହି ଛତୁଆ ପ୍ରସ୍ତୁତ କରି ଭିଡିଓ ଉଚ୍ଚ ଅଧିକାରୀଙ୍କୁ ପଠାଇବାକୁ ସରକାରଙ୍କର ନିର୍ଦ୍ଦେଶ ରହିଛି। ମାତ୍ର ଦଲାଲଙ୍କ ପ୍ରରୋଚନାରେ କେହି ଉପସ୍ଥିତ ନ ଥିଲେ ମଧ୍ୟ ଡେମୋ ପଠାଇ ସରକାରଙ୍କୁ ଖୁସ କରାଯାଉଥିବା ଦେଖାଦେଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ସିଡିପିଓ ମୁକ୍ତରି ବେଗମ୍‌ଙ୍କୁ ପଚାରିବାରୁ ଟେଣ୍ଡର ଦ୍ୱାରା ଯିଏ ଯେଉଁ ଜାଗାରୁ ପାଇଛନ୍ତି ସେଠାରେ ଛତୁଆ ତିଆରି ହେଉଛି। ଲଡୁ ବାହାରୁ ଆଣନ୍ତୁ ବା ତିଆରି କରନ୍ତୁ ଆମର କେନ୍ଦ୍ରରେ ପହଞ୍ଚି ଯାଇଛି ବୋଲି ସେ କହିଛନ୍ତି।

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ଶିକ୍ଷକଙ୍କ ବଦଳିର ପ୍ରତିବାଦ**

ପଟ୍ଟାମୁଣ୍ଡାଇ,୫।୧୧(ସ୍ୱ.ପ୍ର.)


ସ୍କୁଲ ଗେଟ୍ ସମ୍ମୁଖରେ ବସିଥିବା ଛାତ୍ରୀଛାତ୍ର, ଅଭିଭାବକ ଏବଂ ଅନ୍ୟମାନେ ।

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଧୋୟା ଅଞ୍ଚଳ ଦାଣ୍ଡିସାହି ହାଇସ୍କୁଲରେ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଅଭାବ ଯୋଗୁ ଶିକ୍ଷାଦାନ ବ୍ୟାହତ ହୋଇଛି । ଏପରି ପରିସ୍ଥିତିରେ ବିଶ୍ୱକଲ୍ୟାଣୀ ଓଝା ନାମକ ଜଣେ ଶିକ୍ଷକଙ୍କୁ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ ଅନ୍ୟତ୍ର ଡେପୁଟେଶନରେ ପଠାଇଛନ୍ତି । ଏହାର ପ୍ରତିବାଦରେ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲରେ ଛାତ୍ରୀଛାତ୍ର ଅଭିଭାବକ, ପୁରାତନ ଛାତ୍ରୀଛାତ୍ରୀ ଆଲମୁନି ଆସୋସିଏଶନ କର୍ମକର୍ତ୍ତା ଓ ଗ୍ରାମବାସୀ ଶନିବାର ପ୍ରାୟ ୭ଟା ସମୟରେ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । ଅଧ୍ୟୟନରତ ଛାତ୍ରୀଛାତ୍ର ଶିକ୍ଷକଙ୍କ ବଦଳିରେ ଅସନ୍ତୋଷ ପ୍ରକାଶ କରିଥିଲେ । ସ୍କୁଲରେ ତାଲା ପଡିବା ଖବର ପାଇ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ସ୍କୁଲରେ ପହଞ୍ଚି ଅଭିଭାବକ ଓ ଛାତ୍ରୀଛାତ୍ର ମାନଙ୍କୁ ବୁଝାଶୁଝା କରିଥିଲେ। ଉକ୍ତ ହାଇସ୍କୁଲରେ ୪୫୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଆବଶ୍ୟକ ୧୨ ଶିକ୍ଷକ ସ୍ଥାନରେ ୯ ଜଣ ଶିକ୍ଷକ ବହୁ କଷ୍ଟରେ ଶିକ୍ଷାଦାନ ଜାରି ରଖିଛନ୍ତି। ହାଇସ୍କୁଲରେ ଟିଆଇଓଟିଏମ୍ ଶିକ୍ଷକ ପଦବୀ ଖାଲିପଡିଛି । ପିଲାମାନଙ୍କ ଭବିଷ୍ୟତ ଦୃଷ୍ଟିରୁ ତୁରନ୍ତ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବା ସହ ଶିକ୍ଷକ ବିଶ୍ୱକଲ୍ୟାଣୀ ଓଝାଙ୍କ ଡେ଼ପୁଟେଶନ ଆଦେଶ ବାତିଲ କରିବା ଅଭିଭାବକମାନେ ଡିଇଓଙ୍କ ନିକଟରେ ଦାବି କରିଛନ୍ତି ।

# ଅଚଳ କୁକୁଡ଼ା ହାଚେରୀ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

କୃଷି ସହିତ ପ୍ରାଣୀ ପାଳନ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ପ୍ରାଣୀପାଳନ ଚାଷୀଙ୍କ ଆୟ ବୃଦ୍ଧି ଓ ଗ୍ରାମାଞ୍ଚଳର ଆର୍ଥିକ ବିକାଶ ସହାୟକ ହୋଇଥିବାରୁ ରାଜ୍ୟ ସରକାର ବିଭିନ୍ନ ରିହାତି ପ୍ରଦାନ ମାଧ୍ୟମରେ ଏହାକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଶନିବାର କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ପ୍ରାଣୀ ସମ୍ପଦ ବିକାଶର ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

**ପ୍ରାଣୀସମ୍ପଦ ବିକାଶ ଯୋଜନାର ସମୀକ୍ଷା**

ଉନ୍ନତ ପ୍ରାଣୀ ପାଳନ ମାଧ୍ୟମରେ ଚାଷୀ କିପରି ଲାଭବାନ ହୋଇପାରିବ ଓ ଚାଷୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ଯେପରି ଠିକ୍ ସମୟରେ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିବ ସେଥିନିମନ୍ତେ ମନ୍ତ୍ରୀ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବଜେଟ୍‌ରେ ବିଭିନ୍ନ ଯୋଜନାରେ ଆବଣ୍ଟିତ ଅର୍ଥକୁ ଠିକ୍ ସମୟରେ ଖର୍ଚ୍ଚ କରିବା ଓ ରିହାତି ରାଶିକୁ ହିତାଧିକାରୀଙ୍କୁ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ମିଶନଶକ୍ତି ବିଭାଗ ସହ ସମନ୍ୱୟ ବୈଠକ ଦ୍ୱାରା ରାଜ୍ୟରେ ଅଚଳ ହୋଇ ପଡ଼ିଥିବା କୁକୁଡ଼ା ହାଚେରୀଗୁଡ଼ିକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କାର୍ଯ୍ୟକ୍ଷମ କରିବାକୁ ମନ୍ତ୍ରୀ କହିଥିଲେ। ପ୍ରତ୍ୟେକ ଜିଲା ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟକୁ ସମୟସୀମା ମଧ୍ୟରେ ପୂରଣ କରିବା ସହ ଜିଲା ପାଇଁ ନିୟୋଜିତ ନୋଡାଲ ଅଧିକାରୀମାନେ ନିୟମିତ ଜିଲା ଗସ୍ତକରି ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ବିଭାଗକୁ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଆଗାମୀ ବର୍ଷର ବିଭିନ୍ନ ଯୋଜନାର ବାର୍ଷିକ କାର୍ଯ୍ୟ ଖସଡ଼ା ୨୦୨୩ ମାର୍ଚ୍ଚ ସୁଦ୍ଧା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ସମସ୍ତ ଜିଲାର ସିଡିଭିଓ ଏବଂ କ୍ଷେତ୍ର ଅଧିକାରୀ ଯୋଗ ଦେଇଥିଲେ।

# ମିଲର୍ସଙ୍କ ପାଇଁ ମଣ୍ଡି ଖୋଲିବାରେ ବିଳମ୍ବ

- ଆନ୍ଧ୍ରକୁ ଚାଲାଣ, ଗୋଦାମ ଖାଲି ଅଭିଯୋଗ
- ଚାଉଳ ଦେବାରେ ମାସେ ସମୟ ବୃଦ୍ଧି

ସମ୍ବଲପୁର, ୫।୧୧(ବ୍ୟୁରୋ)

ସମ୍ବଲପୁର ଜିଲାରେ ନଭେମ୍ବର ୨୫ରୁ ଧାନ ସଂଗ୍ରହ ଆରମ୍ଭ ହେବା ନେଇ ପ୍ରଶାସନ ନିଷ୍ପତ୍ତି ନେଇଛି। ହେଲେ ଚାଷୀଙ୍କ ସମସ୍ୟାକୁ ଚିନ୍ତା ନ କରି ମିଲର୍ସଙ୍କ ପାଇଁ ଧାନ ସଂଗ୍ରହ ପ୍ରାୟ ଏକ ମାସ ବିଳମ୍ବ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଗତ ଖରିଫ ଋତୁର ଚାଉଳ ଶତ ପ୍ରତିଶତ ସଂଗ୍ରହ ହୋଇପାରିନାହିଁ। ମିଲର୍ସଙ୍କ ପାଖରେ ଏବେ ମଧ୍ୟ ୨୮ ପ୍ରତିଶତ ଚାଉଳ ବକେୟା ପଡିଛି। ଅକ୍ଟୋବର ଶେଷସୁଦ୍ଧା ଖରିଫ ଧାନକୁ ଚାଉଳ କରି ସରକାରଙ୍କୁ ଦେବାର ଶେଷ ସମୟ ରହିଥିଲା। ହେଲେ ଚଳିତବର୍ଷ ନଭେମ୍ବର ୩୦ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଯାଇଛି। ମିଲ୍ ମାଲିକଙ୍କୁ ସୁହାଇଲା ଭଳି ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି।

ଅନ୍ୟପଟେ କେତେକ ମିଲ୍ ବକେୟା ଚାଉଳ ଦେଇପାରିବେ କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଖରିଫ ସମୟରେ ମିଲର୍ସମାନେ ପାଇଥିବା ଧାନ ଏବେ ମିଲ୍ ଗୋଦାମଘରେ ନାହିଁ, ଯାହାଫଳରେ ସେମାନେ ମିଲିଂ କରି ସରକାରଙ୍କୁ ଚାଉଳ ଦେଇପାରୁନାହାନ୍ତି। ଓଡ଼ିଶାରେ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୯୪୦ ଟଙ୍କା ରହିଥିଲା। ହେଲେ କେତେକ ମିଲର୍ସ ଗଚ୍ଛିତ ଧାନକୁ ଆନ୍ଧ୍ର ବେପାରୀଙ୍କୁ ବିକ୍ରି କରିଦେଇଥିବା ଜଣାପଡିଛି।



ଆନ୍ଧ୍ର ବେପାରୀ କୁଇଣ୍ଟାଲ ପିଛା ୨୨ ଶହରୁ ୨୫ ଶହ ଟଙ୍କା ପର୍ଯ୍ୟନ୍ତ ବିନା କଟ୍‌ନୀ ଛଟ୍‌ନୀରେ ନେଇଥିଲେ। ଏଥିରେ ମୋଟା ଅଙ୍କର ଲାଭ ମିଳିଥିଲା। ତେଣୁ ସରକାରୀ ଧାନକୁ ବିକ୍ରି କରିଦେଇ କେତେଜଣ ମିଲର୍ସ ଚଳିତ ରବି ଧାନ ଅମଳ ଉପରେ ଭରସା କରି ବସିଛନ୍ତି। ଏବେ ଅଣଜଳସେଚିତ ଅଞ୍ଚଳରେ ଧାନ ଅମଳ ପ୍ରାୟ ଶେଷ ହୋଇଥିବା ବେଳେ ଜଳସେଚିତ ଅଞ୍ଚଳରେ ରବି ଧାନ ସଂଗ୍ରହ ଆରମ୍ଭ ହୋଇଯାଇଛି। ଏପରି ସମୟରେ ମିଲର୍ସଙ୍କ ଏଜେଣ୍ଟ ଓ କର୍ମଚାରୀ ଅମଳ କରିଥିବା ଚାଷୀମାନଙ୍କ ପାଖକୁ ଯାଇ ଧାନ ନେବାକୁ ମସୁଧା କରୁଛନ୍ତି। ଅନ୍ୟପଟେ ଭଦ୍ରକ, ସୋନପୁର, ଦେବଗଡ଼, ଅନୁଗୋଳ ଭଳି ପଡ଼ୋଶୀ ଜିଲାରୁ ଧାନ ସମ୍ବଲପୁରକୁ ରାତିଅଧିଆ ଆସୁଥିବା ଅଭିଯୋଗ ହେଉଛି। ମିଲର୍ସ ଏହି ଧାନ ସଂଗ୍ରହ କରି ଚାଉଳ କରି ବକେୟା ଚାଉଳ ସରକାରଙ୍କୁ ଦେବେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀନେତା ଅଶୋକ ପ୍ରଧାନ ଏଭଳି ଅଭିଯୋଗ କରି କହିଛନ୍ତି, ସରକାରଙ୍କ ଧାନ ସଂଗ୍ରହ ନୀତିରେ ତ୍ରୁଟି ରହିଛି। ମିଲର୍ସଙ୍କ କୌଣସି ଅବଦାନ ନ ଥିଲେ ମଧ୍ୟ ପୂରା ମଣ୍ଡିକୁ ନିୟନ୍ତ୍ରଣ କରିଥାନ୍ତି। ଜିଲାସ୍ତରରେ ପଦକ୍ଷେପ ଗ୍ରହଣ କରିବାକୁ କାହାରି କ୍ଷମତା ନାହିଁ। ସବୁ ଭୁବନେଶ୍ୱରରୁ ନିୟନ୍ତ୍ରଣ କରାଯାଉଛି। ତେଣୁ ମିଲର୍ସଙ୍କ ଦାଦାଗିରି ବୃଦ୍ଧି ପାଉଛି। ନଭେମ୍ବର ପ୍ରଥମ ସପ୍ତାହରେ ଧାନ ସଂଗ୍ରହ ହୋଇଥାଏ। ହେଲେ ଏବେ ମିଲର୍ସଙ୍କ ସ୍ୱାର୍ଥ ପାଇଁ ସମୟ ବୃଦ୍ଧି କରାଯାଇଛି। ଅଧିକାଂଶ ମିଲର୍ସଙ୍କ ଗୋଦାମରେ ଖରିଫ ଧାନ ନାହିଁ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ବକେୟା ଚାଉଳ ଦେବା ପାଇଁ ସମୟସୀମାରେ ବୃଦ୍ଧି କରାଯାଇଛି। ଧାନ ଷ୍ଟକ୍ ନ ଥିବା ନେଇ ୩ ମିଲ୍‌ରେ ଚଢ଼ାଉ କରାଯାଇଥିଲା। ଷ୍ଟକ୍‌ରେ ହେର୍‌ଫେର ହୋଇ ନ ଥିବା ଜଣାପଡ଼ିଥିଲା। ଅନ୍ୟ ମିଲ୍‌ଗୁଡ଼ିକରେ ମଧ୍ୟ ଚଢ଼ାଉ କରାଯିବ। ଧାନ କମ୍ ଥିଲେ କିମ୍ବା ଆଦୌ ନ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଧାନ ସଂଗ୍ରହ ସୁଚାରୁରୂପେ କରାଯିବା ନେଇ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ।

# ଜାମକାନି କୋଇଲା ଖଣି କାର୍ଯ୍ୟ ଆରମ୍ଭକୁ ନେଇ ଉତ୍ତେଜନା, ପୋଲିସର ମୃଦୁ ଲାଠିଚାଳନା

ସୁନ୍ଦରଗଡ଼/ହେମଗିର, ୫।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଜାମକାନି କୋଇଲା ଖଣି କାର୍ଯ୍ୟ ଶନିବାର ଆରମ୍ଭ ବେଳେ ଖଣି ବିସ୍ଥାପିତଙ୍କ ବିରୋଧ ଯୋଗୁ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡିଛି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ବେଦାନ୍ତ କମ୍ପାନୀର ଏହି ଖଣି କାର୍ଯ୍ୟ ଆରମ୍ଭବେଳେ ବିରୋଧ ହୋଇଥିଲା। ଖଣି ପାଇଁ ବିସ୍ଥାପିତ ହେବାକୁ ଥିବା ଜାମକାନି, ଗିରସୀମା, ଝାରପଲମ ଓ ମେଣ୍ଡ୍ରା ପଞ୍ଚାୟତର କେତେକ ଲୋକ ୨୦୧୩ ନୂତନ ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ କ୍ଷତିପୂରଣ ଓ ଥଇଥାନ ଯୋଗାଇଦେବା ଦାବିକରି ବିରୋଧ କରିଥିଲେ। ଫଳରେ ପୋଲିସ-ବିସ୍ଥାପିତଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହା ଭିତରେ କମ୍ପାନୀ ପକ୍ଷରୁ ଖନନ କାର୍ଯ୍ୟ ଶୁଭାରମ୍ଭ ହୋଇଥିଲାବେଳେ ବିସ୍ଥାପିତମାନେ ନିଜ ଦାବି ନେଇ ସେଠାରେ ଧାରଣାରେ ବସିରହିଛନ୍ତି। ଅପରପକ୍ଷରେ ପୂର୍ବରୁ ଏହି ଜାମକାନି କୋଇଲା ଖଣିକୁ ପ୍ରଥମେ ଭୂଷଣ କମ୍ପାନୀକୁ ଆବଣ୍ଟିତ ହୋଇଥିଲା। ସେତେବେଳେ ଇଡ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ କରାଯାଇ ୨୦୦୬ ଜମି ଅଧିଗ୍ରହଣ ନୀତି ଅନୁଯାୟୀ ବିସ୍ଥାପିତଙ୍କୁ କ୍ଷତିପୂରଣ ପ୍ରଦାନ ହୋଇଛି। ମାତ୍ର ପରବର୍ତ୍ତୀ ସମୟରେ ଭୂଷଣ କମ୍ପାନୀକୁ ବାତିଲ କରି ୨୦୨୦ରେ ବେଦାନ୍ତ କମ୍ପାନୀକୁ ଏହି ଖଣି ଆବଣ୍ଟିତ ହୋଇଛି। ଖଣି କାର୍ଯ୍ୟ ଆରମ୍ଭ ପୂର୍ବରୁ ବେଦାନ୍ତ କମ୍ପାନୀ ଓ ଜିଲା ପ୍ରଶାସନ ତରଫରୁ ଏହି ଦାବିନେଇ ବହୁବାର ବିସ୍ଥାପିତଙ୍କ ସହ ଆଲୋଚନା ହୋଇଛି। କମ୍ପାନୀ ପକ୍ଷରୁ ଏକର ପିଛା ୬ ଲକ୍ଷ ଟଙ୍କା ପ୍ରଦାନ ସହ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଡବ୍ଲ୍ୟୁଏସ୍‌ସିର ୪୦ ଛାତ୍ରୀଛାତ୍ର



ସିଙ୍ଗାପୁର ଗସ୍ତ ପୂର୍ବରୁ ଶନିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଡବ୍ଲ୍ୟୁଏସ୍‌ସି ଛାତ୍ରୀଛାତ୍ର।

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

**ଦକ୍ଷତା ବୃଦ୍ଧି ପାଇଁ ସିଙ୍ଗାପୁର ଗଲେ**

ଦକ୍ଷତା ବିକାଶ ପାଇଁ ୱାର୍ଲ୍ଡ ସ୍କିଲ ସେଣ୍ଟର (ଡବ୍ଲ୍ୟୁଏସ୍‌ସି)ର ୪୦ ଛାତ୍ରୀଛାତ୍ର ଶନିବାର ସିଙ୍ଗାପୁର ଗସ୍ତ କରିଛନ୍ତି। ଏହାପୂର୍ବରୁ ସେମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏମାନଙ୍କ ମଧ୍ୟରେ ୮ଜଣ ଝିଅ ଓ ୩୨ଜଣ ପୁଅ ଥିବାବେଳେ ୨୦ଜଣ କୃଷି ସମ୍ପ୍ରଦାୟରୁ ରହିଛନ୍ତି। ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ ସମ୍ଭାବନାର ଉପଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ବିଶ୍ୱରେ ଏକ ନମ୍ବର ହେବା ପାଇଁ ସବୁପ୍ରକାର ପ୍ରୟାସ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଏବଂ ଡବ୍ଲ୍ୟୁଏସ୍‌ସି ସିଇଓ ଉପସ୍ଥିତ ଥିଲେ। ଦକ୍ଷତା ବିକାଶ କେନ୍ଦ୍ରର ଛାତ୍ରୀଛାତ୍ରଙ୍କ ବିଶ୍ୱସ୍ତରରେ ଏକ୍ସପୋଜର ଆଣିବା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ସିଙ୍ଗାପୁର ଆଇଟିଇରେ ଏହି ଛାତ୍ରୀଛାତ୍ର ଦୁଇ ସପ୍ତାହ କାର୍ଯ୍ୟ କରିବେ। ୨୦ଜଣ ଛାତ୍ରୀଛାତ୍ର ମାନବବିହୀନ ଏୟାରକ୍ରାଫ୍ଟ ଭେଇକିଲ(ୟୁଏଭି)ର ପ୍ରୋଗ୍ରାମିଂ ଏବଂ ମାନବବିହୀନ ଏୟାରକ୍ରାଫ୍ଟ ସିଷ୍ଟମ (ୟୁଏଏସ୍)ର ଅତ୍ୟାଧୁନିକ ଜ୍ଞାନକୌଶଳ ଶିକ୍ଷା ଲାଭ କରିବେ। ସେହିପରି ବାକି ୨୦ଜଣ ସ୍ୱୟଂକ୍ରିୟ ମୋବାଇଲ ରୋବୋଟ୍ ଏବଂ ଇଣ୍ଡଷ୍ଟ୍ରିଆଲ ରୋବୋଟ୍ ସମ୍ପର୍କରେ ଦକ୍ଷତା ହାସଲ କରିବେ। ଆସନ୍ତା ୭ ରୁ ୧୮ ତାରିଖ ପର୍ଯ୍ୟନ୍ତ ଆଇଟିଇ ସିଙ୍ଗାପୁରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଇଟିଇ ଏଜୁକେଶନ ସର୍ଭିସେସ ଦ୍ୱାରା ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସୂଚନାଯୋଗ୍ୟ, ଗତ ୨୦୨୧ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରର ଉଦ୍‌ଘାଟନ କରିଥିଲେ।

# ଚିକିତ୍ସିତ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

- ଗଁଦିଆ ଏଟିଏମ୍ ଲୁଟ୍ ଘଟଣାର ଅଭିଯୁକ୍ତ ଥିଲେ
- ନିସ୍ତୁକ ମାଡ଼ରୁ ମୃତ୍ୟୁ ଘଟିଛି: ପରିବାର
- ଅଭିଯୋଗକୁ ଖଣ୍ଡନ କଲେ ଜେଲ କର୍ତ୍ତୃପକ୍ଷ

ଢେଙ୍କାନାଳ ଅଫିସ, ୫।୧୧

ଢେଙ୍କାନାଳ ଜିଲା କାରାଗାରର ବିଚାରାଧୀନ କଏଦୀ ନିରଞ୍ଜନ ପାଣି ଓରଫ୍ ନିର (୩୦)ଙ୍କ ଶୁକ୍ରବାର ସକାଳେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶାରୀରିକ ଅସୁସ୍ଥତା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଜେଲ କର୍ତ୍ତୃପକ୍ଷ କହୁଥିବାବେଳେ ନିସ୍ତୁକ ମାଡ଼ ମରାଯାଇଥିବାରୁ ନିରଞ୍ଜନଙ୍କ ଜୀବନ ଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଜେଲ୍ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୨ ବିଳମ୍ବିତ ରାତିରେ ଗଁଦିଆ ଥାନା ବରପଦାସ୍ଥିତ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍ ତାଡି ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାର ଅଭିଯୁକ୍ତ ଥିଲେ ନିରଞ୍ଜନ। ଗଁଦିଆ ପୋଲିସ ତାଙ୍କୁ ଭଦ୍ରକରୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଗତ ଅକ୍ଟୋବର ୨୭ରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ୩୦ରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବା ପରେ ପ୍ରଥମେ ଜେଲ ପରିସରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲା ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ସୁସ୍ଥ ହେବା ପରେ ପୁଣି ହାଜତକୁ ଅଣାଯାଇଥିଲା। ତେବେ ୩୧ ତାରିଖରେ ତାଙ୍କର ବାମହାତ ଏବଂ ଗୋଡ଼ ହଠାତ୍ ଅଚଳ ହୋଇପଡ଼ିଲା। ସେ ଦୁର୍ବଳ ଅନୁଭବ କରିବାରୁ ପୁଣିଥରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ୧୦୮ ଆମ୍ବୁଲାନ୍ସରେ ଜେଲ କର୍ମଚାରୀମାନେ ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। କଟକ ଏସ୍‌ସିବି ମେଡିକାଲ କଲେଜର ପୁରୁଣା ମେଡିସିନ ୱାର୍ଡରେ ସେ ଚିକିତ୍ସିତ ହେଉଥିଲେ। ୪ ତାରିଖରେ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିବାବେଳେ ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।



ଅନ୍ୟପଟେ ନିରଞ୍ଜନଙ୍କ ପରିବାର ଲୋକେ ଆଣିଥିବା ଅଭିଯୋଗକୁ ଗଁଦିଆ ଥାନାଧିକାରୀ ସତ୍ୟବ୍ରତ ଭୂତିଆ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଅଭିଯୁକ୍ତଙ୍କୁ ଥାନାରେ ମାଡ଼ ମରାଯାଇନାହିଁ। ଏଟିଏମ୍‌ରୁ ଲୁଟ୍ ଘଟଣାରେ ନିରଞ୍ଜନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଏହି ଘଟଣାରେ ତାଙ୍କ ଭାଇ ଅଦ୍ୟାବଧି ଫେରାର ଅଛନ୍ତି। କୋର୍ଟ ଚାଲାଣ ସମୟରେ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତାଙ୍କର କୌଣସି ସମସ୍ୟା ନ ଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଜିଲା ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ କୁମାର ସାହୁ କୁହନ୍ତି, ନିରଞ୍ଜନ ୨୭ ତାରିଖ ସନ୍ଧ୍ୟାରେ ଜେଲ ହାଜତକୁ ଆସିଥିଲେ। କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଭୋର୍ ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଜେଲରେ ମାଡ ମରାଯିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ। କାରାଗାର ଏବେ ସୁଧାର ଗୃହରେ ପରିଣତ ହୋଇଛି । ଆମର ଲକ୍ଷ୍ୟ ଅନ୍ତେବାସୀଙ୍କୁ କିପରି ସୁଧାରିବା। ତେଣୁ ସେ ଆମର କ'ଣ କରିଥିଲେ ଯେ ଆମେ ତାଙ୍କୁ ମାଡ଼ ମାରିବୁ ବୋଲି ଜେଲ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି।

ସୂଚନାଯୋଗ୍ୟ, ଅକ୍ଟୋବର ୨ରେ ଶ୍ରୀରାମଚନ୍ଦ୍ରପୁରସ୍ଥିତ ଏସ୍‌ବିଆଇ ଏଟିଏମ୍ ତାଡ଼ି ଅଭିଯୁକ୍ତମାନେ ୨୨ଲକ୍ଷ ୧୭ ହଜାର ୯୦୦ ଟଙ୍କା ଲୁଟି ନେଇଥିଲେ। ପୋଲିସ ଗୋଡ଼ାଇବାରୁ ସେମାନେ ସାଙ୍ଗରେ ଆଣିଥିବା କାର୍‌କୁ ଜଙ୍ଗଲରେ ଛାଡ଼ି ପଳାଇଥିଲେ। ଘଟଣାର ୭ ଅଭିଯୁକ୍ତଙ୍କ ମଧ୍ୟରୁ ନିରଞ୍ଜନଙ୍କ ସମେତ ୩ଜଣ ଗିରଫ ହୋଇଥିବାବେଳେ ଅନ୍ୟ ୪ ଜଣ ଅଦ୍ୟାବଧି ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ବାଇକ୍ ସମେତ ୨ ଲକ୍ଷ ୫୬ହଜାର ଟଙ୍କା ଜବତ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୨୫୦/୨୨, ଦଫା ୪୫୭ ଓ ୩୮୦ରେ ମାମଲା ରୁଜୁ ହୋଇଛି।

CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE
TARIFF
for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଯୋଜନା
ଅଧୀନରେ ଘରେ ବସି
50000ରୁ 5000000
ପର୍ଯ୍ୟନ୍ତ ଋଣ ପାଆନ୍ତୁ
ସୁଧ 2% ଛାଡ଼ 40%
ସମ୍ପର୍କ କରନ୍ତୁ
ଠିକଣା: ମ.ନଂ. 675, ଗ୍ରାମ ଲୋହାରି ଜାଟୁ
ତହସିଲ- ବୱାନି ଖେଡ଼ା, ଜିଲ୍ଲା- ଭିୱାନି
8950329763

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପଶ୍ଚିମବଙ୍ଗ ଚାଲାଣ ବେଳେ ୫୦୦ ଗୋରୁ ଉଦ୍ଧାର

**୮ ଗାଡି ଜବତ, ୨ ଅଟକ**

ଜଳେଶ୍ୱର, ୫।୧୧(ଡି.ଏନ.ଏ.)

ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ବାରମ୍ବାର ଯାଞ୍ଚ ହୋଇ ଚଢାଉ କରାଯାଉଥିଲେ ମଧ୍ୟ ପଶ୍ଚିମବଙ୍ଗକୁ ଗୋଚାଲାଣ ଥମିବାରେ ନାଁ ଧରୁନି। ଶନିବାର ବିଳମ୍ବିତ ରାତିରେ ଜଳେଶ୍ୱର ପୋଲିସ ୮ଟି ଗୋରୁ ବୋଝେଇ ଗାଡି ଜବତ କରିବା ସହ ୫୦୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର କରିଛି। ୬୦ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରେ ଶନିବାର ବିଳମ୍ବିତ ରାତିରେ ୮ଟି ଗୋରୁ ବୋଝେଇ ଗାଡିଗୁଡିକ ପଶ୍ଚିମବଙ୍ଗକୁ ଯାଉଥିଲା। ଗୋରୁମାନଙ୍କଠାରେ ଲମ୍ପି ରୋଗ ଯୋଗୁ ପଶ୍ଚିମବଙ୍ଗ ପୋଲିସ୍ ଏହି ଗାଡିଗୁଡିକୁ ଫେରାଇ ଦେଇଥିଲା। ସେଥିମଧ୍ୟରୁ ୩ଟି ଗାଡି ଫେରି ଆସି ଅନ୍ୟ ଏକ ରାସ୍ତା ୫୭ନଂ. ରାଜ୍ୟ ରାଜପଥ ଦେଇ ପଶ୍ଚିମବଙ୍ଗ ଗଲାବେଳେ ସେଠାରେ ମଧ୍ୟ ପୋଲିସ୍ ମୁତୟନ ହୋଇଥିଲେ। ଫଳରେ ଭୟରେ ଉପାନ୍ତ କେତେକ ଗୋଚାଲାଣକାରୀ ଦଲାଲଙ୍କ ସହାୟତରେ ନଛିମପୁର ପଞ୍ଚାୟତର ବେଲିଗୋପିନାଥପୁର ଗ୍ରାମକୁ ପଶିଯାଇଥିଲେ। ଗ୍ରାମର ମହାଦେବମନ୍ଦିର ନିକଟରେ ଗାଡିଗୁଡ଼ିକରୁ ଗୋରୁମାନଙ୍କୁ ଓହ୍ଲାଉଥିବା ବେଳେ ଜଳେଶ୍ୱର ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା । ୩ ଗାଡି ସହିତ ଜଣଙ୍କୁ ଅଟକ ରଖିଥିବା ବେଳେ ଅନ୍ୟ ଡ୍ରାଇଭର ଓ ହେଲପର ଚମ୍ପଟ ମାରିଥିଲେ। ସେହିପରି ଲକ୍ଷ୍ମଣନାଥ ଓଡିଶା-ପଶ୍ଚିମବଙ୍ଗ ଉପାନ୍ତରେ ଅନ୍ୟ ୫ଟି ଗାଡିକୁ ଜଳେଶ୍ୱର ପୋଲିସ ଜବତ କରିବା ସହ ଜଣଙ୍କୁ ଅଟକ ରଖିଥିଲା । ୮ଟି ଗାଡିରୁ ପ୍ରାୟ ୫୦୦ ଗୋରୁକୁ ଉଦ୍ଧାର କରାଯାଇ ଗୋଶାଳାକୁ ପଠାଯାଇଥିବା ଜଣାଯାଇଛି । ଏଭଳି ଅମାନୁଷିକ ଭାବେ ଗୋଚାଲାଣକୁ ବନ୍ଦ କରିବା ଲାଗି ଜଳେଶ୍ୱର ଭାଜପା ପକ୍ଷରୁ ଏସ୍‌ଡିପିଓ ଦିଲୀପ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।



ପୋଲିସ ଜବତ କରିଥିବା ଗୋରୁ ବୋଝେଇ ଗାଡ଼ି।

ମନେ ପଡ଼ନ୍ତି

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ରେଣୁ ପଟ୍ଟନାୟକ
ସ୍ୱାମୀ: ବାବୁଲାଲ ପଟ୍ଟନାୟକ
ଶାସନ ପଡ଼ିଆ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୧।୦୨।୧୯୫୫
ତିରୋଧାନ: ୨୦।୧୧।୨୦୧୦
(ବଡ଼ଓଷା) ବୈକୁଣ୍ଠ ଚତୁର୍ଦ୍ଦଶୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ ।
ଧ-୪୭୫୫୯

ପ୍ରଥମ ଶ୍ରାଦ୍ଧବର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ଭଗବାନ ମିଶ୍ର
(ଅବସରପ୍ରାପ୍ତ ଶିକ୍ଷକ)
ଗୌଡ଼ବାଡସାହି, ପୁରୀ
ଆବିର୍ଭାବ : ୦୧.୦୪.୧୯୪୪ | ତିରୋଧାନ : ୧୭.୧୧.୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ପରୋପକାର, ସଚ୍ଚୋଟତା, ନୀତି, ଆଦର୍ଶ ଓ ଛାତ୍ର ବତ୍ସଳ ଗୁଣ ସର୍ବଦା ଅନୁକରଣୀୟ ହୋଇ ରହିବ। ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ପତ୍ନୀ-ଅନୁପମା ମହାପାତ୍ର, ଭ୍ରାତା, ଭ୍ରାତାପତ୍ନୀ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ପୁତୁରା, ଝିଆରୀ, ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୬୫୯

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ଶୁକଳତା ସ୍ୱାଇଁ
ଦିଗିତାରୀ, ଜଗତ୍‌ସିଂହପୁର
ତିରୋଧାନ: ତା୨୭।୧୦।୨୦୨୨ରିଖ
ତୁମ ଅବର୍ତ୍ତମାନରେ ଆମ ପ୍ରତି ସବୁବେଳେ ତୁମ ଆଶୀର୍ବାଦ ରହିଥାଉ। ତୁମର ଆତ୍ମା ଶାରଳାଙ୍କ କୃପାରୁ ଅମରତ୍ୱ ଲାଭ କରୁ, ଏତିକି କାମନା ।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର: ଅମର, କୁମର, ବାବୁନା, ପୁତ୍ରବଧୂ: ପମା, ଶଶୀ, ଝିଅ: ଗୁନା, ଗୁଲୁ, ନାତି: କାହ୍ନା, ମୁନା, ସିଲୁ, ଲିକୁ, ନାତୁଣୀ: ବୁଢ଼ୀ, ସୁଇଟ୍, ମାଧୁ, ଟୁଇଁ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୯୩୩

# ଆସୁନି ନିଦ



**ସୁସ୍ଥ ରହିବା ଅନ୍ତରାଳରେ ସୁଖନିଦ୍ରାର ଭୂମିକା ବି ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଦୈନିକ ପର୍ଯ୍ୟାପ୍ତ ନିଦ୍ରାର ଅଭାବ ସୃଷ୍ଟି କରିଥାଏ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା। ତେବେ ବର୍ତ୍ତମାନ ଅନେକ ଯୁବତୀଯୁବକ ଏହାର ଶିକାର ହେଉଥିବାର ଦେଖିବାକୁ ମିଳୁଛି, ଯେଉଁଥିପାଇଁ ମୁଖ୍ୟତଃ ସେମାନଙ୍କ ଅବ୍ୟବସ୍ଥିତ ଜୀବନଶୈଳୀ ସାଙ୍ଗକୁ କେତେକ ବଦଭ୍ୟାସ ଦାୟୀ...**



**ନିଦ୍ରାହୀନତାର କାରଣ:** ଶରୀରକୁ ସୁସ୍ଥ ରଖିବାରେ ପର୍ଯ୍ୟାପ୍ତ ନିଦ୍ରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ କ୍ଷେତ୍ରରେ ଠିକ୍ ଭାବେ ନିଦ ନ ଆସିବା ବା ନିଦ୍ରାହୀନତାର ଅଭିଯୋଗ ଦେଖିବାକୁ ମିଳୁଛି, ତେବେ ଏଥିପାଇଁ ମୁଖ୍ୟତଃ କେଉଁସବୁ କାରଣ ଦାୟୀ...

**ଅବ୍ୟବସ୍ଥିତ ଜୀବନଶୈଳୀ:** ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଅବ୍ୟବସ୍ଥିତ ଜୀବନଶୈଳୀ ନିଦ୍ରାହୀନତାର ଏକ ମୁଖ୍ୟ କାରଣ। ରାତିରେ ଅଧିକ ରାତି ପର୍ଯ୍ୟନ୍ତ କାମ କରିବା, ଟିଭି ଦେଖିବା, ମୋବାଇଲ୍ ବ୍ୟବହାର କରିବା ଆଦି ବଦଭ୍ୟାସ କେତେକଙ୍କଠାରେ ନିଦ ଠିକ୍ ଭାବେ ନ ହେବାର ମୂଳ କାରଣ।

**ଅସନ୍ତୁଳିତ ଖାଦ୍ୟାଭ୍ୟାସ:** ଏବର ଯୁବପିଢ଼ି ଘରୋଇ ସନ୍ତୁଳିତ ଖାଦ୍ୟ ବଦଳରେ ତେଲ ମସଲାଯୁକ୍ତ ଖାଦ୍ୟ ଏବଂ ଜଙ୍କ୍ ଫୁଡ୍, ଫାଷ୍ଟ ଫୁଡ୍ ଆଦି ଅଧିକ ଖାଉଛନ୍ତି। ଏହାଦ୍ୱାରା ଗ୍ୟାସ୍, ବଦହଜମିଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ଉପୁଜାଉଛି, ଯାହାକି ନିଦ୍ରାହୀନତାର ଅନ୍ୟତମ କାରଣ।

**ନିଶାସେବନ:** ଆଜିକାଲି ଅନେକ ଯୁବତୀଯୁବକ ମଦ ପିଇବା, ସିଗାରେଟ୍ ଟାଣିବା ଭଳି ବିଭିନ୍ନ ନିଶାଦ୍ରବ୍ୟ ସେବନ କରିବାକୁ ଏକ ଫ୍ୟାଶନ୍ କିମ୍ବା ଷ୍ଟାଟସ୍ ସିମ୍ବଲ ଭାବେ ଗ୍ରହଣ କରିନେଲେଣି। ହେଲେ ଏହା ଶରୀର ଲାଗି ଆଦୌ ହିତକର ନୁହେଁ। ଏହା ବିଭିନ୍ନ ରୋଗ ସୃଷ୍ଟି କରିବା ସହ ନିଦ୍ରାହୀନତାର ମଧ୍ୟ ମୁଖ୍ୟ କାରଣ।

**ମାନସିକ ଚାପ:** ପାଠପଢ଼ା, ଜବ୍, ପାରିବାରିକ, ଆର୍ଥିକ କିମ୍ବା ପ୍ରେମରେ ବିଫଳ ହେବା ଭଳି କେତେକ କାରଣ ଯୋଗୁ ମାନସିକ ଚାପ ଥିଲେ ରାତ୍ରି ନିଦ୍ରା ବ୍ୟାହତ ହୋଇଥାଏ।

**ଏହାଦ୍ୱାରା ସୃଷ୍ଟ ସ୍ୱାସ୍ଥ୍ୟ ସମସ୍ୟା:** ରାତିରେ ଠିକ୍ ଭାବେ ନିଦ ନ ହେଲେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ଏହାଦ୍ୱାରା ମସ୍ତିଷ୍କକୁ ବିଶ୍ରାମ ନ ମିଳୁଥିବାରୁ ଏକାଗ୍ରତା ନଷ୍ଟ ହେବା, ସ୍ମରଣ ଶକ୍ତି ହ୍ରାସ ହେବା, ବିରକ୍ତି ବା କ୍ରୋଧ ସୃଷ୍ଟି ହେବା, ଡିପ୍ରେସନ୍ ଭଳି ସମସ୍ୟା ଦେଖାଦିଏ।

- ଏହାଦ୍ୱାରା ଖାଦ୍ୟ ହଜମ ବାଧାପ୍ରାପ୍ତ ହୋଇ ଗ୍ୟାସ୍, ଏସିଡିଟି, ମେଦବହୁଳତା ଆଦି ସମସ୍ୟା ଉପୁଜେ।
- ନିଦ୍ରାହୀନତା ଯୋଗୁ ଯୁବାବସ୍ଥାରେ କୋଲେଷ୍ଟରଲ୍ ବୃଦ୍ଧି, ବ୍ଲଡ୍‌ପ୍ରେସର୍, ଡାଇବେଟିସ୍ ଭଳି ସମସ୍ୟା ମଧ୍ୟ ଦେଖାଦିଏ। ଦୀର୍ଘ ସମୟ ଏପରି ହେବା ଦ୍ୱାରା ହୃଦ୍ ସମସ୍ୟାର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ।
- ରାତିରେ ପର୍ଯ୍ୟାପ୍ତ ନିଦ ନ ହେଲେ ଆଖି ତଳ କଳା ପଡିବା, ମୁହଁରେ ବ୍ରଣଏ ରିଙ୍କଲ୍ ମାର୍କ ଆଦି ସହିତ କେଶ ଝଡିବା ଭଳି ସମସ୍ୟା ବି ଦେଖା ଦେଇଥାଏ।





**କେମିତି କରିବେ ସମାଧାନ:**

- ଶରୀରକୁ ଫିଟ୍ ରଖିବାକୁ ହେଲେ ଜୀବନଶୈଳୀକୁ ବ୍ୟବସ୍ଥିତ କରନ୍ତୁ। ସମସ୍ତ କାର୍ଯ୍ୟ ବାଦ୍ ପ୍ରତିଦିନ ଶୋଇବା ଲାଗି ଅତିକମ୍‌ରେ ୬ ରୁ ୭ ଘଣ୍ଟାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ।
- ଶୋଇବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ କ୍ଷୀର ପିଇଲେ ଆପଣଙ୍କ ସମସ୍ୟାରୁ ଉପଶମ ମିଳିପାରିବ।
- ପ୍ରତିଦିନ କିଛି ସମୟ ଯୋଗ, ଆସନ, ପ୍ରାଣାୟାମ, ବ୍ୟାୟାମ ଆଦିର ଅଭ୍ୟାସ ରଖନ୍ତୁ। ଏହା ଶରୀରକୁ ଫିଟ୍ ରଖିବା ସହ ସୁଖନିଦ୍ରା କରିବାରେ ସାହାଯ୍ୟ କରିବ।
- ନିଶାସେବନ ନିଦ୍ରାହୀନତାର ଏକ ମୁଖ୍ୟ କାରଣ। ସୁଖନିଦ୍ରା ପାଇଁ ଏହି ବଦଭ୍ୟାସଠାରୁ ନିଜକୁ ଦୂରେଇ ରଖନ୍ତୁ।
- ମୋବାଇଲ୍, କମ୍ପ୍ୟୁଟର ଆଦି ବିଶେଷକରି ସୋସିଆଲ୍ ସାଇଟ୍ ଅଧିକ ରାତିଯାଏ ବ୍ୟବହାର କରନ୍ତୁ ନାହିଁ। ଏସବୁ କାର୍ଯ୍ୟ ଲାଗି ଏକ ସମୟ ନିର୍ଦ୍ଧାରଣ କରନ୍ତୁ ଏବଂ ଭଲ ଭାବେ ଶୁଅନ୍ତୁ।
- ସ୍ଲୋ ମ୍ୟୁଜିକ୍ ମନକୁ ଚାପମୁକ୍ତ କରିବା ସହ ଶାନ୍ତ ଓ ସ୍ଥିର ରଖିବାରେ ସାହାଯ୍ୟ କରେ। ଆଉ କିଛି ସମୟ ଏହାକୁ ଶୁଣିଲେ ଭଲ ନିଦ ମଧ୍ୟ ଆସିଥାଏ।
- ବିଶେଷକରି ଖାଦ୍ୟ ତାଲିକାରେ ଭିଟାମିନ୍ ବି-୧୨ ଯୁକ୍ତ ଖାଦ୍ୟକୁ ସାମିଲ କଲେ ମେଲାଟୋନିନ୍ ହର୍‌ମୋନ୍‌ର କ୍ଷରଣକୁ ବୃଦ୍ଧି ହେବା ସହ ନିଦ୍ରାହୀନତା ଦୂର ହେବ।



## ଏମାନେ କ'ଣ କୁହନ୍ତି



**ସୁନନ୍ଦ ଦାସ** (ଛାତ୍ର, ବାଲେଶ୍ୱର)- ନିଦ ନ ଲାଗିବା ମୋ ପାଇଁ ନିତିଦିନିଆ କଥା ହୋଇଯାଇଥିଲା। ପଢିବା ପାଇଁ ମୁଁ ଡେରି ରାତି ଯାଏଁ ଅନିଦ୍ରା ରହୁଥିଲି। ମଝିରେ ମଝିରେ ନିଦ ଲାଗିଲେ ଚା କରି ପିଉଥିଲି। ଆଉ ପରୀକ୍ଷା ନ ଥିଲେ ରାତିଯାକ ବସି ଫିଲ୍ମ ଦେଖୁଥିଲି। ଅଧିକାଂଶ ସମୟରେ ସେଥିପାଇଁ ମୋତେ ଦିନଯାକ ନିଦ ଲାଗିବା ସହ ଫୁର୍ତ୍ତି ଲାଗୁ ନ ଥିଲା। ଦିନଯାକ ହାଲିଆ ମଧ୍ୟ ଲାଗୁଥିଲା। ଏମିତିକି କାହା ସହ କଥା ହେବା ବେଳେ ଚିଡିଚିଡି ଲାଗୁଥିଲା। ଏସବୁର କାରଣ କେବଳ ନିଦ୍ରାହୀନତା ବୋଲି ଜାଣିବା ପରେ ଏବେ ଶୀଘ୍ର ଶୋଇବାକୁ ଚେଷ୍ଟା କରୁଛି। ଜଲଦି ଖାଇସାରି ଶୋଇବା ପୂର୍ବରୁ ଗୋଡ ହାତ ଧୋଉଛି। ସବୁ ଇଲୋକ୍ଟ୍ରନିକ୍ ଗ୍ୟାଜେଟ୍‌କୁ ସୁଇଚ୍ ଅଫ୍ କରିବା ସହ ନିଦ ଆସିବା ପାଇଁ ସ୍ଲୋ ମ୍ୟୁଜିକ୍ ଶୁଣୁଛି।



**ସୋନାଲିନ୍ ସେନାପତି**(କର୍ମଜୀବୀ, ଫୁଲନଖରା, କଟକ)- ଖାଦ୍ୟପେୟ ଭଳି ଆବଶ୍ୟକ ନିଦ ବି ମଣିଷ ପାଇଁ ନିହାତି ଜରୁରୀ। ଏହା ଆମକୁ ଶାରୀରିକ ଓ ମାନସିକ ଉଭୟ ଦିଗରୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ତା'ଛଡା ଏହାଦ୍ୱାରା ଆଖିତଳ କଳାପଡିବା ଭଳି ସୌନ୍ଦର୍ଯ୍ୟ ସମସ୍ୟା ବି ଦୂର ହୁଏ। ତେଣୁ ଯେତେ କାମ ଥାଉ ନା କାହିଁକି ଶୀଘ୍ର ସାରି ରାତିରେ ଠିକ୍ ସମୟରେ ଶୋଇବାକୁ ଚେଷ୍ଟା କରେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ମୋବାଇଲ୍ କିମ୍ବା ଟିଭି ଦେଖିବା ଭଳି ବଦଭ୍ୟାସ ମୋର ନାହିଁ। ରାତିରେ ଠିକ୍ ଭାବେ ନିଦ ହେଲେ ଦିନରେ ଫୁର୍ତ୍ତି ଲାଗିଥାଏ ଏବଂ କାମ କରିବାକୁ ଆଗ୍ରହ ସୃଷ୍ଟି ହୋଇଥାଏ।

## ଯୁବ ପ୍ରତିଭା

# ମୋହରିରରୁ ନୃତଶିଳ୍ପୀ

କେତେବେଳେ ସେ ମୀରା ହୋଇ ଶ୍ରୀକୃଷ୍ଣଙ୍କୁ ଖୋଜନ୍ତି ତ ଆଉ କେତେବେଳେ କାଳୀ, ଅର୍ଦ୍ଧନାରୀଶ୍ୱର, ଶିବତାଣ୍ଡବ, ଶ୍ରୀକୃଷ୍ଣ ରାସରେ ଦର୍ଶକଙ୍କୁ ବିମୋହିତ କରନ୍ତି। ଆଉ ଏହି ସୁନ୍ଦର ନୃତ୍ୟାଭିନୟ ତାଙ୍କୁ ଜଣେ ଯୁବ ନୃତ୍ୟଶିଳ୍ପୀ ଭାବେ ଶ୍ରୀକ୍ଷେତ୍ର ମାଟିରେ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ସେ ହେଉଛନ୍ତି ପୁରୀ ଜିଲା ବ୍ରହ୍ମଗିରି ଗୌଡ଼ବନ୍ଧ ଗ୍ରାମର ଶାନ୍ତିଲତା ଓ ରାଜ କିଶୋର ପ୍ରଧାନଙ୍କ ପୁଅ ସନ୍ତୋଷ। ପିଲାବେଳୁ କଳା ପ୍ରତି ତାଙ୍କର ରୁଚି ରହିଥିଲା। ନୃତ୍ୟାଭିନୟ ଶିକ୍ଷା କରିବାକୁ ଆଗ୍ରହ ରହିଥିଲା। ତେବେ ରକ୍ଷଣଶୀଳ ପରିବାରରୁ ଆସିଥିବାରୁ ବାପା ରୋକଠୋକ୍ ମନା କରିଥିଲେ। ପିଲାବେଳୁ ଟିଭି ପରଦାରେ ଅନେକ ସ୍ୱନାମଧନ୍ୟ ନୃତ୍ୟଶିଳ୍ପୀଙ୍କୁ ଦେଖି ଅଭ୍ୟାସ ଜାରି ରଖିଥିଲେ। କଲେଜ ଶିକ୍ଷା ପରେ ପୁରୀ କୋର୍ଟରେ ଓକିଲ ମନୋଜ ମହାପାତ୍ରଙ୍କ ନିକଟରେ ରହି କାମ କରୁଥିଲେ। ସେଠାରୁ ମୋହରିର କାମ ଆରମ୍ଭ କରିଥିଲେ। ତେବେ ପୁରୀରେ ରହିବା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ କରିବାର ସୁଯୋଗ ପାଇଲେ। ପିଲାବେଳୁ ରହିଥିବା ଆଗ୍ରହ ଯୁବାବସ୍ଥାରେ ଉଜ୍ଜୀବିତ ହୋଇଥିଲା। ସେ ପ୍ରଥମେ ନୃତ୍ୟଶିଳ୍ପୀ ରୂପଲତା ମହାନ୍ତିଙ୍କଠାରୁ ନୃତ୍ୟଶିକ୍ଷା ଆରମ୍ଭ କଲେ। ଧୀରେ ଧୀରେ ବିଭିନ୍ନ ମଞ୍ଚରେ ନୃତ୍ୟାଭିନୟ କରିବା ଦ୍ୱାରା ତାଙ୍କ ପ୍ରତିଭା ବିକଶିତ ହେବାକୁ ଲାଗିଲା। ଏହା ତାଙ୍କ ନିଶାରେ ପରିଣତ ହୋଇଯାଇଥିଲା। ଓଡ଼ିଶୀ ପାଇଁ ସେ ମୋହରିର କାମ ଛାଡ଼ି ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କ ନିକଟରେ ନିୟମିତ ନୃତ୍ୟାଭ୍ୟାସ ଜାରି ରଖିଲେ। ତାଙ୍କ ସଂସ୍ପର୍ଶରେ ଆସିବା ପରେ ସନ୍ତୋଷଙ୍କ ନୃତ୍ୟାଭିନୟରେ ପରିପକ୍ୱତା ଆସିଥିଲା। ବିଭିନ୍ନ ମଞ୍ଚରେ ତାଙ୍କ ନୂପୁରର ରୁଣୁଝୁଣୁ ଝଙ୍କୃରିତ ହେବାରେ ଲାଗିଲା। ୨୦୧୬ରେ ପୁରୀରେ ଅନନ୍ୟା କଳା ମନ୍ଦିର ଗଠନ କରି ଓଡ଼ିଶୀ ପ୍ରତି ଆଗ୍ରହ ରଖୁଥିବା ଶିଶୁ ଏବଂ ଯୁବବର୍ଗଙ୍କୁ ନୃତ୍ୟଶିକ୍ଷା ଦେଉଛନ୍ତି। ଶ୍ରୀକ୍ଷେତ୍ରର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ରଥଯାତ୍ରା, ଚନ୍ଦନଯାତ୍ରା ସମୟରେ ଏକକ, ଦଳଗତ ନୃତ୍ୟାଭିନୟ କରି ଅନେକ ପ୍ରଶଂସା ସାଉଁଟିଛନ୍ତି। ଏଥିସହିତ ଓଡ଼ିଶା ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରି ନିଜର ପରିଚୟ ସୃଷ୍ଟି କରିଛନ୍ତି। ଅନେକ ମଞ୍ଚ, ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହେବାର ଗୌରବ ହାସଲ କରିଛନ୍ତି। ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ରଙ୍ଗମଞ୍ଚ ଅନ୍ନପୂର୍ଣ୍ଣା, ରବୀନ୍ଦ୍ର ମଣ୍ଡପ, ଓଡ଼ିଶୀ ଗବେଷଣା କେନ୍ଦ୍ର ସମେତ ପ୍ରତିଷ୍ଠିତ ମଞ୍ଚ, ମହୋତ୍ସବରେ ଓଡ଼ିଶୀ ପରିବେଷଣ କରିବାର ସୁଯୋଗ ପାଇଛନ୍ତି। ଆଗକୁ ଓଡ଼ିଶୀ ଏବଂ ଅନ୍ୟାନ୍ୟ ପାରମ୍ପରିକ କଳାର ବିକାଶ ଲାଗି ଆଉ ଏକ ଏକାଡେମୀ ପ୍ରତିଷ୍ଠା ଲକ୍ଷ୍ୟ ରଖିଛନ୍ତି ସନ୍ତୋଷ।

– ପ୍ରଭାତ ପାଣିଗ୍ରାହୀ



ସନ୍ତୋଷ



## ଏ ସପ୍ତାହର ପ୍ରଶ୍ନ

୧– ଭିଜିଲାନ୍ସ ଆୱାରନେସ୍ ୱିକ୍– ୨୦୨୨ର ଥିମ୍ ........... ?
୨– 'ଟେନ୍ ଷ୍ଟଡିଜ୍ ଇନ୍ କାଶ୍ମୀର୍: : ହିଷ୍ଟ୍ରି ଆଣ୍ଡ ପଲିଟିକ୍ସ' ପୁସ୍ତକର ଲେଖକ ........ ?
୩– ପୃଥିବୀର ଏକମାତ୍ର ବ୍ରହ୍ମାଙ୍କ ମନ୍ଦିର ............ ଠାରେ ରହିଛି ?
୪– ଅନ୍‌ହାପି ଇଣ୍ଡିଆ ପୁସ୍ତକର ଲେଖକ ........... ?
୫– ସେଲା ଟନେଲ୍ ................ ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଗୁଜରାଟ
୨ ଅହମ୍ମଦାବାଦ
୩ ଜିରୋ ଏମିଶନ୍ ଭେହିକିଲ୍
୪ ସେଲ୍ୟୁଲଏଡ୍
୫ ଏର୍‌ପି

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



କିଶୋର ପାଣି, ଭୁବନେଶ୍ୱର

## ଟପ୍ ୧୦

### ପୃଥିବୀର ସବୁଠୁ ଛୋଟ କାର୍– ୨୦୨୨

୧– ସେଭ୍ରୋଲେଟ୍ ସ୍ପାର୍କ.................. ୧୧ ଫୁଟ୍ ୧ ଇଞ୍ଚ
୨– ମିସୁବିଶି ମିରେଜ୍.................. ୧୨ ଫୁଟ୍ ୭ ଇଞ୍ଚ
୩– ମିନି କୁପର ହାର୍ଡଟପ୍.................. ୧୨ ଫୁଟ୍ ୮ ଇଞ୍ଚ
୪– ମାଜ୍‌ଦା ମିଆଟା.................. ୧୨ ଫୁଟ ୧୦ ଇଞ୍ଚ
୫– ହୁଣ୍ଡାଇ ଭେନ୍ୟୁ.................. ୧୩ ଫୁଟ୍ ୩ ଇଞ୍ଚ
୬– କିଆ ରିଓ.................. ୧୩ ଫୁଟ୍ ୪ ଇଞ୍ଚ
୭– ଫୋର୍ଡ ଇକୋସ୍ପୋର୍ଟ.................. ୧୩ ଫୁଟ୍ ୫ ଇଞ୍ଚ
୮– ସେଭ୍ରୋଲେଟ୍ ବୋଲ୍ଟ ଇଭି.................. ୧୩ ଫୁଟ୍ ୭ ଇଞ୍ଚ
୯– ଅଡି ଟିଟି.................. ୧୩ ଫୁଟ୍ ୯ ଇଞ୍ଚ
୧୦– କିଆ ସୋଲ୍.................. ୧୩ ଫୁଟ୍ ୯.୨ଇଞ୍ଚ




**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଜାଣନ୍ତୁ ଦୁନିଆ

# ସବୁଠୁ ପୁରୁଣା ମନ୍ଦିର

**ଆମ ଦେଶ ବ୍ୟତୀତ ପୃଥିବୀର ବିଭିନ୍ନ ପ୍ରାନ୍ତରେ ଛୋଟବଡ଼ ଅନେକ ହିନ୍ଦୁ ମନ୍ଦିର ରହିଛି। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, କାମ୍ବୋଡ଼ିଆଠାରେ ରହିଛି ପୃଥିବୀର ସର୍ବବୃହତ୍ ମନ୍ଦିର ଅଙ୍ଗକୋର ୱାଟ୍। ଜାଣିବା ଏହା ସମ୍ପର୍କରେ ...**

❖ଏହି ମନ୍ଦିର ଦ୍ୱାଦଶ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା ବୋଲି କୁହାଯାଏ। ଉକ୍ତ ମନ୍ଦିରର ପ୍ରକୃତ ନାମ ବରାହ ବିଷ୍ଣୁଲୋକ କିମ୍ବା ପରମ ବିଷ୍ଣୁଲୋକ ହୋଇଥିଲେ ହେଁ ଏହା ଅଙ୍ଗ୍‌କୋର ୱାଟ୍ ନାମରେ ବିଶ୍ୱପ୍ରସିଦ୍ଧ। କାମ୍ବୋଡ଼ିଆ ଭାଷାରେ ଅଙ୍ଗ୍‌କୋର ଅର୍ଥ ସହର ଏବଂ ୱାଟ୍ ଅର୍ଥ ମନ୍ଦିର। ଅର୍ଥାତ୍ ଅଙ୍ଗ୍‌କୋର ୱାଟ୍ ହେଉଛି ମନ୍ଦିରର ସହର।

❖ଏହି ମନ୍ଦିର କାମ୍ବୋଡିଆର ସିମ୍‌ରିପ୍ ସହରରେ ମିକାଙ୍ଗ୍ ନଦୀ ତଟରେ ରହିଛି। ପ୍ରାୟ ୪୦୦ ଏକର ପରିମିତ ସ୍ଥାନରେ ଏହି ଭବ୍ୟ ମନ୍ଦିର ସ୍ଥାପନ କରାଯାଇଛି। କୁହାଯାଏ, ଏହି ମନ୍ଦିର ନିର୍ମାଣ କରିବା ଲାଗି ୩୫ ବର୍ଷ ସମୟ ଲାଗିଥିବା ବେଳେ ପ୍ରାୟ ୩,୦୦,୦୦୦ରୁ ଊର୍ଦ୍ଧ୍ୱ ଶିଳ୍ପୀ ଏବଂ ପ୍ରାୟ ୬,୦୦୦ ହାତୀ ନିଯୁକ୍ତ ହୋଇଥିଲେ।

❖ କାମ୍ବୋଡିଆରେ ପ୍ରାୟ ୨୭ ଜଣ ଭାରତୀୟ ଶାସକଙ୍କ ଶାସନ ରହିଥିଲା। ସେମାନଙ୍କ ମଧ୍ୟରେ କେତେକ ହିନ୍ଦୁ ହୋଇଥିବା ବେଳେ ଅନ୍ୟମାନେ ବୌଦ୍ଧଧର୍ମାବଲମ୍ବୀ ଥିଲେ। ତେଣୁ ଏହି ମନ୍ଦିରରେ ବିଶାଳକାୟ ହିନ୍ଦୁ ଏବଂ ବୌଦ୍ଧମୂର୍ତ୍ତି ଦେଖିବାକୁ ମିଳେ।

❖ଖମେର ବାସ୍ତୁକଳାର ଶାସ୍ତ୍ରୀୟ ଶୈଳୀର ସବୁଠାରୁ ଭଲ ଉଦାହରଣ ଦେଖିବାକୁ ମିଳେ ଏହି ମନ୍ଦିରର ପ୍ରତ୍ୟେକ କଳାକୃତିରେ।

❖୧୯୮୩ ମସିହାରେ ଏହି ମନ୍ଦିରକୁ ରାଷ୍ଟ୍ରୀୟ ସମ୍ମାନ ସ୍ୱରୂପ କାମ୍ବୋଡ଼ିଆ ରାଷ୍ଟ୍ରୀୟ ପତାକାରେ ସ୍ଥାନ ଦିଆଯାଇଛି।

❖ଏହି ମନ୍ଦିରର ଅନେକ କାନ୍ଥରେ ରାମାୟଣ ଏବଂ ମହାଭାରତ ଆଦି ହିନ୍ଦୁ ଧର୍ମଗ୍ରନ୍ଥ ଖୋଦେଇ ହୋଇଥିବାର ମନୋରମ ଦୃଶ୍ୟ ଦେଖିବାକୁ ମିଳେ।

❖ୟୁନେସ୍କୋର ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ୧୯୯୨ରେ ସ୍ଥାନ ପାଇଛି।



www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୬ ନଭେମ୍ବର, ୨୦୨୨ Bhubaneswar, Sunday, November 6/2022

# ଶ୍ରୀଲଙ୍କାକୁ ହରାଇ ସେମିରେ ଇଂଲଣ୍ଡ

## ଟି୨୦ ବିଶ୍ୱକପ୍

### ବାଦ୍ ପଡ଼ିଲା ଅଷ୍ଟ୍ରେଲିଆ

ସିଡ୍‌ନୀ,୫।୧୧(ପି.ଟି.)

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ଦ୍ୱିତୀୟ ଦଳ ଭାବରେ ସେମିଫାଇନାଲ ପ୍ରବେଶ କରିଛି ଇଂଲଣ୍ଡ। ଶନିବାର ଶ୍ରୀଲଙ୍କାକୁ ୪ ଉଇକେଟରେ ପରାସ୍ତ କରିବା ସହିତ ଗ୍ରୁପ୍ ଏ'ର ଦ୍ୱିତୀୟ ଦଳ ଭାବେ ଇଂଲଣ୍ଡ ସେମିରେ ପ୍ରବେଶ କରିଛି। ଏହି ବିଜୟ ସହିତ ଡିଫେଣ୍ଡିଂ ଚାମ୍ପିୟନ୍ ତଥା ଆୟୋଜକ ଅଷ୍ଟ୍ରେଲିଆକୁ ବାହାରର ରାସ୍ତା ଦେଖାଇଛି। ଗ୍ରୁପ୍ ଏ'ର ପ୍ରଥମ ୩ ଦଳ ସମାନ ୭ ପଏଣ୍ଟ ଲେଖାଏ ହାସଲ କରିଥିଲେ ହେଁ ଉନ୍ନତ ରନ୍ ରେଟ୍ ବ୍ୟବଧାନରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ଇଂଲଣ୍ଡର ସେମି ପ୍ରବେଶ ପାଇଁ ଏହି ମ୍ୟାଚ୍ ବିଜୟ ଆବଶ୍ୟକ ଥିବା ବେଳେ ଶ୍ରୀଲଙ୍କା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୪୧ ରନ୍ କରିଥିଲା। ଏକଦା ୮ ଓଭର ସୁଦ୍ଧା ଦଳ ୧ ଉଇକେଟରେ ୭୧ ରନ କରିଥିବା ବେଳେ ଶେଷ ୧୨ ଓଭରରୁ ମାତ୍ର ୭୦ ରନ୍ କରିଥିଲା। ଓପନର ପାଥୁମ୍ ନିଶଙ୍କା ସର୍ବାଧିକ ୬୭ ରନ୍ କରିଥିଲେ। ୪୫ ବଲର ଏହି ଇନିଂସରେ ୨ ଚୌକା ଓ ୫ ଛକା ସାମିଲ ଥିଲା। ନିଶଙ୍କା ଆଉଟ ହେବା ସହିତ ଶ୍ରୀଲଙ୍କାର ଇନିଂସ ତାସପତା ପରି ଭୁଶୁଡ଼ି ପଡ଼ିଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାନୁକା ରାଜପାକ୍‌ସେ ୨୨ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଆଦିଲ ରଶିଦ୍ ଓ ସାମ୍ କୁରାନ୍ ମଧ୍ୟଭାଗରେ ଶ୍ରୀଲଙ୍କା ରନ୍ ଗତି ଉପରେ ଅଙ୍କୁଶ ଲଗାଇଥିଲେ। ମାର୍କ ଉଡ୍ ୩ ଉଇକେଟ ନେଇଥିବା ବେଳେ ବେନ୍ ଷ୍ଟୋକ୍ସ, କ୍ରିସ୍ ଓକ୍ସ, ଆଦିଲ ରଶିଦ୍ ଓ ସାମ୍ କୁରାନ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ୧୪୨ ରନର ପିଛା କରୁଥିବା ଇଂଲଣ୍ଡ ମଧ୍ୟ ଧୂଆଁଧାର ବ୍ୟାଟିଂ ଆରମ୍ଭ କରିଥିଲା। ପ୍ରଥମ ୬ ଓଭରରେ ଦଳ ବିନା ଉଇକେଟରେ ୭୦ ରନ୍ କରିଥିଲା। ମାତ୍ର ବଟଲର(୨୩) ଓ ଆଲେକ୍ସ ହେଲ୍ସ(୪୭) ଆଉଟ ହେବା ସହିତ ଇଂଲଣ୍ଡ ସଙ୍କଟରେ ପଡ଼ିଥିଲା। ହେଲ୍ସ ୩୦ ବଲ୍ ଖେଳି ୭ ଚୌକା ଓ ୧ ଛକା ମାରିଥିଲେ। ୮୪ ବଲରେ ୭୦ ରନ୍ ଆବଶ୍ୟକ ଥିଲେ ହେଁ ଶ୍ରୀଲଙ୍କା ସ୍ପିନରଙ୍କ ମାପଚୁପ ବୋଲିଂ କାରଣରୁ ଅନ୍ତିମ ଓଭର ଯାଏ ମ୍ୟାଚ ଯାଇଥିଲା। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଅପରାଜିତ ୪୨ ରନ୍ କରିବା ସହିତ ଦଳକୁ ବିଜୟୀ କରିଥିଲେ। ମଧ୍ୟଭାଗରେ ଧନଞ୍ଜୟ ଡି ସିଲ୍‌ଭା ଓ ୱାନିନ୍ଦୁ ହସରଙ୍ଗା ଘାତକ ବୋଲିଂ କରିଥିଲେ। ଅନ୍ତିମ ଓଭରରେ ୫ ରନ୍ ଆବଶ୍ୟକ ଥିବା ବେଳେ ତୃତୀୟ ବଲରେ ଚୌକା ମାରି କ୍ରିସ୍ ଓକ୍ସ(୫*) ମ୍ୟାଚ୍ ଶେଷ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ହସରଙ୍ଗା ଓ ଡି ସିଲ୍‌ଭା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଆଦିଲ ରଶିଦଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ଆକର୍ଷଣୀୟ ସୁଇପ୍ ଶଟ୍ ଖେଳୁଛନ୍ତି ଇଂଲଣ୍ଡ ବ୍ୟାଟର ବେନ୍ ଷ୍ଟୋକ୍ସ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା:** ୨୦ ଓଭରରେ ୧୪୧/୮ (ପାଥୁମ୍ ନିଶଙ୍କା-୬୭, ଭାନୁକା ରାଜପକ୍ଷେ-୨୨, କୁଶଲ ମେଣ୍ଡିସ୍-୧୮, ମାର୍କ ଉଡ୍-୩/୨୬, ଆଦିଲ ରଶିଦ୍-୧/୧୬, ସାମ୍ କୁରାନ- ୧/୨୭)

**ଇଂଲଣ୍ଡ:** ୧୯.୩ ଓଭରରେ ୧୪୪/୬ (ବେନ୍ ଷ୍ଟୋକ୍ସ-୪୨*, ଆଲେକ୍ସ ହେଲ୍ସ-୪୭, ଜୋସ ବଟଲର-୨୮, ଧନଞ୍ଜୟ ଡି ସିଲ୍‌ଭା-୨/୨୪, ୱାନିନ୍ଦୁ ହସରଙ୍ଗା-୨/୨୩, ଲାହିରୁ କୁମାର-୨/୨୪)।

# ଗ୍ରୁପ୍ ବି'ର ଜଟିଳ ସେମି ଅଙ୍କ

ମେଲବୋର୍ନ,୫।୧୧(ପି.ଟି)

ବିଶ୍ୱକପ୍ ସୁପର ଲିଗ୍ ଏହାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏଯାଏ ଗ୍ରୁପ୍ ବି'ର ସେମିଫାଇନାଲ ଅଙ୍କ ଜଟିଳ ହୋଇ ରହିଛି। ଗ୍ରୁପ୍ ବି'ରେ ୪ ସେମିଫାଇନାଲ ଦାବିଦାର ରହିଥିବା ବେଳେ ଅନ୍ତିମ ଦିନରେ ହିଁ ସମସ୍ତଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଅନ୍ତିମ ଦିନରେ ଭାରତ-ଜିମ୍ବାୱେ ମ୍ୟାଚ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା-ନେଦରଲାଣ୍ଡ୍ସ ଓ ପାକିସ୍ତାନ-ବାଂଲାଦେଶ ମଧ୍ୟରେ ମ୍ୟାଚ ଖେଳାଯିବ। ଭାରତ ଓ ଦକ୍ଷିଣ ଆଫ୍ରିକା ନିଜ ମ୍ୟାଚରେ ବିଜୟୀ ହେଲେ ସେମିରେ ପ୍ରବେଶ କରିବେ। ଅନ୍ୟପକ୍ଷରେ ପାକିସ୍ତାନ କିମ୍ବା ବାଂଲାଦେଶ ବିଜୟୀ ହେଲେ ସେମାନଙ୍କୁ ଭାରତ ମ୍ୟାଚର ଫଳାଫଳକୁ ଅପେକ୍ଷା କରିବାକୁ ପଡ଼ିବ। ଯଦି ଭାରତର ମ୍ୟାଚ ବର୍ଷା କାରଣରୁ ଧୋଇଯାଏ ତେବେ ମଧ୍ୟ ଭାରତ ସହଜରେ ସେମି ପ୍ରବେଶ କରିବ। ଏ ପରିସ୍ଥିତିରେ ପାକିସ୍ତାନ ଓ ବାଂଲାଦେଶ ବାଦ୍ ପଡ଼ିବେ। ତେବେ ଯଦି ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୁଏ ଓ ପାକିସ୍ତାନ ବିଜୟୀ ହୁଏ ତେବେ ରନ୍‌ରେଟ୍ ଆଧାରରେ ପାକିସ୍ତାନ ସେମିରେ ପ୍ରବେଶ କରିବ। ମାତ୍ର ଯଦି ପ୍ରଥମ ଦୁଇ ସ୍ଥାନରେ ଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ବିଜୟୀ ହୁଅନ୍ତି ତେବେ ଉଭୟ ଦଳ ସହଜରେ ସେମି ଫାଇନାଲରେ ପ୍ରବେଶ କରିବେ।

**ଟି୨୦ କ୍ରିକେଟ ବିଶ୍ୱକପ୍ ପଏଣ୍ଟ ତାଲିକା (ସୁପର-୧୨)**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିନା ଫଳାଫଳ | ପଏଣ୍ଟ | ରନହାର |
|---|---|---|---|---|---|---|
| ଗ୍ରୁପ୍ 'ଏ' | | | | | | |
| ନ୍ୟୁଜିଲାଣ୍ଡ | ୫ | ୩ | ୧ | ୧ | ୭ | +୨.୧୧୩ |
| ଇଂଲଣ୍ଡ | ୫ | ୩ | ୧ | ୧ | ୭ | +୦.୪୭୩ |
| ଅଷ୍ଟ୍ରେଲିଆ | ୫ | ୩ | ୧ | ୧ | ୭ | -୦.୧୭୩ |
| ଶ୍ରୀଲଙ୍କା | ୫ | ୨ | ୩ | ୦ | ୪ | -୦.୪୨୨ |
| ଆୟର୍ଲାଣ୍ଡ | ୫ | ୧ | ୩ | ୧ | ୩ | -୧.୬୧୫ |
| ଆଫଗାନିସ୍ତାନ | ୫ | ୦ | ୩ | ୨ | ୨ | -୦.୫୭୧ |
| ଗ୍ରୁପ୍ 'ବି' | | | | | | |
| **ଭାରତ** | **୪** | **୩** | **୧** | **୦** | **୬** | **+୦.୭୩୦** |
| ଦ. ଆଫ୍ରିକା | ୪ | ୨ | ୧ | ୧ | ୫ | +୧.୪୪୧ |
| ପାକିସ୍ତାନ | ୪ | ୨ | ୨ | ୦ | ୪ | +୧.୧୧୭ |
| ବାଂଲାଦେଶ | ୪ | ୨ | ୨ | ୦ | ୪ | -୧.୨୭୬ |
| ଜିମ୍ବାୱେ | ୪ | ୧ | ୨ | ୧ | ୩ | -୦.୩୧୩ |
| ନେଦରଲାଣ୍ଡ୍ସ | ୪ | ୧ | ୩ | ୦ | ୨ | -୧.୨୩୩ |

# ତାୟାବ ଇକ୍ରାମ ଏଫ୍‌ଆଇଏଚ୍‌ର ନୂଆ ସଭାପତି



ଲାଉସାନେ, ୫।୧୧(ପି.ଟି.)

ଏସିଆନ ହକି ମହାସଂଘ (ଏଏଚ୍ଏଫ୍) ସିଇଓ ମାକାଉର ମହମ୍ମଦ ତାୟାବ ଇକ୍ରାମ ଶନିବାର ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ଭାରତର ନରିନ୍ଦର ବାତ୍ରାଙ୍କ ସ୍ଥାନରେ ଏଫ୍‌ଆଇଏଚ୍‌ର ମୁଖ୍ୟ ହେବେ। ଭର୍ଚୁଆଲି ଅନୁଷ୍ଠିତ ଏଫ୍‌ଆଇଏଚ୍ କଂଗ୍ରେସରେ ହୋଇଥିବା ଭୋଟ୍‌ରେ ଇକ୍ରାମ ୭୯-୪୭ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ୧୨୯ଟି ଜାତୀୟ ଆସୋସିଏଶନ ମଧ୍ୟରୁ ୧୨୬ ବୈଧ ଭୋଟ୍ ମିଳିଥିଲା। ଇକ୍ରାମଙ୍କ କାର୍ଯ୍ୟକାଳ ୨ ବର୍ଷ ରହିବ। ପୂର୍ବମୁଖ୍ୟ ବାତ୍ରା ଜୁଲାଇ ୧୮ରେ ଇସ୍ତଫା ଦେବାରୁ ତାଙ୍କର ଅବଶିଷ୍ଟ କାର୍ଯ୍ୟକାଳ ସେ ପୂରଣ କରିବେ। ବାତ୍ରାଙ୍କ ଇସ୍ତଫା ପରେ ସିଫ୍ ଅହମଦ ଏଫ୍‌ଆଇଏଚ୍‌ର କାମଚଳା ସଭାପତି ଭାବେ କାର୍ଯ୍ୟ କରୁଥିଲେ। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ମୁଖ୍ୟ ଭାବେ ବାତ୍ରା ଆଉ କାର୍ଯ୍ୟ କରିପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସେ ଏଫ୍‌ଆଇଏଚ୍ ସଭାପତି ପଦବୀରୁ ଇସ୍ତଫା ପ୍ରଦାନ କରିଥିଲେ। ୨୦୧୬ରେ ଏଫ୍‌ଆଇଏଚ୍ ସଭାପତି ହୋଇଥିବା ବାତ୍ରା ଜୁଲାଇରେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ତାଙ୍କୁ ଆହୁରି ମଧ୍ୟ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଦସ୍ୟ ପଦବୀରୁ ଇସ୍ତଫା ଦେବାକୁ ପଡ଼ିଥିଲା। କାରଣ ଉକ୍ତ ପଦବୀ ତାଙ୍କ ଆଇଓଏ ପଦବୀ ସହିତ ଯୋଗସୂତ୍ର ରହିଥିଲା।

# ସେମିଫାଇନାଲ ଲକ୍ଷ୍ୟରେ ଭାରତ

## ଆଜି ଜିମ୍ବାୱେ ବିପକ୍ଷ ସୁପର-୧୨ ମ୍ୟାଚ୍

ମେଲବୋର୍ନ,୫।୧୧(ପି.ଟି)

ଚଳିତ ଟି୨୦ ବିଶ୍ୱକପ୍‌ରେ ରବିବାର ଭାରତ ଏହାର ଅନ୍ତିମ ସୁପର-୧୨ ଲିଗ୍ ମ୍ୟାଚ ଖେଳିବ। ସେମିଫାଇନାଲ ପ୍ରବେଶ ପାଇଁ ଭାରତକୁ ଏହି ମ୍ୟାଚରେ ନିହାତି ବିଜୟ ଆବଶ୍ୟକ। ଜିମ୍ବାୱେ ଅପେକ୍ଷାକୃତ ଦୁର୍ବଳ ଦଳ ହୋଇଥିଲେ ହେଁ ଏହା ପାକିସ୍ତାନକୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରି ସାରିଛି। ଭାରତ ଅଧିନାୟକ ରୋହିତ ଶର୍ମା ଏହି ଟୁର୍ନାମେଣ୍ଟରେ ଫର୍ମରେ ନ ଥିବା ବେଳେ ଏହି ମ୍ୟାଚରେ ଏକ ଭଲ ଇନିଂସ ଆଶା ରଖିବ ଭାରତୀୟ ମ୍ୟାନେଜମେଣ୍ଟ। ରୋହିତ ଶର୍ମା ଏହି ଟୁର୍ନାମେଣ୍ଟରେ ୪ ମ୍ୟାଚ ଖେଳି ସାରିଥିବା ବେଳେ ମାତ୍ର ୭୪ ରନ୍ କରିଛନ୍ତି। ଏହି ମ୍ୟାଚ ଜିତିଲେ ଭାରତ ସେମିଫାଇନାଲ ପ୍ରବେଶ କରିବ। ସମ୍ଭବତଃ ଇଂଲଣ୍ଡ ସହିତ ଭାରତ ଏହାର ସେମିଫାଇନାଲ ମ୍ୟାଚ ଖେଳିବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପୂର୍ବରୁ ରୋହିତ ଫର୍ମକୁ ଫେରିବାକୁ ଚାହିଁବେ। ଟୁର୍ନାମେଣ୍ଟରେ ନେଦାରଲାଣ୍ଡ୍ସ ବିପକ୍ଷ ମ୍ୟାଚର ଅର୍ଦ୍ଧଶତକକୁ ଛାଡ଼ିଲେ ତାଙ୍କ ବ୍ୟାଟରୁ ରନ୍ ଆସିନାହିଁ। ଦୀନେଶ କାର୍ତ୍ତିକଙ୍କ ସ୍ଥାନରେ ରିଷଭ ପନ୍ତ ଏହି ମ୍ୟାଚ ଖେଳିପାରନ୍ତି। ନିୟମିତ ଖରାପ ପ୍ରଦର୍ଶନ କରିଥିଲେ ହେଁ କାର୍ତ୍ତିକଙ୍କ ଉପରେ ଭରସା ଦେଖାଇଛି ଭାରତୀୟ ମ୍ୟାନେଜମେଣ୍ଟ। ଅନ୍ୟପକ୍ଷରେ ବାଂଲାଦେଶ ବିପକ୍ଷରେ ଅର୍ଦ୍ଧଶତକ ସହିତ ଲୋକେଶ ରାହୁଲ ଫର୍ମକୁ ଫେରିଛନ୍ତି। ତେବେ ଦୀନେଶ କାର୍ତ୍ତିକଙ୍କ ସ୍ଥାନରେ ପନ୍ତଙ୍କୁ ଏକ ସୁଯୋଗ ଦିଆଯାଇପାରେ। ଭାରତୀୟ ପେସ ବୋଲରମାନେ ଭଲ ବୋଲିଂ କରିଥିବା ବେଳେ ସ୍ପିନର ଭାବରେ କିଏ ସ୍ଥାନ ପାଇବ ତାହାକୁ ନେଇ ଆଶଙ୍କା ଜାରି ରହିଛି। ଇଂଲଣ୍ଡ ବିପକ୍ଷରେ ଶ୍ରୀଲଙ୍କା ଲେଗ୍‌ସ୍ପିନର ୱାନିନ୍ଦୁ ହସରଙ୍ଗାଙ୍କ ବୋଲିଂ ଦେଖିବା ପରେ ଭାରତୀୟ ଦଳ ଚହଲଙ୍କୁ ଏକ ସୁଯୋଗ ଦେବାକୁ ଚାହିଁବ। ଅନ୍ୟପକ୍ଷରେ ଲିଗ୍ ପର୍ଯ୍ୟାୟରେ ପାକିସ୍ତାନକୁ ପରାସ୍ତ କରିଥିବା ଜିମ୍ବାୱେ ମଧ୍ୟ ମ୍ୟାଚକୁ ନେଇ ବେଶ୍ ଆଶାବାଦୀ ରହିଛି। ସିକନ୍ଦର ରାଜା ସ୍ପିନ୍‌କୁ ଭଲ ଖେଳୁଥିବାରୁ ଭାରତୀୟ ବୋଲରଙ୍କୁ ସାମାନ୍ୟ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଭାରତୀୟ ପେସ୍ ବୋଲରମାନେ ଚମତ୍କାର ବୋଲିଂ କରିଥିବା ବେଳେ ଏଥିରେ କୌଣସି ପରିବର୍ତ୍ତନର ସମ୍ଭାବନା ନାହିଁ। ଅର୍ଶଦୀପ ସିଂ ଓ ମହମ୍ମଦ ଶାମି ଚମତ୍କାର ଡେଥ୍ ବୋଲିଂ କରୁଥିବା ବେଳେ ଦଳ ହର୍ଷଲ ପଟେଲଙ୍କୁ ଗୋଟିଏ ସୁଯୋଗ ଦେବାର ସମ୍ଭାବନା ରହିଛି।



ମେଲବୋର୍ନରେ ଶନିବାର ଭାରତୀୟ କ୍ରିକେଟ ଦଳର ସଦସ୍ୟମାନଙ୍କ ସହ ୩୪ତମ ଜନ୍ମଦିନ ପାଳନ କରୁଛନ୍ତି ବିରାଟ କୋହଲି।

# ଆରାଧ୍ୟା-କ୍ରିଷ୍ଣା ଡବଲ୍ସ ଚାମ୍ପିୟନ୍



କ୍ରିଷ୍ଣା



ଆରାଧ୍ୟା

## ୧୬ ବର୍ଷରୁ କମ୍ ସୁପର ସିରିଜ୍

ଭୁବନେଶ୍ୱର,୫।୧୧(ସ୍ପୋର୍ଟସ ବ୍ୟୁରୋ)

୧୬ ବର୍ଷରୁ କମ୍ ସୁପର ସିରିଜ୍ ଟେନିସ୍ ଟୁର୍ନାମେଣ୍ଟର ଡବଲ୍ସ ବର୍ଗରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ଓଡ଼ିଶାର ଆରାଧ୍ୟା ଓ କ୍ରିଷ୍ଣା। କୋଲକାତାରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଆରାଧ୍ୟା-କ୍ରିଷ୍ଣାଙ୍କ ଯୋଡ଼ି ୬-୨, ୨-୬(୧୦-୩)ରେ ପଶ୍ଚିମବଙ୍ଗର ସୌମ୍ୟା ଚାଟାର୍ଜୀ ଓ ସୋହିନୀ ଚାଟାର୍ଜୀଙ୍କୁ ପରାସ୍ତ କରିଥିଲେ। ସେହିପରି ୧୮ ବର୍ଷରୁ କମ୍ ସୁପର ସିରିଜ୍ ସିଙ୍ଗଲ୍ସ ବର୍ଗରେ ରନର୍ସ ଅପ୍ ରହିଛନ୍ତି ଆରାଧ୍ୟା। ମହିଳା ସିଙ୍ଗଲ୍ସ ଫାଇନାଲରେ ଆକୃତୀ ସୋନକୁସାରୀଙ୍କ ଠାରୁ ସେ ପରାଜିତ ହୋଇଥିଲେ। ଅରାଧ୍ୟା ଗତ ସପ୍ତାହରେ ଦିଲ୍ଲୀରେ ଅନୁଷ୍ଠିତ ୧୪ ବର୍ଷରୁ କମ ଡବଲ୍ସ ଟୁର୍ନାମେଣ୍ଟ ଚାମ୍ପିୟନ୍ ହୋଇଥିଲେ। ଆରାଧ୍ୟାଙ୍କ ଖେଳରେ ବ୍ୟାପକ ଉନ୍ନତି ଘଟୁଥିବା ବେଳେ ସେ ଅନ୍ତର୍ଜାତୀୟ ଜୁନିୟର ସର୍କିଟରେ ସୁଯୋଗ ପାଇବେ ବୋଲି କୋଚ ଫରହାନ କହିଛନ୍ତି।

# ପ୍ରାର୍ଥୀ ହେଲେ ଜିମ୍ବାୱେ କ୍ରିକେଟ ମୁଖ୍ୟ ମୁକୁହଲାନି

## ଆଇସିସି ଚେୟାରମ୍ୟାନ ନିର୍ବାଚନ

ଦୁବାଇ, ୫।୧୧ (ପି.ଟି.)

ଆସନ୍ତା ସପ୍ତାହରେ ମେଲବୋର୍ନଠାରେ ଆଇସିସି ଚେୟାରମ୍ୟାନ ପଦବୀ ପାଇଁ ନିର୍ବାଚନ ହେବ। ଏଥିରେ ଗ୍ରେଗ୍ ବାର୍କ୍ଲେଙ୍କୁ ଚ୍ୟାଲେଞ୍ଜ ଦେବେ ଜିମ୍ବାୱେ କ୍ରିକେଟ ଚେୟାରମ୍ୟାନ ଟାଭେଙ୍ଗୱା ମୁକୁହଲାନି। ସେ ଛୋଟ ପୂର୍ଣ୍ଣ ସଦସ୍ୟ ଦେଶ ଏବଂ ସହଯୋଗୀ ରାଷ୍ଟ୍ରଙ୍କଠାରୁ ଯଥେଷ୍ଟ ସମର୍ଥନ ପାଇବେ ବୋଲି ଆଶା କରୁଛନ୍ତି। ଅନ୍ୟପକ୍ଷରେ ୨୦୨୦ରେ ବାର୍କ୍ଲେଙ୍କଠାରୁ ପରାଜିତ ହୋଇଥିବା ଆଇସିସି ଡେପୁଟି ଚେୟାରମ୍ୟାନ ଇମ୍ରାନ ଖ୍ୱାଜା ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଛନ୍ତି। ଆଇସିସି ବୋର୍ଡରେ ୧୬ଜଣ ସଦସ୍ୟଙ୍କ ଭୋଟ୍ ଦେବା ଅଧିକାର କରିଛି। ତନ୍ମଧ୍ୟରୁ ୧୨ ଜଣ ପୂର୍ଣ୍ଣ ସଦସ୍ୟ ଏବଂ ଜଣେ ସ୍ୱାଧୀନ ନିର୍ଦ୍ଦେଶକ (ଇନ୍ଦ୍ର ନୁଇ) ଏବଂ ୩ ସହଯୋଗୀ ନିର୍ଦ୍ଦେଶକ ରହିଛନ୍ତି। ନୂଆ ନିୟମାନୁସାରେ ଜଣେ ସାଧାରଣ ସଂଖ୍ୟାଗରିଷ୍ଠତା ହାସଲ କରିପାରିଲେ ଆଇସିସିର ନୂଆ ଚେୟାରମ୍ୟାନ ହୋଇପାରିବ। ଗତ ବର୍ଷ ଭଳି ଦୁଇତୃତୀୟାଂଶ ଭୋଟର ଆବଶ୍ୟକ ନାହିଁ।

# ସ୍ପେନ୍ ସହିତ ପଏଣ୍ଟ ବାଣ୍ଟିଲା ନ୍ୟୁଜିଲାଣ୍ଡ

ଭୁବନେଶ୍ୱର,୫।୧୧(ସ୍ପୋର୍ଟସ ବ୍ୟୁରୋ)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ପ୍ରୋ ଲିଗ୍ ମ୍ୟାଚରେ ସ୍ପେନ୍ ସହିତ ପଏଣ୍ଟ ବାଣ୍ଟିଛି ନ୍ୟୁଜିଲାଣ୍ଡ। କଡ଼ା ସଂଘର୍ଷପୂର୍ଣ୍ଣ ରହିଥିବା ମ୍ୟାଚଟି ୧-୧ରେ ଡ୍ର ରହିଛି। ପ୍ରଥମ ୩ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଅନ୍ତିମ କ୍ୱାର୍ଟରରେ ଦୁଇଟି ଯାକ ଗୋଲ ସ୍କୋର ହୋଇଥିଲା। ଭାରତ ବିପକ୍ଷ ମ୍ୟାଚରେ ୭-୪ରେ ପରାଜୟ ପରେ ନ୍ୟୁଜିଲାଣ୍ଡ ଏହି ମ୍ୟାଚକୁ ଦୃଢ଼ ଭାବରେ ପ୍ରତ୍ୟାବର୍ତ୍ତନ କରିଥିଲା। ପ୍ରଥମ କ୍ୱାର୍ଟରରେ ସ୍ପେନ୍ ପକ୍ଷରୁ ଗୋଲ ଦେବାର ସମସ୍ତ ପ୍ରୟାସକୁ ଦଳ ନିଷ୍ଫଳ କରି ଦେଇଥିଲା।

୪ର୍ଥ କ୍ୱାର୍ଟରର ପ୍ରଥମ ମିନିଟରେ ସ୍ପେନ୍ ପକ୍ଷରୁ ମେନିନି ଜୋକ୍ୱିନ୍ ପ୍ରଥମ ଗୋଲ ସ୍କୋର କରିଥିଲେ। ଫିଲ୍ଡ ଗୋଲରୁ ସେ ଏହି ଗୋଲଟି କରି ସ୍ପେନ୍‌କୁ ୧-୦ରେ ଆଗୁଆ କରିଥିଲେ। ଏହାପରେ ଉଭୟ ଦଳ ପକ୍ଷରୁ ଆକ୍ରମଣାତ୍ମକ ହକି ଖେଳାଯାଇଥିଲା। ତେବେ ମ୍ୟାଚ୍ ଶେଷ ହେବାକୁ ୧ ମିନିଟ ଥିବା ବେଳେ ନ୍ୟୁଜିଲାଣ୍ଡକୁ ମିଳିଥିଲା ପେନାଲ୍ଟି ଷ୍ଟ୍ରୋକ୍। ଅଭିଜ୍ଞ ରସେଲ୍ କେନ୍ ଏହାକୁ ଗୋଲରେ ପରିଣତ କରିବା ସହିତ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ଅନ୍ତିମ ମ୍ୟାଚ ଖେଳୁଥିବା ନ୍ୟୁଜିଲାଣ୍ଡ ନିଜର ପଏଣ୍ଟ ଖାତା ଖୋଲିବାରେ ସମର୍ଥ ହୋଇଛି। ପୂର୍ବରୁ ଦଳ ଭାରତ ବିପକ୍ଷ ଦୁଇ ମ୍ୟାଚ ହାରିଥିବା ବେଳେ ସ୍ପେନ୍ ନିକଟରୁ ମଧ୍ୟ ହାରିଥିଲା।



ସ୍ପେନ୍ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

# ଭାରତ ଆଜି ସ୍ପେନ୍‌କୁ ଭେଟିବ

## ହକି ପ୍ରୋ ଲିଗ୍

**ଭୁବନେଶ୍ୱର, ୫।୧୧:** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚଳିତ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍‌ରେ ଭାରତ ରବିବାର ଦ୍ୱିତୀୟ ଥର ସ୍ପେନ୍‌କୁ ଭେଟିବ। ଏହି ଦଳ ବିପକ୍ଷରେ ଭାରତ ପ୍ରଥମ ମ୍ୟାଚ ୩-୨ରେ ପରାସ୍ତ ହୋଇଥିଲା। ତେବେ ନ୍ୟୁଜିଲାଣ୍ଡ ବିପକ୍ଷ ଗତ ହାଇ ସ୍କୋରିଂ ମ୍ୟାଚରେ ୭-୪ ଗୋଲରେ ବିଜୟ ଦ୍ୱାରା ଦଳର ମନୋବଳ ବୃଦ୍ଧି ପାଇଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ୧-୩ରେ ପଛୁଆ ରହିଥିବା ଭାରତ ଆକ୍ରମଣାତ୍ମକ ଖେଳି ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ସ୍ପେନ୍ ବିପକ୍ଷରେ ଏହି ପ୍ରଦର୍ଶନ ଜାରି ରଖିବାକୁ ଦଳ ଚେଷ୍ଟା କରିବ। ନ୍ୟୁଜିଲାଣ୍ଡ ତୁଳନାରେ ସ୍ପେନ୍ ଅଧିକ ଶକ୍ତିଶାଳୀ। ଏହି ଦଳ ବିପକ୍ଷରେ ଆମକୁ ପ୍ରତି କ୍ୱାର୍ଟରରେ ସ୍ଥିର ପ୍ରଦର୍ଶନ ବଜାୟ ରଖିବାକୁ ହେବ ବୋଲି ଅଧିନାୟକ ହରମନପ୍ରୀତ କହିଛନ୍ତି। ନ୍ୟୁଜିଲାଣ୍ଡ ତୁଳନାରେ ସ୍ପେନ୍ ରକ୍ଷଣାତ୍ମକ ଖେଳିଥାଏ। ସେମାନେ ଆମ ଖେଳକୁ ମନ୍ଥର କରିଦେଇପାରନ୍ତି। ଆମେ କିନ୍ତୁ ଆମ ଯୋଜନା ମୁତାବକ ଖେଳିବୁ। ଶନିବାର ନ୍ୟୁଜିଲାଣ୍ଡ ବିପକ୍ଷରେ ସ୍ପେନ୍ କିପରି ଖେଳୁଛି ତାକୁ ଦେଖି ଆମେ ଆମର ରଣକୌଶଳ ସ୍ଥିର କରିବୁ ବୋଲି ହରମନପ୍ରୀତ ପ୍ରକାଶ କରିଛନ୍ତି। ୯ଟି ଦଳକୁ ନେଇ ଖେଳାଯାଉଥିବା ପ୍ରୋ-ଲିଗ୍ ୨୦୨୨-୨୩ ଏକ 'ମିନି ଟୁର୍ନାମେଣ୍ଟ' ଫର୍ମାଟରେ ଖେଳାଯାଉଛି, ଯେଉଁଥିରେ ତିନୋଟି ଦଳ ଗୋଟିଏ ଭେନ୍ୟୁରେ ଡବଲ ଲେଗ୍ ମୁକାବିଲା କରିଥାନ୍ତି। ଭାରତ ପର୍ଯ୍ୟାୟରେ ରାଉରକେଲା ହେଉଛି ଦ୍ୱିତୀୟ ତଥା ଅନ୍ତିମ ଭେନ୍ୟୁ। ସେଠାରେ ବିଶ୍ୱର ୫ ନମ୍ବର ର୍ୟାଙ୍କିଂ ପ୍ରାପ୍ତ ଭାରତ ଆସନ୍ତା ବର୍ଷ ମାର୍ଚ୍ଚରେ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇ ଡବଲ ଲେଗ୍ ମ୍ୟାଚ ଖେଳିବ। ଭାରତର ଅନ୍ତିମ ଗନ୍ତବ୍ୟସ୍ଥଳ ୟୁରୋପ ହେବ, ଯେଉଁଠାରେ ମେ-ଜୁନ୍‌ରେ ଦଳ ବେଲଜିୟମ ଓ ଇଂଲଣ୍ଡ (ଲଣ୍ଡନରେ) ଏବଂ ଡଚ୍ ସହର ଇଣ୍ଡୋଭେନ୍‌ଠାରେ ନେଦରଲାଣ୍ଡ୍ସ ଓ ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ।

# ଇଣ୍ଡିଆନ ସୁପର ଲିଗ୍ ଓଏଫ୍‌ସିର ଦ୍ୱିତୀୟ ପରାଜୟ

**ହାଇଦ୍ରାବାଦ,୫।୧୧:** ଇଣ୍ଡିଆନ ସୁପର ଲିଗ୍‌ରେ ଦ୍ୱିତୀୟ ପରାଜୟ ବରଣ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ତୃତୀୟ ଆୱେ ମ୍ୟାଚରେ ଏହା ଓଡ଼ିଶାର ଦ୍ୱିତୀୟ ପରାଜୟ। ୫ମ ମ୍ୟାଚ ଖେଳୁଥିବା ଓଏଫ୍‌ସି ଦ୍ୱିତୀୟ ମ୍ୟାଚରେ ପରାଜୟ ବରଣ କରିଛି। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ହାଇଦ୍ରାବାଦ ଏଫ୍‌ସି ୧-୦ ଗୋଲରେ ଓଡିଶାକୁ ହରାଇଛି। ୪-୩-୩ ସରଞ୍ଜନା ସହିତ ପଡିଆକୁ ଓହ୍ଲାଉଥିବା ଯୋଶେପ୍ ଗୋମ୍ବାଉଙ୍କ ଟିମ୍ ଶନିବାର ୩-୨-୩-୨ କମ୍ବିନେଶନରେ ମ୍ୟାଚ ଖେଳିବାକୁ ଓହ୍ଲାଇଥିଲା। କିଛି ଭିନ୍ନ କରିବା ପ୍ରୟାସରେ ମ୍ୟାଚର ଅଷ୍ଟମ ମିନିଟରେ ଓଡ଼ିଶା ପ୍ରଥମ ଗୋଲ ବରଣ କରିଥିଲା। ୱିଙ୍ଗର ମହମ୍ମଦ ୟାସିର ପ୍ରଥମ ଗୋଲ ସ୍କୋର କରି ହାଇଦ୍ରାବାଦକୁ ଅଗ୍ରଣୀ କରିଥିଲେ। ବେଙ୍ଗାଲୁରୁ ଏଫ୍‌ସିକୁ ଏହାର ପୂର୍ବ ମ୍ୟାଚରେ ହରାଇଥିବା ଓଡ଼ିଶା ଦଳ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ପଡିଆକୁ ଓହ୍ଲାଇଥିଲା। ଏପରି କି ମ୍ୟାଚର ୪୯ ପ୍ରତିଶତ ସମୟ ଦଳ ବଲକୁ ନିଜ ନିୟନ୍ତ୍ରଣରେ ମଧ୍ୟ ରଖିଥିଲା। ଉଭୟ ଦଳ ଦୁଇ ଥର ଲେଖାଏ ଗୋଲ ପୋଷ୍ଟର ନିକଟତର ହୋଇଥିଲେ ହେଁ ଓଏଫ୍‌ସି ଗୋଲ ଦେବାରେ ଅସମର୍ଥ ରହିଥିଲା।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଆଦିବାସୀପଡ଼ା ବାସିନ୍ଦାଙ୍କ ସମସ୍ୟା ହଟିଲା ନାହିଁ

**ଖଣ୍ଡପଡା,୫।୧୧(ସ୍ୱ.ପ୍ର.)**


ଆବାସ ଯୋଜନାରୁ ବଞ୍ଚିତ ଦଉପୋଖରୀ ଗାଁର ଜଣେ ମହିଳା।

- ୨୨ ପରିବାରକୁ ପକ୍କା ଘର ମିଳିଲା ନାହିଁ
- ଆଦର୍ଶ ଗୁହାଳ, ମୋ ଗୁହାଳ ଯୋଜନା ସ୍ୱପ୍ନ

ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଉଦାସୀନତା ଓ ସିଂଘାପଡା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସ୍ଥାଣୁତା ଯୋଗୁ ବହୁ ବର୍ଷ ଧରି ଦଉପୋଖରୀ ଆଦିବାସୀପଡା ଗ୍ରାମର ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମରେ ୨୨ ଆଦିବାସୀ ପରିବାର ନୂଆଣିଆଁ ଚାଳଛପର ଘରେ ରହୁଛନ୍ତି। ଏହି ପରିବାରଗୁଡିକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନତୁବା ବିଜୁ ପକ୍କାଘର ଯୋଜନାରେ ଅଦ୍ୟାବଧି ବାସଗୃହ ଖଣ୍ଡେ ଯୋଗାଇ ଦିଆଯାଇନାହିଁ। ଆର୍ଥିକ ଅନଟନ ମଧ୍ୟରେ କାଳାତିପାତ କରୁଥିବା ଆଦିବାସୀ ପରିବାରଗୁଡିକ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ସହ ଗୃହପାଳିତ ପଶୁ ପାଳନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଆଦର୍ଶ ଗୁହାଳ ଓ ମୋ ଗୁହାଳ ଯୋଜନା ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି।

ସମ୍ବଳ ଅଭାବରୁ ପ୍ରତିବର୍ଷ ନଡା କିଣି ଚାଳ ଛପର କରିବାରେ ଅସମର୍ଥ ଏହି ପରିବାରଗୁଡିକ ଭଙ୍ଗା ଦଦରା ଝାଟିମାଟି ଘରେ କଳା ପଲିଥିନ ଟାଣି ରହିଛନ୍ତି। ଗ୍ରାମକୁ ପାଇପ ଲାଇନ ଯୋଗେ ପାନୀୟ ଜଳ ମୁନ୍ଦେ ଯୋଗାଇ ଦିଆଯାଇ ନାହିଁ। ଗ୍ରାମରେ ଥିବା ନଳକୂପର ପାଣି ଫ୍ଲୋରାଇଡ ଯୁକ୍ତ ହୋଇଥିଲେ ହେଁ ପରିସ୍ଥିତି ଦୃଷ୍ଟିରୁ ବାଧ୍ୟ ହୋଇ ସ୍ଥାନୀୟ ବାସିନ୍ଦା ଉକ୍ତ ପାଣିକୁ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରୁଥିବା ଜଣାପଡିଛି। ପରିଣତ ବୟସରେ ମଧ୍ୟ କେତେଜଣ ବ୍ୟକ୍ତିଙ୍କୁ ଭତ୍ତା ଟଙ୍କା ମିଳୁ ନ ଥିବା ଅଭିଯୋଗ ହେଉଛି। ଉକ୍ତ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ବିଭିନ୍ନ ଅଭାବ, ଅସୁବିଧା ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ସିଂଘାପଡା ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ସାଧାରଣ ନିର୍ବାଚନ ଠାରୁ ଆରମ୍ଭ କରି ପଞ୍ଚାୟତ ନିର୍ବାଚନ ସମୟରେ ବହୁ ନେତା ଗାଁରେ ପହଁଚି ପ୍ରତିଶ୍ରୁତି ଦେଇ ଭୋଟ ଭିକ୍ଷା କରୁଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କ ଦେଖା ଦର୍ଶନ ମିଳୁନଥିବା ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ପ୍ରକାଶ। ଅନୁଦାନ ଅଭାବରୁ ଗ୍ରାମର କୋଠଘର ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡି ରହିଛି। ଗ୍ରାମର କାଞ୍ଚନ ପ୍ରଧାନ, ଗୁରୁବାରୀ ପ୍ରଧାନ, ରତନି ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ମଙ୍ଗୁଲୁ ପ୍ରଧାନ, ଶଶି ପ୍ରଧାନଙ୍କ ସମେତ ଆର୍ଥିକ ଅନଗ୍ରସର ବ୍ୟକ୍ତି ମାନଙ୍କୁ ଆବାସ ଯୋଜନାରେ ବାସଗୃହ ଓ ମୋ ଗୁହାଳ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ ସହାୟତା ରାଶି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଆଲୋଚନାଚକ୍ରରେ ଡ.ଭାରତ ଭୂଷଣ ସମ୍ମାନିତ


ଡ. ଭାରତ ଭୂଷଣଙ୍କୁ ସମ୍ମାନିତ କରାଯାଉଛି।

**ଖଣ୍ଡପଡ଼ା,୫।୧୧(ସ୍ୱ.ପ୍ର.)**

ପଣ୍ଡିଚେରୀସ୍ଥିତ ପ୍ରସିଦ୍ଧ ଫ୍ରେଞ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ଗତ ଦୁଇଦିନ ଧରି ଅନୁଷ୍ଠିତ ଅନ୍ତଃରାଷ୍ଟ୍ରୀୟ ଆଲୋଚନାଚକ୍ରରେ କଣ୍ଟିଲୋ ନିକଟସ୍ଥ କେନ୍ଦୁପଲ୍ଲୀ ଗ୍ରାମର ଡ.ଭରତ ଭୂଷଣ ରଥ ଶନିବାର ଯୋଗଦେଇ ସୂର୍ଯ୍ୟଙ୍କ ମହନୀୟତାକୁ ନେଇ ବେଦ, ଉପନିଷେଦ ତଥା କାବ୍ୟରେ ଥିବା ଅନେକ ବୈଜ୍ଞାନିକ ତତ୍ତ୍ୱ ଉପରେ ଆଲୋପାତ କରି ପ୍ରଶଂସିତ ହୋଇଛନ୍ତି । ତାଙ୍କୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଛି।

ଆୟୋଜିତ କାର୍ଯ୍ୟକ୍ରମରେ ଫ୍ରେଞ୍ଚ ବିଶ୍ୱବିଦ୍ୟାଳର ମୁଖ୍ୟ ପ୍ରଫେସର ହୁଗୋ ଡ୍ୟାଭିଡ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଗୁଜୁରାଟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୋପବନ୍ଧୁ ମିଶ୍ର ଯୋଗଦେଇ ବିଭିନ୍ନ ଶାସ୍ତ୍ରରେ ସୂର୍ଯ୍ୟଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ । ୮ଜଣ ସ୍ୱତନ୍ତ୍ର ନିମନ୍ତ୍ରୀତ ଗବେଷକମାନେ ବେଦ, ବେଦାନ୍ତ, ଯୋଗଶାସ୍ତ୍ର, ଡ଼ାକ୍ତରୀ ବିଦ୍ୟା, ଜ୍ୟୋତିଷ ଶାସ୍ତ୍ର, କାବ୍ୟ ଶାସ୍ତ୍ର, ପୁରାଣ ଶାସ୍ତ୍ର ଆଦିରେ ସୂର୍ଯ୍ୟଙ୍କର ମହାତ୍ମ୍ ସମ୍ପର୍କରେ ମତ ରଖିଥିଲେ । ଏହି ଅନ୍ତଃରାଷ୍ଟ୍ରୀୟ ଆଲୋଚନାଚକ୍ରରେ ଭାରତର ତଥା ବିଶ୍ୱର ବିଭିନ୍ନ ବିଶ୍ୱ ବିଦ୍ୟାଳୟର ପ୍ରଫେସର, ବୈଜ୍ଞାନିକ ଏବଂ ଗବେଷକ ମାନେ ଯୋଗ ଦେଇଥିଲେ। ସୂଚନାପଯୋଗ୍ୟ, ଆନ୍ଧ୍ର ପ୍ରଦେଶର ତିରୁପତିଠାରେ ପ୍ରତିଷ୍ଠିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ସାହିତ୍ୟ ବିଭାଗର ଅଧ୍ୟାପକ ତଥା ଦୂର ଶିକ୍ଷା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଥିବା ଡ. ରଥଙ୍କର ଉପସ୍ଥାପନାରେ ଅନେକ ବୈଜ୍ଞାନିକତା ପରିଲକ୍ଷିତ ଥିବାରୁ ତାଙ୍କର ଉପସ୍ଥାପନ ଉଚ୍ଚ ପ୍ରଶଂସିତ ହୋଇଥିଲା ।

# ଧାରଣାର ୨ ଦିନ ପରେ ବି ଆନ୍ଦୋଳନକାରୀଙ୍କୁ ଅଣଦେଖା

**ନୂଆଗାଁ ୫।୧୧ (ଡି.ଏନ.ଏ.)**

ସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି କରି ଛାତ୍ରୀଛାତ୍ର , ଅଭିଭାବକ , ବୁଦ୍ଧିଜିବୀ, ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଲୋକ ପ୍ରତିନିଧିମାନେ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିକ୍ରିଡା ପଞ୍ଚାୟତ କୃଷ୍ଣପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ଫାଟକ ବନ୍ଦ କରି ଧାରଣା ଦେବାର ୨ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ଅଧିକାରୀ ଘଟଣାସ୍ଥଳକୁ ନ ଯିବା ନୟାଗଡ଼ ଜିଲା ଶିକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏପରିକି ଶୁକ୍ରବାର ନୂଆଗାଁ ବ୍ଲକର ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ନୟାଗଡ଼ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଯୋଗ ଦେଇଥିଲେ । ମାତ୍ର ୧୦ କିଲୋମିଟର ଦୂରରେ ହେଉଥିବା ଧାରଣାସ୍ଥଳକୁ ଯାଇ ନ ଥିଲେ ।

ସୂଚନାଯୋଗ୍ୟ, ନୂଆଗାଁ ବ୍ଲକ ଜଗନ୍ନାଥପ୍ରସାଦ ହାଇସ୍କୁଲ ଛାଡି ୧୮ ଛାତ୍ରୀଛାତ୍ର ନୂତନ ଭାବେ ଗଠନ ହୋଇଥିବା କୃଷ୍ଣପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇଥିଲେ । ହେଲେ ସେମାନଙ୍କ ପାଠ ପଢ଼ା ପାଇଁ ଆବଶ୍ୟକ ଶିକ୍ଷକ ନାହାନ୍ତି । ଇତିମଧ୍ୟରେ ୩ ମାସ ବିତିଛି । ଶିକ୍ଷକ ନିଯୁକ୍ତି କରାଯାଉନାହିଁ। ୩ ଶିକ୍ଷକଙ୍କୁ ଡେପୁଟେଶନରେ ପଠା ଯାଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ ମାତ୍ର ସ୍କୁଲ ଆସୁଛନ୍ତି । ଫଳରେ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢା ହୋଇ ପାରୁ ନାହିଁ । କୌଣସି ଅଧିକାରୀ ଆନ୍ଦୋଳନକାରୀଙ୍କ ନିକଟକୁ ଯାଇ ନ ଥିବା ବେଳେ ଆନ୍ଦୋଳନକାରୀ ଜିଲାପାଳଙ୍କୁ ଭେଟିବାରେ ୩ ଦିନ ମଧ୍ୟରେ ଶିକ୍ଷକ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ରବିନ୍ଦ୍ର କୁମାର ସାହୁ ଆନ୍ଦୋଳନକାରୀଙ୍କୁ କହିଛନ୍ତି ।

# ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ୨ୟ ଦିନରେ


ରାସ୍ତାରେ ପଡ଼ିଥିବା ଅଳିଆକୁ ପୋଡ଼ାଯାଉଛି।

**ନୟାଗଡ଼ ଅଫିସ,୫।୧୧**

ନୟାଗଡ଼ ମ୍ୟୁନିସିପାଲିଟିର ପରିମଳ ନିରୀକ୍ଷକ ଲକ୍ଷ୍ମୀଧର ସାହୁଙ୍କ ବଦଳି ଦାବିରେ ସଫେଇ କର୍ମଚାରୀମାନେ କରିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ୨ୟ ଦିନରେ ପହଞ୍ଚିଛି । ଏଭଳିସ୍ଥଳେ ନୟାଗଡ଼ ସହରରେ ଅଳିଆ ଆବର୍ଜନା ସଫେଇ ହୋଇ ନ ଥିବାରୁ ଚାରିଆଡେ କୁଢ଼ କୁଢ଼ ଆବର୍ଜନା ଜମିଲାଣି । ଅନ୍ୟପକ୍ଷେ ପରିମଳ ନିରୀକ୍ଷକ ମହିଳା ସଫେଇ କର୍ମଚାରୀଙ୍କୁ ଅସଦ୍‌ବ୍ୟବହାର କରିବା ସହିତ ଜାତିଆଣ ଅକ୍ଷେପ କରୁଥିବାର ଅଭିଯୋଗ ହୋଇଛି । ଏନେଇ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ ହୋଇଛି। ଏଣୁ ପରିମଳ ନିରୀକ୍ଷକଙ୍କ ବଦଳି ନ ହେଲେ ଆନ୍ଦୋଳନ ତ୍ୱରାନ୍ୱିତ ହେବ ବୋଲି ସଫେଇ କର୍ମଚାରୀ କହିଛନ୍ତି ।

ସଫେଇ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟ, ପରିମଳ ନିରୀକ୍ଷକ ୧୧ ବର୍ଷ ହେଲା ନୟାଗଡ଼ ମ୍ୟୁନିସିପାଲିଟିରେ କାର୍ଯ୍ୟ କରି ଆସୁଛନ୍ତି । ଏନେଇ ସଫେଇ କର୍ମଚାରୀ କବି ଦଳେଇ କୁହନ୍ତି, ପରିମଳ ନିରୀକ୍ଷକ ପୁରୁଷ ଓ ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏପରିକି ଜାତିଆଣ ଆକ୍ଷେପ କରୁଛନ୍ତି । ଏଣୁ ଆମେ ଟାଉନ ଥାନାରେ ମଧ ପରିମଳ ନିରୀକ୍ଷକଙ୍କ ବିରୋଧରେ ଅଭିଯୋଗ କରିଛୁ । ଅନ୍ୟପକ୍ଷେ ଆମର ଗୋଟିଏ ଦାବି ପରିମଳ ନିରୀକ୍ଷକଙ୍କୁ ବଦଳି କରିବାକୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଓ ଚେୟାରମ୍ୟାନ, ନୟାଗଡ଼ ବିଧାୟକ, ଜିଲାପାଳ ଗୁରୁତ୍ୱ ଦେଉ ନାହାନ୍ତି । ଏଣୁ ଧିରେ ଧିରେ ଆମ ଆନ୍ଦୋଳନ ବଢ଼ି ଚାଲିଛି । ସାମାଜିକ କର୍ମୀ ଅଖିଳ ନାୟକ ଓ ମହିଳା ସଫେଇ କର୍ମଚାରୀ ହରଷ ନାୟକ ବି ସମାନ ଅଭିଯୋଗ କରିଛନ୍ତି ।

# କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ

**ଖଣ୍ଡପଡ଼ା,୫।୧୧(ସ୍ୱ.ପ୍ର.)**

ପବିତ୍ର ପଞ୍ଚକ ଅବସରରେ ଖଣ୍ଡପଡ଼ା ଅଞ୍ଚଳରେ କାର୍ତ୍ତିକେଶ୍ୱରଙ୍କ ପୂଜାଉତ୍ସବ ଆରମ୍ଭ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ପ୍ରଭୁଙ୍କ ମୃଣ୍ମୟ ପ୍ରତିମା ପୂଜା ପାଉଛନ୍ତି। ବିଗତ ବର୍ଷରେ କୋଭିଡ କଟକଣା ମଧ୍ୟରେ ପ୍ରଭୁଙ୍କ ପୂଜା ଉତ୍ସବ ନିରାଡମ୍ବର ଭାବେ ପାଳିତ ହୋଇଥିବା ବେଳେ ଚଳିତ ବର୍ଷ ପୂଜା କମିଟିର କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି ।

# ମଶା ଧୂଆଁରୁ ଅଗ୍ନିକାଣ୍ଡ, ଗାଈ ଜୀବନ୍ତଦଗ୍ଧ

**ଭାପୁର,୫।୧୧(ଡି.ଏନ.ଏ.)**

ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ କରବର ପଞ୍ଚାୟତ ଅଧୀନ କରବର ଗ୍ରାମର ଆଡୁଆ ସାହିରେ ମଶା ଧୂଆଁରୁ ଅଗ୍ନିକାଣ୍ଡ ଘଟି ଗୋଟିଏ ଗାଈ ଜୀବନ୍ତଦଗ୍ଧ ହୋଇଛି । ଏଥି ସହିତ ଅନ୍ୟ ଏକ ଗାଈ ଓ ବାଛୁରୀ ଗୁରୁତର ଆହତ ହୋଇଛନ୍ତି । ଶନିବାର ସନ୍ଧ୍ୟାରେ ଆଡୁଆ ସାହିର ଭିକାରୀ ମଲ୍ଲିକ ଗୁହାଳରେ ମଶା ଧୂଆଁ ଦେଇଥିଲେ । ସେଥିରୁ ନିଆଁ ଲାଗି ଯାଇଥିଲା । ଭାପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇ ସାରିଥିଲା ।


ଓଡ଼ଗାଁରେ ପଞ୍ଚୁକ ଦ୍ୱିତୀୟ ଦିବସରେ ଶ୍ରୀରଘୁନାଥଜୀଉଙ୍କ ମତ୍ସ୍ୟ, କଚ୍ଛପ ଅବତାର ବେଶ।

# ଡିସେମ୍ବର ୨୪ରୁ ନୟାଗଡ଼ ଜିଲା ମହୋତ୍ସବ


ଜିଲା ମହୋତ୍ସବ ପାଇଁ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅତିଥି।

**ନୟାଗଡ଼ ଅଫିସ,୫।୧୧**

- ଷ୍ଟଲ ଦର ୪ ହଜାର ଟଙ୍କା ବଢ଼ିଲା
- ବଦଳିଲା ମହୋତ୍ସବ ପଡିଆର ସ୍ଥାନ

ନୟାଗଡ଼ ଜିଲା ମହୋତ୍ସବ ଚଳିତ ବର୍ଷ ଡିସେମ୍ବର ୨୪ରୁ ଆରମ୍ଭ ହୋଇ ୨୮ରେ ସରିବ । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ଏସ୍‌ପି ଅଲେଖ ଚନ୍ଦ୍ର ପହି, ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁବାଶ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

ଜିଲାପାଳ ମହୋତ୍ସବର ବିଭିନ୍ନ କମିଟି ଗଠନ ଓ କିପରି ମହୋତ୍ସବ କରାଯିବ ସେନେଇ ମତାମତ ଉପସ୍ଥାପନ କରିବାକୁ କହିଥିଲେ । ମହୋତ୍ସବର ଷ୍ଟଲ ବଢ଼ାଇବା ଓ ଟ୍ରାଫିକ ସମସ୍ୟା ସହ ସ୍ଥାନାଭାବ ସମସ୍ୟାକୁ ଦୂର ପାଇଁ ନୟାଗଡ଼ ଖେଳ ପଡିଆ ବଦଳରେ ପୋଲିସ ଟ୍ରେନିଂ ସ୍କୁଲ ପଡିଆରେ ମହୋତ୍ସବ କରିବାକୁ ସ୍ଥିର ହେଲା । ପୁଣି ଷ୍ଟଲ ମୂଲ୍ୟ ୬ ହଜାର ବଦଳରେ ୧୦ ହଜାର କରାଯିବାକୁ ଅନୁରୂପ ନିଷ୍ପତ୍ତି ହୋଇଛି । ଷ୍ଟଲ ୮୦ରୁ ବୃଦ୍ଧି କରାଯାଇ ୧୫୦ରୁ ୨୦୦ ଭିତରେ ରଖାଯିବ । ଖାଦ୍ୟ ଷ୍ଟଲ ଅଧିକ ପଡିବାକୁ ମଧ ଗୁରୁତ୍ୱ ଦିଆଯାଇଛି ।ସେହିପରି ଆଞ୍ଚଳିକ ଷ୍ଟଲ ଯେପରି ରହିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ । ଟ୍ରାଫିକ ସମସ୍ୟା ଦୂରେଇବା ପାଇଁ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରକୁ ଚିହ୍ନଟ କରାଯାଇଛି । ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ଭଲ ସଂସ୍କୃତିକ ଦଳକୁ ଅଣାଯିବ । ପୁଣି ମହୋତ୍ସବ ଆରମ୍ଭ ଦିନ ପ୍ରତି ବ୍ଲକରୁ ସଂସ୍କୃତିକ ପ୍ରଜ୍ଞାପନ ମେଢ଼ ଆସିବ ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ପିଟିଏଓ ପଡିଆକୁ ଆସିବ । ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ଜିଲାପାଳ ଅନେକ କମିଟି ଗଠନ କରିଛନ୍ତି । କମିଟିରେ ପ୍ରଶାସନିକ ଅଧିକାରୀ, କର୍ମଚାରୀ, ବୁଦ୍ଧିଜିବୀ, ଖବରଦାତା, ସ୍ଥାନୀୟ ଲୋକ ସାମିଲ ହୋଇଛନ୍ତି । ପୁଣି ନୟାଗଡ଼ ମହୋତ୍ସବ ମୁଖପତ୍ର ଆରଣ୍ୟକ ପ୍ରକାଶ ପାଇବ । ଏଥିପାଇଁ ଆଗ୍ରହୀ ବ୍ୟକ୍ତିମାନେ ଲେଖା ପଠେଇ ପାରିବେ ବୋଲି କୁହାଯାଇଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚିତ୍ତରଞ୍ଜନ


@ ବର୍ଷା


@ ଶୁଭଲିନା


@ ମନ୍ଦାକିନୀ


@ ପ୍ରାଣନାଥ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଞ୍ଚମ ଦିନରେ ଟ୍ରାକ୍ଟର ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ନୂଆଗାଁ,୫।୧୧(ଡି.ଏନ.ଏ.)**

**ଚାଷ ପାଇଁ ଟ୍ରାକ୍ଟର ଅଭାବ, ଅସୁବିଧା ଭୋଗୁଛନ୍ତି ଚାଷୀ**

ନୟାଗଡ଼ ଜିଲା ନୂଆଗାଁ ତହସିଲ ରାଜସ୍ୱ ବିଭାଗ ପକ୍ଷରୁ ଟ୍ରାକ୍ଟର ମାଲିକମାନଙ୍କ ପ୍ରତି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଟ୍ରାକ୍ଟର ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛି। ଶନିବାର ଏହି ଆନ୍ଦୋଳନ ପଞ୍ଚମ ଦିନ ପହଞ୍ଚି ଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏପରିକି କୌଣସି ଅଧିକାରୀ ଟ୍ରାକ୍ଟର ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବାକୁ ଆସି ନ ଥିବା ସଂଘ ସମ୍ପାଦକ ଅସିତ୍ କୁମାର ପଟ୍ଟନାୟକ କହିଛନ୍ତି। ଏବେ ଚାଷ ପାଇଁ ପାଗ ଅନୁକୁଳ ଥିବାରୁ ଚାଷୀମାନେ ଟ୍ରାକ୍ଟର ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ମୁତାବକ ନୂଆଗାଁ ବ୍ଲକ ଉଦୟପୁର, କୋରଡା ଓ ନୂଆଗାଁ ପଞ୍ଚାୟତରେ କୌଣସି ବାଲିଘାଟ ନିଲାମ କରାଯାଇନାହିଁ । ଫଳରେ ସମସ୍ତ ସରକାରୀ ଉନ୍ନୟନ କାର୍ଯ୍ୟ , ଆବାସ ଯୋଜନା ଗୃହ ଓ ବିଭିନ୍ନ ବେସରକାରୀ କାମ ପାଇଁ ଆଖପାଖ ନାଳରୁ ବାଲି ଆଣି ଟ୍ରାକ୍ଟର ମାଲିକମାନେ ସେମାନଙ୍କ ବେପାର କରୁଥିଲେ । କିନ୍ତୁ ବିଭିନ୍ନ ସମୟରେ ନୂଆଗାଁ ରାଜସ୍ୱ ବିଭାଗ ପକ୍ଷରୁ ଧରପଗଡ଼ କରି ମୋଟା ଅଙ୍କର ଜୋରିମାନା ଆଦାୟ କରାଯାଉଛି । ଏହାର ପ୍ରତିବାଦରେ ଟ୍ରାକ୍ଟର ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲିଛି। ଆସନ୍ତା ୭ ଦିନ ମଧ୍ୟରେ ଏହି ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ନୂଆଗାଁ ତହସିଲଦାର , ବିଡିଓ ଓ ଥାନା ଅଧିକାରୀଙ୍କୁ ଜଣାଇଛନ୍ତି। ଆଉ ଦିନ ପରେ ଧାରଣାରେ ବସିବା ପାଇଁ ସଂଘ ତରଫରୁ ନିଷ୍ପତ୍ତି ନିଆ ଯାଇଥିବା ସୂଚନା ଦେଇଛନ୍ତି ସଂଘ ସମ୍ପାଦକ ପଟ୍ଟନାୟକ । ଏ ବାବଦରେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକଙ୍କୁ ପଚାରିବାରେ ସମସ୍ତଙ୍କୁ ସରକାରଙ୍କ ନୀତିନିୟମକୁ ମାନିବାକୁ ପଡିବ । ତେଣୁ ମୁଁ ଏ ବିଷୟରେ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି।

## ସଂକ୍ଷେପରେ

### ଲୁଗା ଦୋକାନରେ ଅଗ୍ନିକାଣ୍ଡ

**ଦଶପଲ୍ଲା,୫।୧୧(ଡି.ଏନ.ଏ.):** ଦଶପଲ୍ଲା ବ୍ଲକର ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ଦୁର୍ଗା ବଜାର ଠାରେ ଥିବା ଚାନ୍ଦିକା ଲୁଗା ଦୋକାନର ଉପର ମହଲାରେ ଥିବା ଗୋଦାମ ଘରେ ଅଗ୍ନି କାଣ୍ଡ ଘଟିଥିଲା । ଶୁକ୍ରବାର ରାତି ପ୍ରାୟ ୧୨ ସମୟରେ ଅଗ୍ନି କାଣ୍ଡ ଘଟି ବହୁ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଛି । ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି ବୋଲି ଜଣାପଡ଼ିଛି । ଦଶପଲ୍ଲା ଏବଂ ନୂଆଗାଁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଖବର ପାଇ ଶନିବାର ସକାଳେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା , ପୂର୍ବତନ ବ୍ଲକ ଚେୟାରମ୍ୟାନ ଉପେନ୍ଦ୍ର କୁମାର ସାହୁ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ।

### ସମିତି ସଭ୍ୟ ଉପନିର୍ବାଚନ : ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟୀ

**ଓଡ଼ଗାଁ,୫।୧୧(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଓ ରଣପୁର ନିର୍ବାଚନ ମଣ୍ଡଳୀ ଅଧୀନ ଶିଖରପୁର ପଞ୍ଚାୟତ ସମିତି ସଭ୍ୟ ଉପନିର୍ବାଚନରେ ଭାଜପା ସମର୍ଥୀତ ପ୍ରାର୍ଥୀ ଭାଗବତ ସେଠୀ ବିଜୟ ହୋଇଛନ୍ତି । ଉକ୍ତ ପଞ୍ଚାୟତରେ ସନ୍ୟାସୀ ପ୍ରଧାନ ସରପଞ୍ଚ ଓ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିବା ବେଳେ ସେ ସରପଞ୍ଚ ପଦବୀରେ ରହିବା ସହିତ ସମିତି ସଭ୍ୟା ପଦବୀରୁ ଇସ୍ତଫା ଦେଇଥିଲେ । ଫଳରେ ନିୟମାନୁସାରେ ଏହି ପଦବୀ ନିମନ୍ତେ ଗୁରୁବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ବ୍ଲକ ପରିସରରେ ବିଡିଓ ସ୍ୱାତୀଲେଖା ଦାସଙ୍କ ଉପସ୍ଥିତିରେ ଭୋଟ ଗଣତି ହୋଇଥିବା ବେଳେ ୪୬୭୨ ଭୋଟରଙ୍କ ମଧ୍ୟରୁ ୨୪୭୨ ଜଣ ମତ ସାବ୍ୟସ୍ତ କରିଥିବା ଜଣାପଡିଥିଲା । ସେଥି ମଧ୍ୟରୁ ଭାଜପା ସମର୍ଥିତ ପ୍ରାର୍ଥୀ ଭାଗବତ ସେଠୀ ୧୯୩୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେଡି ସମର୍ଥିତ ପ୍ରାର୍ଥୀ ନାରାୟଣ ପ୍ରଧାନଙ୍କୁ ୪୦୨, କଂଗ୍ରେସ ସମର୍ଥିତ ପ୍ରାର୍ଥୀ ବିମଳ କୁମାର ଦାସଙ୍କୁ ମାତ୍ର ୫୪୭ ଖଣ୍ଡ ଭୋଟ ମିଳିଥିବା ବେଳେ ୭୯ ଖଣ୍ଡ ଭୋଟ ନାକଚ ହୋଇଛି ।

### ଲୁକ୍କାୟିତ ପ୍ରତିଭା ବିକାଶର ମାଧ୍ୟମ ସୁରଭି

**ନୂଆଗାଁ,୫।୧୧(ଡି.ଏନ.ଏ.):** ନୟାଗଡ ଜିଲା ନୂଆଗାଁ ବ୍ଲକ ନୂଆଗାଁ ସରକାରୀ ପ୍ରାଥମିକ ସ୍କୁଲ ପଡିଆରେ ଶୁକ୍ରବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ନୂଆଗାଁ ବ୍ଲକର ୧୩ କ୍ଲଷ୍ଟରର ମୋଟ ୩୦୦ ଛାତ୍ରୀଛାତ୍ର ୧୭ ପ୍ରତିଯୋଗିତାରେ ଭାଗ ନେଇଥିଲେ । ପ୍ରତି ବିଭାଗରୁ କୃତିତ୍ୱ ଲାଭ କରିଥିବା ଦୁଇ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତି ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ୭ ତାରିଖରେ ଜିଲାସ୍ତରରେ ହେବାକୁ ଥିବା ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ସୁରଭି କାର୍ଯ୍ୟକ୍ରମ ହେଉଛି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକାଶ କରିବାର ଉତମ ମାଧ୍ୟମ ବୋଲି କହିଥିଲେ । ଜିଲା ଅତିରିକ୍ତ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱ ଏବଂ ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥି ଭାବେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ , ମୁଖ୍ୟବକ୍ତା ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ମିଶ୍ର ଯୋଗ ଦେଇଥିଲେ ।

### ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ପଞ୍ଚାୟତିରାଜ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ

**ଜି.ଉଦୟଗିରି,୫।୧୧(ଡି.ଏନ.ଏ.):** ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ବରିଷ୍ଠ ପ୍ରଶାସକ ଅରିନ୍ଦମ ଡାକୁଆ ଶନିବାର ଜି.ଉଦୟଗିରି ବ୍ଲକ କଳିଙ୍ଗା ଓ ତଲାରିମହା ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବିଭିନ୍ନ କାର୍ଯ୍ୟ ଦେଖି ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜବେଡି ଠାରେ ଜଳ ଛାୟା ପ୍ରକଳ୍ପର ମିଶ୍ରିତ ଆମ୍ବ ଚାଷ ପରିଦର୍ଶନ କରିଥିଲେ। ଜଳ ସଂରକ୍ଷଣ ସମ୍ପର୍କରେ ମଧ ଆଲୋଚନା କରିଥିଲେ। ସେଠାରୁ ଆସି ଜି.ଉଦୟଗିରି ମୃତ୍ତିକା ସଂରକ୍ଷଣ ବିଭାଗ ଉଦ୍ୟାନରେ ଥିବା କଫି ବଗିଚା, ଗୋଲ ମରିଚ ଓ ଚାରା ବଗିଚା ବୁଲି ଦେଖିଥିଲେ। ପ୍ରଶାସକଙ୍କ ସହିତ କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଜି.ଉଦୟଗିରି ବିଡିଓ ଆଶିଷ କୁମାର ତ୍ରିପାଠୀଙ୍କ ସମେତ ଅନେକ ଅଧିକାରୀ ଉପସ୍ଥିତ ଥିଲେ।

# ଆଉଟସୋର୍ସିଂ ସଂସ୍ଥା ଦରମା ଦେବାକୁ ରାଜି ହେଲେ

**ନୟାଗଡ଼ ଅଫିସ,୫।୧୧:**

- ଅସ୍ଥାୟୀ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଠକେଇ ଘଟଣା
- ଇପିଏଫ୍ ଓ ଇଏସଆଇ ଡିପୋଜିଟ୍ ସ୍ଲିପ ଦାଖଲ କରିବେ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଗନ୍ନାଥ ପ୍ରସାଦ ନର୍ସରୀ ଭୁବନେଶ୍ୱରର ଆଉଟ ସୋର୍ସିଂ ସଂସ୍ଥା ୧୫୦ ଜଣ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି କରିଥିଲେ ମଧ୍ୟ ସେମାନଙ୍କ ୪ମାସର ଦରମା ଓ ଚାକିରି ପ୍ରାରମ୍ଭ ଠାରୁ ୩ବର୍ଷ ପର୍ଯ୍ୟନ୍ତ ଇପିଏଫ ଓ ଇଏସଆଇ ଡିପୋଜିଟ୍ କରି ନାହାନ୍ତି । ଏଣୁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସଂପୃକ୍ତ ଆଉଟ ସୋର୍ସିଂ ସଂସ୍ଥାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା । ଜଗନ୍ନାଥ ପ୍ରସାଦ ନର୍ସରୀ ଭୁବନେଶ୍ୱରର ଆଉଟ ସୋର୍ସିଂ ସଂସ୍ଥାର ରିପ୍ରେଜେଣ୍ଟିଭ ଶନିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କ କାର୍ଯ୍ୟାଳୟରେ ପହଞ୍ଚି କାରଣଦର୍ଶାଅ ନୋଟିସର ଉତ୍ତର ରଖିଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଡିଏମଓ ମକରନ୍ଦ ବେଉରା, ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ, ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ, ଏନଆରଏଚଏମ ଡ୍ୟାମ ଉପସ୍ଥିତ ଥିଲେ । ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଗନ୍ନାଥ ପ୍ରସାଦ ନର୍ସରୀ ଭୁବନେଶ୍ୱରର ୧୫୦ଜଣ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ନିଯୁକ୍ତି ସମୟରେ ସରକାରୀ ନୀତି ନିୟମକୁ ଅଣଦେଖା କରି କର୍ମଚାରୀମାନଙ୍କର କାଗଜାତ ଠିକ୍ ଭାବେ କରାଯାଇ ନ ଥିଲା । ପ୍ରାରମ୍ଭରୁ ଇପିଏଫ ଓ ଇଏସଆଇ ଡିପୋଜିଟ୍ ହୋଇନି । କର୍ମଚାରୀଙ୍କ ଦରମା ମଧ୍ୟ ଠିକରେ ଦିଆ ଯାଉ ନ ଥିଲା । କର୍ମଚାରୀମାନେ ୪ମାସର ଦରମା ପାଇ ନାହାନ୍ତି । ଯଦିଓ ଅସ୍ଥାୟୀ କର୍ମଚାରୀମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିଲେ ମଧ୍ୟ ସେମାନଙ୍କର ଆନ୍ଦୋଳନକୁ ବିଭିନ୍ନ ପ୍ରକାରର ଭୟ ଦେଖାଇ ଭଣ୍ଡୁର କରାଯାଇଥିଲା । ଅବଧି ଶେଷ ହେବା ମାସ ନଭେମ୍ବରରେ ଅସ୍ଥାୟୀ କର୍ମଚାରୀମାନେ ଆଇନଗତ ଭାବେ ପଦକ୍ଷେପ ନେଇ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ଏପରିକି ସିଡିଏମଓଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ । ଏହା ପରେ ଜିଲା ଶ୍ରମ ବିଭାଗ ପକ୍ଷରୁ ଶୁଣାଣି ହୋଇଥିଲା । ତେବେ ଜଗନ୍ନାଥ ପ୍ରସାଦ ନର୍ସରୀ ଭୁବନେଶ୍ୱରର ଆଉଟ ସୋର୍ସିଂ ସଂସ୍ଥା ସହଯୋଗ କରି ନ ଥିଲା । ଜିଲା ଶ୍ରମ ବିଭାଗ ଓ ସିଡିଏମ ଆଇନଗତ ପଦକ୍ଷେପ ନେବା ଆରମ୍ଭ କରିବା ପରେ କାରଣଦର୍ଶାଅ ନୋଟିସ ଉତ୍ତର ରଖିବାକୁ ଶନିବାର ହଜାର ହୋଇଥିଲା । ଏନେଇ ସିଡିଏମଓ ମକରନ୍ଦ ବେଉରା କୁହନ୍ତି, ଜଗନ୍ନାଥ ପ୍ରସାଦ ନର୍ସରୀ ଭୁବନେଶ୍ୱରର ଆଉଟ ସୋର୍ସିଂ ସଂସ୍ଥା କୁ ବାରମ୍ବାର ନୋଟିସ୍ ଯୋଗାଇଥିଲେ ମଧ୍ୟ ଧରାଛୁଆଁ ଦେଉ ନ ଥିଲା । ଶନିବାର ହଜାର ହୋଇ ଜୁଲାଇ ମାସର ଦରମା ଦେବାକୁ ରାଜି ହୋଇଥିଲା । ତେବେ କାଗଜାତ କରି ନ ପାରିବାରୁ ସୋମବାର ଏହାକୁ ପୁଞ୍ଜା ଯାଇଛି । ସୋମବାର ଅଗଷ୍ଟ ଠାରୁ ଜୁଲାଇ ମାସର ଦରମା ନେଇ କର୍ମଚାରୀଙ୍କୁ ଦରମା ଦେବ । ପୁଣି ଇପିଏଫ ଓ ଇଏସଆଇ ଡିପୋଜିଟ ସ୍ଲିପ ଦେବ । ପରେ ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବରର ଦରମା ନେଇ ପୁଣି କର୍ମଚାରୀଙ୍କୁ ଦେବ । ଏନେଇ ଆଉଟ ସୋର୍ସିଂ ସଂସ୍ଥା ରାଜି ହେବାରୁ ଆଇନଗତ ପଦକ୍ଷେପ ନିଆଯାଇନାହିଁ ବୋଲି କହିଛନ୍ତି । ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ କହିଛନ୍ତି, ଆଉଟ ସୋର୍ସିଂ ସଂସ୍ଥା ଅସ୍ଥାୟୀ କର୍ମଚାରୀଙ୍କ ସମସ୍ତ ଦେୟ ଆକାଉଣ୍ଟରେ ଡିପୋଜିଟ କରିବ ବୋଲି ରାଜି ହୋଇଛି । ଏଣୁ ଆଇନଗତ ପଦକ୍ଷେପ ନେବା ବନ୍ଦ କରାଯାଇଛି ବୋଲି କହିଛନ୍ତି ।

# ବ୍ରାଉନସୁଗାର ଜବତ, ୨ କୋର୍ଟ ଚାଲାଣ



**ପୋଲସରା,୫।୧୧(ଡି.ଏନ୍.ଏ.)**

ପୋଲସରା ପୋଲିସ ବ୍ରାଉନ୍ ସୁଗାର କାରବାର ଅଭିଯୋଗରେ ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୋଲସରା ଥାନା ଅନ୍ତର୍ଗତ ବି. ମଧୁସୂଦନପୁରର ରଞ୍ଜିତ କୁମାର ସାହୁ ଓ ଖୋର୍ଦ୍ଧା ଜିଲା ଖୋର୍ଦ୍ଧା ଥାନା ଅଞ୍ଚଳର ଗଡ଼ଖୋର୍ଦ୍ଧାର ସଞ୍ଜୟ କୁମାର ଚମ୍ପତି। ସେମାନଙ୍କ ନିକଟରୁ ୪ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଛି। ଏ ନେଇ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପୁରୁଷୋତ୍ତମର ଏସ୍‌ଡିପିଓ ରଜନୀକାନ୍ତ ସାମଲ ସୂଚାନ ଦେଇଛନ୍ତି। ଶୁକ୍ରବାର ପୋଲସରା ସହର ନିକଟସ୍ଥ ଉସ୍ତାପଡା ବ୍ରିଜ୍ ନିକଟରେ କୌଣସି ଏକ ଆପରାଧିକ କାର୍ଯ୍ୟକଳାପ ନେଇ ଗୁପ୍ତ ଡିଲ୍ ହୋଇଥିବା ପୋଲସରା ଥାନାକୁ ସୂଚନା ମିଳିଥିଲା। ଉକ୍ତ ସୂଚନାକୁ ଆଧାର କରି ଭୋରରେ ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏଏସ୍‌ଆଇ ଅଜୟ କୁମାର ମଲ୍ଲିକ ଏବଂ କିଛି ପୋଲିସ ଷ୍ଟାଫ୍‌ଙ୍କୁ ନେଇ ସହରର ପ୍ରତ୍ୟେକସ୍ଥାନ ଘୂରିବୁଲିଲେ। ହଠାତ୍ ଉସ୍ତାପଡା ବ୍ରିଜ୍ ନିକଟରେ ଦୁଇ ସନ୍ଦିଗ୍ଧ ପୋଲିସକୁ ଦେଖି ଦୌଡ଼ିବା ସମୟରେ ଧରାପଡ଼ିଥିଲେ। ଜେରାବେଳେ ସେମାନଙ୍କଠାରୁ ୪ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଥିଲା। କିଛି ଦିନ ମଧ୍ୟରେ ସେମାନେ ରାଜ୍ୟ ବାହାରୁ ଧଳା ଜହର ଆଣି କଳା ସାମ୍ରାଜ୍ୟ ବିସ୍ତାର କରିବା ଯୋଜନା ଆରମ୍ଭ କରିଥିଲେ।



# ପାଇକ ଆଖଡ଼ାରେ ଦର୍ଶକ ବିମୁଗ୍ଧ

**ନୟାଗଡ଼ ଅଫିସ,୫।୧୧:** ନୟାଗଡ଼ ପୁରୁଣା ସହରର ଦକ୍ଷିଣକାଳୀ ମଣ୍ଡାବାଗନ ପଡିଆରେ ଅନୁଷ୍ଠିତ ପାଇକ ଆଖଡ଼ା କାର୍ଯ୍ୟକ୍ରମର ୨ୟ ସନ୍ଧ୍ୟାରେ ଖୋର୍ଦ୍ଧା ମୂର୍ଚ୍ଛନା ଅନୁଷ୍ଠାନର ଗୋଟି ପୁଅ ନୃତ୍ୟ ଦଶର୍କଙ୍କ ମନ ମୋହିଛି । ସେହିପରି ଶିଳ୍ପିକା ଡ୍ୟାନ୍ସ ଗ୍ରୁପ ଭୁବନେଶ୍ୱରର ଟ୍ରାକ ସିଙ୍ଗର ତିଳକ ଚକ୍ରବର୍ତ୍ତୀ ଓ ମୌସୁମୀଙ୍କ ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଛି । ଅତିଥି ରୁପେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ନୟାଗଡ଼ ପୌରାଧକ୍ଷା ନିରୁପମା ଖଟେଇ, ନୟାଗଡ଼ ବ୍ଲକ ଜିଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂ, ଆଶିଷ କୁମାର ଅଗ୍ରୱାଲ, ଓଡ଼ଗାଁ ବ୍ଲକ ଜିଲା ପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**ଖଣ୍ଡପଡା,୫।୧୧(ସ୍ୱ.ପ୍ର.)**

ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ ଜାତୀୟ ସେବା ସଂସ୍ଥା ଓ ମୋ କଲେଜ ଅଭିଯାନ ଆନୁକୁଲ୍ୟରେ ଶନିବାର ଦୁର୍ନୀତି ନିବାରଣ ସପ୍ତାହ ପାଳନ ସହିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀ ଛାତ୍ର ଓ କର୍ମଚାରୀମାନଙ୍କୁ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନ କରାଯାଇ ସାମୁହିକ ଶପଥ ପାଠ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି, ଡ. ନିରୋଦ କୁମାର ମନ୍ତ୍ରୀ, ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ଅଧ୍ୟାପକ ସୁଜଳ କୁମାର ମହାରଣା. ଓମ ପ୍ରକାଶ ସାହୁ, ରାଜୀବ ଲୋଚନ ମିଶ୍ର, ସୁମନ୍ତ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଦୀନବନ୍ଧୁ ନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ କରିଥିଲେ ।

# କଲେଜ ଛାତ୍ରଙ୍କୁ ଅପହରଣ, ନିର୍ଯାତନା ଅଭିଯୋଗ

**ଓଡ଼ଗାଁ, ୫।୧୧(ସ୍ୱ.ପ୍ର.)**

**ବିଶୃଙ୍ଖଳିତ ଛାତ୍ରଙ୍କୁ ବହିଷ୍କାର ଦାବିରେ କଲେଜ ଫାଟକରେ ତାଲା**

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ କେତେଜଣ ଛାତ୍ରଙ୍କୁ ଆୟୁଧ କରି ଅଣ ଛାତ୍ର କଲେଜରେ ପରିବେଶକୁ କଳୁଷିତ କରୁଥିବା ଅଭିଯୋଗ ହୋଇଛି । ଶୁକ୍ରବାର ଜଣେ ସିନିୟର ଛାତ୍ରଙ୍କ ସହିତ ଅନ୍ୟ କେତେଜଣ ଛାତ୍ରଙ୍କ ମଧ୍ୟରେ ସାମାନ୍ୟ ବଚସାରୁ ଅସ୍ୱାଭାବିକ ପରିସ୍ଥିତି ଦେଖାଦେଇଥିଲା । ଫଳରେ କଲେଜ ଅଧ୍ୟକ୍ଷ ଓ ସ୍ଥାନୀୟ ଥାନା ଆଇଆଇସି ପହଞ୍ଚି ସେହି ଘଟଣାକୁ ଆପୋସ ସମାଧାନ କରିବା ସହିତ ଉଭୟ ପକ୍ଷଙ୍କୁ ଆଗାମୀ ଦିନରେ ଏଭଳି ପରିସ୍ଥିତି ସୃଷ୍ଟି ନ କରିବାକୁ ତାଗିଦ କରିଥିଲେ । ହେଲେ ଏହାକୁ ଭୃକ୍ଷେପ ନ କରି କେତେଜଣ ଛାତ୍ର ଗ୍ରାମର ଅଣ ଛାତ୍ରଙ୍କ ସହାୟତାରେ ୨ ଛାତ୍ରଙ୍କୁ ଅପହରଣ କରି ନେଇ ଅଜଣାସ୍ଥାନରେ ମାନସିକ ତଥା ଶାରିରୀକ ନିର୍ଯାତନା ଦେଇଥିଲେ । ସେମାନଙ୍କ କବଳରୁ ମୁକୁଳି ଆସିଥିବା ଛାତ୍ର ଓ ସେମାନଙ୍କ ସମର୍ଥକ ଛାତ୍ର ଶନିବାର ସକାଳେ କଲେଜ ସମ୍ମୁଖରେ ଧାରଣାରେ ବସିବା ସହିତ ବିଶୃଙ୍ଖଳିତ ଛାତ୍ରଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲେ । ହେଲେ କଲେଜ ଅଧ୍ୟକ୍ଷଙ୍କ ହସ୍ତକ୍ଷେପ ପରେ ଉକ୍ତ ବିବାଦ ସମାଧାନ ହୋଇଥିଲା । ଏ ସଂକ୍ରାନ୍ତରେ କଲେଜ ଅଧ୍ୟକ୍ଷଙ୍କୁ ଏକ ଲିଖିତ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଅଧ୍ୟକ୍ଷ ସ୍ଥାନୀୟ ଥାନାକୁ ଏ ସଂକ୍ରାନ୍ତରେ ଅବଗତ କରିଛନ୍ତି । କଲେଜ ଭିତରକୁ ଅଣ ଛାତ୍ର ପ୍ରବେଶ ମୁକ୍ତ କରିବାକୁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

# ୨୦୨୪ ମେ ସୁଦ୍ଧା ସରିବ କାର୍ଯ୍ୟ

**ହାଇକୋର୍ଟଙ୍କ ନିର୍ଦ୍ଦେଶ,ରାଜ୍ୟରାଜପଥ ସମ୍ପ୍ରସାରଣ ଖୁବ୍‌ଶୀଘ୍ର**

**କବିସୂର୍ଯ୍ୟନଗର,୫।୧୧(ଡି.ଏନ.ଏ.)**

 କବିସୂର୍ଯ୍ୟନଗରର ଏନ୍‌ଏସିର ମର୍ଦ୍ଦରାଜ ହାଇସ୍କୁଲଠାରୁ ସରକାରୀ ବାଳିକା ହାଇସ୍କୁଲ ବିବାଦୀୟ ୯୪୬ ମିଟର ସମ୍ପ୍ରସାରଣ ଲାଗି ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ଗୁଡ଼ିଆଳି ଛକଠାରୁ ମର୍ଦ୍ଦରାଜ ହାଇସ୍କୁଲ ଓ ବିଦ୍ୟୁତ୍ ଷ୍ଟେଶନଠାରୁ ଧନେଇ ନଦୀ ପର୍ଯ୍ୟନ୍ତ ୪ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କାର୍ଯ୍ୟ ସରିଛି। ୩୦ନଂ. ରାଜ୍ୟ ରାଜପଥର ନିର୍ଦ୍ଦିଷ୍ଟ ଅଂଶକୁ ୪ଲେନ ବିଶିଷ୍ଟ କରା ନ ଯିବା ତଥା ଏହି ରାସ୍ତାର ବହୁ ଅଂଶ ଘରୋଇ ବ୍ୟକ୍ତି ବିଶେଷଙ୍କ ଜବରଦଖଲରେ ରହିଥିବା ପ୍ରସଙ୍ଗରେ ରୁଜୁ ମାମଲାରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ଓଡିଶା ହାଇକୋର୍ଟ।

ଭ୍ରଷ୍ଟାଚାର ବିରୋଧୀ ମଞ୍ଚ ସଭାପତି ପ୍ରଭାତ ସାମଲ ଓ ସହଯୋଗୀ ବି. ଶଙ୍କର ପାତ୍ର ଦୀର୍ଘ ୬ବର୍ଷର ସଂଗ୍ରାମ ଓ ଓଡ଼ିଶା ହାଇକୋର୍ଟରେ ଦାଖଲ ଜନସ୍ୱାର୍ଥ ମାମଲା ଡବ୍ଲ୍ୟୁପି (ସି)(ପିଆଇଏଲ) ନଂ. ୯୬୮୩/୨୦୨୧ ଆବେଦନର ଶୁଣାଣି ହୋଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଅନ୍ତ ଘଟାଇଛନ୍ତି। ଏହି ମାମଲାରେ ରାଜ୍ୟ ସରକାର, ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ, ଗଞ୍ଜାମ ଜିଲାପାଳ ଓ ଭଞ୍ଜନଗର ପୂର୍ତ୍ତ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏହି ରାସ୍ତା ସମ୍ପ୍ରସାରଣ ୨୦୨୪ ମେ' ୩୦ସୁଦ୍ଧା ସରିବ ବୋଲି ପୂର୍ତ୍ତ ବିଭାଗର ସତ୍ୟପାଠରେ ଉଲ୍ଲେଖ ରହିଛି। ଆସନ୍ତା ୪ମାସ ମଧ୍ୟରେ ଘରୋଇ ବ୍ୟକ୍ତିବିଶେଷଙ୍କ ଜାଗା କ୍ରୟ ବ୍ୟୟ ଅଟକଳ ପ୍ରସ୍ତୁତ ଓ ଜାଗା ପଞ୍ଜୀକରଣ ଶେଷ ପାଇଁ ଅନୁମୋଦନ ପଠାଯାଇଛି।



ଜବରଦଖଲରେ ଥିବା ରାସ୍ତା ।

# ୨ବେଶରେ ଦର୍ଶନ ଦେଲେ ନୀଳମାଧବ

**ଖଣ୍ଡପଡା,୫।୧୧(ସ୍ୱ.ପ୍ର.)**

ଚଳିତ ବର୍ଷ କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୫ ଦିନରେ ଠାକୁର ବିଭିନ୍ନ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁ ତଥା ଭକ୍ତଙ୍କୁ ଦର୍ଶନ ଦେବାର ପରମ୍ପରା ରହିଛି । ତେବେ ଶନିବାର ଶ୍ରୀ ନୀଳମାଧବ ଜୀଉଙ୍କୁ ସକାଳ ଓ ସନ୍ଧ୍ୟାରେ ୨ଟି ବେଶରେ ସଜ୍ଜିତ କରାଯାଇଥିଲା । କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀ ନୀଳମାଧବ ଜୀଉଙ୍କୁ ସକାଳୁ ବାଙ୍କଚୁଡ ବେଶ ଓ ସନ୍ଧ୍ୟାରେ ଗରୁଡ଼ ଗୋବିନ୍ଦ ବେଶ କରାଯାଇଥିଲା । ସେହିପରି ଖଣ୍ଡପଡା ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ଗରୁଡ ଗୋବିନ୍ଦ ବେଶରେ ସଜ୍ଜିତ କରାଯାଇଥିଲା । ଶନିବାର ଦ୍ୱାଦଶୀ ତିଥି ସନ୍ଧ୍ୟାରେ ଠାକୁରଙ୍କ ମଙ୍ଗଳ ଆଳତି, ମଇଲମ, ତଡପଲାଗି ଓ ପରେ ଅବକାଶ ନୀତି ସଂପନ୍ନ ହେବା ସହ ସନ୍ଧ୍ୟାରେ ଗରୁଡ ଦ୍ୱାଦଶୀ ନୀତି ପରେ ମହାପ୍ରଭୁଙ୍କୁ ଗରୁଡ଼ ଗୋବିନ୍ଦ ବେଶରେ ସଜା ଯାଇଥିଲା । ଠାକୁରଙ୍କ ଏହି ବେଶ ଦେଖିବାକୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗି ରହିଥିଲା । ଠାକୁରଙ୍କୁ ଶୃଙ୍ଖଳିତ ଭାବରେ ଦର୍ଶନ କରିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଧାଡିରେ ଯିବାର ବ୍ୟବସ୍ଥା କରାଯାଇଥିଲା ।

# କାର୍ତ୍ତିକ ଓ ପ୍ରଣବ ପ୍ରକାଶ ମେମୋରିଆଲ୍ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବୁଗୁଡ଼ା,୫।୧୧(ଡି.ଏନ.ଏ.)**

ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ପରିସରରେ ଆୟୋଜିତ କାର୍ତ୍ତିକ ଓ ପ୍ରଣବ ପ୍ରକାଶ ମେମୋରିଆଲ୍ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଯୋଗଦେଇ ଟୁର୍ନାମେଣ୍ଟର ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ସଂଗ୍ରାମ କେଶରୀ ଜେନା, ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରା, କାଉନସିଲର ବିନୋଦିନୀ ନାୟକ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିବାକୁ ଥିବାବେଳେ ଉଦଘାଟନୀ ମ୍ୟାଚଟି ଅଡବା ଦଳ ଓ ଦିଗପହଣ୍ଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିଗପହଣ୍ଡି ଦଳ ୨-୧ ସେଟରେ ଅଡବାକୁ ହରାଇ ବିଜୟୀ ହୋଇଥିଲା ବେଳେ ଅଡବା ଦଳର ଖେଳାଳି ରାମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରୂପେ ବିବେଚିତ ହୋଇଥିଲେ। ରେଫେରି ଭାବେ ପ୍ରସାଦି ତୋଷ, ସ୍କୋରର୍ ଭାବେ ପବନ ନାୟକ, ଲାଇନମ୍ୟାନ ଭାବେ ଦିଲ୍ଲୀପ ନାୟକ ଓ ଅବିନାଶ ଗୌଡ ନିୟୋଜିତ ଥିଲେ। ଟୁର୍ନାମେଣ୍ଟ କମିଟି ସଭାପତି ବସନ୍ତ କୁମାର ଦଳେଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉଦଘାଟନୀ ଉତ୍ସବ ଅବସରରେ ପ୍ରାକ୍ତନ ଭଲିବଲ୍ ଖେଳାଳି କ୍ରିଷ୍ଣାରାଓ ପାତ୍ର, ହର ପ୍ରସାଦ ଦାଶ, ଭଗବାନ ଜେନା, ବିଭୁତି ଭୂଷଣ ଦାଶ, ହର୍ଷ ପ୍ରସାଦ ଜେନା ଓ ପ୍ରସାଦି ତୋଷଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ଅନିଲ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସୂର୍ଯ୍ୟମଣି ମହାନ୍ତି, ଅନୋଜ କୁମାର ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ପାଣି ଓ ଶୁଭ୍ରାଂଶୁ ଶେଖର ପଟ୍ଟନାୟକଙ୍କ ସମେତ ଆୟୋଜକ ସନ୍ ସାଇନ୍ ଟିମ୍ ସଦସ୍ୟଗଣ ସକ୍ରିୟ ସହଯୋଗ କରିଥିଲେ। ପ୍ରକାଶଯୋଗ୍ୟ ଯେ, ବୈଶ୍ୱିକ ମହାମାରୀ କରୋନାର ଦ୍ୱିତୀୟ ଲହରରେ ଭଲିବଲ୍ ଖେଳାଳି କାର୍ତ୍ତିକ ଓ ପ୍ରଣବ ପ୍ରକାଶ ମୃତ୍ୟୁବରଣ କରିଥିବା ବେଳେ ସେ ଦ୍ୱୟ ସ୍ମୃତି ରକ୍ଷା ଲକ୍ଷ୍ୟରେ ଏହି ଚତୁଃଦିବସୀୟ ଟୁର୍ନାମେଣ୍ଟ ଆୟୋଜିତ ହେଉଛି।



ମ୍ୟାଚ ଖେଳୁଥିବା ଖେଳାଳି ।

# ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା

**ରମ୍ଭା,୫।୧୧**

ଟିକରପଡା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଲିଖନ, ପଠନ, ଆବୃତ୍ତି, ନୃତ୍ୟ ଓ କଥନ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ଦୁଲଣୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ମୁଖ୍ୟ ଅତିଥି ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ବେହେରା, ମୁଖ୍ୟବକ୍ତା ରମ୍ଭା ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ସିଆରସିସି ରବୀନ୍ଦ୍ର କୁମାର ପଣ୍ଡା, ରବୀନ୍ଦ୍ର କୁମାର ସେଠୀ, ଦେବହରି ବେହେରା, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସୁଚିତ୍ରା ବେହେରା ମଞ୍ଚାସୀନ ଥିଲେ। ମଞ୍ଚାସିନ ବ୍ୟକ୍ତିମାନେ ସ୍କୁଲ୍‌ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

# ଉନ୍ନୟନ କାର୍ଯ୍ୟ ତଦାରଖ କଲେ ବିଡିଓ

**ଆର.ଉଦୟଗିରି,୫।୧୧(ଡି.ଏନ.ଏ.)**

ବ୍ଲକର ବସ୍ତିରିଗୁଡା ପଞ୍ଚାୟତରେ ଚାଲିଥିବା ମନରେଗା ଓ ଉନ୍ନୟନ କାମକୁ ସ୍ଥାନୀୟ ବିଡିଓ ବୁଲି ଦେଖିଥିଲେ। ଗଜପତି ଜିଲା ଆର.ଉଦୟଗିରି ବ୍ଲକ ବସ୍ତିରିଗୁଡା ଗ୍ରାମର କଞ୍ଚା ସୁଆଦିଆ ସାହିରୁ ଇନ୍ଦିରାବାସ କଲୋନି ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଥିବା ମାଟି ରାସ୍ତା କାମ ସମ୍ପୂର୍ଣ୍ଣ ହେବାକୁ ଡେରି ହେଉଥିବାରୁ ଶନିବାର ଗ୍ରାମସାଥୀକୁ ବିଡିଓ ଲରିମନ ଖର୍ସେଲ ତାଗିଦ୍ କରିବା ସହ ଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏହି ପଞ୍ଚାୟତର ପୁଲଆମ୍ବ ଓ ପାରିଭେଟା ଗ୍ରାମରେ ଦୁଇଟି ପ୍ରକଳ୍ପ ଅନୁମୋଦନ ସରିଥିବା ବେଳେ ଏହି କାମ ଗୁଡ଼ିକୁ ଶୀଘ୍ର ଆରମ୍ଭ କରିବାକୁ ମେଟମାନଙ୍କୁ ବିଡିଓ ପରାମର୍ଶ ଦେଇଥିଲେ। ବିଡିଓଙ୍କ ସହ ସହକାରୀ ଯନ୍ତ୍ରୀ ନୀଳାଞ୍ଚଳ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସୁଜିତ ପଢ଼ିହାରି ଓ ଏପିଓ ଅକ୍ଷୟ ବିଷୋଇରତ୍ନ ପ୍ରମୁଖ ଉପସ୍ଥିତ ଥିଲେ।


## FORM A
## PUBLIC ANNOUNCEMENT

(Under Regulation 6 of the Insolvency and Bankruptcy Board of India (Insolvency Resolution Process for Corporate Persons) Regulations, 2016)

**FOR THE ATTENTION OF THE CREDITORS OF MAA MANASHA DEVI ALLOYS PRIVATE LTD**

| RELEVANT PARTICULARS | | |
|---|---|---|
| 1. | Name of the Corporate Debtor | MAA MANASHA DEVI ALLOYS PRIVATE LTD. |
| 2. | Date of incorporation of corporate debtor | 23/09/2005. |
| 3. | Authority under which corporate debtor is incorporated / registered | ROC, Cuttack |
| 4. | Corporate Identity No. / Limited Liability Identification No. of corporate debtor | U27101OR2005PTC8365. |
| 5. | Address of the registered office and principal office (if any) of corporate debtor | PLOT NO-783(D), Bhubaneswar-751015 (Odisha) |
| 6. | Insolvency commencement date in respect of corporate debtor | 31-10-2022. |
| 7. | Estimated date of closure of insolvency resolution process | 26.04.2023. |
| 8. | Name and registration number of the insolvency professional acting as interim resolution professional | CMA (Dr) Suresh Chandra Mohanty, IBBI/IPA-003/IP-N00335-CO1/2019-2020/12804 |
| 9. | Address and e-mail of the interim resolution professional, as registered with the Board | Plot No-370/1861/2157, Shakti Bhavan Vision Care Eye Hospital, At- PATIA, Po- KIIT, Bhubaneswar-751024 TEL (0674)- 2745605, CELL : 09437205605 **Email : mohantysc@gmail.com** |
| 10. | Address and e-mail to be used for correspondence with the interim resolution professional | Plot No-370/1861/2157, Shakti Bhavan Vision Care Eye Hospital, At- PATIA, Po- KIIT, Bhubaneswar-751024 TEL (0674)- 2745605, CELL : 09437205605 **Email : mohantysc@gmail.com** |
| 11. | Last date for submission of claims | 14-11-2022. |
| 12. | Classes of creditors, if any, under clause (b) of sub-section (6A) of section 21, ascertained by the interim resolution professional | Operational Creditors. |
| 13. | Names of Insolvency Professionals identified to act as Authorized Representative of creditors in a class (Three names for each class) | N .A |
| 14. | (a) Relevant Forms and (b) Details of authorized representatives are available at: | Web link:www.ibbi.gov.in/downloadform.html..... Physical Address: As stated at SL No 10. |

Notice is hereby given that the National Company Law Tribunal has ordered the commencement of a corporate insolvency resolution process of the **MAA MANASHA DEVI ALLOYS PRIVATE LTD** on 31-10-2022.
The creditors of **MAA MANASHA DEVI ALLOYS PRIVATE LTD** are hereby called upon to submit their claims with proof on or before 14-11-2022 to the interim resolution professional at the address mentioned against entry No. 10.
The financial creditors shall submit their claims with proof by electronic means only. All other creditors may submit the claims with proof in person, by post or by electronic means.
A financial creditor belonging to a class,as listed against the entry No. 12, shall indicate its choice of authorized representative from among the three insolvency professionals listed against entry No.13 to act as authorized representative of the class [specify class] in Form CA.
Submission of false or misleading proofs of claim shall attract penalties.

**(CMA (Dr) Suresh Chandra Mohanty )**
Name and Signature of Interim Resolution Professional :
Date : 04-11-2022
Place : Bhubaneswar

## ସଂକ୍ଷେପରେ

### ଗ୍ରୀଲ୍ ଚୋରି ଅଭିଯୋଗରେ ଜଣେ ଗିରଫ

**ଚଣ୍ଡିଖୋଲ,୫।୧୧(ଡି.ଏନ୍.ଏ.):** ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିର ସୁରକ୍ଷା ପାଚେରିରୁ ବାରମ୍ବାର ଗ୍ରୀଲ ଚୋରି ହେଉଛି। ଏନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ ତରଫରୁ ବାଲିଚନ୍ଦ୍ରପୁର ଥାନାରେ ଗତ ମାସକ ତଳେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୋଲିସ୍ ବିଭିନ୍ନ ସ୍ଥାନରେ ଖାନତଲାସି ଜାରି କରିଥିଲା। ଶୁକ୍ରବାର ଏହି ଥାନା ଅନ୍ତର୍ଗତ ଗୋପାଳପୁର ଦେହୁରି ସାହିର ପ୍ରମୋଦ ଦେହୁରିଙ୍କୁ ଗ୍ରୀଲ୍ ଚୋରି ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟଚାଲାଣ କରିବା ସହିତ ତାଙ୍କ ନିକଟରୁ ୪୦ଖଣ୍ଡ କଟା ହୋଇଥିବା ଗ୍ରିଲ ଜବତ କରିଛି। ଏହି ଗ୍ରିଲ୍ ଚୋରି କରିବାରେ ଆଉ କେତେଜଣ ସମ୍ପୃକ୍ତ ଅଛନ୍ତି ଖୁବ୍‌ଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ପାଣିକୋଇଲି,୫।୧୧(ଡି.ଏନ.ଏ.):** ଯାଜପୁର ବ୍ଲକ ଅନ୍ତର୍ଗତ ଭୁଇଁପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ଦାସ ଓରଫ୍ ଟୁନା(୬୦)ଙ୍କ ପରଲୋକ ଘଟିଛି। ସେ ୭ଦିନ ହେବ ଶ୍ୱାସ, ମଧୁମେହ, ଜଣ୍ଡିସ ଓ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦାସ ବିଜୁ ଜନତାର ଦଳର ଜଣେ ବରିଷ୍ଠ କର୍ମୀ ଥିଲେ। ତାଙ୍କ ମରଶରୀରକୁ ଜନ୍ମଭୂମି କତରାପୁର ଆଣାଯିବା ପରେ ବହୁ ରାଜନେତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଯାଜପୁର ବିଧାୟକ ତଥା ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଅଶୋକ ଦାସ ଫାଉଣ୍ଡେସନ ଅଧକ୍ଷ ଭବ ପ୍ରସାଦ ଦାସ, ବ୍ଲକ୍ ଅଧକ୍ଷା ସୂର୍ଣ୍ଣଲେଖା ପରିଡା, ସରପଞ୍ଚ ଲିଜା ପାତ୍ର, ସମିତିସଭ୍ୟ ରତ୍ନାକର ଯେନା, ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ଯେନାଙ୍କ ସମେତ ବହୁ ରାଜନେତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଗାଁ ଶସ୍ମାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ଚକ୍ରଧରପୁର ସମିତିସଭ୍ୟ ଉପନିର୍ବାଚନ
### ସୌମ୍ୟରଞ୍ଜନ ବିଜୟୀ

**ଧର୍ମଶାଳା,୫।୧୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଚକ୍ରଧରପୁର ପଞ୍ଚାୟତ ସମିତିସଭ୍ୟ ଉପନିର୍ବାଚନ ପାଇଁ ଶୁକ୍ରବାର ଭୋଟ ଗ୍ରହଣ ହୋଇଥିବା ବେଳେ ଶନିବାର ବ୍ଲକ ପରିସରରେ ଭୋଟ ଗଣତି କରାଯାଇ ସୌମ୍ୟରଞ୍ଜନ ସାହୁଙ୍କୁ ବିଜୟୀ ଘୋଷଣା କରାଯାଇଛି। ସୌମ୍ୟରଞ୍ଜନ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଭୂତି ଭୂଷଣ ଜେନାମଣିଙ୍କୁ ୩୩୦ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ କୁମାରୀ ଓ ଚକ୍ରଧରପୁରପୁର ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ଚକ୍ରଧରପୁର ପଞ୍ଚାୟତର ସମିତିସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହି ପଦଟି ଖାଲିପଡିଥିବାରୁ ଉପନିର୍ବାଚନ ହୋଇଥିଲା। ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୌମ୍ୟରଞ୍ଜନ ସାହୁ ୯୮୧ଖଣ୍ଡ ଭୋଟ ପାଇଥିବା ବେଳେ ବିଭୁତି ଭୂଷଣ ଜେନାମଣି ୬୫୧, ଗୋପବନ୍ଧୁ ସିଂ ୨୯୧ଖଣ୍ଡ ଓ କିଷାନ ପୂର୍ତ୍ତି ୧୧୭ଖଣ୍ଡ ଭୋଟ ପାଇଛନ୍ତି। ୮୦ ଖଣ୍ଡ ଭୋଟ ନାକଚ ହୋଇଥିବା ନିର୍ବାଚନ ଅଧିକାରୀ ତଥା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଛନ୍ତି।

# ଗ୍ରାମାଞ୍ଚଳରେ ସକ୍ରିୟ ଦାଦନ ଦଲାଲ

**ଯାଜପୁର ଅଫିସ,୫।୧୧**

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୧୦୦ ଦିନର କାମ ପାଉଥିବା ଶ୍ରମିକ ପରିବାର ସଂଖ୍ୟା ବଢ଼ିଛି। କିନ୍ତୁ ରାଜ୍ୟରେ ଦାଦନ ଚାଲାଣ ଦିନକୁ ଦିନ ବଢୁଥିବା ଦେଖିବାକୁ ମିଳିଛି। ଏହା କେବଳ ପଶ୍ଚିମ ଓଡ଼ିଶା ନୁହେଁ, ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାର ବି ବହୁ ଲୋକ ଦାଦନ ଶ୍ରମିକ ସାଜୁଛନ୍ତି, ଯାହାର ଚିତ୍ର ଗାଁଗୁଡ଼ିକୁ ଦେଖିବାକୁ ମିଳିବ। ଗ୍ରାମାଞ୍ଚଳର ଅଧିକାଂଶ ଘରର ରୋଜଗାରକ୍ଷମ ବ୍ୟକ୍ତି କର୍ମନିଯୁକ୍ତି ଆଶାରେ ଜିଲା ଏବଂ ରାଜ୍ୟ ବାହାରେ ରହୁଥିବା ଜଣାପଡ଼ିଛି। ଖଣି ଓ ଶିଳ୍ପାଞ୍ଚଳରେ କାମ ନ ମିଳିବା ଏହାର ପ୍ରମୁଖ କାରଣ ହୋଇଥିବାବେଳେ ଶ୍ରମିକ ଠିକାଦାର, ଦଲାଲମାନେ ଏହାର ଭରପୂର ଫାଇଦା ଉଠାଉଛନ୍ତି। ସେମାନେ ଗାଁକୁ ଗାଁ ବୁଲି ନିଯୁକ୍ତିର ବିଭିନ୍ନ ପ୍ରଲୋଭନ ଦେଖାଇ ଲୋକଙ୍କୁ ତାମିଲନାଡୁ, କର୍ଣ୍ଣାଟକ ଆଦି ରାଜ୍ୟକୁ ନେଉଯାଉଛନ୍ତି। ଏ କ୍ଷେତ୍ରରେ ଆନ୍ତଃରାଜ୍ୟ ପ୍ରବାସିକ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବାସର୍ତ୍ତ) ଆଇନ-୧୯୭୯ର ଉଲ୍ଲଂଘନ ସମ୍ପୂର୍ଣ୍ଣ ଉଲ୍ଲଂଘନ ହେଉଥିବାବେଳେ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉଥିବା ଭଳି ମନେ ହେଉନାହିଁ। ଏପରି କି ଅନ୍ୟତ୍ର ଚାଲିଯାଉଥିବା ଏହି ଦାଦନ ଶ୍ରମିକଙ୍କ ସଂଖ୍ୟା ପ୍ରଶାସନ ପାଖରେ ନାହିଁ। ପରିସ୍ଥିତି ଏଭଳି ହୋଇଛି ଯେ, ବିଲରେ ଧାନ କାଟିବାକୁ ଶ୍ରମିକ ମିଳୁନାହାନ୍ତି, ଯାହାକି ବର୍ତ୍ତମାନ ଚାଷୀମାନଙ୍କ ପାଇଁ ବଡ଼ ଚିନ୍ତାର କାରଣ ହୋଇଛି।

ରିପୋର୍ଟ ଅନୁସାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗତ ୫ବର୍ଷ ହେଲା ରାଜ୍ୟର ୩୦ ଜିଲାରେ ୧୨ ଲକ୍ଷ ୩୬ ହଜାର ୩୦୫ ପରିବାର ୧୦୦ ଦିନର କାମ ପାଇଛନ୍ତି। ୨୦୧୮-୧୯ ବର୍ଷରେ ୪୭,୨୨୭, ୨୦୧୯-୨୦ରେ ୧,୬୦,୭୩୩, ୨୦୨୦-୨୧ରେ ୪,୧୭,୪୪୬, ୨୦୨୧-୨୨ରେ ୪,୫୭,୯୯୮, ୨୦୨୨-୨୩ (ନଭେମ୍ବର ୫ ସୁଦ୍ଧା) ୧,୫୨,୯୦୧ ପରିବାର ୧୦୦ ଦିନର କାମ ପାଇଛନ୍ତି। ଏହି ପରିସଂଖ୍ୟାନରୁ ସ୍ପଷ୍ଟ ଅନୁମେୟ ଯେ, ରାଜ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ ସଂଖ୍ୟା ବଢ଼ିଛି ଏବଂ ଶ୍ରମିକ ନିୟୋଜନ ୨୦୧୮-୧୯ ବର୍ଷ ଅପେକ୍ଷା ୨୦୨୧-୨୨ରେ ୧୦ ଗୁଣ ଅଧିକ ହୋଇଛି। ରିପୋର୍ଟ ଅନୁସାରେ ପ୍ରଶାସନର ଏହା ଏକ ବଡ଼ ଉପଲବ୍ଧି। କିନ୍ତୁ ବାସ୍ତବତା ଏହାଠାରୁ ଭିନ୍ନ, ଅଧିକାଂଶ ପ୍ରକଳ୍ପ ମେଶିନରେ ଶେଷ କରି ଶ୍ରମିକଙ୍କ ଜବ୍‌କାର୍ଡରେ ଶ୍ରମିକ ନିୟୋଜନ ହେଉଥିବା ଦର୍ଶାଯାଉଛି ବୋଲି ଅଭିଯୋଗ ହେଉଛି। ନ ହେଲେ ଯେଉଁ ପରିମାଣରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକ ପରିବାର ସଂଖ୍ୟା ନିୟୋଜନ ବଢୁଛି, ସେହି ଅନୁପାତରେ ଦାଦନ ଚାଲାଣ କମିବା କଥା ବୋଲି ମତପ୍ରକାଶ ପାଉଛି।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଫଳତା ନେଇ ପ୍ରଶ୍ନବାଚୀ

ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାକୁ କେହି ମାନୁନାହାନ୍ତି। ଉକ୍ତ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ରାଜ୍ୟର ବହୁ ସଂଖ୍ୟକ ଶ୍ରମିକ, ଆଦିବାସୀ ମହିଳା ଓ ଝିଅ ସାଧାରଣତଃ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଦିଲ୍ଲୀ, ତାମିଲନାଡୁ, କର୍ଣ୍ଣାଟକ ଆଦି ରାଜ୍ୟକୁ କାମ କରିବାକୁ ଯାଉଛନ୍ତି। ବିଭିନ୍ନ ଠିକାଦାର, ଏଜେଣ୍ଟ, ନିୟୋଜନ ସଂସ୍ଥା ଏବଂ ଦଲାଲମାନଙ୍କ ମାଧ୍ୟମରେ ଚାଲାଣ ହୋଇ ସେଠାରେ କେତେକ ସଂସ୍ଥାରେ ଶ୍ରମିକ ହିସାବରେ ଏବଂ ଘରୋଇ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସ୍ଥଳ ବିଶେଷରେ ସେମାନେ ନିର୍ଯାତିତ ହେବାର ପରିଲକ୍ଷିତ ହେଉଛି। ପ୍ରବାସୀ ଶ୍ରମିକମାନଙ୍କ ନିଯୁକ୍ତି ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବା ପାଇଁ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ତଥା ସାମାଜିକ କଲ୍ୟାଣ ନିମନ୍ତେ ଉପରୋକ୍ତ ଆଇନ କାର୍ଯ୍ୟକାରୀ ହୋଇଛି। ଏହି ଆଇନ ଅନୁଯାୟୀ ଗୋଟିଏ ପଞ୍ଚାୟତ ଅଧୀନରେ ୫ ଜଣରୁ ଊର୍ଦ୍ଧ୍ୱ ଶ୍ରମିକ କୌଣସି ଠିକାଦାରଙ୍କ ଦ୍ୱାରା ନିଯୁକ୍ତି ହୋଇ ଅନ୍ୟ ରାଜ୍ୟକୁ ଯାଇଥାଆନ୍ତି କିମ୍ବା ଯାଉଥାଆନ୍ତି, ତେବେ ସମ୍ପୃକ୍ତ ଠିକାଦାର ଉକ୍ତ ଆଇନ ଅନୁଯାୟୀ ଜିଲା ଶ୍ରମ ଅଧିକାରୀଙ୍କଠାରୁ ଲାଇସେନ୍ସ ନେବାକୁ ବାଧ। ଚାଲାଣ କରି ନେଉଥିବା ଶ୍ରମିକମାନଙ୍କ ନାମ ଓ ଠିକଣାର ତାଲିକା ଜିଲା ଶ୍ରମ କାର୍ଯ୍ୟାଳୟରେ ଦାଖଲ କରିବା ଜରୁରୀ। ଏହାସହ ଶ୍ରମିକମାନେ ନିଜ ଗ୍ରାମପଞ୍ଚାୟତ ଏବଂ ଥାନାରେ ଜଣାଇବା ଆବଶ୍ୟକ। କିନ୍ତୁ ଏହିସବୁ ଆଇନକୁ କେହି ମାନୁନାହାନ୍ତି। ଏପରିକି କେତେକାଂଶରେ ସମ୍ପୃକ୍ତ ଅଧିକାରୀମାନେ ଏଭଳି ବେଆଇନ କାର୍ଯ୍ୟକୁ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାର ସୁକିନ୍ଦା ବ୍ଲକ କାଳିଆପାଣି, ରାହାଁସୋଲ, କଅଁସ, କାଙ୍କଡ଼ପାଳ ଆଦି ପଞ୍ଚାୟତର ଶ୍ରମିକମାନେ କାମ ନ ପାଇ ଏବେ ନିଜ କର୍ମକୁ ଆଦରି ପଡୋଶୀ ରାଜ୍ୟକୁ କାମ କରିଯିବାକୁ ସଜବାଜ ହେଉଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ଏଯାଏ ଜିଲାର କୌଣସି ଠିକାଦାର ଲାଇସେନ୍ସ ପାଇଁ ଆବେଦନ କରିନାହାନ୍ତି। ଯଦି ବେଆଇନ ଭାବେ କେହି ଶ୍ରମିକ ଚାଲାଣ କରୁଥିବା ସୂଚନା ମିଳେ, ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଘଟଣାସ୍ଥଳ ପରିଦର୍ଶନ କଲେ ଆରକ୍ଷୀ ଅଧୀକ୍ଷକ


ଜିଲା ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟ ପୋଲିସ ଅଧିକାରୀ ଘଟଣାସ୍ଥଳ ଯାଞ୍ଚ୍ କରୁଛନ୍ତି।

**ବରୀ,୫।୧୧(ଡି.ଏନ.ଏ.)**

### ମନୋଜ ହତ୍ୟା ମାମଲା

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଧୀନ ଧୁମାତ ଗ୍ରାମର ମନୋଜ ଗୋଛାୟତଙ୍କ ମୃତ୍ୟୁ ଘଟଣା ନେଇ ବରୀ ରାମଚନ୍ଦ୍ରପୁର ଥାନାରେ ହତ୍ୟା ମାମଲା ରୁଜୁ ହେବାପରେ ପୋଲିସ ତଦନ୍ତକୁ ଜୋରଦାର କରିଛି। ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଓ ବରୀ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ସହ ବୈଷୟିକ ଦଳ ମୃତଶରୀରର ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ପଠାଇଛନ୍ତି। ଅନ୍ୟପକ୍ଷରେ ଶନିବାର ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ୍ ପିଆର୍ ମୃତ ଶରୀରର ନମୁନା ସଂଗ୍ରହ ହୋଇଥିବା ମହାକାଳପଡ଼ା ଘାଟ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆରକ୍ଷୀ ଅଧୀକ୍ଷକଙ୍କ ଘଟଣାସ୍ଥଳ ପରିଦର୍ଶନ ସମୟରେ ଏସ୍‌ଡିପିଓ ଉପାଧ୍ୟାୟ ଓ ଥାନା ଅଧିକାରୀ ସ୍ୱାଇଁ ଉପସ୍ଥିତ ଥିଲେ। ଅଧିକାରୀମାନେ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ପରକୀୟା ପ୍ରୀତି ଯୋଗୁ ଏଭଳି ଘଟଣା ଘଟିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ମନୋଜ ପ୍ରାୟ ୧୫ ଦିନ ଧରି ନିଖୋଜ ଥିବା ନେଇ ତାଙ୍କ ବାପା ତପନ ଗୋଛାୟତ ପ୍ରଥମେ ନିକିରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ମନୋଜଙ୍କ ବାଇକ୍ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଇନ୍ଦୁପୁର ପୋଲ ନିକଟରୁ ମିଳିବା ଏବଂ ମହାକାଳପଡ଼ା ଘାଟରୁ ବାଲି ଉଠାଣ ସମୟରେ ଖପୁରି ଓ ହାଡ଼ ମିଳିବା ପରେ ତାହା ମନୋଜଙ୍କର ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ଏହାପରେ ମନୋଜଙ୍କ ପରିବାର ତରଫରୁ ବରୀ ଥାନାରେ ହତ୍ୟା ଅଭିଯୋଗ କରାଯାଇଥିଲା। ପୋଲିସ ହତ୍ୟା ମାମଲା ନଂ.୩୨୯/୨୨ ରୁଜୁ କରି ଛାନଭିନ ଆରମ୍ଭ କରିଥିଲା। ଏହି ଅଭିଯୋଗରେ ଜଣେ ଲୋକପ୍ରତିନିଧିଙ୍କ ସମେତ ୪ ଜଣଙ୍କ ନାମ ଉଲ୍ଲେଖ ରହିଛି।

# ଜିନ୍ଦଲ ଷ୍ଟେନ୍‌ଲେସ୍ ଫାଉଣ୍ଡେଶନ ଅଧକ୍ଷାଙ୍କ ସିଏସ୍‌ଆର୍ ପ୍ରକଳ୍ପ ପରିଦର୍ଶନ


ସିଏସ୍‌ଆର୍ ପ୍ରକଳ୍ପ ପରିଦର୍ଶନରେ ଆସିଥିବା ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେଶନର ଅଧକ୍ଷାଙ୍କ ସହ ଅନ୍ୟମାନେ।

**କଳିଙ୍ଗନଗର,୫।୧୧(ଡି.ଏନ.ଏ.)**

ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେଶନର ଅଧକ୍ଷା ଦୀପିକା ଜିନ୍ଦଲ ଏବଂ ଓପି ଜିନ୍ଦଲ ଗ୍ରୁପ ଅଫ୍ ଇଣ୍ଡଷ୍ଟ୍ରିଜର ଅଧକ୍ଷା ସାବିତ୍ରୀ ଜିନ୍ଦଲ ଗୁରୁବାର କଳିଙ୍ଗନଗର କାରଖାନା ପରିଦର୍ଶନରେ ଆସିଥିଲେ। କମ୍ପାନୀ ପକ୍ଷରୁ ଚାଲୁଥିବା କମ୍ପାନୀର ସାମାଜିକ ଦାୟିତ୍ୱବୋଧ(ସିଏସ୍‌ଆର୍)ର ବିଭିନ୍ନ ପ୍ରକାରର ପ୍ରକଳ୍ପକୁ ପରିଦର୍ଶନ କରିଥିଲେ। ପ୍ରଥମେ ଦାନଗଦିସ୍ଥିତ ସିଲାଇ ପ୍ରଶିକ୍ଷଣ କେନ୍ଦ୍ର, ଜେଆଇଆଇଟି ଇଲେକ୍ଟ୍ରିକାଲ ୱାର୍କଶପ୍, ସହଜ ସାନିଟାରୀ ନାପକିନ ମେକିଂ ୟୁନିଟ, ଅସ୍ମିତା ପ୍ରଡକ୍ସନ ସେଣ୍ଟର, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଯାଇଥିଲେ। ସେଠାରେ ବିଭିନ୍ନ କାର୍ଯ୍ୟର ଗୁଣବତ୍ତା ଓ ମୂଲ୍ୟବୋଧ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହାପରେ ବାଲୁଙ୍ଗାବନ୍ଧୀସ୍ଥିତ ବଗେଇ ମହାଦେବ ପରିସରରେ ମହିଳା ଏସ୍‌ଏସ୍‌ଜିମାନଙ୍କ ଦ୍ୱାରା ଆୟୋଜିତ ଏକ ବୈଠକରେ ଯୋଗଦେଇ ମହିଳାମାନଙ୍କ ଦ୍ୱରା ପ୍ରସ୍ତୁତ କରାଯାଇଥିବା ମସଲା ଏବଂ ଏହାର ବଜାର ସୁବିଧା କିପରି କରାଯାଇପାରିବ ସେଥିପାଇଁ ସମସ୍ତ ସହଯୋଗ କରାଯିବ ବୋଲି କହିଥିଲେ। ଏହାବ୍ୟତୀତ ୧୦ରୁ ୧୨ ବର୍ଷ ହେବ ଜିନ୍ଦଲ ଫାଉଣ୍ଡେଶନ ସହ ଯୋଡ଼ି ହୋଇଥିବା ସଦସ୍ୟା ଏବଂ ସହକର୍ମୀମାନେ ନିଜର ଆତ୍ମଜୀବନୀ ପ୍ରକାଶ କରିଥିଲେ। ଆହୁରି କିପରି ମହିଳାମାନଙ୍କର ବିକାଶ ଓ କମ୍ପ୍ୟୁଟର ଶିକ୍ଷାର ଗୁଣାତ୍ମକ ବିକାଶ ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିନ୍ଦଲ ଷ୍ଟେନଲେସ ଲିଃର ସାମାଜିକ ଔଦ୍ୟୋଗିକ ମୁଖ୍ୟ ବ୍ରିଗେଡିୟର ରାଜୀବ କୁମାର, ସଙ୍ଗୀତା ସିଂ, ସୁକାନ୍ତ କୁମାର ରଥ, ସଞ୍ଜୟ କୁମାର ମହାନ୍ତି, ହେମନ୍ତ କୁମାର ବାହାଲିଆ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ବାଇକ୍ ଧକ୍କା: ଜଣେ ମୃତ, ସହଯୋଗୀ ଗୁରୁତର

**ପାଣିକୋଇଲି,୫।୧୧(ଡି.ଏନ.ଏ.)**

ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ରାମପୁର ଶଗଡ଼ି ଗ୍ରାମ ନିକଟରେ ୨ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଶଗଡ଼ି ଗାଁର ୨ ଯୁବକ ଏକ ବାଇକ୍ (ଓଡି-୩୪-ପି-୮୦୩୧) ଯୋଗେ ଶଙ୍ଖଚିଲାରୁ ଘରକୁ ଫେରୁଥିବା ବେଳେ ଶଗଡି ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଜଣେ ବାଇକ(ଓଡି-୦୨-ପିଭି-୫୮୨୪) ଚାଳକ ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଫଳରେ ଶଗଡ଼ି ଗ୍ରାମର ମୟୁଦିନ ବେଗ ଓ ମିର୍ଜା ରାଶିଡ ବେଗ ବାଇକରୁ ଛିଟିକି ପଡି ଗୁରୁତର ହୋଇଥିଲେ। ସେମାନଙ୍କୁ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଡାକ୍ତର ମୟୁଦିନ ବେଗଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ମିର୍ଜା ରାଶିଡ ବେଗଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଏକ ମାମଲା ନଂ.୨୫୬/୨୨ ରୁଜୁ ହୋଇଛି।

# ଇଞ୍ଜିନିୟରିଂ ଛାତ୍ର ସାଜିଲେ ଟ୍ରକ୍ ଖଲାସୀ

### କଳିଙ୍ଗନଗର ଶିଳ୍ପାଞ୍ଚଳରେ ନିଯୁକ୍ତି ମିଳୁନି

**କଳିଙ୍ଗନଗର,୫।୧୧(ଡି.ଏନ.ଏ.)**


ସେକ୍ ଅବରାର

ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପନଗରୀର ସ୍ୱତନ୍ତ୍ର ମାନ୍ୟତା ପାଇଛି। ବିଜୁ ବାବୁଙ୍କ ସ୍ୱପ୍ନର କଳିଙ୍ଗନଗରରେ କାରଖାନାଗୁଡ଼ିକର ଚିମିନିରୁ ଧୂଆଁ ବାହାରିଛି ସତ ହେଲେ ଭିଟାମାଟି ହରାଇ ଥିବା ଅନେକ ଯୁବକ ଆଇଟିଆଇ ଓ ଡିପ୍ଲୋମା ପଢ଼ିବି ଏଠି ଚାକିରି ପାଉନାହାନ୍ତି। ଫଳରେ ପରିବାର ଚଳାଇବାକୁ ସେମାନେ ନାନା ପନ୍ଥା ଆପଣାଉଥିବାବେଳେ ଜଣେ ଇଞ୍ଜିନିୟରିଂ ଛାତ୍ର ଟ୍ରକ୍ ଖଲାସୀ ସାଜିଛନ୍ତି। ସେ ହେଲେ ଦାନଗଦି ବ୍ଲକ ଅଧୀନ ତ୍ରିଜଙ୍ଗା ବିସ୍ଥାପିତ କଲୋନୀରେ ରହୁଥିବା ସେକ୍ ମହମ୍ମଦ ହଲିମଙ୍କ ପୁଅ ସେକ୍ ଅବରାର ଓରଫ୍ ଧନୀ।

ସେକ୍ ମହମ୍ମଦ ହଲିମଙ୍କ ପରିବାର କାରଖାନା ଦ୍ୱାରା ବିସ୍ଥାପିତ ହୋଇଛନ୍ତି। ଫଳରେ ହଲିମ୍ ଦୁଇ ପୁଅ ଓ ପରିବାରକୁ ଧରି ତ୍ରିଜଙ୍ଗା ବିସ୍ଥାପିତ କଲୋନୀକୁ ଆସିଥିଲେ। ଭାବିଥିଲେ ତାଙ୍କ ଡିହ ଉପରେ କାରଖାନା ହେଲେ ଭଲରେ ଚଳିବୁ। ତେଣୁ କାରଖାନା ପକ୍ଷରୁ ତାଙ୍କୁ ଯାହା ଟଙ୍କା ମିଳିଥିଲା ସେଥିରେ ସେ ପୁଅ ସେକ୍ ଅବରାରଙ୍କୁ ଧବଳଗିରିସ୍ଥିତ ମହାତ୍ମା ଗାନ୍ଧୀ ଆଇଟିଆଇରେ ପାଠ ପଢ଼ାଇଥିଲେ। ପରେ ସେଣ୍ଟ ଜାଭିୟରରେ ଡିପ୍ଲୋମା କରାଇଥିଲେ। ଏହାପରେ ପୁଅକୁ ନିଯୁକ୍ତି ଦେବାକୁ ବିଭିନ୍ନ କାରଖାନା କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇବା ସହ ବାରମ୍ବାର ଅଫିସର, ନେତାଙ୍କ ପାଖକୁ ଦୌଡ଼ିଥିଲେ। ହେଲେ କେହି କାରଖାନାରେ କାମ ଦେଲେ ନାହିଁ। ଶେଷରେ ନିରାଶ ହୋଇ ବୃଦ୍ଧ ଅବସ୍ଥାରେ ହଲିମ୍ ନୀରବ ରହିଲେ। ପୁଅ କୋରେଇ ଅଞ୍ଚଳର ଏକ ଟ୍ରକରେ ହେଲପର କାମ କରି ଯାହା ରୋଜଗାର କରୁଛନ୍ତି ସେଥିରେ ପରିବାର ଚଳୁଛି। ତେବେ ବାସ୍ତବରେ କଳିଙ୍ଗନଗର ଶିଳ୍ପନଗରୀ କାହା ପାଇଁ। ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ପରି ଶହଶହ ଅବରାର ଏବେ ଦାଦନ ଖଟିବାକୁ ଯାଉଛନ୍ତି। ନିକଟରେ ଗୋଡ଼ିଗୋଠର ଜଣେ ଯୁବତୀ ଦାଦନ ଖଟିବାକୁ ଯାଇଥିବାବେଳେ ଶବ ହୋଇ ଫେରିଥିଲେ। ତେଣୁ ଅବରାରଙ୍କୁ କମ୍ପାନୀରେ କାମ ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫରମର

**ବ୍ରହ୍ମବରଦା,୫।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତ ଅର୍ନ୍ତଗତ ଛେନାଖିଆ ପାଟଣା ଗ୍ରାମ ପ୍ରବେଶ ପଥରେ ବିପଦ ସଙ୍କୁଳ ଅବସ୍ଥାରେ ଏକ ଟ୍ରାନ୍ସଫର୍ମର ରହିଥିବା ଦେଖିବାକୁ ମିଳିଛି। ଏହି ଟ୍ରାନ୍ସଫରମାର ଚାରିପାଖରେ ସତର୍କ ସୂଚନା କିମ୍ବା ଫଳକ ଲଗା ଯାଇନାହିଁ। ପାଚେରିକୁ ଝୁଲିରହିଛି ତାର। ଟ୍ରାନ୍ସଫରମର ଆଖ ପାଖରେ କିଛି ଦୋକାନ ଗୃହ ରହିଛି। ଫଳରେ ସେଠାକୁ ଦୈନିକ ୫୦ରୁ ୧୦୦ଲୋକ ଗମନାଗମନ କରିବା ସହିତ ଗୋରୁ ମଧ ଚରୁଥିବା ମଧ ନଜରକୁ ଆସିଛି। ଏହି ସ୍ଥାନରେ ଅଘଟଣ ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଯଦି ଅଘଟଣ ଘଟେ ତେବେ ବିଦ୍ୟୁତ୍ ବିଭାଗ ଦାୟୀ ରହିବ କି ବୋଲି ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ଏହି ଦୋକାନ ଗୃହ ଉପର ଦେଇ ୧୧ କେଭି ବିଦ୍ୟୁତ୍ ତାର ଯାଇଛି। ଏଣୁ ଏଭଳି ବିପଦପୂର୍ଣ୍ଣ ଟ୍ରାନ୍ସଫରମର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରିବା ସହିତ ୧୧ କେଭି ତାର ତଳେ ସୁରକ୍ଷା ଜାଲି ଲଗାଇବାକୁ ସାଧାରଣରେ ଦାବି ହେଉଛି।



# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

**ଝୁମ୍ପୁରୀ,୫।୧୧(ଡି.ଏନ୍.ଏ.)**

ଦଶରଥପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଦଶରଥପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ କିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବକୁ ମୁଖ୍ୟଅତିଥିଭାବେ ଦଶରଥପୁର ପଞ୍ଚାୟତ ସମିତି ଅଧକ୍ଷ ଦିଗମ୍ବର ମଲ୍ଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶେଷ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ଓ ଶଶୀଧର ସିଂହ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଦଶରଥପୁର ସମିତିସଭ୍ୟ ପ୍ରଶାନ୍ତ କୁମାର ମଲ୍ଲିକ, ଚମ୍ପେଇପାଳ ସମିତିସଭ୍ୟ ବିଜୟ କୁମାର ନାୟକ, ଏବିଇଓ ସାବିତ୍ରୀ ସେଠୀ ଓ ଅନ୍ନଦାପ୍ରସାଦ ରଣା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅନ୍ତର୍ଗତ ୧୭ଟି କ୍ଲଷ୍ଟରରୁ ମୋଟ୍ ୩୭୬ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ୧୧ଟି ବିଭାଗରୁ ଜୁନିୟର ଓ ସିନିୟରକୁ ମିଶାଇ ମୋଟ୍ ୧୭ ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ୭ ପ୍ରତିଯୋଗୀ ଜିଲାସ୍ତରରେ ହେବାକୁ ଥିବା ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶେଷରେ ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ବିତରଣ କରିଥିବାବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରାଇବାରେ ମଣ୍ଡଳ ଅଧୀନ ସମସ୍ତ ସିଆର୍‌ସିସି, ବ୍ଲକ ଶିକ୍ଷା ବିଭାଗ କର୍ମଚାରୀ, ଦଶରଥପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।


ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

# ଗ୍ରାମପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ

**ରସୁଲପୁର,୫।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଭୋଟକା ପଞ୍ଚାୟତ ବିଲିପଡ଼ା ଗ୍ରାମସ୍ଥିତ ମା’ ବୁଢୀ ଭାଲୁଣୁଣି ପୀଠରେ ଶନିବାର ଯାଜପୁର ଜିଲା ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ବୈଠକ ସଂଘ ଜିଲା ସଭାପତି ବଳରାମ ଚୁହାଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକ ସଂଘ ସଭାପତି ଓ ସମ୍ପାଦକମାନେ ଯୋଗଦେଇ ସରକାର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପରିବାର ପ୍ରତି ଅନ୍ୟାୟ କରୁଥିବା କହିଥିଲେ। ସବୁବର୍ଗର କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରାଯାଉଛି। ସରକାର ଠିକା ଶବ୍ଦକୁ ଉଚ୍ଛେଦ କରୁଛନ୍ତି। ସମାନ କାମକୁ ସମାନ ଦରମା, କାର୍ଯ୍ୟନାହିଁ ତ ଦରମା ନାହିଁ ଭଳି ନାନା ନିୟମ ଲାଗୁ କରୁଛନ୍ତି। ମାତ୍ର ଅନେକ ବର୍ଷ ଧରି ପଞ୍ଚାୟତରେ ବହୁ ଲୋକ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବରେ କାର୍ଯ୍ୟକରୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ କର୍ମଚାରୀ ପାଉଣା ନ ପାଇ ମୃତ୍ୟୁବରଣ କଲେଣି। କର୍ମଚାରୀମାନେ ନୋଟିସ ଖାତା, ପଲ୍ଲୀସଭା, ଗ୍ରାମସଭା ଖାତା ବୁଲାଇବା, ଡେଙ୍ଗୁରା ବଜାଇବା, ପଞ୍ଚାୟତର ବୈଠକରେ ଉପସ୍ଥିତ ରହିବା, ପଞ୍ଚାୟତ ଗୃହ ସଫାସୁତୁରା କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ସରକାର ସେମାନଙ୍କ ପରିବାରର ଦୁଃଖ ଦୁର୍ଦ୍ଦଶାକୁ ଅଣଦେଖା କରୁଛନ୍ତି। ଏହିକ୍ରମରେ ସରକାର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା, ସମାନ କାମକୁ ସାମନ ଦରମା, ରାଜ୍ୟ ବଜେଟ୍‌ରେ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ କରିବା, ପଞ୍ଚାୟତିରାଜ ବିଦ୍ଧିବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ଓ ପିଆର ବିଭାଗର ପୋର୍ଟରେ ନାମ ପଞ୍ଜୀକରଣ କରାଇବା, ଶିକ୍ଷାଗତ ଯୋଗ୍ୟତା ଆଧାରରେ ପଦୋନ୍ନତି, ଏ ଦିଗରେ ଶ୍ରମ ବିଭାଗର ନିୟମକୁ ଲାଗୁ କରିବା, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବା ଭଳି ଦାବିକୁ ମାନି ନେବାକୁ ନିବେଦନ କରାଯାଇଛି। ଏ ଦିଗରେ ସରକାରଙ୍କ ଅସହଯୋଗ କଲେ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଉଦୟନାଥ ସାହୁ, ଗୋପୀନାଥ ପଣ୍ଡା, ମାନସ ମଲ୍ଲିକ, ଅକ୍ଷୟ ସାହୁ, ଜଳଧର ପରିଡା, ଇନ୍ଦ୍ରମଣୀ ସ୍ୱାଇଁ, ସୁବାସ ଚନ୍ଦ୍ର ସାହୁ, ଗଙ୍ଗାଧର ରାଉତ, ରତ୍ନାକର ଦାଶ, ପ୍ରମୋଦ କୁମାର ବାରିକ, ବିଚିତ୍ର ବରାଳ ଓ ରମେଶ ସାହାଣୀ ପ୍ରମୁଖ ଯୋଗଦେଇ ଚେତାବନୀ ଦେଇଛନ୍ତି।


ବୈଠକରେ ଯୋଗ ଦେଇଥିବା କର୍ମଚାରୀମାନେ।

### ଦାବିପୂରଣ ନ ହେଲେ ରାସ୍ତାକୁ ଓହ୍ଲାଇବେ କର୍ମଚାରୀ

# ଗଞ୍ଜାମରେ ହେଲାନି ପ୍ରସ୍ତାବିତ ଟାଟା ଇସ୍ପାତ ପ୍ରକଳ୍ପ

■ ଇଣ୍ଡଷ୍ଟ୍ରିଆଲ ପାର୍କରୁ ସୁଫଳ କମ୍
■ ୨୭ ବର୍ଷର କ୍ଷତିପୂରଣ ପ୍ରଦାନ ଦାବି

ଛତ୍ରପୁର,୫।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠରେ ଟାଟାର ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଗତ ୨୭ ବର୍ଷ ପୂର୍ବେ ଜମି ଅଧିଗ୍ରହଣ ହୋଇଥିଲା । ପରେ ଏହି ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଥିଲା। ଜମି ଅଧିଗ୍ରହଣର ଦୀର୍ଘ ୧୬ ବର୍ଷ ପରେ ଏଠାରେ ଟାଟା ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ହାତଗଣତି ଓ ଛୋଟ ଶିଳ୍ପ ପ୍ରତିଷ୍ଠା କରାଯାଇଛି । ଏପରିକି ଅନ୍ୟ ସ୍ଥାନରୁ ଚା' ପତି ଆସୁଛି ଏବଂ ଏଠାରେ ପ୍ୟାକିଂ ହେଉଛି । ଅପରପକ୍ଷରେ ଏହି ପାର୍କରେ ଦୀପକ ଫର୍ଟିଲାଇଜର ସାର କାରଖାନା ଏବଂ ପରେ ଏହାକୁ ସ୍ମାର୍ଟକେମ୍ ଟେକ୍‌ନୋଲୋଜି ଲିମିଟେଡ୍ କମ୍ପାନୀ ନାମରେ ରେଜିଷ୍ଟ୍ରିଭୁକ୍ତ କମ୍ପାନୀରେ ପରିଣତ କରାଗଲା । ଏଠାରୁ ନିର୍ଗତ ହେବାକୁ ଥିବା ବିଷାକ୍ତ ଗ୍ୟାସକୁ ଭୟକରି ସ୍ଥାନୀୟ ଲୋକେ ଏହି କାରଖାନା ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଆନ୍ଦୋଳନ ଜାରି ରଖିଛନ୍ତି । କୌଣସି ଶିଳ୍ପ ପାଇଁ ଅଧିଗ୍ରହଣ ହୋଇଥିବା ଜମିରେ ଶିଳ୍ପ ପ୍ରତିଷ୍ଠା ନ ହେଲେ ଏହାର ୫ ବର୍ଷ ପରେ ଉକ୍ତ ଜମି ଫେରାଇବାର ନିୟମ ରହିଛି । ମାତ୍ର ତାହା ଫେରାଇବା ବଦଳରେ ସେଠାରେ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ଏବଂ ବଳକା ଜମିରେ ଟାଟା ହସ୍ପିଟାଲ ପ୍ରତିଷ୍ଠା ହୋଇଛି। ଆଉ ବଳକା ଜମି ଲୋକଙ୍କୁ ଫେରାଇବାକୁ ରାଜ୍ୟ ସରକାର ନୋଟିଫିକେଶନ ଜାରି କରିଛନ୍ତି। ଜମି ହରାଇଥିବା ଲୋକଙ୍କୁ ୨୭ ବର୍ଷର କ୍ଷତିପୂରଣ ଦେବା ଲାଗି ସ୍ଥାନୀୟ ୨୦ ଖଣ୍ଡ ଗାଁ କମିଟି ପକ୍ଷରୁ ଦାବି ହୋଇଛି । ଇସ୍ପାତ କାରଖାନା ହେଲେ ସେଠାରେ ନିଯୁକ୍ତି ମିଳିବା ପ୍ରତିଶ୍ରୁତି ପାଇବା ପରେ ଲୋକେ ଜମି ସରକାରଙ୍କୁ ଦେଇଥିଲେ । ମାତ୍ର ଉକ୍ତ ପ୍ରତିଶ୍ରୁତି ପୂରଣ ହୋଇନି । ଫଳରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସମୟରେ ବିରୋଧ ଓ ଆନ୍ଦୋଳନ ଜାରି ରହିଛି। ୧୯୯୫-୯୬ ରୁ କାଳିପଲ୍ଲୀ,ବାସନାପୁଟି ଓ ଲକ୍ଷ୍ମୀପୁର ଗାଁର ବହୁ ଜମି ଅବ୍ୟବହୃତ ଭାବେ ଦୀର୍ଘ ୨୭ ବର୍ଷ ହେଲା ପଡି ରହିଛି । ଅକ୍ଟୋବର ୧୯ରେ କାଳିପଲ୍ଲୀ ଗାଁର ୨୦୬.୬୮୫ ଏକର ଜମିକୁ ମୂଳ ମାଲିକ କିମ୍ବା ଉତ୍ତରାଧିକାରୀଙ୍କୁ ଫେରସ୍ତ ଦିଆଯିବା ସହ ସେମାନଙ୍କୁ ମିଳିଥିବା କ୍ଷତିପୂରଣ ମଧ ଫେରାଇବାକୁ ପଡିବନି ବୋଲି ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଥିଲା । ଏନେଇ ବିଜେଡି ପକ୍ଷରୁ ତରବରିଆ ଭାବେ ଛତ୍ରପୁରଠାରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା । ସ୍ମାର୍ଟକେମ୍ ଟେକ୍‌ନୋଲୋଜି କମ୍ପାନୀକୁ ହେଉଥିବା ବିରୋଧକୁ ପ୍ରଶମିତ କରିବା ପାଇଁ ଏପରି ଘୋଷଣା କରାଯାଇଥିବା ସିପିଆଇ ଓ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ କୁହାଯାଇଥିଲା । ଭାରତୀୟ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି, ସରକାରଙ୍କ ପକ୍ଷରୁ ମୂଳ ଜମି ମାଲିକଙ୍କ ଫେରାଇବାକୁ ନିଷ୍ପତ୍ତି ନିଆଯାଇଥିବା ୨୦୬.୬୮୫ ଏକର ଜମି ମଧ୍ୟରୁ ଅଧିଗ୍ରହଣ ହୋଇଥିବା ୮୧ ଏକର ଜମି ମାଲିକଙ୍କୁ କ୍ଷତିପୂରଣ ସେତେବେଳେ ମିଳିଥିଲା । ମାତ୍ର ଆହୁରି ୧୨୫ ଏକର ଜମି ମାଲିକଙ୍କୁ ପ୍ରାପ୍ୟ ୨୭ ବର୍ଷ ପରେ ମଧ ମିଳିନି । ସୂଚନାଯୋଗ୍ୟ, ୧୯୯୫ରେ ଟାଟା ଷ୍ଟିଲ କାରଖାନା ନିର୍ମାଣ ଲାଗି ରାଜ୍ୟ ସରକାର ୫୬୦୦ ଏକର ଜମି ଯୋଗାଇ ଦେଇଥିଲେ । ଏଥିସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କମ୍ପାନୀ ସହ ସେତେବେଳେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ।

## ନଦୀରେ ବୁଡ଼ି ମିସ୍ତ୍ରୀ ମୃତ

ଭଞ୍ଜନଗର, ୫।୧୧(ଡି.ଏନ.ଏ)

ବେଲଗୁଣ୍ଠା ଥାନା ଅନ୍ତର୍ଗତ ସରପଲ୍ଲୀର ସୁନୀଲ ସ୍ୱାଇଁ (୩୨) ଶନିବାର ବଡନଦୀରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ମଧ୍ୟାହ୍ନରେ ସୁନୀଲ କାମ ସରିବା ପରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ନଦୀ ପାଣିରେ ଭାସି ଯାଇଥିଲେ। ନିକଟରେ ଗାଧୋଉଥିବା କେତେଜଣ ସୁନୀଲଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ସେଠାରେ ସୁନୀଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ମେଡିକାଲରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି। ସୁନୀଲଙ୍କ ରୋଜଗାରରେ ପରିବାର ଚଳୁଥିଲା। ତେଣୁ ସରକାର ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଜାତୀୟ ସମବାୟ ସଂଘକୁ ମନୋନୀତ ହେଲେ ଶୁଭ୍ରଜିତ



ପୁରୁଷୋତ୍ତମପୁର,୫।୧୧(ଡି.ଏନ୍.ଏ.) ପୁରୁଷୋତ୍ତମପୁର ଆଗ୍ରୋମାର୍କେଟିଂ ଏଣ୍ଡ ପୋଲଟ୍ରି ସୋସାଇଟିର ନବନିର୍ବାଚିତ ଯୁବ ସଭାପତି ଶୁଭ୍ରଜିତ ପାଢ଼ୀ ସର୍ବଭାରତୀୟ ସମବାୟ ସଂଘର ଯୁବ କମିଟିକୁ ଓଡ଼ିଶାରୁ ଜଣେମାତ୍ର ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି କମିଟିରେ ସମଗ୍ର ଭାରତର ବିଭିନ୍ନ ସ୍ଥାନରୁ ସମୁଦାୟ ୧୫ଜଣ ସଦସ୍ୟ ମନୋନୀତ ହୋଇଥିବା ବେଳେ ସେଥିରେ ଓଡ଼ିଶାରୁ ଶୁଭ୍ରଜିତ ରହିଛନ୍ତି। ସେ ଇଫ୍‌କୋର ନିର୍ଦ୍ଦେଶକ ସୀମାଞ୍ଚଳ ପାଢ଼ୀଙ୍କ କନିଷ୍ଠ ପୁତ୍ର ଅଟନ୍ତି। ଶୁଭ୍ରଜିତଙ୍କ ଏଭଳି ଜାତୀୟ ସ୍ତରରେ ଚୟନକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

### ବାଇକ୍‌କୁ ଧକ୍କାଦେଲା କାର୍, ଶାଶୁ ମୃତ, ଜ୍ୱାଇଁ ଗୁରୁତର

ଦିଗପହଣ୍ଡି,୫।୧୧(ଡି.ଏନ.ଏ.):ଦିଗପହଣ୍ଡି ଥାନା ଅନ୍ତର୍ଗତ ଡେଙ୍ଗାଓସ୍ତା ବଜାର ନିକଟରେ ଶନିବର ଏକ ବାଇକ୍‌କୁ କାର୍ ଧକ୍କା ଦେବାରୁ ଶାଶୁଙ୍କର ମୃତ୍ୟୁ ଘଟିଥିବା ବେଳେ ଜ୍ୱାଇଁ ଗୁରୁତର ଅଛନ୍ତି। ମୃତକ ହେଲେ ଧରାକୋଟ୍ ଥାନା ଅନ୍ତର୍ଗତ ଅନ୍ଧାରୀ ଗ୍ରାମର ବାସୁନୀ ମଣ୍ଡଳ ଓ ଗୁରୁତର ହେଲେ ପାଟପୁର ଥାନା ଅନ୍ତର୍ଗତ କପାବାଡ ଗ୍ରାମର ଅବିନାଶ ମଣ୍ଡଳ। ଅବିନାଶ ମଣ୍ଡଳ ନିଜ ଶାଶୁଙ୍କୁ ଏକ ବାଇକ୍‌ରେ ନେଇ ଦିଗପହଣ୍ଡିରୁ ନିଜ ଗ୍ରାମକୁ ଯାଉଥିଲେ। ଏହି ସମୟରେ ଗୁଣପୁରରୁ ଏକ କାର୍ (ନଂ ଓଡି-୦୨ବିଏଚ୍-୭୮୭୯) ଦ୍ରୁତ ଗତିରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ବେଳେ ଡେଙ୍ଗାଓସ୍ତା ବଜାର ନିକଟରେ କୌଣସି କାରଣବଶତଃ କାର୍‌ରେ ଆଗଚକ ଫାଟିଯିବା ଫଳରେ କାରଟି ଭାରସାମ୍ୟ ହରାଇ ବିପରିତ ଦିଗରୁ ଆସୁଥିବା ବାଇକ୍ ସହ ଧକ୍କା ହୋଇଥିଲା। ଖବର ପାଇ ସାନଖେମୁଣ୍ଡି ଦମକଳ ବାହିନି ପହଞ୍ଚି ଆହତମାନଙ୍କୁ ଉଦ୍ଧାରକରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବାସୁନୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଅବିନାଶଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ବ୍ରହ୍ମପୁର ବଡ ମେଡିକାଲ୍ ପଠାଇଛି। ଦିଗପହଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିଛି

### ବାଲିଯାତ୍ରା ପାଇଁ ସଜେଇ ହୋଇଛି ବଟେଶ୍ୱର ପୀଠ

ଗଞ୍ଜାମ,୫।୧୧(ଡି.ଏନ୍.ଏ.)- ଗଞ୍ଜାମ ଜିଲା କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ବାବା ବଟେଶ୍ୱର ଶୈବପୀଠ। ସେଠାରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ବାଲିଯାତ୍ରା ଅନୁଷ୍ଠିତ ହେଉଛି। ଚଳିତବର୍ଷ ବାଲିଯାତ୍ରା ପାଇଁ ବଟେଶ୍ୱର ଶୈବପୀଠ ସଜେଇ ହୋଇଥିବା ଦେଖିବାକୁ ମିଳିଛି। ଏହି ଉପଲକ୍ଷେ ଶୁକ୍ରବାରଠାରୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାରିଦିନ ଧରି ସୂର୍ଯ୍ୟ ମନ୍ଦିର ଅପେରା ପଡିଛି। ପୁଣି ମଙ୍ଗଳବାର ପୂର୍ଣ୍ଣମୀରେ ପୌରାଣିକ ମହାଭାରତ ନାଟକ ହେବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଏହି ଯାତ୍ରାକୁ ୬ ଖଣ୍ଡ ଗ୍ରାମବାସୀ ଗ୍ରାମବାସୀ ପରିଚାଳନା କରୁଛନ୍ତି।

# ଇନ୍‌ଡୋର ଷ୍ଟାଡିୟମ ପାଚେରି ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ



ଦୋକାନ ଖାଲି କରୁଛନ୍ତି ବ୍ୟବସାୟୀ ।

କାଶୀନଗର,୫।୧୧

ଗଜପତି ଜିଲା କାଶୀନଗର ସହରରେ ଏକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଚାଲିଛି। ଏହା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହାର ପାଚେରି ନିର୍ମାଣ ପାଇଁ ମଧ ଯୋଜନା ସରିଛି। ତେବେ ଯେଉଁ ସ୍ଥାନରେ ପାଚେରି ନିର୍ମାଣ ନିଷ୍ପତ୍ତି ନିଆଯାଇଛି, ସେହି ସ୍ଥାନରେ କେତେକ ଉଠା ଦୋକାନ ରହିଥିବାରୁ ସେମାନଙ୍କୁ ଦୋକାନ ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳୁଛି। ପିଡବ୍ଲ୍ୟୁଡି କନିଷ୍ଠ ଯନ୍ତ୍ରୀ ଦିବାକର ଦାସ କହିଛନ୍ତି, ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟିଂ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟରୁ ଚିଠି କରାଯାଇ ଉଲ୍ଲିଖିତ ସ୍ଥାନରୁ ଜବରଦଖଲ ହଟେଇବା ପାଇଁ ପଦେକ୍ଷେପ ନେବାକୁ ସ୍ଥାନୀୟ ତହସିଲଦାରଙ୍କୁ ଅନୁରୋଧ କରାଯାଇଥିଲା। ସେ ଆବଶ୍ୟକ ପଦକ୍ଷେପ ନେଇ ଶନିବାର ଦୋକାନୀମାନେ ଦୋକାନ ଖାଲି କରୁଥିବା ଦେଖିବାକୁ ମିଳୁଛି। ତେବେ ଛୋଟ ଛୋଟ ଦୋକାନ କରି ସେମାନେ ପରିବାର ପୋଷଣ କରୁଥିବା ବେଳେ ବର୍ତ୍ତମାନ କେମିତି ଚଳିବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି। ସେମାନଙ୍କୁ ଦୋକାନ ଖୋଲିବା ପାଇଁ ଅନ୍ୟତ୍ର ଉପଯୁକ୍ତ ଜାଗା ଦେବାକୁ ଦାବି ହୋଇଛି।

## ଅଭିଯୋଗ ପରେ ହିରାଧାରବାଟି କେନାଲରେ ଆସିଲା ପାଣି

ଗଞ୍ଜାମ,୫।୧୧(ଡି.ଏନ୍.ଏ.)

ଗଞ୍ଜାମ ଷ୍ଟେଶନ ଅଞ୍ଚଳରେ ରହିଥିବା ଧାନକ୍ଷେତ ଗୁଡ଼ିକରେ ଜଳାଭାବ ଯୋଗୁ ଚାଷୀ ଚିନ୍ତିତ ହେବା ସହ ହିରାଧାରବାଟି କେନାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଚିଫ୍ ଇଞ୍ଜିନିୟର ସାଗର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ କେନାଲରେ ପାଣି ଛଡ଼ାଯିବା ବ୍ୟବସ୍ଥା କରାଯାଇଥିଲା। ପରେ ଏସ୍‌ଡିଓ ଅଜିତ ପ୍ରଧାନ, ଜେଇ ରବୀନ୍ଦ୍ର ନାହାକଙ୍କ ସମେତ କର୍ମଚାରୀମାନେ ଚାଷଜମି ପରିଦର୍ଶନ କରିଥିଲେ। ଚାଷଜମିକୁ ଜଳ ଯୋଗାଣ ହୋଇପାରିଥିବାରୁ ପୂର୍ବତନ କାଉନ୍‌ସିଲର ରଞ୍ଜନ ବେହେରା, ସତ୍ୟ ପଲାଇ, ସନ୍ତୋଷ ଆଚାର୍ଯ୍ୟ, ଜଗା ଗୌଡ଼ ପ୍ରମୁଖଙ୍କ ସହ ଅନ୍ୟ ଚାଷୀମାନେ ଉପସ୍ଥିତ ରହି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସୂଚନାଥାଉକି ଧାନଗଛରେ ପୁଡା ଧରିବା ସମୟ ରହିଥିବା ବେଳେ ଚାଷ ଜମିଗୁଡିକ ଶୁଖିଲା ରହିଥିଲା।

# ୮ ଦଫା ଦାବିରେ ଶ୍ରମିକ ସଙ୍ଗଠନର ବିକ୍ଷୋଭ

ଭଞ୍ଜନଗର,୫।୧୧(ଡି.ଏନ୍.ଏ)

୮ ଦଫା ଦାବି ନେଇ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନ ପକ୍ଷରୁ ଶନିବାର ଭଞ୍ଜନଗର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଭଞ୍ଜନଗର ସହକାରୀ ଶ୍ରମ ଅଧିକାରୀଙ୍କୁ ମଧ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ହେଲା ଶ୍ରମିକ ବିରୋଧୀ ୪ଟି ଶ୍ରମ ସଂହିତାର ବାତିଲ କରିବା, ମୃତ୍ୟୁକାଳୀନ ସହାୟତା, ଶିକ୍ଷା ସହାୟତା ତୁରନ୍ତ ନିର୍ମାଣ ଶ୍ରମିକଙ୍କୁ ପ୍ରଦାନ କରିବା, ଅନ୍‌ଲାଇନ ନାମରେ ଶ୍ରମିକଙ୍କ ଅଧିକାରରୁ ବଞ୍ଚିତ କରିବା ନୀତି ପ୍ରତ୍ୟାହାର କର, ରାଜ୍ୟର ସମସ୍ତ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକରଣ କରିବା ବ୍ୟବସ୍ଥା କରିବା ପ୍ରମୁଖ ଦାବିନେଇ ଏହି ବିକ୍ଷୋଭ ହୋଇଥିଲା। ଏହାପୂର୍ବରୁ ସଙ୍ଗଠନ ପକ୍ଷରୁ ସହରରେ ଏକ ଶୋଭାଯାତ୍ରା ହୋଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଜିଲା ସମ୍ପାଦକ ରାମଚନ୍ଦ୍ର ବାଡ଼ତ୍ୟା, ଟୁନା ମଳିକ, ପି. ପାର୍ବତୀ, ନୀଳାଚଳ ଜାନୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶାନ୍ତିଲତା ପ୍ରଧାନ, କାଞ୍ଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରମିକ ସଂଗଠନ ପକ୍ଷରୁ ଦାବିପତ୍ର ଦିଆଯାଉଛି।

## ମାଉଜର ଧରି ଆତଙ୍କ ଖେଳାଉଥିବା ଯୁବକ ଗିରଫ

ଜଗନ୍ନାଥପ୍ରସାଦ,୫।୧୧(ଡି.ଏନ.ଏ.)

ଗୁରୁବାର ରାତ୍ରିରେ ଜଗନ୍ନାଥପ୍ରସାଦ ଥାନା ଗଣ୍ଡାଧର ଛକରେ ମାଉଜର ଧରି ଆତଙ୍କ ଖେଳାଉଥିବା ଜଣେ ଯୁବକଙ୍କୁ ଶନିବାର ପୋଲିସ ନଂ.୪୧୯/୨୨ ଅନୁଯାୟୀ କୋର୍ଟ ଚାଲାଣ କରିଛି। ସେ ହେଲେ କୁମୁଣ୍ଡା ଲକ୍ଷ୍ମୀତ୍ରାଣ ପ୍ରଧାନ (୨୦)। ଲକ୍ଷ୍ମୀତ୍ରାଣ ଗଣ୍ଡାଧର ଛକରେ ପହଞ୍ଚି କିଛି ଦୋକାନୀଙ୍କ ସହ ଝଗଡା କରି ଗାଳି ଗୁଲଜ କରିଥିଲା। ବ୍ୟବସାୟୀ ମାନେ ମିଳିତ ଭାବେ ଏହାର ବିରୋଧ କରିଥିଲେ। ଫଳରେ ଲକ୍ଷ୍ମୀତ୍ରାଣ ଉତ୍ତ୍ୟକ୍ତହୋଇ ଏକ ମାଉଜର ବାହାର କରି ଗୁଳି କରି ଭୟଭୀତ କରାଇଥିଲା। ଏନେଇ ଲୋକେ ଥାନାକୁ ଫୋନ ଯୋଗେ ଜଣାଇଥିଲେ। ପୋଲିସ ପହଞ୍ଚି ଆତଙ୍କ ସୃଷ୍ଟିକାରି ଯୁବକକୁ ଗିରଫ କରିବା ସହ ମାଉଜର ଓ ସେ ବ୍ୟବହାର କରୁଥିବା ବାଇକ୍‌କୁ ଜବତ କରିଥିଲା।

## ଝରଣାପାଣିକୁ ନେଇ ଦୁଇ ପଞ୍ଚାୟତ ମଧ୍ୟରେ ବିବାଦ

# ଚାଷୀଙ୍କ ଅଭିଯୋଗ ପରେ ଚେକ୍‌ଡ୍ୟାମ୍ ନିର୍ମାଣ ବନ୍ଦ

ଦିଗପହଣ୍ଡି,୫।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କେରାଣ୍ଡିମାଳ ପାହାଡରୁ ଆସୁଥିବା ଝରଣାପାଣିକୁ ନେଇ ବି.ତୁରୁବୁଡି ଓ ବଡତୁମୁଳା ଗ୍ରାମ ପଞ୍ଚାୟତ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏହି ବିବାଦୀୟ ଅଭିଯୋଗ ଦିଗପହଣ୍ଡି ତହସିଲ୍‌ରେ ପହଞ୍ଚିବା ପରେ ତହସିଲଦାର ସିପକ୍ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟକୁ ବନ୍ଦ କରି ଆପୋସ ସମାଧାନ କରିଛନ୍ତି। କେରାଣ୍ଡିମାଳ ପାହାଡରୁ ଏକ ଚିରସ୍ରୋତା ଝରଣା ପାଣି ମାଗୁରାନାଳରେ ପଡି ବି.ତୁରୁବୁଡି ଗ୍ରାମ ପଞ୍ଚାୟତର ଚାରିଶହ ହେକ୍ଟର୍ ଜମିରେ ଜଳସେଚିତ ହେଉଥିଲା। ଏହାଦ୍ୱାରା ପଞ୍ଚାୟତର ସାନଆମ୍ବପୁର, ବଡଆମ୍ବପୁର, ପଟିଗୁଡା ଓ ଝରିପଦର ଗ୍ରାମର ବହୁ ଚାଷୀ ଉପକୃତ ହେଉଥିଲେ। ଏପରିକି ଚିର ମରୁଡି ସତ୍ତ୍ୱେ ସମ୍ପୃକ୍ତ ଚାଷ ଜମି ପ୍ରଭାବିତ ହେଉନଥିଲା। ଏହି ଚାରି ଗ୍ରାମ ପାଇଁ ଝରଣା ପାଣି ପ୍ରକୃତିର ବରଦାନ ହୋଇଥିଲା। କିନ୍ତୁ ବଡତୁମୁଳା ପଞ୍ଚାୟତ ବଡପଲ୍ଲୀ ଗ୍ରାମର ଚାଷୀମାନେ ଏହି ସ୍ରୋତର ଗତିପଥ ବଦଳାଇ ସେମାନଙ୍କ ଜମିକୁ ଜଳସେଚନ କରିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରୁ ବିନିଯୋଗ କରି ଘଟଣାସ୍ଥଳରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ କରିବା ପାଇଁ ଉଦ୍ୟମ କରିବାରୁ ପୂର୍ବରୁ ଉପକୃତ ହେଉଥିବା ବି.ତୁରୁବୁଡି ପଞ୍ଚାୟତର ଚାରି ଗ୍ରାମର ବହୁ ଚାଷୀ ଏକତ୍ରୀତ ହୋଇ ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଦିଗପହଣ୍ଡି ତହସିଲଦାର କାର୍ଯ୍ୟାଳୟରେ ପହଞ୍ଚି ଆନ୍ଦୋଳନ କରିବା ସହ ତହସିଲଦାରଙ୍କ ଅନୁପସ୍ଥିତିରେ ଏନେଇ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ପ୍ରଧାନଙ୍କୁ ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ପାଇ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ରବେହେରା ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରିବା ସହ ସେଠାରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ। ଫଳରେ ମାଗୁରନାଳରେ ଚେକ୍‌ଡ୍ୟାମ୍ ନିର୍ମାଣ କାର୍ଯ୍ୟ ପାଇଁ ଯେଉଁ ଚାଷୀମାନେ ଡିମାଣ୍ଡ ଦାଖଲ କରିଥିଲେ ବର୍ତ୍ତମାନ୍ ସେମାନେ ଅଡୁଆରେ ପଡିଯାଇଛନ୍ତି।

# ଅଷ୍ଟପ୍ରହରି ନାମଯଜ୍ଞ ଅନୁଷ୍ଠିତ

କ.ନୂଆଗାଁ,୫।୧୧(ଡି.ଏନ.ଏ)

କନ୍ଧମାଳ ଜିଲା ପୁରୁଣା ନୂଆଗାଁରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୂର୍ଜପୂଜା ଗୋପୂଜା, ସହିତ ନାମ ଆରମ୍ଭ ହୋଇଥିଲା। ଆଜି ନାମ ଯଜ୍ଞ ପୂର୍ଣ୍ଣା ହୁତି ସହ ଧର୍ମ ସଭା, ଦଧିଭାଣ୍ଡ ଭଞ୍ଜନ ନଗର କୀର୍ତ୍ତନ, ଯମୁନା ସ୍ନାନ ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନାମ ଯଜ୍ଞରେ ବିଭିନ୍ନ ସ୍ଥାନରୁ ୧୮ ନାମ ସଂକିର୍ତ୍ତନ ଥଳ ଯୋଗ ଦେଇଥିଲେ। କର୍ତ୍ତା ଭାବେ ଚୈତନ ବିଶୋଇ ପୁରୋହିତ ରବୀନ୍ଦ୍ର ନାଥ ଶତପଥୀ, ପ୍ରବଚକ ଭାବେ ବାଳକ ରାମ ଦାସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଭାଗବତ ଯଜ୍ଞ ପରିଚାଳନା କମିଟି ପୁରୁଣା ନୂଆଗାଁ ଓ ଗ୍ରାମବାସୀ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

# ୪୦ ଫୁଟର କଳାପଟାରେ ପଢୁଛନ୍ତି ସବୁ ଶ୍ରେଣୀର ବିଦ୍ୟାର୍ଥୀ

■ ଗୋଟିଏ ଗାଁ, ଦୁଇଟି ବିଦ୍ୟାଳୟରେ ଶିକ୍ଷାର ବିକଳ ଚିତ୍ର
■ ଗୋଟିଏ ଶ୍ରେଣୀ ଗୃହରେ ୫ଟି ଶ୍ରେଣୀର ପିଲା

ଆର.ଉଦୟଗିରି,୫।୧୧(ଡି.ଏନ.ଏ.)

ଶିକ୍ଷାର ବିକାଶ ପାଇଁ ସରକାର ବହୁ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ସହ ଗୁଣାତ୍ମକ ଶିକ୍ଷା ପାଇଁ ଅନେକ ବ୍ୟବସ୍ଥା କରାଯାଉଛି। ହେଲେ ପ୍ରଶାସନିକ ଅବହେଳା ହେଉ କି ସ୍ଥାନୀୟ ଜନପ୍ରତିନିଧିମାନଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଅନେକ ସ୍ଥାନରେ ଏହା ଦିଗହରା ହୋଇଯାଇଛି। ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ମୋହନା ବ୍ଲକ ଧାଡ଼ିଆମ୍ବ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଗୋଟିଏ ଗାଁରେ ଦୁଇଟି ବିଦ୍ୟାଳୟ ଥିବା ବେଳେ ଏଠାରେ ଶିକ୍ଷାର ବିକଳ ଚିତ୍ର ଦେଖିବାକୁ ମିଳିଛି। ମୋହନା ବ୍ଲକ ଧାଡ଼ିଆମ୍ବ ଗାଁରେ ରହିଛି ପ୍ରାଥମିକ ବିଦ୍ୟାଳୟ। ୧୮୭୭ରୁ ସ୍ଥାପିତ ଏହି ବିଦ୍ୟାଳୟଟି ଅତି ପୁରାତନ। ହେଲେ ବିଦ୍ୟାଳୟରେ ଅନେକ ସମସ୍ୟା ରହିଛି । ପ୍ରଥମ ଶ୍ରେଣୀରୁ ପଞ୍ଚମ ପର୍ଯ୍ୟନ୍ତ ୪୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ୨ ଶିକ୍ଷକ ଅଛନ୍ତି ହେଲେ ପାଞ୍ଚ ଶ୍ରେଣୀ ପାଇଁ ମାତ୍ର ଗୋଟିଏ ଶ୍ରେଣୀ ଗୃହ ଅଛି। ସେହି ଶ୍ରେଣୀ ଗୃହରେ ହିଁ ୫ ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଉଛନ୍ତି ଦୁଇ ଶିକ୍ଷକ। ହେଲେ ସେହି ଶ୍ରେଣୀ ଗୃହରେ କଳାପଟା ନାହିଁ। ତେଣୁ ଶ୍ରେଣୀ ଗୃହ କାନ୍ଥ ତଳକୁ ପ୍ରାୟ ୪୦ ଫୁଟର କଳା ପଟା କରି ତଳେ ବସି ପାଠ ପଢ଼ାଉଛନ୍ତି ଶିକ୍ଷକ। ବିଦ୍ୟାଳୟର ଅନ୍ୟ ଏକ ଶ୍ରେଣୀ ଗୃହ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଏ ସମ୍ପର୍କରେ ବାରମ୍ବାର ପ୍ରଶାସନ ତଥା ସ୍ଥାନୀୟ ପଞ୍ଚାୟତ ଅଧିକାରୀଙ୍କୁ ଜଣାଇଲେ ମଧ କିଛି ସୁଫଳ ମିଳି ନ ଥିବା ପ୍ରଧାନ ଶିକ୍ଷକ କୈଳାସ କାର୍ଜୀ କହିଛନ୍ତି । ତେଣୁ ଅଧିକ ଶ୍ରେଣୀ ଗୃହ ଦେଲେ ପାଠ ପଢିପାରିବୁ ବୋଲି କହିଛନ୍ତି ସ୍କୁଲ ପିଲା। ସେହିପରି ଗାଁରେ ଗୋଟିଏ ସରକାରୀ ଅନୁଦାନପ୍ରାପ୍ତ ବ୍ଲକ ଗ୍ରାଣ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ୧୯୯୪ରୁ ସ୍ଥାପିତ ଏହି ବିଦ୍ୟାଳୟରେ ଆରମ୍ଭରୁ ଶିକ୍ଷକ ସମସ୍ୟା ଲାଗି ରହିଛି। ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏ୧୩୦ ଜଣ ଛାତ୍ର ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ୧୧୦ ଆଦିବାସୀ ଛାତ୍ର ହଷ୍ଟେଲରେ ରହୁଛନ୍ତି। ହେଲେ ବିଦ୍ୟାଳୟରେ ମାତ୍ର ଜଣେ ଶିକ୍ଷକ ଅଛନ୍ତି। ଫଳରେ ପାଠ ପଢାରେ ବହୁ ସମସ୍ୟା ଦେଖାଦେବା ଯୋଗୁ ସ୍କୁଲ କମିଟିର ନିଷ୍ପତ୍ତିକ୍ରମେ ଜଣେ ସ୍ଥାନୀୟ ଯୁବକ ଅସ୍ଥାୟୀ ଭାବେ ଶିକ୍ଷାଦାନ କରୁଛନ୍ତି। ଏଥିସହ ବିଦ୍ୟାଳୟର ପିଅନ ମଧ ପାଠ ପଢ଼ାଉଛନ୍ତି। ବହୁବାର ଏ ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଲେ ମଧ କେହି ଶୁଣିନଥିବା ପ୍ରଧାନ ଶିକ୍ଷକ ପ୍ରମୋଦ ପାଳ କହିଛନ୍ତି। ତେବେ ଜଣେ ପିଅନ ହୋଇ ପିଲାଙ୍କୁ ପଢ଼ାଇବା ଗର୍ବର ବିଷୟ ବୋଲି ପିଅନ ପ୍ରଦୀପ ମଲ୍ଲିକ କହିଥିବା ବେଳେ ତୁରନ୍ତ ଶିକ୍ଷକ ନିଯୁକ୍ତି କରିବାକୁ ସ୍କୁଲ ପିଲା ଅନୁରୋଧ କରିଛନ୍ତି। ତେବେ ଏ ସମ୍ପର୍କରେ ମୋହନା ବ୍ଲକ ଶିକ୍ଷାଧିକାରୀ ଦେବଦାସ ତାମରାପୁଙ୍କୁ ପଚାରିବାରେ ଧାଡ଼ିଆମ୍ବ ପ୍ରାଥମିକ ବିଦ୍ୟାଳୟ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି କହିଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇଥିବା ସେ କହିଛନ୍ତି।



୪୦ ଫୁଟର କଳାପଟାରେ ଶିକ୍ଷକ ପଢ଼ାଉଛନ୍ତି।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଯବାନଙ୍କ ଅନ୍ତିମ ସତ୍କାର



ଶହୀଦ୍ ଯବାନଙ୍କୁ ଗଞ୍ଜାମ ଜିଲା ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଉଛି।

ଭଞ୍ଜନଗର,୫।୧୧(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ଗୋହିରିବାଡ଼ିର ଯବାନ ଅମ୍ବିକା କୁମାର ପ୍ରଧାନ ଉତ୍ତରାଖଣ୍ଡର ଚମ୍ପାୱାଦାରେ କାର୍ଯ୍ୟରତ ଥିବାବେଳେ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଗମନ କରିଥିଲେ। ଶନିବାର ଉତ୍ତରାଖଣ୍ଡରୁ ବିମାନ ଯୋଗେ ତାଙ୍କ ମୃତଦେହ ଭୁବନେଶ୍ୱର ଆସିବା ପରେ ସନ୍ଧ୍ୟାରେ ଭଞ୍ଜନଗର ନିକଟସ୍ଥ ଲଣ୍ଡେଇସାହିସ୍ଥିତ ବାସଭବନରେ ପହଞ୍ଚିଥିଲା। ଏହାପରେ ଏକ ଶୋଭାଯାତ୍ରାରେ ଶହୀଦ୍ ଯବାନଙ୍କ ମୃତଦେହକୁ ବେଲେଶ୍ୱର ଶ୍ମଶାନ ଘାଟକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା। ଏହି ସମୟରେ ଗଞ୍ଜାମ ଜିଲା ପୋଲିସ ପକ୍ଷରୁ ତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା। ଥାନାଧିକାରୀ ଧୀରେଶ ଦାସ, ବରିଷ୍ଠ ନାଗରିକ ଅନୁପମ ବାନାର୍ଜୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅମ୍ବିକା ଗତ ଅକ୍ଟୋବରରେ ଛୁଟିରେ ଗ୍ରାମକୁ ଆସିଥିଲେ। ଗତ ୨୭ ତାରିଖରେ କର୍ମସ୍ଥଳୀକୁ ଫେରିଯାଇଥିଲେ। ଶୁକ୍ରବାର ମଧ୍ୟାହ୍ନରେ ଭୋଜନ କରିବା ପରେ ହୃଦ୍‌ଘାତ ଯୋଗୁ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।